
# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ (୧୬ ପୃଷ୍ଠା) | Balasore, Tuesday, March 12/2019 | ★★★★

୪୫ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



“ଲୋକ ସଭା ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ବାଲାକୋଟ କାର୍ଯ୍ୟାନୁଷ୍ଠାନ ହୋଇଥିଲା ।

- ଫାରୁକ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

# କେନ୍ଦ୍ରରେ କିଏ ଗଢ଼ିବ ସରକାର

## ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ସର୍ଭେ

## ଏନ୍‌ଡିଏକୁ ୨୮୫, ଉପାକୁ ୧୨୬ ଆସନ ମିଳିବ



**ଅଙ୍କକଷା ଆରମ୍ଭ**

ନୂଆଦିଲ୍ଲୀ,୧୧।୩

ଆଗାମୀ ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଏଥର କେନ୍ଦ୍ରରେ କିଏ ଗଢ଼ିବ ସରକାର ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ଣ୍ଣ ବହୁମତ ସହ ଦ୍ୱିତୀୟ ଥର କ୍ଷମତାରେ ରହିବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ କୃଷକଙ୍କ ସମସ୍ୟା, ନିଯୁକ୍ତି ସୃଷ୍ଟିରେ ବିଫଳତା, ରାଫାଲ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପା ନେତୃତ୍ୱାଧୀନ ସରକାରକୁ ହଟାଇବା ଉଦ୍ୟମରେ ଅଛନ୍ତି। ଯଦିଓ ବିରୋଧୀ ଦଳଗୁଡ଼ିକ ମହାମେଣ୍ଟ ଗଢ଼ିବାରେ ବିଫଳ ହୋଇଛନ୍ତି, ତେବେ ଉତ୍ତରପ୍ରଦେଶ, କର୍ଣ୍ଣାଟକ ଆଦି କେତେକ ରାଜ୍ୟରେ ବିରୋଧୀଙ୍କ ମେଣ୍ଟ ଶାସକ ଦଳକୁ ଅସୁବିଧାରେ ପକାଇବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟରେ ବିଜୟୀ ହୋଇ କଂଗ୍ରେସ ମନୋବଳ ସୁଦୃଢ଼ କରିଥିଲେ ମଧ୍ୟ କୌଣସି ନୂଆ ଦଳକୁ ସାଙ୍ଗରେ ନେବାରେ ବିଫଳ ହୋଇଛି। ଟିଏମ୍‌ସି, ସମାଜବାଦୀ ପାର୍ଟି, ବିଏସ୍‌ପି, ଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ପାର୍ଟି ଭଳି ଆଞ୍ଚଳିକ ଦଳ ସେମାନଙ୍କ ରାଜ୍ୟରେ ସୁଦୃଢ଼ ଅଛନ୍ତି ଏବଂ ଉଭୟ ଭାଜପା ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ତେବେ ସେମାନେ ଏକାଠି ହେବାରେ ବିଫଳ ହୋଇଛନ୍ତି।

ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ଏନ୍‌ଡିଏ ପୁଣି ଥରେ କ୍ଷମତାକୁ ଆସିବା ପୂର୍ବାନୁମାନ କରାଯାଇଛି। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବ। ଭାଜପା ୨୩୮ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ହାସଲ କରିବାକୁ ଥିବାବେଳେ ଏନ୍‌ଡିଏକୁ ୨୮୫ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୧୪ ତୁଳନାରେ ଭାଜପା ଏଥର ୪୪ ଆସନ ହରାଇବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଗତଥର ଭାଜପା ୨୮୨ ଏବଂ ଏନ୍‌ଡିଏ ୩୫୫ ଆସନରେ ଜିତିଥିଲା। ଗତ ଥର କଂଗ୍ରେସ ନେତୃତ୍ୱାଧୀନ ଉପାକୁ ୮୦ ଆସନ ମିଳିଥିବାବେଳେ ଏଥର ୧୨୬ ଆସନ ପାଇବ ବୋଲି ଜନମତ ସର୍ଭେରେ କୁହାଯାଇଛି। ଅର୍ଥାତ ୨୦୧୪ ତୁଳନାରେ ଉପାକୁ ଏଥର ୪୬ ଆସନ ଅଧିକ ମିଳିବ। ଗତଥର କଂଗ୍ରେସକୁ ମାତ୍ର ୪୪ ଆସନ ମିଳିଥିବାବେଳେ ଏଥର ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ୮୨ ଆସନରେ ଜିତିବା ପୂର୍ବାନୁମାନ କରାଯାଇଛି। ଏନ୍‌ଡିଏ ଓ ଉପା ବାହାରେ ଥିବା ଅନ୍ୟ ଦଳଗୁଡ଼ିକ ୧୩୨ ଆସନରେ ଜିତିବା ସମ୍ଭାବନା ରହିଛି। ସର୍ଭେରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଫାଇଦାରେ ରହିବ ବୋଲି କୁହାଯାଇଛି। ଗତଥର ବିଏସ୍‌ପି ଖାତା ଖୋଲିପାରି ନ ଥିବାବେଳେ ଏଥର ୧୬ଟି ଆସନ ଏବଂ ତାଙ୍କ ସହଯୋଗୀ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ୧୮ ଆସନରେ ଜିତିବା ପୂର୍ବାନୁମାନ କରାଯାଇଛି। ଗତଥର ଭାଜପା ଉତ୍ତରପ୍ରଦେଶରୁ ୭୧ ଆସନ ଜିତିଥିଲାବେଳେ ଏଥର ୪୦ ଆସନରେ ସୀମିତ ରହିପାରେ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ୧୯୩ ନିର୍ବାଚନ ମଣ୍ଡଳୀର ୩୮,୬୦୦ ଲୋକଙ୍କ ମତାମତ ସଂଗ୍ରହ କରି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛି।

ଅନ୍ୟପକ୍ଷରେ ସି-ଭୋଟର ସର୍ଭେ ଅନୁଯାୟୀ ଏନ୍‌ଡିଏ ମେଣ୍ଟକୁ ୨୬୪ ଆସନ ମିଳିବାକୁ ଥିବାବେଳେ ଉପାକୁ ୧୪୧ ଓ ଅନ୍ୟ ଦଳଗୁଡ଼ିକୁ ୧୩୮ ଆସନ ମିଳିବା ଆଶା କରାଯାଉଛି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ଏନଡିଏ ପୁଣି ଥରେ କ୍ଷମତାକୁ ଆସିବ ବୋଲି ଏଥିରେ ପୂର୍ବାନୁମାନ କରାଯାଇଛି। ନିର୍ବାଚନ ପରେ ମେଣ୍ଟ ହେଲେ ଏନ୍‌ଡିଏକୁ ୱାଇଏସ୍‌ଆର କଂଗ୍ରେସ, ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ), ବିଜୁ ଜନତା ଦଳ (ବିଜେଡି), ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସମର୍ଥନ ଦେଇପାରନ୍ତି। ଏମାନଙ୍କ ସମର୍ଥନରେ ଏନଡିଏର ଆସନ ସଂଖ୍ୟା ୩୦୧ ହେବ। ଅନ୍ୟ ପକ୍ଷରେ କଂଗ୍ରେସକୁ ୮୬ ଓ ଅନ୍ୟ ସହଯୋଗୀଙ୍କୁ ୫୫ ଆସନ ମିଳିବ ବୋଲି ସର୍ଭେରେ କୁହାଯାଇଛି।

## ପିନାକାର ସଫଳ ପରୀକ୍ଷା



ନୂଆଦିଲ୍ଲୀ,୧୧।୩

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ସୋମବାର ପୋଖରାନ ରେଞ୍ଜରୁ ଦୁଇଟି ପିନାକା ରକେଟର ସଫଳ ପରୀକ୍ଷା କରିଛି। ଏହା ଭାରତୀୟ ସେନାର ଶକ୍ତି ବୃଦ୍ଧିରେ ସହାୟକ ହେବ। ଉଭୟ ରକେଟ ୯୦ କିଲୋମିଟର ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ଟାର୍ଗେଟ କରିଥିଲେ। ଟେଲିମେଟ୍ରିକ ସିଷ୍ଟମ ଜରିଆରେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା ଏବଂ ପରୀକ୍ଷା ସମ୍ପୂର୍ଣ୍ଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି। ଡିଆରଡିଓ ଦ୍ୱାରା ନିର୍ମିତ ପିନାକା ରକେଟ ଲଞ୍ଚର ସୈନ୍ୟବାହିନୀରେ ସାମିଲ ହୋଇଛି। ୪୪ ସେକେଣ୍ଡରେ ୧୨ ଏଚ୍‌ଇ ରକେଟ ଉତ୍‌କ୍ଷେପଣ କରିବା କ୍ଷମତା ଏହାର ରହିଛି। ଏହି ସିଷ୍ଟମକୁ ଟାଟ୍ରା ଟ୍ରକ୍‌ରେ ପରିବହନ କରାଯାଇଥାଏ। କାର୍‌ଗିଲ ଯୁଦ୍ଧ ବେଳେ ଶତ୍ରୁପକ୍ଷର ଶିବିରକୁ ଧ୍ୱଂସ କରିବାରେ ପିନାକା ବ୍ୟବହୃତ ହୋଇଥିଲା।

### ସମଝୌତା ଏକ୍ସପ୍ରେସ୍ ବିସ୍ଫୋରଣ ମାମଲା

## ରାୟ ୧୪କୁ ଘୁଞ୍ଚିଲା

ପଞ୍ଚକୁଲା,୧୧।୩(ପି.ଟି.)

ସମଝୌତା ଏକ୍ସପ୍ରେସ ବିସ୍ଫୋରଣ ମାମଲାର ରାୟ ସୋମବାର ପ୍ରକାଶ ପାଇବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଜଣେ ପାକିସ୍ତାନୀ ମହିଳାଙ୍କ ପିଟିଶନ୍ ଯୋଗୁ ଏହାର ପରବର୍ତ୍ତୀ ଶୁଣାଣି ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ରାହିଲା ଏଲ୍ ଭକିଲ ନାମ୍ନୀ ଏହି ମହିଳାଙ୍କ ପାଖରେ ମାମଲାର କେତେକ ପ୍ରମାଣ ଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ଗତ ୬ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ସୋମବାର ରାୟ ପ୍ରକାଶ ପାଇବାକୁ ଥିଲା। ୨୦୦୭ ଫେବୃୟାରୀ ୧୮ରେ ପାନିପଥ ନିକଟରେ ସମଝୌତା ଏକ୍ସପ୍ରେସର ଦୁଇଟି ବଗିରେ ବିସ୍ଫୋରଣ ହେବାରୁ ୬୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏନ୍‌ଆଇଏ ୮ ଜଣଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରିଥିଲା। ସେମାନଙ୍କ ମଧ୍ୟରୁ ସୁନୀଲ ଜୋଷୀଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ବି ତିନି ଜଣ ଫେରାର ଅଛନ୍ତି। ସୋମବାର କୋର୍ଟରେ ସ୍ୱାମୀ ଅସୀମାନନ୍ଦ, ଲୋକେଶ ଶର୍ମା, କମଲ ଚୌହାନ, ରାଜିନ୍ଦର ଚୌଧୁରୀ ହାଜର ହୋଇଥିଲେ।

**ସଂକ୍ଷେପରେ**

### ସେନା ଶିବିର ବାହାରୁ ଗ୍ରେନେଡ୍ ସହ ସନ୍ଦିଗ୍ଧ ଗିରଫ

ଜମ୍ମୁ,୧୧।୩(ପି.ଟି.)- ଜମ୍ମୁ-କଶ୍ମୀର ପୁଞ୍ଚ୍ ଜିଲାରେ ଥିବା ଏକ ସେନା କ୍ୟାମ୍ପ୍ ବାହାରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ୩୩ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଦୁଇଟି ଗ୍ରେନେଡ୍ ଓ ଡିଟୋନେଟର ଜବତ ହୋଇଛି। କାଲାକୋଟେ ଅଞ୍ଚଳର ରାଜିନ୍ଦର ସିଂ ଏକ ନିଯୁକ୍ତି ର୍‍ୟାଲିରେ ଯୋଗଦେବା ଲାଗି ଆସିଥିଲେ। ସେ ସୁରାନକୋଟ୍‌ସ୍ଥିତ ସେନା ଗେଟ୍ ବାହାରେ ବୁଲୁଥିବାବେଳେ ଗିରଫ ହୋଇଥିବା ପୁଞ୍ଚର ବରିଷ୍ଠ ଏସ୍‌ପି କହିଛନ୍ତି। ତାଙ୍କଠାରୁ ଗୋଟିଏ ସି-୯୦ ଗ୍ରେନେଡ, ଗୋଟିଏ ୟୁବିଜିଏଲ୍ ଗ୍ରେନେଡ ଏବଂ ଡେଟୋନେଟର ଜବତ ହୋଇଛି। ତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ପୋଲିସ ଜେରା କରୁଛି।

### ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେବନି ବାଂଲାଦେଶ: ଶେଖ୍ ହାସିନା



ଢାକା,୧୧।୩ (ପି.ଟି.)- ଆତଙ୍କବାଦୀ ନିରୋଧୀ ଲଢ଼େଇରେ ଭାରତକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ବାଂଲାଦେଶ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସୋମବାର ପୁଣି ଥରେ ସ୍ପଷ୍ଟ କରିଛନ୍ତି। ବାଂଲାଦେଶ ମାଟିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆତଙ୍କ ସୃଷ୍ଟିକାରୀ ସଙ୍ଗଠନ ଏବଂ ଷଡ଼ଯନ୍ତ୍ରକାରୀଙ୍କ ପ୍ରତି 'ଶୂନ୍ୟ ସହିଷ୍ଣୁତା ନୀତି' ଅଧୀନ କଠୋର ପଦକ୍ଷେପ ନିଆଯିବ। ଢାକା ଏବଂ ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଂଲାଦେଶରେ ୪ଟି ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଏହି ଭରସା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଆପୋସ ସହଯୋଗ ଦ୍ୱାରା ଆତଙ୍କବାଦ ଶକ୍ତିର ମୂଳୋତ୍ପାଟନ ପାଇଁ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ଭାରତକୁ ଆଶ୍ୱସ୍ତ କରିଛନ୍ତି। ଏଥିସହ ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣରେ ଶହୀଦ ହୋଇଥିବା ସୁରକ୍ଷା ଯବାନଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ୪୬ ଆତଙ୍କବାଦୀ ନିହତ

କାଏରୋ,୧୧।୩(ପି.ଟି.)- ଗୁଳି ବିନିମୟରେ ୪୬ ଆଇଏସ୍ ଆତଙ୍କବାଦୀ ନିହତ ହୋଇଥିବା ସୋମବାର ଇଜିପ୍ଟ ସେନା ପକ୍ଷରୁ କୁହାଯାଇଛି। ଉତ୍ତର ଏବଂ କେନ୍ଦ୍ରାଞ୍ଚଳ ସିନାଇ ପ୍ରଦେଶରେ ସେନା ପକ୍ଷରୁ ଅପରେଶନ ହୋଇଥିଲା। ଆଇଏସ୍ ଗୋଷ୍ଠୀ ସହ ସମ୍ପୃକ୍ତ ଶହେରୁ ଅଧିକ ଅପରାଧୀଙ୍କୁ ଗିରଫ କରାଯାଇଥିବାବେଳେ ୩ ଯବାନ ପ୍ରାଣ ହରାଇଥିବା ସେନା ସ୍ପଷ୍ଟ କରିଛି। ୨୦୧୩ରେ ରାଷ୍ଟ୍ରପତି ମହମ୍ମଦ ମୋର୍ସିଙ୍କୁ ସେନା କ୍ଷମତାରୁ ହଟାଇବା ପରେ ସିନାଇ ଆତଙ୍କବାଦୀଙ୍କ କେନ୍ଦ୍ରସ୍ଥଳ ପାଲଟିଛି। ସେମାନଙ୍କୁ ନିପାତ କରିବା ପାଇଁ ଫେବୃୟାରୀ ୨୦୧୮ରୁ ଇଜିପ୍ଟ ସେନା ଅଭିଯାନ ଚଳାଇଥିବାବେଳେ ୬ଶହ ଆତଙ୍କବାଦୀ ଏବଂ ୪୦ ଯବାନଙ୍କ ମୃତ୍ୟୁ ଘଟିଛି।

## ନିର୍ବାଚନ ବେଳେ ବାଇକ ର୍‍ୟାଲି, ରୋଡ୍ ଶୋ' ବନ୍ଦ ହେଉ

**ସୁପ୍ରିମକୋର୍ଟରେ ପିଟିଶନ**



ନୂଆଦିଲ୍ଲୀ,୧୧।୩(ପି.ଟି.)

ନିର୍ବାଚନ ବେଳେ ରୋଡ୍ ଶୋ' ଏବଂ ବାଇକ ର୍‍ୟାଲି ବନ୍ଦ କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର ହୋଇଛି। ଉତ୍ତରପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିକ୍ରମ ସିଂ ଏବଂ ପରିବେଶବିତ୍ ଶୈବିକା ଅଗ୍ରୱାଲ ଏହି ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଆବେଦନର ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ତେବେ ତ୍ୱରିତ ଶୁଣାଣିକୁ ଅଦାଲତ ମନା କରିଦେଇଛନ୍ତି। ନିର୍ବାଚନ ବେଳେ ରୋଡ୍ ଶୋ' ଓ ବାଇକ ର୍‍ୟାଲି ଯୋଗୁ ବାୟୁ ଓ ଶବ୍ଦ ପ୍ରଦୂଷଣ ହେବା ସହ ଟ୍ରାଫିକ ଜାମ୍ ଭଳି ସମସ୍ୟା ସୃଷ୍ଟି କରୁଛି। ଫଳରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରୋଡ ଶୋ' ଓ ର୍‍ୟାଲି ବନ୍ଦ ଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ଅନୁରୋଧ କରାଯାଇଛି। ରୋଡ ଶୋ'ରେ ୧୦ରୁ ଅଧିକ ଗାଡି ସାମିଲ ହୋଇପାରିବ ନାହିଁ ଏବଂ ଗାଡିଗୁଡ଼ିକୁ ପଞ୍ଜୀକୃତ କରିବା ନିୟମ ଥିଲେ ମଧ୍ୟ ଏହାକୁ କେହି ମାନୁ ନ ଥିବା ଅଭିଯୋଗ ହୋଇଛି।

### ଭୁଲ୍‌ରେ ସୀମା ଅତିକ୍ରମ କରିଥିବା ଯୁବକଙ୍କୁ ପାକିସ୍ତାନ ଫେରାଇଲା

ଲାହୋର,୧୧।୩(ପି.ଟି.)-ଜଣେ ଭାରତୀୟ ପାଖାପାଖି ୭ ବର୍ଷ ତଳେ ଭୁଲ୍‌ରେ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିଲେ। ପାକିସ୍ତାନୀ କର୍ତ୍ତୃପକ୍ଷ ସୋମବାର ତାଙ୍କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)କୁ ହସ୍ତାନ୍ତର କରିଛନ୍ତି। ଜମ୍ମୁ-କଶ୍ମୀରର ଗୁଲାମ କାଦିର ୨୦୧୨ରେ ପାକିସ୍ତାନ ଚାଲିଯିବାରୁ ସେଠାରେ ମୁତୟନ ଥିବା ପାକ୍ ରେଞ୍ଜରମାନେ ତାଙ୍କୁ ଗିରଫ କରି ସ୍ଥାନୀୟ ପୋଲିସ ଜିମା ଦେଇଥିଲେ। ବେଆଇନ ଭାବେ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲାର ବିଚାରକରି କୋର୍ଟ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଜେଲ୍ ଅବଧି ଶେଷ ହେବା ପରେ ତାଙ୍କୁ ଭାରତ ପଠାଇ ଦିଆଯାଇଛି।

## କଂଗ୍ରେସରେ ଯୋଗଦେବେ ହାର୍ଦ୍ଦିକ୍



ଅହମ୍ମଦାବାଦ,୧୧।୩(ପି.ଟି.)

ପଟିଦାର ନେତା ହାର୍ଦ୍ଦିକ୍ ପଟେଲ କଂଗ୍ରେସରେ ଯୋଗ ଦେବେ। ମଙ୍ଗଳବାର ଅହମ୍ମଦାବାଦ୍‌ରେ ଏକ ରାଲି କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ୍ ହେବେ ବୋଲି କହିଛନ୍ତି। ରାଜକୋଟଠାରେ ପଟିଦାର ଅନାମତ ଆନ୍ଦୋଳନ ସମିତି (ପିଏଏସ୍)ର କୋର୍ କମିଟି ବୈଠକ ପରେ ହାର୍ଦ୍ଦିକ୍ ଏହା ସ୍ପଷ୍ଟ କରିଛନ୍ତି। ପିଏଏସ୍ ତାଙ୍କୁ ଏହି ଅନୁମତି ଦେଇଥିବା କୋର କମିଟି ସଦସ୍ୟ ଗୀତା ପଟେଲ୍ ଜଣାଇଛନ୍ତି। ଗୁଜରାଟର ଅର୍ମେଲି, ମେହସନା ଅଥବା ଜାମନଗର ଲୋକ ସଭା ଆସନରୁ ହାର୍ଦ୍ଦିକ୍ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି।

### ୧୯୭୧ ଯୁଦ୍ଧବେଳେ ପାକିସ୍ତାନ ସୀମାକୁ ଚାଲିଯାଇଥିଲେ ଫାଇଟର ପାଇଲଟ୍


## ୪୭ ବର୍ଷ ହେଲା ସ୍ୱାମୀଙ୍କ ବାଟକୁ ଚାହିଁଛନ୍ତି ଦମୟନ୍ତୀ



ବିଜୟ-ଦମୟନ୍ତୀଙ୍କ ଫାଇଲ ଫଟୋ। | ଦମୟନ୍ତୀ ତାମ୍ବେ

ନୂଆଦିଲ୍ଲୀ,୧୧।୩

ଭାରତ ସରକାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନରୁ ଫେରାଇ ଆଣିଛନ୍ତି । ତେବେ ଏବେ ବି ପାକିସ୍ତାନର ବିଭିନ୍ନ ଜେଲ୍‌ରେ ବନ୍ଦୀ ଭାବେ ରହିଛନ୍ତି ଅନେକ ଭାରତୀୟ ଯୋଦ୍ଧା। ସେମାନଙ୍କ ମଧ୍ୟରେ ଅଛନ୍ତି ଫାଇଟର ପାଇଲଟ୍ ବିଜୟ ବସନ୍ତ ତାମ୍ବେ। ସେ ୧୯୭୧ ଡିସେମ୍ବର ୫ରେ ଭାରତ-ପାକିସ୍ତାନ ଯୁଦ୍ଧରେ ଧରାପଡ଼ିଥିଲେ। ପାକିସ୍ତାନ ସୈନ୍ୟ ତାଙ୍କୁ ଯୁଦ୍ଧବନ୍ଦୀ ଭାବେ ଜେଲ୍‌ରେ ରଖିଛନ୍ତି। ଇତିମଧ୍ୟରେ ବିତିଯାଇଛି ୪୭ ବର୍ଷ। ସ୍ତ୍ରୀ ଦମୟନ୍ତୀ ତାମ୍ବେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଅନେକ ଅନୁରୋଧ ପରେ ମଧ୍ୟ ଭାରତ ସରକାର ବିଜୟଙ୍କୁ ଫେରାଇ ଆଣିବାକୁ ସମର୍ଥ ହୋଇପାରି ନାହାନ୍ତି। ଏହି ଖବର ଦମୟନ୍ତୀ ପ୍ରଥମେ ରେଡିଓରୁ ଶୁଣିଥିଲେ। ଯୁଦ୍ଧରେ ନିଖୋଜ ଥିବା ୫୪ ଯବାନଙ୍କୁ ଭାରତ ସରକାର ପାକିସ୍ତାନ ଜେଲରୁ ମୁକୁଳାଇ ପାରିନାହାନ୍ତି। ଦକ୍ଷିଣ ଦିଲ୍ଲୀର ମୁନିର୍କା ବିହାରରେ ୭୦ ବର୍ଷ ବୟସ୍କା ଦମୟନ୍ତୀ ପ୍ରତୀକ୍ଷା କରିଛନ୍ତି ବିଜୟଙ୍କ ବାଟକୁ। ଦୁଇଦେଶର ଆଇନ ବ୍ୟବସ୍ଥା ଭିତରେ ତାଙ୍କ ସ୍ୱାମୀଙ୍କ ଭବିଷ୍ୟତ ବଳି ପଡିଥିବା ଅଭିଯୋଗ କରିଛନ୍ତି ଦମୟନ୍ତୀ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୭ | ୨୨.୫ |
| ଚାନ୍ଦବାଲି | ୩୪.୬ | ୨୪.୪ |
| କଟକ | ୩୬.୨ | ୨୩.୦ |
| ପାରାଦ୍ୱୀପ | ୩୦.୫ | ୨୫.୬ |
| ଭୁବନେଶ୍ୱର | ୩୬.୨ | ୨୪.୨ |
| ଗୋପାଳପୁର | ୩୧.୨ | ୨୫.୦ |
| ପୁରୀ | ୩୨.୬ | ୨୫.୮ |
| ଅନୁଗୋଳ | ୩୬.୧ | ୨୦.୦ |
| ବାରିପଦା | ୩୩.୦ | ୨୩.୪ |
| ଝାରସୁଗୁଡ଼ା | ୩୫.୯ | ୧୯.୬ |
| କେନ୍ଦୁଝର | ୩୨.୭ | ୧୮.୦ |
| ସମ୍ବଲପୁର | ୩୬.୨ | ୧୯.୧ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୫.୫ | ୧୯.୩ |
| ତାଳଚେର | ୩୫.୨ | ୨୦.୫ |
| ଭବାନୀପାଟଣା | ୩୭.୫ | ୨୨.୫ |
| ବଲାଙ୍ଗୀର | ୩୭.୨ | ୨୧.୦ |
| କୋରାପୁଟ | ୩୪.୪ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୮.୫ | ୧୯.୫ |
| ସୋନପୁର | ୩୭.୨ | ୧୮.୪ |
| ଦାରିଙ୍ଗିବାଡ଼ି | ୩୪.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

### ଇତିହାସର ଆଇନାରେ

## ମାର୍ଚ୍ଚ ୧୨ର ପ୍ରମୁଖ ଘଟଣା

୨୦୦୩ ମାର୍ଚ୍ଚ ୧୨ରେ ସର୍ବିଆର ପ୍ରଧାନମନ୍ତ୍ରୀ ଜୋରାନ୍ ଡିଣ୍ଡିକ୍‌ଙ୍କୁ ବେଲ୍‌ଗ୍ରେଡ୍‌ଠାରେ ହତ୍ୟା କରାଯାଇଥିଲା। ଜୋରାନ୍ ୧୯୫୨ ଅଗଷ୍ଟ ୧ରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୦୧ରୁ ସର୍ବିଆର ପ୍ରଧାନମନ୍ତ୍ରୀ ଥିଲେ। ୧୯୯୭ରେ ବେଲ୍‌ଗ୍ରେଡ୍‌ର ମେୟର ଥିବା ଜୋରାନ୍ ଅଧିକ ଦିନ ଧରି ବିରୋଧୀ ଦଳ ନେତା ଥିଲେ। ସେ ଫିଲୋସଫିରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ।

୨୦୧୪ ମାର୍ଚ୍ଚ ୧୨ରେ ନ୍ୟୁୟର୍କ ନଗରୀ ନିକଟବର୍ତ୍ତୀ ଇଷ୍ଟ ହାରଲେମ୍‌ରେ ଗ୍ୟାସ୍ ବିସ୍ଫୋରଣ ଯୋଗୁ ୮ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୭୦ଜଣ ଆହତ ହୋଇଥିଲେ। ଇଷ୍ଟ ହାରଲେମ୍ ମଧ୍ୟ ସ୍ପାନିଶ୍ ହାରଲେମ୍ ଭାବେ ପରିଚିତ। ନ୍ୟୁୟର୍କ ନଗରୀ ଅପର ମ୍ୟାନ୍‌ହଟନ୍ ନିକଟରେ ଏହି ସହର ଅବସ୍ଥିତ।

## ୫୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ



ମାଲୟାଲମ ଫିଲ୍ମ ଅଭିନେତା ବିଶ୍ୱନାଥନ୍ ମୋହନଲାଲ୍‌ଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରୁଛନ୍ତି।

ନୂଆଦିଲ୍ଲୀ,୧୧।୩

ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ୫୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଦୁଇ ଜଣ ଡାକ୍ତରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ଗୋଟିଏ ପଦ୍ମ ବିଭୂଷଣ, ୮ଟି ପଦ୍ମ ଭୂଷଣ ଏବଂ ୪୭ଟି ପଦ୍ମଶ୍ରୀ ଅନ୍ତର୍ଭୁକ୍ତ। ପଦ୍ମ ପୁରସ୍କାର ପାଇଁ ୧୧୨ଜଣଙ୍କୁ ମନୋନୀତ କରାଯାଇଥିବା ବେଳେ ସୋମବାର ୫୬ ଜଣଙ୍କୁ ଏହା ପ୍ରଦାନ କରାଯାଇଛି।

ଦେଶର ଦ୍ୱିତୀୟ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ ମଞ୍ଚ କଳାକାର ତଥା ଲେଖକ ବଳୱନ୍ତ ମୋରେଶ୍ୱାର ପୁରନ୍ଦରେଙ୍କୁ ପ୍ରଦାନ କରାଯାଇଛି। ସେ ମହାରାଷ୍ଟ୍ରର ବାସିନ୍ଦା। ଅନ୍ୟ ଯେଉଁ ବିଶିଷ୍ଟ ବ୍ୟକ୍ତମାନେ ବିଭିନ୍ନ ବର୍ଗରେ ଏହି ପୁରସ୍କାର ଲାଭ କରିଛନ୍ତି ସେମାନେ ହେଉଛନ୍ତି ସ୍ୱର୍ଗତ ସାମ୍ବାଦିକ ତଥା ଲେଖକ କୁଲଦୀପ ନାୟାର, ପ୍ରଭୁ ଦେବା, ଶଙ୍କର ମହାଦେବନ୍ ଏବଂ ହିନ୍ଦୀ ଫିଲ୍ମ କଳାକାର କାଦର ଖାନ୍। ଡାକ୍ତର ରବୀନ୍ଦ୍ର ଏବଂ ସ୍ମିତା କୋହ୍ଲେ ଉଭୟଙ୍କୁ ଗୋଟିଏ ପଦ୍ମ ପୁରସ୍କାର ଦିଆଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶ କରାଯାଇଛି।

ପଞ୍ଜାବର ବିଶିଷ୍ଟ ରାଜନେତା ତଥା ରାଜ୍ୟ ସଭା ସଦସ୍ୟ ସୁଖଦେବ ସିଂ ଧିଣ୍ଡସା, ମାଲୟାଲମ ଫିଲ୍ମ ଅଭିନେତା ବିଶ୍ୱନାଥନ୍ ମୋହନଲାଲ୍ ଏବଂ ଲୋକ ସଭାର ପୂର୍ବତନ ଉପବାଚସ୍ପତି କାରିଆ ମୁଣ୍ଡାଙ୍କୁ ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯାଇଛି। ପାର୍ଲାମେଣ୍ଟାରିଆନ୍ ହୁକୁମଦେବ ନାରାୟଣନ୍ ଯାଦବ ଏବଂ ସିତାର ବାଦକ ବୁଦ୍ଧାଦିତ୍ୟ ମୁଖାର୍ଜୀ ପଦ୍ମଭୂଷଣ ପୁରସ୍କୃତଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। କୁଲଦୀପ ନାୟାରଙ୍କ ପୁରସ୍କାର ତାଙ୍କ ସ୍ତ୍ରୀ ଭାରତୀ ଗ୍ରହଣ କରିଛନ୍ତି।

ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ଟେବୁଲ ଟେନିସ୍ ଖେଳାଳି ଅଚନ୍ତ ଶରଥ କମଲ, ମଲ୍ଲଯୋଦ୍ଧା ବଜରଙ୍ଗ ପୁନିଆ, ଚେସ୍ ଖେଳାଳି ହରିକା ଦ୍ରୋନାଭାଲ୍ଲି, ଡାକ୍ତର ଇଲିଆସ୍ ଆଲି ଏବଂ ମମେନ୍ ଚାଣ୍ଡି, ସ୍ଥପତି ବିମଲ ପଟେ, ଭୂତତ୍ତ୍ୱବିତ୍ ଦିଲୀପ କୁମାର ଚକ୍ରବର୍ତ୍ତୀ, ଶିକ୍ଷାବିତ୍ ଗଣପତ୍ ପଟେଲ୍, ଅଧ୍ୟାତ୍ମବାଦୀ ବଙ୍ଗାରୁ ଆଡିଗଲର, ସାମାଜିକ କର୍ମୀ ମୁକ୍ତାବେନ୍ ପଙ୍କଜ କୁମାର ଡଗ୍‌ଲି, ରଜନୀକାନ୍ତ ଓ ବୁଲୁ ଇମାମ୍, ବିହାର ଏମ୍‌ଏଲ୍‌ଏ ଭାଗୀରଥି ଦେବୀ, କର୍ଣ୍ଣାଟକୀ ସଂଗୀତ ବ୍ୟାଖ୍ୟାକାର କଦମ୍ପୁଥରମାଡମ୍ ଗୋପାଳନ୍ ଥଙ୍କି ଜୟନ ଏବଂ ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର।


ଅବଶିଷ୍ଟ ବିଜେତାଙ୍କୁ ଆସନ୍ତା ୧୬ରେ ପୁରସ୍କୃତ କରାଯିବ। କଳା, ସମାଜ ସେବା, ସାଧାରଣ ବ୍ୟାପାର, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଶିଳ୍ପ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଓ ଲୋକସେବା ଆଦି କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଏ। ବିରଳ ଓ ଉଲ୍ଲେଖନୀୟ ସେବା ପାଇଁ ପଦ୍ମ ବିଭୂଷଣ, ଉଚ୍ଚ ମୂଲ୍ୟବୋଧଭିତ୍ତିକ ଉଲ୍ଲେଖନୀୟ ସେବା ପାଇଁ ପଦ୍ମ ଭୂଷଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଏ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ | Balasore, Tuesday, March 12/2019 | ପୃଷ୍ଠା-୧

## ୟୁରୋପରେ ଖେଳିବାକୁ ଶୁଭମ୍ ଆଗ୍ରହୀ

ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ସହ ଭବିଷ୍ୟତରେ ୟୁରୋପରେ ଖେଳିବାକୁ ଆଗ୍ରହୀ ଓଡ଼ିଆ ଫୁଟବଲ ପ୍ରତିଭା ଶୁଭମ୍ ଷଡ଼ଙ୍ଗୀ।

୧୩ | ୦୩

## ୱେବ୍ ସିରିଜ୍‌କୁ ଯାଇପାରନ୍ତି ପରିଣୀତି

ଅନେକ ଆଉ ଅଫର ମିଳୁଥିବାରୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ୱେବ୍ ସିରିଜ୍ କରିବା ସମ୍ଭାବନା ଅଛି।



# ମୃତ୍ୟୁଫାଶରେ ସୁରକ୍ଷାଦାତା

## ଲଗାତର ଶହୀଦ ହେଉଛନ୍ତି ଯବାନ, ହେଲେ ମିଳୁନି ମାନ୍ୟତା

ନୂଆଦିଲ୍ଲୀ,୧୧।୩

ସୀମାରେ ଯବାନ ସଜାଗ ଅଛନ୍ତି ବୋଲି ଆମେ ଶାନ୍ତିରେ ଶୋଇପାରୁଛେ। ହେଲେ କ୍ରମଶଃ ବିପନ୍ନ ହେବାରେ ଲାଗିଛି ସୁରକ୍ଷାଦାତାଙ୍କ ନିଜ ସୁରକ୍ଷା। କେତେବେଳେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଚକ୍ରବ୍ୟୂହରେ ଫସି ଆତଙ୍କବାଦୀଙ୍କ ଆକ୍ରମଣରେ ଜୀବନ ଯାଉଛି ତ ପୁଣି କେତେବେଳେ ଶତ୍ରୁପକ୍ଷର ସୀମାପାର ଗୁଳିରେ ଶହୀଦ ହେଉଛନ୍ତି ଆମ ଯବାନ। ୨୦୧୪ରୁ ଏହି କ୍ରମବର୍ଦ୍ଧିଷ୍ଣୁ ଧାରା ଉପରେ ନଜର ପକାଇଲେ ବାରି ହୋଇଯାଉଛି କେତେ ଦୁର୍ବଳ କରିଦିଆଯାଇଛି ଭାରତର ସୁରକ୍ଷା ବଳକୁ। ମୁକାବିଲା ପାଇଁ ଯବାନଙ୍କୁ ନା ମିଳୁଛି ଉପଯୁକ୍ତ ତାଲିମ ନା ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର। ପୁରୁଣାକାଳିଆ ଅସ୍ତ୍ରଶସ୍ତ୍ର ଦେଇ ମୃତ୍ୟୁମୁଖକୁ ଏକପ୍ରକାର ଠେଲିଦିଆଯାଉଛି ସେମାନଙ୍କୁ। ଫଳସ୍ୱରୂପ ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ପାକିସ୍ତାନୀ ରେଞ୍ଜର୍ସଙ୍କ ସହ ଗୁଳି ବିନିମୟ ବେଳେ ପ୍ରତିବର୍ଷ ଶତାଧିକ ଯବାନଙ୍କ ଜୀବନ ଯାଉଛି। ଦେଶ ପାଇଁ ଜୀବନ ଦେବା ପରେ ଯବାନଙ୍କୁ ଶହୀଦ ମାନ୍ୟତା ତ ମିଳୁନାହିଁ, ଓଲଟା ଘନ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ସେମାନଙ୍କ ପରିବାରର ଭବିଷ୍ୟତ।

ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲା ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ। ଭଲ ଭାବେ ନିଶ ଉଠି ନ ଥିବା ୨୦ ବର୍ଷୀୟ ଆଦିଲ ଅହମ୍ମଦ କେତେବେଳେ ଆତଙ୍କବାଦୀ ସାଜି ପ୍ରାୟ ୫୦ ସିଆର୍‌ପିଏଫ୍ ଯବାନଙ୍କ ଜୀବନ ନେଲେ କେହି ଜାଣି ପାରିଲେନାହିଁ। ଆକ୍ରମଣ ପରେ ରାଜନୈତିକ ଦଳ ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ବ୍ୟବହାର ଯେଉଁ ଗୋଟିଏ ଦିଗକୁ ଅଗ୍ରସର ହେଉଥିଲା, ତାହା ହେଲା ଯୁଦ୍ଧ। ସବୁଠି ଦାବି ଜୋର୍ ଧରିଲା, ପାକିସ୍ତାନଠାରୁ ପ୍ରତିଶୋଧ ନିଅ। ଗୋଟିଏ ବଦଳରେ ୧୦ ମୁଣ୍ଡ ଆଣ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଉଗ୍ର ଜାତୀୟତାବାଦ ସୃଷ୍ଟି କରି ଧ୍ରୁବୀକରଣ ରାଜନୀତିରେ ବ୍ୟସ୍ତ ରହିଲେ କେନ୍ଦ୍ର ଓ ଭାଜପା ଶାସିତ ଅନେକ ରାଜ୍ୟର ସରକାର। ସୀମା ସେପଟେ ବାୟୁସେନା ବୋମାମାଡ଼ରେ କେତେ ଆତଙ୍କବାଦୀ ନିହତ ହେଲେ ତାହା କାହାକୁ ଜଣା ନ ଥିଲେ ବି ମନଗଢା କାହାଣୀ ଓ କଳ୍ପନାଜଳ୍ପନାକୁ ନେଇ ଆରମ୍ଭ ହୋଇଥିବା ସଂଖ୍ୟାର ଖେଳ ଏଯାଏ ସରିନି। ଏହି ପରିପ୍ରେକ୍ଷୀରେ ନିଆଁରେ ଘିଅ ଢାଳିବା ଭଳି ନେତାମାନଙ୍କ ମତମନ୍ତବ୍ୟରୁ କୌଣସି ଜଣେ ହେଲେ ଯବାନଙ୍କ ଆତ୍ମାକୁ ଶାନ୍ତି ମିଳି ନ ଥିବ ବୋଲି ନିଃସନ୍ଦେହରେ କୁହାଯାଇପାରେ। କାରଣ ପ୍ରକୃତ ସମସ୍ୟା ଓ ଏହାର ସମାଧାନ ପ୍ରତି କାହାର ନିଘା ନାହିଁ।

ଭାରତ-ପାକିସ୍ତାନ ମଧ୍ୟରେ ୩,୩୨୩ କି.ମି. ବିସ୍ତୃତ ସୀମା ରହିଛି। ତହିଁରୁ ଯେଉଁଠି ସର୍ବାଧିକ ଯବାନ ଶହୀଦ ହୁଅନ୍ତି ତାହା ହେଲା ଜମ୍ମୁ-କଶ୍ମୀର ☛ପୃଷ୍ଠା-୨



- ୨୦୧୪ରୁ ଆତଙ୍କବାଦୀ ଆକ୍ରମଣ ୧୭୬% ବୃଦ୍ଧି
- ୫ ବର୍ଷରେ ଶହୀଦଙ୍କ ସଂଖ୍ୟା ବଢ଼ିଛି ୯୩%
- ସୁରକ୍ଷା ବଳ ପାଇଁ ନିୟନ୍ତ୍ରଣରେଖା ପାଲଟିଛି ମରଣଯନ୍ତା
- ଯବାନମାନେ ଶହୀଦ ହେବା ପରେ ଚାଲିଛି କାଦୁଅଫିଙ୍ଗା

| ବର୍ଷ | ଶହୀଦଙ୍କ ସଂଖ୍ୟା |
|---|---|
| ୨୦୧୪ | ୪୬ |
| ୨୦୧୫ | ୪୩ |
| ୨୦୧୬ | ୮୮ |
| ୨୦୧୭ | ୮୩ |
| ୨୦୧୮ | ୯୫ |
| ୨୦୧୯ | ଅଦ୍ୟାବଧି ପ୍ରାୟ ୧୦୦ |

### ଶହୀଦ କିଏ

ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଉଥିବା ଓ ଦେଶବାସୀଙ୍କ ପାଇଁ ଶତ୍ରୁପକ୍ଷ ସହ ଲଢ଼ି ଜୀବନ ହାରୁଥିବା ଯବାନ ବା ସୈନ୍ୟଙ୍କୁ ଶହୀଦ କୁହାଯାଏ। କିନ୍ତୁ ଏହା କେବଳ ମୌଖିକ ଭାବେ। ସୀମାରେ କର୍ତ୍ତବ୍ୟରତ ଯବାନଙ୍କ ଜୀବନ ଗଲେ କ୍ଷମତାସୀନ ଦଳ ତାଙ୍କୁ 'ଶହୀଦ' କହି ରାଜନୈତିକ ରୋଟି ସେକନ୍ତି। କିନ୍ତୁ ସରକାରୀ ଭାବେ ତାଙ୍କୁ ଶହୀଦ ମାନ୍ୟତା ମିଳେନାହିଁ। ସରକାରୀ ଶବ୍ଦକୋଷ ବା ରେକର୍ଡରେ 'ଶହୀଦ' ବୋଲି ଶବ୍ଦଟିଏ ନାହିଁ କି ଯୁଦ୍ଧ ଲଢ଼ି ଜୀବନ ଯାଇଥିବା ଯବାନଙ୍କ ପରିବାରକୁ 'ଶହୀଦ ପ୍ରମାଣପତ୍ର' ମିଳେନାହିଁ। ୨୦୧୭ରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ପୁଲ୍‌ୱାମା ଆକ୍ରମଣରେ ଟଳିପଡ଼ିଥିବା ଯବାନମାନଙ୍କୁ ଶହୀଦ ମାନତା କାହିଁକି ଦିଆଯାଉ ନାହିଁ ବୋଲି ଫେବୃୟାରୀ ୨୩ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ।

- ତ୍ରାଲ୍‌ରେ ଏନ୍‌କାଉଣ୍ଟର

## ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ

ଶ୍ରୀନଗର,୧୧।୩(ପି.ଟି.)

ଦକ୍ଷିଣ କଶ୍ମୀରର ତ୍ରାଲ୍ ଅଞ୍ଚଳରେ ରବିବାର ରାତିରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର ଅହମ୍ମଦ ଖାନଙ୍କ ସମେତ ୨ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ପିଙ୍ଗ୍‌ଲିଶ୍‌ରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବଳ ରବିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଯବାନଙ୍କୁ ଦେଖି ଆତଙ୍କବାଦୀ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଫଳରେ ସୋମବାର ସକାଳ ପର୍ଯ୍ୟନ୍ତ ଗୁଳି ବିନିମୟ ଜାରି ରହିଥିଲା। ଅନ୍ୟ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ।

ଫେବୃୟାରୀ ୧୪ ପୁଲ୍‌ୱାମା ଆକ୍ରମଣରେ ସିଆର୍‌ପିଏଫ୍‌ର ୪୯ ଯବାନ ଶହୀଦ ହୋଇଥିଲେ। ଏହା ପରେ ବିଭିନ୍ନ ଏନ୍‌କାଉଣ୍ଟରରେ ୬ ପାକିସ୍ତାନୀ ଜେଇଏମ୍ ସଦସ୍ୟଙ୍କ ସମେତ ୧୮ ଆତଙ୍କବାଦୀ ନିହତ ହେଲେଣି। ୨୩ ବର୍ଷୀୟ ମୁଦାସିର ଜଣେ ଇଲେକ୍ଟ୍ରିସିଆନ ଏବଂ ତାଙ୍କ ଘର ପୁଲ୍‌ୱାମାରେ। ସେ ୨୦୧୭ରେ ଜେଇଏମ୍‌ରେ ସାମିଲ ହୋଇଥିଲେ। ପୁଲ୍‌ୱାମା ଆକ୍ରମଣ ପାଇଁ ସେ ଗାଡ଼ି ଓ ବିସ୍ଫୋରକ ବ୍ୟବସ୍ଥା କରିଥିଲେ। ମୁଦାସିର ନିହତ ହେବା ଫଳରେ ଜେଇଏମ୍‌କୁ ଶକ୍ତ ଝଟକା ଲାଗିଛି। ସିଆର୍‌ପିଏଫ୍ ବସ୍‌କୁ ବିସ୍ଫୋରଣ ଭର୍ତ୍ତି ଭ୍ୟାନ୍ ଧକ୍କା କରାଇଥିବା ଆତ୍ମଘାତୀ ଆକ୍ରମଣକାରୀ ଆଦିଲ୍ ଅହମ୍ମଦ ଦର୍ ମୁଦାସିରଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ଶରଦ ପାୱାର ନିର୍ବାଚନ ଲଢ଼ିବେନି



ପୁଣେ,୧୧।୩(ପି.ଟି.)

ବରିଷ୍ଠ ନେତା ତଥା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ପରିବାରରୁ ୨ ଜଣ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ସେ ଓହରିଯିବାକୁ ଚାହିଁଲେ ବୋଲି ୭୮ ବର୍ଷୀୟ ପାୱାର କହିଛନ୍ତି। ଦଳୀୟ ନେତାମାନଙ୍କ ସହ ବୈଠକ ପରେ ପାୱାର ଖବରଦାତାମାନଙ୍କୁ କହିଥିଲେ, ସେ ୧୪ ଥର ନିର୍ବାଚିତ ହେଲେଣି। ତେଣୁ ଆଉ ନିର୍ବାଚନ ଲଢ଼ିବା ପାଇଁ ଚାହୁଁନାହାନ୍ତି। ତାଙ୍କ ପୁତୁରା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ମାଭାଲ ଲୋକ ସଭା ଆସନରୁ ଏନ୍‌ସିପି ପ୍ରାର୍ଥୀ ହେବେ ବୋଲି ଏହି ଅବସରରେ ପାୱାର ଘୋଷଣା କରିଛନ୍ତି। ପାୱାର ନିଜ ନିର୍ବାଚନ ମଣ୍ଡଳୀ ବାରାମତିରୁ କ୍ରମାଗତ ଭାବେ ଜିତି ଆସୁଥିଲେ। ୨୦୧୨ରେ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ। ଏଥର ତାଙ୍କୁ ମାଧ ଆସନରୁ ଲଢ଼ିବା ପାଇଁ କର୍ମୀମାନେ ଅନୁରୋଧ କରିଥିଲେ ହେଁ ସେ ଏହାକୁ ଗ୍ରହଣ କରି ନାହାନ୍ତି। ତାଙ୍କ ଝିଅ ସୁପ୍ରିୟା ସୁଲେ ଏବେ ବାରାମତିରୁ ଏମ୍‌ପି ଅଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ହେଲେ ଗୋପବନ୍ଧୁ ଦାସ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଦାଶଙ୍କୁ ନିଜ ରାଜନୈତିକ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋପବନ୍ଧୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଅବସର ପରେ ମଧ୍ୟ ତାଙ୍କୁ କିଛି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା।

## ସିଟି ସ୍କୁଲ ଛାତ୍ରୀଙ୍କୁ ଛୁରାମାଡ଼

- ଅଭିଯୁକ୍ତ ଛାତ୍ର ଗିରଫ
- ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର
- ଏକତରଫା ପ୍ରେମକୁ ନେଇ ଛୁରାମାଡ଼ ସନ୍ଦେହ

ଆନନ୍ଦପୁର, ୧୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ସିଟି ସ୍କୁଲ ପରିସରରେ ସୋମବାର ଜଣେ ଛାତ୍ରୀଙ୍କୁ ଛୁରାମାଡ଼ ହୋଇଛି। ଶ୍ରେଣୀଗୃହ ସାମ୍ନାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଛୁରା ମାଡ଼ ଘଟାଇଥିବା ଅଭିଯୁକ୍ତ ଛାତ୍ର ବଳଭଦ୍ର ଜେନା ପରେ ଏକ ଶ୍ରେଣୀ ଗୃହ ଭିତରେ କବାଟ ବନ୍ଦ କରି ଲୁଚି ରହିଥିଲେ। ସିଟି ସ୍କୁଲ ସହକାରୀ ଶିକ୍ଷକ ଆଲୋକ ରଣା ଆନନ୍ଦପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତ ବଳଭଦ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଏକତରଫା ପ୍ରେମକୁ ନେଇ ଏଭଳି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଶିକ୍ଷାନୁଷ୍ଠାନରେ ଏଭଳି ଛୁରାମାଡ଼ ଘଟଣା ପରେ ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଘଟଣା ଅଭିଭାବକ ମହଲକୁ ମଧ୍ୟ ଆଲୋଡ଼ିତ କରିଛି।

ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସିଟି ସ୍କୁଲର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଦୁଇମହଲା କୋଠାର ଉପର ଶ୍ରେଣୀ ଗୃହକୁ ଯାଇଥିଲେ। ଶ୍ରେଣୀଗୃହ ସାମ୍ନାରେ ଠିଆ ହୋଇଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ବଳଭଦ୍ର ଅଚାନକ୍ ଆସି ଏକ ବଡ଼ ଛୁରିରେ ତାଙ୍କ ଗୋଡ଼, ହାତ ଓ ପିଠିକୁ ବାରମ୍ବାର ଆଘାତ କରିଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରି ସଂଜ୍ଞାହୀନ ହୋଇପଡ଼ିଥିଲେ। ଏଭଳି ଘଟଣା ପରେ ସିଟି ସ୍କୁଲ ପରିସର ସ୍ତବ୍ଧ ହୋଇଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ଶତାଧିକ ଲୋକ ସେଠାରେ ଜମା ହୋଇଯାଇଥିଲେ। ଆକ୍ରମଣ କରିଥିବା ଛାତ୍ର ଉନ୍ମତ୍ତ ଅବସ୍ଥାରେ ଥିବାରୁ କେହି ଭୟରେ ତାଙ୍କ ପାଖ ପଶି ନ ଥିଲେ। ବଳଭଦ୍ରଙ୍କ ଘର ଯାଜପୁର ଜିଲା ଅଞ୍ଚଳରେ। ଛୁରାମାଡ଼ରେ ☛ପୃଷ୍ଠା-୨

## ରାଜଧାନୀରେ ନିୟମଗିରି ତାତି

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କଳାହାଣ୍ଡି ଓ ରାୟଗଡ଼ା ଜିଲାରେ ରହିଥିବା ନିୟମଗିରି ପାହାଡ଼ରୁ ବକ୍ସାଇଟ୍ ଖନନକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରି ଆସୁଛନ୍ତି। ଇତିମଧ୍ୟରେ ଅନେକ ଘଟଣା ଘଟିଯାଇଥିବାବେଳେ ସୋମବାର ରାଜଧାନୀ ଭୁବନେଶ୍ୱରରେ ନିୟମଗିରି ତାତି ଦେଖିବାକୁ ମିଳିଥିଲା।

- ପୋଲିସ ଦମନ ବନ୍ଦ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର
- ଲିଙ୍ଗରାଜ ଆଜାଦଙ୍କୁ ଖଲାସ ଦାବିରେ ବିକ୍ଷୋଭ
- ପଞ୍ଚାୟତ ଅଫିସ୍‌ରୁ ସିଆର୍‌ପିଏଫ୍ କ୍ୟାମ୍ପ୍ ଉଠାଯାଉ

ଦୁଇଶହରୁ ଅଧିକ ଆଦିବାସୀ ମହିଳା ଓ ପୁରୁଷ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିୟମଗିରିରେ ପୋଲିସ ଦମନ ତୁରନ୍ତ ବନ୍ଦ ଦାବି କରି ଗର୍ଜିଥିଲେ। ଏହି ଅବସରରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ସମାଜବାଦୀ ଜନ ପରିଷଦର ଅଫଲାତୁନ, ନିୟମଗିରି ସୁରକ୍ଷା ସମିତି ସଭାପତି ଦଦି ପୁସିକା ଓ ରାଜକିଶୋର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

ନିୟମଗିରି ସୁରକ୍ଷା ସମିତି ସଂଗଠକ ତଥା ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ଆବାହକ ଲିଙ୍ଗରାଜ ଆଜାଦଙ୍କୁ ମିଥ୍ୟା ମାମଲାରେ ପୋଲିସ ଗିରଫ କରିଥିବାରୁ ଏହାକୁ ସେମାନେ ବିରୋଧ କରିଛନ୍ତି। ତୁରନ୍ତ ତାଙ୍କୁ ଖଲାସ ପାଇଁ ଦାବି କରିବା ସହ ନିୟମଗିରିରେ ☛ପୃଷ୍ଠା-୨




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀ ମହିଳା ଓ ପୁରୁଷ।

### ଆଜିର ସମ୍ପାଦକୀୟ

**ବିମୁଦ୍ରୀକରଣ ପରେ ବାଲାକୋଟ**

### ଆଜିର ମନ୍ତବ୍ୟ

"ମହାତ୍ମା ଗାନ୍ଧୀଙ୍କ ଭାରତ ଓ ନାଥୁରାମ ଗଡ୍‌ସେଙ୍କ ଭାରତ ମଧ୍ୟରୁ ଗୋଟିଏକୁ ବାଛିବାକୁ ହେବ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ବର୍ତ୍ତମାନ ୪୮୦ ଟୋଲ ପ୍ଲାଜାଗୁଡ଼ିକରେ ୪.୩ ନିୟୁତ ଫାଷ୍ଟଟ୍ୟାଗ୍ ଜାରି କରାଯାଇଛି। - ଏନ୍‌ଏଚ୍‌ଏଆଇ


NECC NATIONAL EGG CO-ORDINATION COMMITTEE 11.03.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 85 | 139 | 149 |
| ANG | 82 | 135 | 145 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers


## ଏନ୍‌ଜିଟି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ସେସୁ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ଢେଙ୍କାନାଳ ସଦର ବନଖଣ୍ଡ କମଳାଙ୍ଗ ଗ୍ରାମ ନିକଟରେ ୨୦୧୮ ଅକ୍ଟୋବର ୨୭ ତାରିଖରେ ବିଦ୍ୟୁତ ଆଘାତରେ ୭ଟି ହାତୀଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉଦ୍‌ବେଗ ପ୍ରକାଶ କରିବା ସହ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ବିରୋଧରେ ନିଜ ଆଡୁ ମାମଲା ରୁଜୁ କରିଥିଲେ। କ୍ଷତିପୂରଣ ବାବଦରେ ସେସୁ ଉପରେ ଦୁଇଟି ଶୁଣାଣିରେ ୫ କୋଟି ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲେ। ଏହି ରାଶିକୁ ଦୁଇମାସ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗରେ ଦାଖଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ତେବେ ସେସୁ ଜରିମାନା ଫାଙ୍କିବା ପାଇଁ ଏନ୍‌ଜିଟିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ମିଳିଥିବା ସୂଚନା ଅନୁଯାୟୀ ସେସୁ ଜଙ୍ଗଲ ଓ ପରିବେଶ ବିଭାଗରେ ୧ କୋଟି ଟଙ୍କା ଦାଖଲ କରିଥିବା ବେଳେ ଅବଶିଷ୍ଟ ୪ କୋଟି ଟଙ୍କା ନ ଦେବାକୁ ସୁପ୍ରିମକୋର୍ଟରୁ ରହିତାଦେଶ ଆଣିଥିବା ଜଣାପଡିଛି।

ହାତୀ ମୃତ୍ୟୁ ଉପରେ ରାୟ ଶୁଣାଇବା କିମ୍ବା ଜରିମାନା ଧାର୍ଯ୍ୟ କରିବାର ଅଧିକାର ଏନଜିଟିଙ୍କର ନାହିଁ । ଏନ୍‌ଜିଟି ସବୁଜବଳୟ ନଷ୍ଟ କିମ୍ବା ପରିବେଶ ସମ୍ପର୍କରେ ଶୁଣାଣି କରି ରାୟ ଦେଇପାରିବେ। ମାତ୍ର ବନ୍ୟପ୍ରାଣୀଙ୍କର କୌଣସି କ୍ଷତି ହେଲେ ଏନଜିଟି ଏହା ଉପରେ ରାୟ ଶୁଣାଇବା ଆଇନରେ ବ୍ୟବସ୍ଥା ନ ଥିବା ଦର୍ଶାଇ ସେସୁ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ବୋଲି ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



### ଢେଙ୍କାନାଳ ୭ ହାତୀ ମୃତ୍ୟୁ ଘଟଣା

- ୪ କୋଟି ଜରିମାନା ଉପରେ ସ୍ଥଗିତାଦେଶ

ଉଲ୍ଲେଖଯୋଗ୍ୟ ଯେ, କମଳାଙ୍ଗ ଗ୍ରାମ ନିକଟରେ ହାତୀପଲ ବିଲ ଦେଇ ଅତିକ୍ରମ କରୁଥିବା ବେଳେ କମ୍ ଉଚ୍ଚତାରେ ଥିବା ୧୧ କେ.ଭି. ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ଟି ବଡ଼ହାତୀ ସହିତ ଗୋଟିଏ ଛୁଆହାତୀର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସରକାରୀ ସ୍ତରରେ କେତେ କ'ଣ ତୁମ୍ବିତୋଫାନ ହେଲା। ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଶକ୍ତି ବିଭାଗ ମଧ୍ୟରେ ଏହି ଘଟଣାକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ୩ ଜଣ ଏବଂ ସେସୁର ୩ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ମେରାମୁଣ୍ଡଳୀ ବିଦ୍ୟୁତ୍ ସେକ୍ସନର ଜଣେ ଜୁନିୟର ମ୍ୟାନେଜରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ହାତୀ ମୃତ୍ୟୁକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ଏକ ପ୍ରେସ ବିଜ୍ଞପ୍ତିରେ ସଫେଇ ଦେଇ କହିଥିଲେ ଯେ, ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳରେ ୧୧ କେ.ଭି. ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ରହିଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଢେଙ୍କାନାଳ ଡିଏଫଓ ସେସୁ କର୍ତ୍ତୃପକ୍ଷଙ୍କୁ ୨୦୧୭ରେ ଚିଠି ଲେଖିଥିଲେ। ମାତ୍ର ସେସୁ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ଅଭିଯୋଗ କରିଥିଲେ। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୦୧୮ ମାର୍ଚ୍ଚ ୨୯ରେ ବସିଥିବା ବୈଠକରେ ମଧ୍ୟ ଏ ନେଇ ପ୍ରତିକାର କରିବାକୁ ଶକ୍ତି ବିଭାଗକୁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ଶକ୍ତି ବିଭାଗ କିମ୍ବା ସେସୁ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ହେଲା ବୋଲି ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ଅଧିକାରୀ ଅଭିଯୋଗ କରିଥିଲେ।

ଉଭୟ ଶକ୍ତି ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଏଭଳି ଏକ ଦୁର୍ଘଟଣା ହେଲା। ଏନ୍‌ଜିଟି ସେସୁ ବିରୋଧରେ ମାମଲା ଦାଏର କରିବା ସହ କର୍ତ୍ତବ୍ୟ ☛ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଗୁଲି
ପରିବାରବର୍ଗ


ଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ସରକାରଙ୍କୁ ଚେତାଇଥିଲା ଆର୍‌ବିଆଇ

# କଳା ଟଙ୍କା ରୋକିପାରିବନି ବିମୁଦ୍ରୀକରଣ

**ନୂଆଦିଲ୍ଲୀ,୧୧।୩**

ବିମୁଦ୍ରୀକରଣ ଲାଗୁ ହେଲେ ସ୍ୱଳ୍ପ ମିଆଦି ଭିତ୍ତିରେ ଅର୍ଥନୀତି ଉପରେ କ'ଣ ପ୍ରଭାବ ପଡିବ ସେ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ଏହା ଲାଗୁ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚେତାଇଥିଲା। ସେହିଭଳି ଏହା ଦେଶରେ କଳା ଟଙ୍କା କାରବାର ଉପରେ ପ୍ରତିବନ୍ଧକ ଲଗାଇବାରେ ସଫଳ ହେବ ନାହିଁ ବୋଲି ବୋର୍ଡ କହିଥିଲା। ସୂଚନା ଅଧିକାରୀ ଆଇନ(ଆର୍‌ଟିଆଇ)ରେ ମଗାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା କରି ପ୍ରଚଳନରେ ଥିବା ବଡ ବଡ ନୋଟ ଗୁଡ଼ିକୁ ଅଚଳ କରିଦେଲେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏହି ଘୋଷଣା କରିବାର ଅଢେଇ ଘଣ୍ଟା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ବୋଲି ତଥ୍ୟରୁ ଏହା ସାମ୍ନାକୁ ଆସିଛି। କଳା ଟଙ୍କା ଉପରେ ରୋକ ଲଗାଇବା ଲାଗି ସରକାର ଏଭଳି ଏକ ଘୋଷଣା କରିଥିଲେ। ଫଳରେ ପ୍ରଚଳନରେ ଥିବା ୮୬% ୫୦୦ ଏବଂ ୧୦୦୦ ଟଙ୍କିଆ ଅଚଳ ହୋଇଯାଇଥିଲା।

ବିମୁଦ୍ରୀକରଣ ଲାଗୁ କରିବା ନେଇ କେନ୍ଦ୍ର ସରକାର ଦେଇଥିବା ଅନୁରୋଧକୁ ଏହି ଗୁରୁତ୍ୱପୂର୍ଣ୍ଣ ବୋର୍ଡ ବୈଠକରେ ମଞ୍ଜୁରୀ ଦିଆଯାଇଥିଲା। ବୈଠକରେ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ, ବର୍ତ୍ତମାନ ଗଭର୍ନର ତଥା ସେତେବେଳେ ଅର୍ଥନୈତିକ ବ୍ୟାପାର ସଚିବ ଥିବା ଶକ୍ତିକାନ୍ତ ଦାସ ମଧ୍ୟ ଉପସ୍ଥିତ ଥିଲେ। ଏହାବାଦ ଆର୍ଥିକ ସେବା ସଚିବ ଅଞ୍ଜୁଳି ଛିବ୍ ଦୁଗଲ, ଆର୍‌ବିଆଇ ଡେପୁଟି ଗଭର୍ନର ଆର୍.ଗାନ୍ଧୀ, ଏସ୍.ଏସ୍. ମୁନ୍ଦ୍ରା ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। ଗାନ୍ଧୀ ଏବଂ ମୁନ୍ଦ୍ରା ବର୍ତ୍ତମାନ ବୋର୍ଡରେ ନାହାନ୍ତି। ଶକ୍ତିକାନ୍ତ ଦାସ ଡିସେମ୍ବର ୨୦୧୮ରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଦାୟିତ୍ୱଭାର ସମ୍ଭାଳିଛନ୍ତି। ବିମୁଦ୍ରୀକରଣକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିବା ବେଳେ ଅନ୍ୟ କେତେକ ଏହାକୁ ସ୍ୱାଗତ କରିଛନ୍ତି। ଏହା ଜିଡ଼ିପି ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା ଆର୍‌ଟିଆଇ କର୍ମୀ ଭେଙ୍କଟେଶ ନାୟକ କମନ୍ ୱେଲ୍‌ଥ ହ୍ୟୁମାନ ରାଇଟ୍‌ସ ଇନିସିଏଟିଭ ନାମକ ଏକ ୱେବ୍‌ସାଇଟରେ ପୋଷ୍ଟ କରିଛନ୍ତି।

ଅଧିକାଂଶ କଳାଟଙ୍କା ନଗଦ ଆକାରରେ ନ ଥିବା ବେଳେ ଏହା ରିୟଲ ଇଷ୍ଟେଟ ସମ୍ପତ୍ତି,ସୁନା ଆକାରରେ ରହିଛି। ଏଣୁ ବିମୁଦ୍ରୀକରଣ ବିଶେଷ ଫାଇଦା ଦେବନି ବୋଲି ନୂଆଦିଲ୍ଲୀରେ ହୋଇଥିବା ବୋର୍ଡ ବୈଠକରେ କୁହାଯାଇଥିଲା। ପ୍ରଚଳନରେ ଥିବା ନୋଟ ମଧ୍ୟରୁ ଅତି ନଗଣ୍ୟ ଅଂଶ କଳାଧନ ହୋଇଥିବାରୁ ବିମୁଦ୍ରୀକରଣ ଭଳି ବଡ ପଦକ୍ଷେପ ଲାଗୁ କରିବା ଉଚିତ ହେବ ନାହିଁ ବୋଲି ସେହି ସମୟରେ କୁହାଯାଇଥିଲା। ବିମୁଦ୍ରୀକରଣ ଘୋଷଣା ହେବା ଦିନ ପ୍ରଚଳନରେ ୧୫.୪୧ ଲକ୍ଷ କୋଟି ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ରହିଥିଲା। ସରକାର ଦେଇଥିବା ୫୦ ଦିନିଆ ୱିଣ୍ଡୋରେ ବ୍ୟାଙ୍କ ବ୍ୟବସ୍ଥାକୁ ୧୫.୩୧ ଲକ୍ଷ କୋଟି ଟଙ୍କା ଫେରି ଆସିଥିଲା। ମାତ୍ର ୧୦,୭୨୦ କୋଟି ଟଙ୍କା ଅଚଳ ନୋଟ ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ନ ଥିଲା। ବ୍ୟାଙ୍କରେ ଜମା କରାଯାଇଥିବା ୯୯.୯% ନୋଟ ସରକାରଙ୍କ କଳାଟଙ୍କା ବିରୋଧୀ ପଦକ୍ଷେପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବିମୁଦ୍ରୀକରଣକୁ ବିଭିନ୍ନ ସମାଲୋଚନା କରାଯାଇଥିଲେ ମଧ୍ୟ ଏହା ଅର୍ଥନୀତିକୁ ବିଶେଷ କ୍ଷତି ପହଞ୍ଚାଇ ନ ଥିବା ସରକାର ସବୁ ବେଳେ କହି ଆସିଛନ୍ତି। ୟୁଟିଲିଟି ବିଲ୍‌ରେ କେତେ ପରିମାଣର ଅଚଳ ନୋଟ ବ୍ୟବହାର ହୋଇଛି ତାର ଉତ୍ତର ମଧ୍ୟ ଆରବିଆଇ ନିକଟରେ ନାହିଁ।

ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

## ପଦକ୍ଷେପ ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୧୧।୩**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ପଦକ୍ଷେପ ସମ୍ପର୍କିତ ରିପୋର୍ଟ ମାଗିଛନ୍ତି। ଏପ୍ରିଲ ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ସରକାର ତାଙ୍କ ରିପୋର୍ଟ ଦାଖଲ କରିବେ। ସୂଚନାଥାଉ କି, ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ଦୀର୍ଘବର୍ଷ ହେବ ଖାଲି ପଡ଼ିଥିବା ନେଇ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟ ପଦବୀ ପୂରଣ ଦିଗରେ ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ସରକାରଙ୍କୁ ଆଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

## ଏନ୍‌ଜିଟି ନିଷ୍ପତ୍ତି...

ପାଳନରେ ଅବହେଳା କରୁଥିବାରୁ ୨୦୧୮ ଅକ୍ଟୋବର ୩୦ ତାରିଖରେ ସେସୁ ଉପରେ ୧ କୋଟି ଟଙ୍କାର ଜରିମାନା କରିଥିଲେ। ତେବେ ୨୦୧୮ ଡିସେମ୍ବର ୨୧ ତାରିଖରେ ମାମଲାର ଶୁଣାଣି କରି ଏନଜିଟି ସେସୁ ଉପରେ ଆଉ ୪ କୋଟି ଟଙ୍କାର ଜରିମାନା ଲଗାଇଥିଲେ। ୫ କୋଟି ଜରିମାନା ରାଶିକୁ ଜଙ୍ଗଲ ଓ ପରିବେଶ ବିଭାଗରେ ଜମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅର୍ଥରେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଜରିମାନା ରାଶି ପଇଠ କରିବା ପରିବର୍ତ୍ତେ ଫାଙ୍କିବା ପାଇଁ ସେସୁ କର୍ତ୍ତୃପକ୍ଷ ଏନ୍‌ଜିଟି ରାୟ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଉପରେ ସେସୁର ଜରିମାନା ଭାଗ୍ୟ ନିର୍ଭର କରିବ।

ଏଠାରେ ସୂଚନାଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୧୭୯ ହାତୀଙ୍କର ମୃତ୍ୟୁ ହୋଇଛି। ୨୦୧୦ ପରଠାରୁ ସେସୁ ଅଞ୍ଚଳର ବିଭିନ୍ନ ବନଖଣ୍ଡରେ ୪୨ଟି ହାତୀଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ବେଳେ ଏହି ସମୟ ମଧ୍ୟରେ କେବଳ ଢେଙ୍କାନାଳ ବନଖଣ୍ଡରେ ୧୮ ହାତୀଙ୍କର ଜୀବନ ଯାଇଛି। ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସେସୁ ଜରିମାନା ବାବଦରେ ୧ କୋଟି ଟଙ୍କା ଜଙ୍ଗଲ ବିଭାଗରେ ଜମା କରିଛି। ଅବଶିଷ୍ଟ ୪ କୋଟି ନ ଦେବାକୁ ସୁପ୍ରିମକୋର୍ଟରୁ ସ୍ଥଗିତାଦେଶ ଆଣିଥିବା ଜଣା ପଡିଛି।

## ରାଜଧାନୀରେ...

ପୋଲିସ ଦମନଲୀଳା ବନ୍ଦ ଓ ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳୟରୁ ସିଆର୍‌ପିଏଫ୍ କ୍ୟାମ୍ପ ଉଠାଇନେବାକୁ ଉକ୍ତ ସ୍ମାରକପତ୍ରରେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନ ସିଆର୍‌ପିଏଫ୍‌କୁ ରଖି ଗ୍ରାମପଞ୍ଚାୟତ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଏପରିକି ସରପଞ୍ଚ ଓ ସଭ୍ୟମାନଙ୍କୁ ପାଇଁ ମଧ୍ୟ ପ୍ରବେଶ କରିବାକୁ ଦିଆଯାଉନି। ଏହାକୁ ବିରୋଧ କରିବାରୁ ପୋଲିସ ଲିଙ୍ଗରାଜଙ୍କୁ ଗିରଫ କରି ସୁରକ୍ଷା ସମିତିର ନେତୃମଣ୍ଡଳୀଙ୍କୁ ମଧ୍ୟ ଫସାଇବାକୁ ଚକ୍ରାନ୍ତ କରୁଛି। ଖଣି ଖନନକୁ ବିରୋଧ କରୁଥିବା ଗଣତାନ୍ତ୍ରିକ ଆନ୍ଦୋଳନର ନେତା ଓ ଆଦିବାସୀଙ୍କୁ ମାଓବାଦୀ ନାମରେ ଯେଉଁଭଳି ପୋଲିସ ଦମନ କରୁଛି ଓ ଗ୍ରାମସଭାର ବିନାନୁମତିରେ ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ କ୍ୟାମ୍ପ ସ୍ଥାପନର ନିରପେକ୍ଷ ତଦନ୍ତ କରିବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ତୁରନ୍ତ ହସ୍ତକ୍ଷେପ କରି ଆଦିବାସୀଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। ଏହି ଆନ୍ଦୋଳନରେ ଆଡ୍‌ଭୋକେଟ ବିଶ୍ୱପ୍ରିୟ କାନୁନ୍‌ଗୋ, ତପନ ମିଶ୍ର, ମହେନ୍ଦ୍ର ପରିଡ଼ା, ମାନସ ପଟ୍ଟନାୟକ, ଚନ୍ଦ୍ରନାଥ ଦାନୀ ପ୍ରମୁଖ ସାମିଲ ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

## ସିଟି ସ୍କୁଲ...

ଆହତ ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲାରେ। ତାଙ୍କ ବାପା ଚାକିରୀ କରୁଥିବାରୁ ଯାଜପୁର ଅଞ୍ଚଳରେ ଘରଭଡା ନେଇ ରହି ଆସୁଥିଲେ। ବଳଭଦ୍ର ଓ ଏହି ଛାତ୍ରୀ ଉଭୟ ଘରକୁ ଯିବାଆସିବା ସମୟରେ ପରସ୍ପରର ସାଙ୍ଗ ହୋଇଥିଲେ। କୌଣସି କାରଣରୁ ଛାତ୍ରୀ ଜଣଙ୍କ ବଳଭଦ୍ରଙ୍କ ସହ ମିଳାମିଶା ନ କରିବାରୁ ସେ ଏଭଳି ଉନ୍ମତ୍ତ କାଣ୍ଡ ଘଟାଇଥିବା ପୋଲିସ ସୂଚନା ଦେଇଛି। ଆନନ୍ଦପୁର ଥାନାରେ ଏହି ଆକ୍ରମଣ ଘଟଣା ନେଇ ପୋଲିସ ଏକ ମାମଲା(ନଂ.୫୧/୨୦୧୯) ରୁଜୁ କରି ଅଭିଯୁକ୍ତ ବଳଭଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ମୃତ୍ୟୁଫାଶରେ...

ସଂଲଗ୍ନ ୭୪୦ କି.ମି.ର ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ୨୨୧ କି.ମି. ବିସ୍ତୃତ ଅନ୍ତର୍ଜାତୀୟ ସୀମା (ଆଇବି)। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟାନୁସାରେ ଉପତ୍ୟକା ଓ ଏହାର ସୀମାରେ ୨୦୧୪ରେ ୪୭ ଯବାନ ଶହୀଦ ହୋଇଥିଲେ। ସେହିପରି ୨୦୧୫ରେ ୩୯, ୨୦୧୬ରେ ୮୨ ଓ ୨୦୧୭ରେ ୮୩ ଯବାନ ଶହୀଦ ହୋଇଥିଲେ। ୨୦୧୮ରେ ଅନେକ ଆକ୍ରମଣରେ ୯୫ ଯବାନ ଶହୀଦ ହୋଇଥିଲେ, ଯାହାକି ପୂର୍ବ ୮ ବର୍ଷ ତୁଳନାରେ ସର୍ବାଧିକ। ଚଳିତବର୍ଷ ଆରମ୍ଭରୁ ଏଯାଏ ଶହୀଦଙ୍କ ସଂଖ୍ୟା (ପୁଲୱାମା ଆକ୍ରମଣକୁ ମିଶାଇ) ପ୍ରାୟ ଶହେରେ ପହଞ୍ଚିଲାଣି। ଅର୍ଥାତ୍ ଶହୀଦଙ୍କ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି। ୨୦୧୪ ଡିସେମ୍ବର ୫ରେ ୬ ସଶସ୍ତ୍ର ଆତଙ୍କବାଦୀ ଉରିସ୍ଥିତ ମୋହରା ସେନା ଶିବିରରେ ଅତର୍କିତ ଆକ୍ରମଣ କରି ୧୦ ଯବାନଙ୍କୁ ମୃତ୍ୟୁର ନିଦରେ ଶୁଆଇଦେଇଥିଲେ। ୨୦୧୬ ଜୁନ୍ ୩ରେ ପମ୍ପୋରରେ ଏକ ସିଆର୍‌ପିଏଫ୍ ବସ୍‌କୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ସେମାନେ କବ୍‌ଜା କରି ରଖିଥିବା ଏକ ସରକାରୀ କୋଠାରେ ଦୁଇଦିନ ଧରି ଚାଲିଥିବା ଏନ୍‌କାଉଣ୍ଟରରେ ୨ ସେନା ଅଧିକାରୀ ଓ ୫ ଯବାନ ଶହୀଦ ହୋଇଥିଲେ। ସେହି ମାସ ୨୫ ତାରିଖରେ ପମ୍ପୋରର ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରରେ ସିଆର୍‌ପିଏଫ୍ ବସ୍‌କୁ ଆତଙ୍କବାଦୀମାନେ ଆକ୍ରମଣ କରି ୮ ଯବାନଙ୍କ ଜୀବନ ନେଇଥିଲେ। ୨୦୧୬ ସେପ୍ଟେମ୍ବର ୧୮ରେ ବାରାମୁଲ୍ଲା ଜିଲାର ଉରି ସେନା ଶିବିରରେ ଯବାନମାନେ ଶୋଇଥିବାବେଳେ ୪ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଯବାନଙ୍କ ଜୀବନ ଯାଇଥିଲା। ଏହା ପରେ ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଭାରତୀୟ ପାରା କମାଣ୍ଡୋ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା କୁହାଯାଇଥିଲା। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ଆତଙ୍କିତ ହୋଇଯାଇଥିବା ସେତେବେଳେ ଦାବି କରାଯାଇଥିଲା। କିନ୍ତୁ ଏହାର କିଛିଦିନ ପରେ ନଭେମ୍ବର ୨୯ରେ ଜମ୍ମୁସ୍ଥିତ ନଗ୍ରୋଟା ସେନା ଶିବିରକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ୩ ଆତଙ୍କବାଦୀଙ୍କୁ ନିପାତ କରିବା ପୂର୍ବରୁ ୭ ଯବାନ ଶହୀଦ ହୋଇଥିଲେ। ୨୦୧୭ ଅଗଷ୍ଟ ୨୬ରେ ପୁଲ୍‌ୱାମାସ୍ଥିତ ଡିଷ୍ଟ୍ରିକ୍ଟ ପୋଲିସ ଲାଇନ୍‌ରେ ୩ ଜେଇଏମ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୮ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ। ଗତମାସରେ ପୁଲ୍‌ୱାମାରେ ପୁଣି ହୋଇଛି ଭାରତକୁ ସ୍ତବ୍ଧ କରିଦେବା ଭଳି ବଡ଼ଧରଣର ଆକ୍ରମଣ। ବିଗତ ୩୦ ବର୍ଷ ମଧ୍ୟରେ ସୁରକ୍ଷା ବଳ ଉପରେ ଏତେବଡ଼ ଧରଣର ଟାର୍ଗେଟ କେବେ ହୋଇ ନ ଥିଲା। ଜମ୍ମୁ-କଶ୍ମୀରରେ ୨୦୧୪ରୁ ୨୦୧୯ ମଧ୍ୟରେ ଆତଙ୍କବାଦୀ ଆକ୍ରମଣ ୧୭୬% ବୃଦ୍ଧି ପାଇଛି। ପ୍ରତିମାସ ହାରାହାରି ୧୧ ଆତଙ୍କବାଦୀ ଉପତ୍ୟକାରେ ଅନୁପ୍ରବେଶ କରୁଛନ୍ତି। ଏଥିଯୋଗୁ ୫ ବର୍ଷରେ ଶହୀଦଙ୍କ ସଂଖ୍ୟା ୯୩% ବୃଦ୍ଧି ପାଇଛି ବୋଲି ଖୋଦ୍ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ଅନେକ ସମୟରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଘନ ଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଭାରତୀୟ ଯବାନଙ୍କୁ ଟାର୍ଗେଟ କରିଥାନ୍ତି। ଫଳରେ ପାକିସ୍ତାନୀ ସେନା କି ଆତଙ୍କବାଦୀଙ୍କ ଆକ୍ରମଣରେ ଯବାନ ଶହୀଦ ହୋଇଥାନ୍ତି ତାହା ଜଣାପଡ଼େ ନାହିଁ। ତେବେ ଉଭୟ ଜମ୍ମୁ-କଶ୍ମୀରରେ ଏବଂ ଏଲ୍‌ଓସିରେ ୨୦୧୪ରେ ୪୬, ୨୦୧୫ରେ ୪୩, ୨୦୧୬ରେ ୮୮, ୨୦୧୭ରେ ୮୩ ଓ ୨୦୧୮ରେ ୯୫ ଯବାନ ପ୍ରାଣ ହରାଇଥିବା ଦିଲ୍ଲୀର ତଥ୍ୟ ସଂଗ୍ରହକାରୀ ସଂସ୍ଥା ସାଉଥ୍ ଏସିଆ ଟେରରିଜମ୍ ପୋର୍ଟାଲ (ଏସ୍‌ଏଟିଏଫ୍) ପକ୍ଷରୁ କୁହାଯାଇଛି।

ଏହା ତ ଗଲା ସୀମାନ୍ତ କଥା। ଦେଶ ଭିତରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହେଉଥିବା ଯବାନଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଲାଲ ଆତଙ୍କରେ ଜର୍ଜରିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାବେଳେ ଅନେକ ଯବାନଙ୍କୁ ଜୀବନ ହାରିବାକୁ ପଡୁଛି। ୨୦୧୪ ଫେବୃୟାରୀ ୨୮ରେ ଛତିଶଗଡ଼ର ଦାନ୍ତେୱାଡ଼ାରେ ମାଓବାଦୀ ଆକ୍ରମଣରେ ୬ ପୋଲିସ କର୍ମୀ ଶହୀଦ ହୋଇଥିଲେ। ସେହିବର୍ଷ ମାର୍ଚ୍ଚ ୧୧ରେ ସୁକ୍‌ମାରେ ମାଓବାଦୀମାନେ ୧୧ ସିଆର୍‌ପିଏଫ୍ ଯବାନ ଓ ୪ ପୋଲିସ କର୍ମୀଙ୍କ ଜୀବନ ନେଇଥିଲେ। ମେ ୧୧ରେ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାର ଏକ ଜଙ୍ଗଲରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୭ ପୋଲିସ କର୍ମୀଙ୍କ ଜୀବନ ଯାଇଥିଲା। ୨୦୧୬ ଡିସେମ୍ବର ୬ରେ ଛତିଶଗଡ଼ର ବସ୍ତର ଜିଲାରେ ଜଣେ ଯବାନ ଶହୀଦ ହୋଇଥିଲେ। ୨୦୧୭ ଫେବୃୟାରୀ ୧ରେ କୋରାପୁଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଯୋଗୁ ୮ ପୋଲିସ କର୍ମଚାରୀଙ୍କ ପ୍ରାଣହାନି ଘଟିଥିଲା। ପରବର୍ତ୍ତୀ ସମୟରେ ଛତିଶଗଡ଼ରେ ମାର୍ଚ୍ଚ ୧୧ରେ ୧୧ ଓ ଏପ୍ରିଲ ୨୪ରେ ୨୫ ଅର୍ଦ୍ଧସାମରିକ ଯବାନ ଶହୀଦ ହୋଇଥିଲେ। ଗତବର୍ଷ କେବଳ ଛତିଶଗଡ଼ର ୯ଟି ସ୍ଥାନରେ ମାଓବାଦୀ ଆକ୍ରମଣ ଘଟିଥିଲା। ଏଥିରେ ମୋଟ ୨୮ ଯବାନ ଓ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଥିଲା। ଏସବୁ ଭାରତର ଗୋଇନ୍ଦା ବ୍ୟବସ୍ଥାରେ ଗୋଟିଏ ଗୋଟିଏ ନିଷ୍ଠୁର ବିଫଳତା, ଯାହା ପ୍ରତିଥର ଆମକୁ ଚେତାଇଦିଏ ତ୍ରୁଟି ନ ସୁଧାରିଲେ ଆଗକୁ ମଧ୍ୟ ଏଭଳି ଆକ୍ରମଣ ହୋଇପାରେ ବୋଲି।

ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନଙ୍କ ଭଳି ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱ ମୁଣ୍ଡାଇଥିବା ଅର୍ଦ୍ଧସାମରିକ ବଳ ପ୍ରତି ମଧ୍ୟ ଏ ଦେଶର ସରକାରଙ୍କ ମନୋଭାବ ଅନୁରୂପ। ଯବାନମାନେ ଶହୀଦ ହେବା ପରେ ରାଜନୀତି ଜୋର୍ ଧରୁଛି ଓ କାଦୁଅଫିଙ୍ଗା ଚାଲିଛି। ଶାସକ ଦଳ, ସରକାର ଓ କେତେକ ଗଣମାଧ୍ୟମ ଯୁଦ୍ଧ ଉନ୍ମାଦ ସୃଷ୍ଟି କରୁଥିବାବେଳେ ତଥାକଥିତ ଦେଶଭକ୍ତଙ୍କ ଉଗ୍ର ଦେଶପ୍ରେମ ଉଚ୍ଛୁଳି ପଡୁଛି। ହେଲେ ଯୋଜନାବଦ୍ଧ ଭାବେ ଉପଯୁକ୍ତ ରଣନୀତି ସ୍ଥିର କରି ଗୋଇନ୍ଦା ବିଫଳତାକୁ ରୋକା ନ ଗଲେ ଏବଂ ଆତଙ୍କବାଦ ଓ ମାଓବାଦର ମୂଳ ସମସ୍ୟା ସମାଧାନ କରା ନ ଯିବା ଯାଏ ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଭଳି ମନେହେଉନି।


# classified


real estate


to-let

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita- 9853150290. D-65383

**Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Twincityର middle point (Phulnakhara)ରେ ନିର୍ମିତ Grandbazar NH-5ରୁ walk-able distanceରେ ଘରବାରି ପ୍ଲଟ କିଣନ୍ତୁ। Biswanath: 7789062619. D-65380

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

Open space with boundary for rent of 30000 sqft. for godown/stockyard available opposite Synergy College, Nakhara, Bhubaneswar, Call: 9337122452. D-11598

**Commercial space 1500 sqft. at Dindayal Bhawan, next to UCO Bank, Master Canteen available. Contact: Hindustan Jewellers, Bapuji Nagar, Bhubaneswar.** D-65621


healthcare

Newly ayurvedic fullbody massage ladies, gents: 7609923705, 7438851534. D-38550

Now Matrimonial ads. only on Wednesday & Sunday Book 1 Get 1 FREE

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


**ସ୍ୱର୍ଗତ ଭଗବାନ ବେହେରା**
ଆବିର୍ଭାବ: ୧୪।୦୪।୧୯୩୫
ତିରୋଧାନ: ୨୧।୦୨।୨୦୧୮
ତାରିଖ-୧୨।୦୩।୨୦୧୯
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମେମାନେ ଆମ ପାଖରେ ନାହିଁ। ତୁମମାନଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲ ଯେ, ଗଲାବେଳେ ଦୁହେଁ ସାଙ୍ଗ ହୋଇ ଆରପାରିକି ଚାଲିଗଲ। ତୁମମାନଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିରଦିନ ପାଇଁ ଆମ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଥିବ। ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାଅ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- କାଳିଆସୁନା, ବୋହୂ-ପ୍ରମିଳା ଏବଂ ନାତୁଣୀମାନେ-କୁନ୍ତୁ, ଲୁଜୁ, ଦୀକ୍ଷା।
ଏଲ ଆଇ ଜି-୨୬୪, ନୟାପଲ୍ଲୀ ବ୍ରିଜ୍ କଲୋନି, ଭୁବନେଶ୍ୱର
ଧ-୧୧୫୪୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


**ସ୍ୱର୍ଗତା ଯଶୋଦା ବେହେରା**
ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୨୧।୦୨।୨୦୧୮
ତାରିଖ-୧୨।୦୩।୨୦୧୯
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମେମାନେ ଆମ ପାଖରେ ନାହିଁ। ତୁମମାନଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲ ଯେ, ଗଲାବେଳେ ଦୁହେଁ ସାଙ୍ଗ ହୋଇ ଆରପାରିକି ଚାଲିଗଲ। ତୁମମାନଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିରଦିନ ପାଇଁ ଆମ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଥିବ। ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାଅ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- କାଳିଆସୁନା, ବୋହୂ-ପ୍ରମିଳା ଏବଂ ନାତୁଣୀମାନେ-କୁନ୍ତୁ, ଲୁଜୁ, ଦୀକ୍ଷା।
ଏଲ ଆଇ ଜି-୨୬୪, ନୟାପଲ୍ଲୀ ବ୍ରିଜ୍ କଲୋନି, ଭୁବନେଶ୍ୱର
ଧ-୧୧୫୪୪

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**


**ସ୍ୱର୍ଗତା ସୁନ୍ଦରୀ ସାହୁ**
ସ୍ୱାମୀ-ଶ୍ୟାମସୁନ୍ଦର ସାହୁ
N-6-541 ଜୟଦେବ ବିହାର, ଭୁବନେଶ୍ୱର
ତୁମର ଅବର୍ତ୍ତମାନରେ ଆମେ ସମସ୍ତେ ବେସାହାରା। ତୁମର ଜୀବନଦୀପର ସେ ଉଜ୍ଜ୍ୱଳ ଆଲୋକ ଆମମାନଙ୍କ ଜୀବନର ବର୍ତ୍ତମାନର ପାଥେୟ। ତୁମର ଆତ୍ମା ପରମାତ୍ମାଙ୍କ ସାଙ୍ଗରେ ବିଲିନ ହୋଇ ଅମରତ୍ୱ ଲାଭ କରୁ। ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୫୯୦୧

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ଉପୁଜିଥିବା ଅପ୍ରୀତିକର ପରିସ୍ଥିତିକୁ ସଜାଡି ନେଇପାରିବେ। ମୁହଁ ସାମ୍ନାରେ ଭଲ ଭଲ କହୁଥିବା ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇପାରିବେ।

**ବୃଷ**
ଅଭାବ ଅସୁବିଧା ମଧ୍ୟରେ ଚଳିବାକୁ ପଡୁଥିବାରୁ ମାନସିକ ସନ୍ତୁଳନ ହରାଇପାରନ୍ତି। ଅଫିସରେ ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କୌଣସି କାମ ଠିକ୍ ସମୟରେ କରି ପାରିବେ ନାହିଁ। ପରୋକ୍ଷ ଶତ୍ରୁତା, ସାମୟିକ ଦେହପୀଡା ଓ ବନ୍ଧୁଙ୍କ ସହ ବୁଝାମଣାର ଅଭାବ ପରିସ୍ଥିତିକୁ ସଙ୍ଗିନ କରିଦେଇପାରେ।

**ମିଥୁନ**
ମନର ରାଗ ଓ ଅଭିମାନକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିବା କାରଣରୁ ଅଯଥା କଳହର ଆଶଙ୍କା ସୃଷ୍ଟି ହୋଇପାରେ। ତଥାପି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିପାରିବେ। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀ ଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**
ନିଜର ମନ କଥା ମନରେ ରଖି ବନ୍ଧୁଙ୍କ ନିକଟରେ ସଫେଇ ଦେବାକୁ ପଡିପାରେ। କର୍ମକ୍ଷେତ୍ରରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବାର ସୂଚନା ରହିଛି।

**ସିଂହ**
ପ୍ରତ୍ୟେକ କାମ ହାସଲ କରିବା ପୂର୍ବରୁ କୌଣସି ଆକସ୍ମିକ ସମସ୍ୟା ସୃଷ୍ଟି ହୋଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ପାରିବାରିକ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। କ୍ରୀଡା, କଳା, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ।

**କନ୍ୟା**
ଭାଗ୍ୟସ୍ଥାନ ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ଆନୁଷଙ୍ଗିକ ସାହାଯ୍ୟ ପ୍ରଦାନ କରି କାର୍ଯ୍ୟ ସାଧିତ କରାଇବ। ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଦୀର୍ଘଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**
ରାଶିରେ ଶନି ରହିଥିବାରୁ ଆପଣ କୌଣସି ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ଆକସ୍ମିକ ଭାବରେ ଆସି ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିପାରେ। ବନ୍ଧୁଙ୍କୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଆନୁଷଙ୍ଗିକ ସହଯୋଗ ଲାଭକରି ଯେଉଁ କାମଟି ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବରେ ସମ୍ପନ୍ନ ହୋଇଯିବ। ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବାକୁ ବ୍ୟାକୁଳତା ପ୍ରକାଶ କରିପାରନ୍ତି। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳତା ପାଇବେ।


**ଧନୁ**
ନିଜର ରହୁଥିବା ସ୍ଥାନର କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଲୋଚନା ମାଧ୍ୟମରେ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ କରିପାରିବେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର**
ଶାରୀରିକ ଅସୁସ୍ଥତା ଧୀରେ ଧୀରେ ଦୂରେଇବା ହେତୁ ମାନସିକ ଆଶ୍ୱସ୍ତି ଲାଭ କରିବେ। ଜଣେ ବ୍ୟକ୍ତି ଠାରୁ ହଠାତ୍ କୌଣସି ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀଙ୍କ କାମହାସଲ ସକାଶେ ଆପଣଙ୍କ ଉପରେ ଚାପ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ**
ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରସ୍ଥ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଲକ୍ଷ୍ୟହାସଲ କରିପାରିବେ। ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡି ପାରନ୍ତି।


ଆଜି ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ମଙ୍ଗଳବାର, ମାର୍ଚ୍ଚ-୧୨ ତାରିଖ, ରାଶି ନକ୍ଷତ୍ର-କୃତିକା/ମେଷ, ମକର ରାଶିର ଘାତବାର,ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୦୧ମି. ଗତେ ଘ୧୦।୩୦ମି. ମଧ୍ୟେ, ଘ୧୧।୫୮ମି. ଗତେ, ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୯ମି. ଗତେ ଘ୧୧।୫୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୫୪ମି. ଗତେ ଘ୪।୨୩ମି. ମଧ୍ୟେ ରାହୁକାଳ।




## ୱେବ୍ ସିରିଜ୍ କରିବେ ପରିଣୀତି



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ୱେବ୍ ସିରିଜ୍ କରିବାକୁ ମନ ବଳାଇଛନ୍ତି। ଏଥିପାଇଁ ତାଙ୍କୁ ଅନେକ ଆଡୁ ଅଫର ମିଳିଲାଣି। ଅନେକ ବିକଳ୍ପ ରହିଥିବା ବେଳେ ସିରିଏଲରେ ବିଷୟବସ୍ତୁକୁ ଆଧାରକରି ସିରିଜ୍ ଚୟନ କରିବାକୁ ହେବ ବୋଲି ସେ କହିଛନ୍ତି। ୩ରୁ ୪ଟି ଶୋ' ପାଇଁ ତାଙ୍କୁ ଅଫର ଆସିଛି। ତେବେ କେଉଁଥିରେ ସେ ଅଭିନୟ କରିବେ ନିଷ୍ପତ୍ତି ନେଇନାହାନ୍ତି। ଚଳିତ ବର୍ଷ ପରିଣୀତିଙ୍କୁ ୩ଟି ଫିଲ୍ମ- 'କେଶରୀ', 'ସନ୍ଦୀପ ଔର ପିଙ୍କି ଫାରାର୍' ଏବଂ 'ଜବ୍‌ରିୟା ଯୋଡି'ରେ ଦେଖିବାକୁ ମିଳିବ। ତାଙ୍କ କହିବା କଥା ହେଉଛି, ଆଗରୁ ଯୋଜନା କଲେ ଫିଲ୍ମ ଶିଳ୍ପ ପରିହାସ କରିବ। ପ୍ରତ୍ୟେକ ଦିନ କିଛି ବଦଳୁଥିବାରୁ କୌଣସି ବିଷୟ ସୁନିଶ୍ଚିତ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଆଗାମୀ ଫିଲ୍ମ କେବେ ରିଲିଜ ହେବ ପ୍ରଶ୍ନରେ ସେ କହିଛନ୍ତି ଯେ, ଏ ନେଇ ସପ୍ତାହକ ମଧ୍ୟରେ ଘୋଷଣା ହେବ। ତେବେ ତାଙ୍କ ଅଭିନୀତ 'କେଶରୀ' ରିଲିଜ ହେବାର ତାରିଖ ମାର୍ଚ୍ଚ ୨୧କୁ ସେ ଅପେକ୍ଷା କରିଥିବା କହିଛନ୍ତି।




### ସଂକ୍ଷେପରେ

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ରାସୋଳ,୧୧।୩(ଡି.ଏନ.ଏ): ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନ ଚିଲତଇଲା ଗ୍ରାମର ଜଣେ ମହିଳା ରବିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ହେଲେ ବିଦ୍ୟାଧର ସାମଲଙ୍କ ସ୍ତ୍ରୀ କେତୁକା ସାମଲ (୫୯)। ୩ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ହାତୀ ଆକ୍ରମଣଜନିତ ମୃତ୍ୟୁ। ଗତ ଶନିବାର ରୋଡ୍ ପଞ୍ଚାୟତ ଅଧୀନ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ (୫୫)କୁ ଦନ୍ତା ଦଳି ଦେଇଥିଲା। ବିଳମ୍ବିତ ରାତିରେ ଉକ୍ତ ଦନ୍ତା ଜନବସତିକୁ ପଶିଆସି ବିଦ୍ୟାଧର ସାହୁଙ୍କ ଘର ଭାଙ୍ଗିଥିଲା। ଘରେ ଶୋଇଥିବା କେତୁକା ଏବଂ ତାଙ୍କ ସାନଝିଅ ପ୍ରାଣ ବିକଳରେ ବାହାରକୁ ବାହାରି ଆସିଥିଲେ। ଏହି ସମୟରେ ହାତୀ କେତୁକାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ରେଞ୍ଜର ମଧୁସୂଦନ ପାତ୍ର କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ମୃତାଙ୍କ ପରିବାରକୁ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ବିଦ୍ୟାଧରଙ୍କୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନିର୍ବାଚନକୁ ନେଇ ବଢୁଛି ରାଜନୈତିକ ଉଷ୍ମତା

- ୪ ପର୍ଯ୍ୟାୟ ନିର୍ବାଚନ ଘୋଷଣାକୁ ବିଜେଡିର ବିରୋଧ
- ସରକାରୀ ହୋର୍ଡିଂକୁ ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଲୋକ ସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟରେ ରାଜନୈତିକ ପାଣିପାଗ ଆହୁରି ଉଷ୍ମ ହୋଇଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରସ୍ତୁତିକୁ ଆହୁରି ଜୋରଦାର କରିଛନ୍ତି। ଭାଜପା ନିଜ ପ୍ରଚାର ଅଭିଯାନକୁ ଆଗକୁ ବଢ଼ାଇ ନେଇଥିବା ବେଳେ କଂଗ୍ରେସ ଆଗୁଆ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛି। ରାଜ୍ୟ କଂଗ୍ରେସ ପକ୍ଷରୁ ସ୍କ୍ରିନିଂ କମିଟିକୁ ଦିଆଯାଇଥିବା ବିଧାନସଭା ଓ ଲୋକ ସଭା ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବାକୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ କରାଯିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ଏହା ପ୍ରକାଶ ପାଇବ। ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି ଯେ, ଆମେ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ। ୨୦୧୯ରେ ଦଳ ବହୁତ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି। ନିର୍ବାଚନ ଘୋଷଣା ପରେ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିବା ନେତାମାନେ ଟିକେଟ ଲବିକୁ ଜୋରଦାର କରିଛନ୍ତି। ୪ଟି ପର୍ଯ୍ୟାୟରେ ନିର୍ବାଚନ ଘୋଷଣାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି ଘୋଷଣା ହେବା ପରେ ଏହାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭାଜପା ଦ୍ୱାରା ପ୍ରଭାବିତ ହୋଇ ଏଭଳି ସୁପାରିସ କରିଥିବା ମନେହେଉଛି ବୋଲି ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ଆନ୍ଧ୍ରପ୍ରଦେଶ, ଗୁଜରାଟ ଭଳି ରାଜ୍ୟର ଲୋକ ସଭା ଆସନ ସଂଖ୍ୟା ଓଡ଼ିଶାଠାରୁ ଅଧିକ ହୋଇଥିବା ବେଳେ ସେଠାରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି ଘୋଷଣା ହୋଇଛି। କର୍ଣ୍ଣାଟକ, ରାଜସ୍ଥାନରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ଧାର୍ଯ୍ୟ ହୋଇଛି। ୨୦୦୯ ଓ ୨୦୧୪ରେ ଓଡ଼ିଶାରେ ମାଓବାଦୀ ସମସ୍ୟା ଅଧିକ ଥିଲା, ଏବେ ଆଶାତୀତ ହ୍ରାସ ପାଇଛି। ଏହାସତ୍ତ୍ୱେ ୪ଟି ପର୍ଯ୍ୟାୟରେ ନିର୍ବାଚନ କରିବାର ଆବଶ୍ୟକତା କ'ଣ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁଠି ଭାଜପାର ସ୍ଥିତି ଭଲ ନାହିଁ ସେଠାରେ ଚାରି ଏବଂ ତା'ଠାରୁ ଅଧିକ ପର୍ଯ୍ୟାୟରେ ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଅମର କହିଛନ୍ତି। ଓଡ଼ିଶାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିରପେକ୍ଷତା ରକ୍ଷା ନ କରି ଭାଜପା ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ବିଜେଡି ଅଭିଯୋଗର ଜବାବ୍ ରଖି କହିଛନ୍ତି ଯେ, ଯଦି ବିଜେଡି ଏଭଳି ଭାବୁଛି ତେବେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ କହୁ। ଏଭଳି ଗଣମାଧ୍ୟମ ଆଗରେ କହି ଅଯଥା ରାଜନୀତି କଲେ କିଛି ଲାଭନାହିଁ। କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଏଥିରେ କିଛି ଅସୁବିଧା ଥିଲା ଭଳି ମନେ ହେଉନାହିଁ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ସେ ସୁଚାରୁରୂପେ ନିର୍ବାଚନ ପରିଚାଳନା କରିବେ, ଆମର ଏଥିରେ ମୁଣ୍ଡବ୍ୟଥା ହେବାର କୌଣସି କାରଣ ନାହିଁ। ବିଜେଡିର ଏହାଦ୍ୱାରା ନିଶ୍ଚିତ କିଛି ଅସୁବିଧା ହେବ, ସେଥିପାଇଁ ସେମାନେ ଏପରି ଅଭିଯୋଗ କରୁଛନ୍ତି ବୋଲି ଶରତ କହିଛନ୍ତି।

ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ମଧ ପ୍ରଶାସନ ସହାୟତାରେ ଶାସକ ଦଳ ଭୋଟରଙ୍କୁ ପ୍ରଭାବିତ କରିଚାଲିଛି ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟରେ ଥିବା କଣ୍ଟ୍ରୋଲ ଡିଲରମାନେ ୪ଟି ଏଲଇଡି ବଲ୍‌ବ ସହ ଆଇନା ପୁସ୍ତିକା ବଣ୍ଟନ କରୁଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ହୋର୍ଡିଂ ତୁରନ୍ତ ହଟାଇବାକୁ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ରାଜ୍ୟର ଅନେକ ସ୍ଥାନରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ହୋର୍ଡିଂ ଏବଂ ଇଲେକ୍ଟ୍ରୋନିକ୍ସ ହୋର୍ଡିଂ ଏବେ ବି ଲାଗି ରହିଛି। ଏହି ବିଜ୍ଞାପନ ଏବଂ ହୋର୍ଡିଂଗୁଡ଼ିକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବା ସହ ଧାରା ୧୭୧(ଗ) ଅନୁଯାୟୀ ଆଇନତଃ ଅପରାଧ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ୩୫ ଏବଂ ୩୯କୁ ଏହା ଉଲ୍ଲଂଘନ କରୁଛି ବୋଲି ସମୀର କହିଛନ୍ତି । ଅନ୍ୟପଟେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ରହିଥିବା ପୁସ୍ତିକା ଆଇନା ସରକାରୀ କଳ ଏବଂ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ଘରେ ଘରେ ବଣ୍ଟାଯାଉଛି। ଏହା ଉପରେ ଲଗାମ ଲଗାଇବା ସହ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛନ୍ତି।

■ ନବୀନ ନିବାସରେ ଆଶାୟୀଙ୍କ ଭିଡ଼

# ପ୍ରଥମ ପର୍ଯ୍ୟାୟରେ ଆସିପାରେ ୭ ମହିଳା ଲୋକ ସଭା ପ୍ରାର୍ଥୀଙ୍କ ନାମ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ରବିବାର ୨୦୧୯ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଅପରପକ୍ଷରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ନିର୍ବାଚନ ପାଇଁ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ମତ ରଖିଛନ୍ତି। ଏହାସହ ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ମଧ୍ୟ ଘୋଷଣା କରାଯିବ ବୋଲି ନବୀନ କହିଛନ୍ତି। ଗୋଟିଏ ପଟେ ଦଳୀୟ ଟିକେଟ ପାଇବାକୁ ମାଳମାଳ ନେତା ବିଜେଡି ଭିତରେ କସରତ ଚଳାଇଥିବା ବେଳେ ଅନ୍ୟପଟେ ଅନ୍ୟ ଦଳର ସାଙ୍ଗଠନିକ ଦକ୍ଷତା ରଖିଥିବା ଏବଂ ବିଗତ ଦିନରେ ବିଜେଡି ଛାଡିଥିବା ବହୁ ନେତାଙ୍କୁ ମଧ ମୁଖ୍ୟମନ୍ତ୍ରୀ ଦଳରେ ସାମିଲ କରିବାରେ ଲାଗିଛନ୍ତି। ଫଳରେ କାହାକୁ କେଉଁଠାରୁ ଟିକେଟ ମିଳିବ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ଆସିପାରୁ ନାହିଁ, ଯାହାକୁ ନେଇ ବହୁ ନେତା ଦ୍ୱନ୍ଦ୍ୱ ଭିତରେ ଫସି ରହିଛନ୍ତି। ଦ୍ୱିତୀୟତଃ ରବିବାର କେନ୍ଦ୍ରାପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ଲୋକ ସଭା ନିର୍ବାଚନରେ ୩୩ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବ ବୋଲି ଘୋଷଣା କରିଛନ୍ତି। ଫଳରେ ଏହା ମଧ ବହୁ ନେତାଙ୍କ ହୋସ୍ ଉଡାଇଦେଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୭ ମହିଳା ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି ମଧ ଦଳର ବହୁ ନେତା ମତ ରଖିଛନ୍ତି। ସୋମବାର ନବୀନ ନିବାସରେ ବହୁ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲ୍ଲିକ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଯାଜପୁର ଏମ୍‌ପି ରୀତା ତରାଇ, ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସମେତ ଆଉ କେତେଜଣ ନବୀନ ନିବାସ ଯାଇଥିଲେ। ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ଦଳ ଲୋକ ସଭା ପାଇଁ ପ୍ରାର୍ଥୀ କରିବାକୁ ଥିବା ଜଣାପଡିଛି। ଏହାସହ ଏମ୍‌ପି ପ୍ରଭାସ ସିଂ ଏବଂ ଅର୍କ କେଶରୀ ସିଂଦେଓ ମଧ ନବୀନଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। ତେବେ ପ୍ରମିଳାଙ୍କୁ ଦଳ ଯାଜପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିବାକୁ ଚାହୁଁଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ପ୍ରମିଳାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ବିଧାନସଭା ପାଇଁ ଲଢିବାକୁ ବ୍ୟକ୍ତିଗତ ଭାବେ ମୋର ଇଚ୍ଛା ରହିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ, ସେ ଯେଉଁଠାରୁ ଚାହିଁବେ ମୁଁ ସେଠାରୁ ଲଢିବି ବୋଲି ପ୍ରମିଳା କହିଛନ୍ତି।

ନବୀନ ନିବାସରୁ ଆସିବା ପରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୩୩ପ୍ରତିଶତ ମହିଳା ପ୍ରାର୍ଥୀ ଲୋକ ସଭା ନିର୍ବାଚନ ପାଇଁ ଦେବାକୁ ଘୋଷଣା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ମହିଳାମାନଙ୍କ ଆଗ୍ରହ ବଢିବ। ଦଳ ପାଇଁ ଏବଂ ନିର୍ବାଚନମଣ୍ଡଳୀ ଲୋକଙ୍କ ପାଇଁ ସବୁବେଳେ କାମ କରିଛି। ଆଗକୁ ଟିକେଟ କେଉଁଠାରୁ ମିଳିବ ସେନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ବୋଲି ପ୍ରତ୍ୟୁଷା କହିଛନ୍ତି। ଅନ୍ୟପଟେ ଶ୍ରୀମୟୀଙ୍କୁ ଦଳ ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚନ ଲଢିବାକୁ ନିଷ୍ପତ୍ତି କରିଛି ବୋଲି ମଧ ଚର୍ଚ୍ଚା ଜୋର୍ ଧରିଛି। ସେହିପରି ରାଜଶ୍ରୀଙ୍କୁ ଜଗତସିଂହପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ନେଇ ଅନୁରୂପ ଭାବେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ବିଧାୟକ ପ୍ରାର୍ଥୀ ହେବା ଲାଗି ମଧ ବହୁ ଆଶାୟୀ ନବୀନ ନିବାସ ଆଗରେ ଧାଡି ଲଗାଇ ରହିଥିବା ଜଣାପଡିଛି। ତେବେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଦୀର୍ଘଦିନ ଧରି ଜଡିତ ଥିବା ବହୁ ମହିଳା ନେତ୍ରୀ ଟିକେଟ ଆଶାରେ ରହିଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ। ଯେଉଁଥିପାଇଁ ଦଳରେ ଅନେକ ଅସନ୍ତୁଷ୍ଟ ମହିଳା ନେତ୍ରୀ ଦଳ ବିରୋଧରେ ପ୍ରଚାର କରିବା ଆରମ୍ଭ କରିଦେଇଥିବା ଦେଖିବାକୁ ମିଳୁଛି। ପ୍ରାର୍ଥୀ ତାଲିକା ଘୋଷଣା ହେବାପରେ ଏହାର ସ୍ପଷ୍ଟଚିତ୍ର ଦେଖିବାକୁ ମିଳିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

# ମାତିଲେ ମାଓବାଦୀ: ଜଣକୁ ହତ୍ୟା କଲେ, ପୋଡ଼ିଲେ ଗାଡ଼ି

ମାଲକାନଗିରି,୧୧।୩ (ଡି.ଏନ୍.ଏ./ସ୍ୱ.ପ୍ର.) ଦୀର୍ଘଦିନର ନୀରବତା ପରେ ସୋମବାର ମାଓବାଦୀମାନେ ରାସ୍ତା କାମରେ ନିୟୋଜିତ ୨ଟି ଗାଡି ପୋଡି ଦେଇଛନ୍ତି। ଜଣେ ଠିକାଦାରଙ୍କ ଭାଇଙ୍କୁ ହତ୍ୟା କରିଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ମାଥିଲି ଥାନା ଟେମୁରୁପାଲି ଗ୍ରାମ ନିକଟରେ ଜଣେ ଠିକାଦାର ରାସ୍ତା କାମ ନେଇଥିଲେ। ସେ ଏଥିପାଇଁ ଗୋଟିଏ ଟ୍ରକ ଓ ଟ୍ରାକ୍ଟର ବ୍ୟବହାର କରୁଥିଲେ। ସୋମବାର ସନ୍ଧ୍ୟାରେ ୧୦/୧୫ ଜଣ ମାଓବାଦୀ ଆସି ଏହି ଟ୍ରକ ଓ ଟ୍ରାକ୍ଟରରେ ନିଆଁ ଲଗାଇ ପୋଡିଦେଇଥିଲେ। ପରେ ହେଉଥିବା ରାସ୍ତା କାମର ଠିକାଦାରଙ୍କ ଭାଇଙ୍କୁ ହତ୍ୟା କରିଥିଲେ। ଏ ସମ୍ପର୍କରେ ମାଥିଲି ଡିଏସପି ଦିଲୀପ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ଆମେ ଶୁଣିବାକୁ ପାଉଛୁ। ଏହାର ତଦନ୍ତ ଆରମ୍ଭ କରିଛୁ। ଏ ସମ୍ପର୍କରେ ଏସ୍.ପି. ଜଗମୋହନ ମୀନାଙ୍କୁ ପଚାରିବାରୁ ସମ୍ପୃକ୍ତ ଅଞ୍ଚଳ ଦୁର୍ଗମ ହୋଇଥିବାରୁ ପ୍ରକୃତ ତଥ୍ୟ ଆସିନାହିଁ। ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଛତିଶଗଡକୁ ଲାଗଥିବା ଏହି ଅଞ୍ଚଳରେ ରାସ୍ତା ନିର୍ମାଣକୁ ମାଓବାଦୀମାନେ ବିରୋଧ କରି ଆସୁଛନ୍ତି। ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ମାଓବାଦୀମାନେ ଗାଡିପୋଡି ସମ୍ପୃକ୍ତ ଅଞ୍ଚଳରେ ନିଜର ସ୍ଥିତି ଜାହିର କରିଛନ୍ତି।

# ବିସ୍ଫୋରକ ସାମଗ୍ରୀ ବ୍ୟବସାୟୀ ଗିରଫ

- କଲିକତା, ଭୁବନେଶ୍ୱର ଏସ୍‌ଟିଏଫ୍ ଟିମ୍‌ର ଚଢ଼ାଉ
- ହାଇଦ୍ରାବାଦ୍‌ରୁ ଆସୁଥିଲା ବିସ୍ଫୋରକ ସାମଗ୍ରୀ
- ମୟୂରଭଞ୍ଜରୁ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଥିଲା

ବାଲେଶ୍ୱର ଅଫିସ/ ବାରିପଦା ଅଫିସ/ ରୂପ୍‌ସା, ୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ପଶ୍ଚିମବଙ୍ଗକୁ ୧୦କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀ ଚାଲାଣ ଘଟଣାର ଗୁମର ଫିଟିବାରେ ଲାଗିଛି। ଗତ ୮ ତାରିଖ ରାତିରେ ଉତ୍ତର ଚବିଶପ୍ରଗଣା ଜିଲା ଅଧୀନ ବିଟି ରୋଡ଼ର ତଳପୋଲଠାରେ ପୋଲିସ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଟ୍ରକ୍ ଜବତ କରିବା ସହ ଏହାର ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଥିଲା। ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ ପ୍ରକାଶ ପାଇବା ପରେ ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ଏନେଇ ଅଧିକ ତନାଘନା ଚଳାଇ ବିସ୍ଫୋରକ ସାମଗ୍ରୀ ପଠାଇଥିବା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବାମଡ଼ା ଗ୍ରାମର ସୁକାନ୍ତ ସାହୁଙ୍କୁ ସୋମବାର ଗିରଫ କରିଛି। ପରେ ତାଙ୍କୁ ବାରିପଦା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ଏସ୍‌ଟିଏଫ୍ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟଙ୍କ ଅନୁମତିକ୍ରମେ ଉକ୍ତ ଟିମ୍ ଅଭିଯୁକ୍ତ ବ୍ୟବସାୟୀଙ୍କୁ ଅଧିକ ପଚରାଉଚରା ପାଇଁ କଲିକତା ନେଇଥିବା ଜଣାପଡିଛି। ଏନେଇ ପୋଲିସ ପକ୍ଷରୁ ଏଠାରେ ଏକ ମାମଲା (ନଂ. ୮/୧୯) ରୁଜୁ କରାଯାଇଛି।



ଜବତ ଟ୍ରକ୍ ସହ ବିସ୍ଫୋରକ ସାମଗ୍ରୀ।

ଅଧିକ ତଦନ୍ତ ପରେ ବିସ୍ଫୋରକ ସାମଗ୍ରୀ ଚାଲାଣର ଅସଲ ଗୁମର ଫିଟିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖନୀୟ ଯେ, ଗତ ଶୁକ୍ରବାର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ୍ ଯୋଗେ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀ ଚାଲାଣ ହେଉଥିଲା। ପଶ୍ଚିମବଙ୍ଗରେ ଧରାପଡିବା ପରେ ଟ୍ରକ ଡ୍ରାଇଭର ଇନ୍ଦ୍ରଜିତ ଭୋଇ ଓ ହେଲପର ମଧୁସୂଦନ ଦେଙ୍କୁ ପୋଲିସ ଗିରଫ କରି ପଚରଉଚୁରା କରିଥିଲା। ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇ ଜେଲ୍ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ କଲିକତା ଓ ଭୁବନେଶ୍ୱରର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ବୈଶିଙ୍ଗା ଅଞ୍ଚଳରୁ ବ୍ୟବସାୟୀ ସୁକାନ୍ତଙ୍କୁ ଗିରଫ କରିପାରିଛି। ବୈଶିଙ୍ଗା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇଙ୍କ ସହ ତଦନ୍ତକାରୀ ଟିମ୍‌ର ଅଧିକାରୀ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ କିଣା ବିକା ସମ୍ପର୍କିତ ବିଲ୍ ପାଇଥିବା ଉକ୍ତ ଟିମ୍‌ର ସଦସ୍ୟ ଇନ୍ଦ୍ରଜିତ୍ ମଣ୍ଡଳ ସୂଚନା ଦେଇଛନ୍ତି। ଏହି ବିସ୍ଫୋରକ ସାମଗ୍ରୀ ହାଇଦ୍ରାବାଦରୁ ଆସୁଥିଲା ବୋଲି ପୋଲିସର ତଥ୍ୟ ହସ୍ତଗତ ହୋଇଛି।

ଉଲ୍ଲେଖନୀୟ ଯେ, ଅଭିଯୁକ୍ତ ସୁକାନ୍ତ ୪୦୭ ଟ୍ରକ୍ ଯୋଗେ ୨୭ ବସ୍ତାରେ ଥିବା ପ୍ରାୟ ୧୦୦୦ କେଜିର ବିସ୍ଫୋରକ ସାମଗ୍ରୀ ପଶ୍ଚିମବଙ୍ଗ ଉତ୍ତରଚବିଶପ୍ରଗଣା ଜିଲା ଅଞ୍ଚଳକୁ ପଠାଇବା ଲାଗି ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଡ୍ରାଇଭର ଇନ୍ଦ୍ରଜିତ ଓ ହେଲପର ମଧୁସୂଦନଙ୍କୁ ନିୟୋଜିତ କରିଥିଲେ। ବିସ୍ଫୋରକ ସାମଗ୍ରୀ ନେଇଯାଇଥିବା ଟ୍ରକ ମାଲିକ ତପନ ମହାପାତ୍ରଙ୍କ ଘର ରୂପ୍‌ସାରେ ହୋଇଥିବା ଜଣାପଡିବା ପରେ ସ୍ଥାନୀୟ ପୋଲିସ ତାଙ୍କୁ ଅଟକ ରଖିଥିଲା। ତେବେ ସମ୍ପୃକ୍ତ ବ୍ୟବସାୟୀ ସର୍ଫ ବସ୍ତା ଟ୍ରକରେ ପଠାଯିବ କହି ଏହାକୁ ଭଡାରେ ନେଇଥିବା ଜଣାପଡିବା ପରେ ଅଟକ ଟ୍ରକ ମାଲିକଙ୍କୁ ପୋଲିସ ଛାଡ଼ି ଦେଇଛି। ତଦନ୍ତ ଜାରି ରହିଥିବାରୁ ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ ମାଓବାଦୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ଗିରଫ ବ୍ୟବସାୟୀ ପୂର୍ବରୁ ବାଣ ବ୍ୟବସାୟ କରୁଥିଲେ। ଏଣୁ ତାଙ୍କ ପାଖରେ ବାରୁଦ ରହିଥିଲା ବୋଲି ତାଙ୍କ ଦାଦା ମନୋଜ ଗଣମାଧ୍ୟମକୁ କହିଛନ୍ତି।



ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ । ଯୋଉ ସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର । ତା ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ । -ଶ୍ରୀମା



# ବିମୁଦ୍ରୀକରଣ ପରେ ବାଲାକୋଟ

ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତି ପାଇଁ ଅଭିଶାପ ଥିଲା ନା ଆଶୀର୍ବାଦ, ୨୦୧୬ ନଭେମ୍ବର ୮ ପରଠାରୁ ସେ ସଂକ୍ରାନ୍ତ ଅନେକ ବିତର୍କ ହୋଇଗଲାଣି । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କଳା ଧନ ରୋକିବା, ନକଲି ବା ଜାଲ୍ ନୋଟ୍‌ର ବ୍ୟବହାରକୁ ବନ୍ଦ କରିବା ଏବଂ ଇଲେକ୍‌ଟ୍ରୋନିକ୍ ପେମେଣ୍ଟସ୍‌କୁ ସୁବ୍ୟବସ୍ଥିତ କରିବାରେ ଏହା ସକ୍ଷମ ହେବ । ଅନ୍ୟପକ୍ଷରେ ବିରୋଧୀମାନେ ମୋଦି ସରକାରଙ୍କ ରାଜନୈତିକ ଲକ୍ଷ୍ୟକୁ ବୁଝିପାରି ଏହାକୁ ସମାଲୋଚନା କରିଥିଲେ । ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରରେ ଭାଜପା ସରକାର ବିମୁଦ୍ରୀକରଣ ଭଳି ବୃହତ୍ ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରିବାକୁ ଶ୍ରେୟ ମଣିଥିଲେ । ଫଳରେ ଲକ୍ଷ୍ୟ ପୂରଣ ହେଲା ଓ ଉତ୍ତରପ୍ରଦେଶରେ ଭାଜପା ସରକାର ଗଢ଼ିଲା । କିନ୍ତୁ ଏହାର ପରିଣାମ ଦେଶବାସୀ ଭୋଗି ଚାଲିଛନ୍ତି । ଏବର ପରିସ୍ଥିତି ଦେଖିଲେ ସାଧାରଣ ନିର୍ବାଚନ ପୂର୍ବରୁ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଓ ତା' ପରବର୍ତ୍ତୀ ବାଲାକୋଟ ଉପରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ କିଭଳି ବାର୍ତ୍ତା ଦେଉଛି ତାହା ସହଜେ ଅନୁମେୟ । ଗୋଟିଏ ରାଜ୍ୟର ନିର୍ବାଚନ ପୂର୍ବରୁ ବିମୁଦ୍ରୀକରଣ ଏବଂ ସର୍ବବୃହତ୍ ନିର୍ବାଚନ ପୂର୍ବରୁ ଯୁଦ୍ଧ ଭଳି ଘଟଣା ଏହି ସରକାରର ଉଦ୍ଦେଶ୍ୟ ନେଇ ସନ୍ଦେହ ସୃଷ୍ଟି କରୁଛି ।

ଏକ ଜାତୀୟ ସ୍ତରୀୟ ଇଂଲିଶ୍ ଖବରକାଗଜରେ ପ୍ରକାଶ ପାଇଛି ଯେ, ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇବ ବୋଲି ଦେଶର ସର୍ବୋଚ୍ଚ ବ୍ୟାଙ୍କ ସେତେବେଳେ ଆକଳନ କରିଥିଲା । ସୂଚନା ଅଧିକାର (ଆର୍‌ଟିଆଇ) ମାଧ୍ୟମରେ ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର କଳାଧନ ରୋକିବା ଲାଗି ଯେଉଁ ୫୦୦ ଓ ୧୦୦୦ ଟଙ୍କିଆ ବୃହତ୍ ନୋଟ୍ ପ୍ରଚଳନକୁ ଅଚାନକ ବନ୍ଦ କରି ଦେବାକୁ ନିଷ୍ପତ୍ତି ନେଇଥିଲେ, ସେଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକମତ ନ ଥିଲା । ୨୦୧୬ ନଭେମ୍ବର ୮ ଅପରାହ୍ନ ୫.୩୦ ମିନିଟ୍‌ରେ ବ୍ୟାଙ୍କର ସେଣ୍ଟ୍ରାଲ ବୋର୍ଡ ବୈଠକର ମିନ୍ୟୁଟ୍‌ସ ଅନୁଯାୟୀ ନିର୍ଦ୍ଦେଶକମାନେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ଟୀପ୍ପଣି ପ୍ରଣିଧାନଯୋଗ୍ୟ । ସେଥିରେ କୁହାଯାଇଥିଲା ଯେ, ଅଧିକାଂଶ କଳାଧନ ନଗଦ ଭାବେ ରଖାଯାଇ ନ ଥାଏ । ରିୟଲ ସେକ୍ଟର ସମ୍ପତ୍ତି ଯଥା ଜମି, କୋଠାବାଡ଼ି, ସୁନା ଭଳି ଜିନିଷରେ ଏହା ବିଶେଷଭାବେ ବିନିଯୋଗ ହୋଇଥାଏ । ତେଣୁ ୫୦୦ କିମ୍ବା ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ ତାହା କଳାଧନ ଉପରେ ସେଭଳି କୌଣସି ପ୍ରଭାବ ପଡ଼ିବ ନାହିଁ । ମାତ୍ର ମୋଦି ସରକାର ନିଜ ଜିଦ୍‌ରେ ଅଟଳ ରହି ଅପର୍ଯ୍ୟାପ୍ତ ଅର୍ଥ ଅଚଳ କରିଦେଲେ, ଯାହାର କୁଫଳ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ଉପରେ ସିଧାସଳଖ ପଡ଼ିଛି । ଆର୍‌ଟିଆଇରେ ମଗାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ ମାନିଛି ଯେ, ବିମୁଦ୍ରୀକରଣ ବେଳେ ପେଟ୍ରୋଲ ପମ୍ପ୍ ଭଳି ଯେଉଁସବୁ ସ୍ଥାନରେ ଅଚଳ ନୋଟ୍‌କୁ ସଚଳ କରିବା ଲାଗି ଦିଆଯାଇଥିଲା ସେ ସଂକ୍ରାନ୍ତ ତଥ୍ୟ ତା' ପାଖରେ ନାହିଁ । ଏହି କଥାରୁ ଖିଅ ଟାଣି ଦେଖିଲେ ଗତବର୍ଷ ଅଗଷ୍ଟରେ ଆର୍‌ବିଆଇ ହିସାବ ଦେଇଥିଲା ଯେ ୯୯.୩ ପ୍ରତିଶତ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ପରିସରଭୁକ୍ତ ହୋଇଛି । ଅର୍ଥାତ୍ କେବଳ ୦.୭ ପ୍ରତିଶତ ଅଚଳ ନୋଟ୍ କେଉଁଠାରେ ରହିଯାଇଛି । ଏତେ କମ୍ ମାତ୍ରାର ଅର୍ଥ ସାଧାରଣତଃ ସଚେତନ ନ ଥିବା ଭାରତୀୟଙ୍କ ପାଖରେ ରହିଯାଇଛି କିମ୍ବା ଚିରା ଅବସ୍ଥାରେ ଥାଇପାରେ । ଏପରିକି ନେପାଳ ସମେତ କେତେକ ପଡ଼ୋଶୀ ଦେଶରେ ବହୁ ପରିମାଣର ଅଚଳ ଭାରତୀୟ ମୁଦ୍ରା ରହିଯାଇଥିବା ଜଣାପଡ଼ିଛି । ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆସିପାରି ନ ଥିବା ଅଚଳ ନୋଟ୍‌କୁ ମିଶାଇ ଦେଲେ ତାହା ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଚାଲିଯାଉଛି । ତେଣୁ ବିମୁଦ୍ରୀକରଣ କଳାଧନ ରୋକିବାରେ ଆଦୌ ସକ୍ଷମ ହୋଇପାରି ନାହିଁ ବୋଲି ବୁଝିବାକୁ ହେବ । ସେହିପରି ନକଲି ନୋଟ୍‌ର ପ୍ରଚଳନ ବିମୁଦ୍ରୀକରଣ ପରେ ମଧ୍ୟ ଚାଲିଥିବା ବିଭିନ୍ନ ସମୟରେ ଜବତ ଅର୍ଥରୁ ଦେଖିବାକୁ ମିଳୁଛି ।

ଆର୍‌ଟିଆଇ ମାଧ୍ୟମରେ ରିଜର୍ଭ ବ୍ୟାଙ୍କକୁ ପଚରାଯିବାରୁ ମିଳିଥିବା ଉତ୍ତରରୁ ଅନେକ ବିସ୍ମୟକର ତଥ୍ୟ ପଦାକୁ ଆସିବାରେ ଲାଗିଲାଣି । ଏହି କଠୋର ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ସମୟରେ ଯେଭଳି ସାଧାରଣ ଲୋକଙ୍କୁ ଧନୀଙ୍କ ପାଖରେ ଠୁଳ ଥିବା କଳାଧନ ବିରୋଧରେ ତତେଇ ଦିଆଯାଇଥିଲା, ତାହା ବର୍ତ୍ତମାନ ଭୁଲ ପ୍ରମାଣିତ ହେଉଥିବାରୁ ଦେଶବାସୀ ଭାଜପା ସରକାରଙ୍କ ଉଦ୍ଦେଶ୍ୟ ବୁଝିପାରୁଥିବେ । ନିଜର ରାଜନୈତିକ ଲକ୍ଷ୍ୟ ପୂରଣ ଦିଗରେ ନିଆଯାଇଥିବା ନିଷ୍ପତ୍ତି କେତେ ଭୟଙ୍କର ହୋଇପାରେ ତାହା ପରବର୍ତ୍ତୀ ସମୟରେ ଲୋକଲୋଚନକୁ ଆସୁଛି । ଆର୍‌ବିଆଇ ବିମୁଦ୍ରୀକରଣ ସଂକ୍ରାନ୍ତରେ ଦେଇଥିବା କ୍ରମାଗତ ତଥ୍ୟରୁ ସ୍ପଷ୍ଟ ହେଉଛି ଯେ, ଯେଉଁ ସମୟରେ ଭୁଲ ନିଷ୍ପତ୍ତି ନିଆଗଲା, ତାହା ଦ୍ୱାରା ସୃଷ୍ଟି ହୋଇଥିବା କ୍ଷତି ଭରଣା କରିବା କଷ୍ଟକର । ଏହି ପ୍ରଚ୍ଛଦପଟରେ ଦେଖିଲେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ଭାଜପା ସାଧାରଣ ନିର୍ବାଚନରେ ପ୍ରସଙ୍ଗ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିସାରିଲେଣି । ତାଙ୍କ ପୂର୍ବରୁ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା କହିଥିଲେ ଯେ, ବାଲାକୋଟ ଆକ୍ରମଣ ରାଜ୍ୟରେ ୨୮ ଲୋକ ସଭା ଆସନରୁ ୨୨ ଆସନ ଦଳକୁ ଦେବାରେ ସକ୍ଷମ ହେବ । ଏଥିରୁ ଭଲ ଭାବେ ବୁଝିହେଉଛି, ଜାଣିଶୁଣି ଭାଜପା ମିଥ୍ୟା ଜାତୀୟତାବାଦ ସୃଷ୍ଟି ଲକ୍ଷ୍ୟରେ ଅଚାନକ ନିଷ୍ପତ୍ତି ନେବାରେ ଧୁରନ୍ଧର । ଦଳ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଲାଗି ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଗଲେ ତାହା ଦେଶକୁ ରସାତଳକୁ ନେଇଯିବ । ବିମୁଦ୍ରୀକରଣ ଓ ବାଲାକୋଟ ଜନସାଧାରଣଙ୍କ ମନରେ ଦୀର୍ଘ ବର୍ଷ ତାଜା ରହିଲା ଭଳି ଦୁଇଟି ଦୃଷ୍ଟାନ୍ତ ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୪

- ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ବା କେନ୍ଦ୍ରୀୟ ଶାସନ ଜାରି କରିବା ପାଇଁ ରାଷ୍ଟ୍ରପତିଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳ (କ୍ୟାବିନେଟ) ଯେଉଁ ପରାମର୍ଶ ଦେଇଛନ୍ତି ତାହାର ଗୋପନୀୟତାକୁ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ବଳରେ ହଟାଇ ଦେଇଛନ୍ତି ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ସାହେବ ଦେଓରାସଙ୍କ ଇସ୍ତଫା ପରେ ରାଜେନ୍ଦ୍ର ସିଂଙ୍କ ଆରଏସ୍‌ଏସ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 2 | 4 | C | 5 | | 9 | | | 0 | E | | | |
| | | 3 | | 9 | | 4 | 8 | | | | | | | 6 |
| C | | | 6 | | 1 | | | | D | 4 | | | | 3 |
| 9 | 5 | A | | 7 | 8 | | 0 | 3 | | B | | | | |
| | | | | 2 | 3 | | | | 9 | | | | C | 7 |
| 5 | 6 | | | A | E | 8 | B | | | 2 | | | | 0 |
| | | | | 1 | 7 | C | | | | | | | | |
| | | | B | | | 3 | 4 | | | | | | | E |
| | | 4 | | 0 | | | 2 | 6 | | | | | | |
| | 0 | | C | | | | 5 | | 7 | 6 | | A | | |
| | D | | | | | | 1 | 5 | | | | | | |
| 8 | | B | | | | 9 | | A | | | | 3 | | |
| | | | | | B | 0 | 3 | 8 | | E | | 1 | 2 | |
| 1 | | | | E | 6 | | | | 4 | 9 | C | | D | |
| | E | | | | 2 | | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | A | 0 | C | 5 | 9 | 6 | D | E | 3 | 8 | 4 | 2 | B |
| 6 | 4 | D | B | 8 | 2 | C | 7 | 3 | A | 1 | 5 | 0 | E | 9 |
| 5 | 9 | 2 | 3 | E | D | 1 | B | A | 0 | 4 | 7 | 6 | 8 | C |
| 0 | B | E | 7 | 6 | A | 5 | 4 | 8 | C | 2 | 9 | D | 1 | 3 |
| C | 3 | 8 | 9 | 1 | 4 | 0 | 2 | E | B | 6 | D | 5 | A | 7 |
| B | 8 | 0 | 4 | 7 | 3 | 2 | D | C | 5 | 9 | 1 | E | 6 | A |
| 1 | 7 | 6 | 8 | 2 | 0 | A | 3 | 9 | D | C | E | B | 5 | 4 |
| 9 | D | 4 | 1 | A | E | 8 | 5 | B | 6 | 0 | 3 | 7 | C | 2 |
| E | C | 5 | 6 | D | B | 4 | 1 | 7 | 2 | 8 | A | 9 | 3 | 0 |
| A | 2 | 3 | C | 5 | 9 | E | 0 | 6 | 4 | 7 | B | 1 | D | 8 |
| D | 6 | 1 | A | 9 | C | 7 | E | 0 | 8 | B | 2 | 3 | 4 | 5 |
| 8 | 0 | 9 | D | 3 | 7 | 6 | A | 4 | 1 | 5 | C | 2 | B | E |
| 3 | A | C | 2 | 4 | 1 | B | 9 | 5 | 7 | E | 6 | 8 | 0 | D |
| 2 | 5 | B | E | 0 | 8 | 3 | C | 1 | 9 | D | 4 | A | 7 | 6 |
| 4 | E | 7 | 5 | B | 6 | D | 8 | 2 | 3 | A | 0 | C | 9 | 1 |

ଗତକାଲିର ଉତ୍ତର

# ସତ ହଜିଯାଉଛି



ସହଦେବ ସାହୁ

ଉଦାରୀକରଣ ପରବର୍ତ୍ତୀ କାଳରେ ଆମେ ଆମେରିକାକୁ ଅନୁକରଣ କରିବାରେ ଲାଗିଛୁ । ସେଠାରେ ରାଜନେତାମାନେ ନିଜର ପତିଆରା ବିକି ପୁଞ୍ଜିନିବେଶକାରୀଙ୍କୁ ସାହାଯ୍ୟ କରିଥାନ୍ତି । ଘର ବ୍ୟବହାର କଲେ ଯେପରି ଆମେ ଭଡ଼ା ଦେଇଥାଉ, ସରକାରୀ କାମ ହାସଲ ଲାଗି କମ୍ପାନୀ ମାଲିକମାନେ ନେତାର ଅନୁକମ୍ପା/ପ୍ରଭାବ ବ୍ୟବହାର କରିବାର ମୂଲ୍ୟ ଦେଇଥାନ୍ତି । ଏ ପ୍ରକାର ଦେବା ବ୍ୟବସ୍ଥାକୁ ଅର୍ଥନୀତିଜ୍ଞମାନେ ରେଣ୍ଟିଂ କହୁଛନ୍ତି । ଅର୍ଥନୀତି ଶାସ୍ତ୍ର ସବୁ କଥା ଲାଭକ୍ଷତିରେ ବିଚାର କରେ, ନୈତିକତା ଉପରେ ନୀରବ । ନିର୍ବାଚନୀ ଚାନ୍ଦା ବା ଅନ୍ୟପ୍ରକାରର ଲାଞ୍ଚ ନେତାମାନଙ୍କ ଅନୁକମ୍ପାର ଭଡ଼ା । ପାଟି କରିପାରୁଥିବା ବିରୋଧୀ ଦଳର ନେତା ଏବଂ ପାଟି କରୁଥିବା ମିଡିଆର ମାଲିକଙ୍କୁ ଚୁପ୍ କରିବାକୁ ଦିଆଯାଉଥିବା ଚାନ୍ଦା ବା ଲାଞ୍ଚ ବି ସେମାନଙ୍କ ଅନୁକମ୍ପାର ଭଡ଼ା । ଆମେରିକା ପରି ଏକ ଅଗ୍ରଗଣ୍ୟ ଦେଶର ଉଦାହରଣ ଆମେ କାହିଁକି ଗ୍ରହଣ ନ କରିବା ? ଆଗକାଳରେ ଲାଞ୍ଚ ଲୁଚାଛପା ଥିଲା, ଏବେ ରାଜନୈତିକ ଚାନ୍ଦା ନାଁରେ ଖୋଲାଖୋଲି କାରବାର । ଆମ ଦେଶରେ ରେଣ୍ଟିଂ ଏଭଳି ସ୍ତରକୁ ଖସିଆସିଛି ଯେ ଶାସନ ଢ଼ୁଗୁଳା ହୋଇପଡ଼ିଛି । ଆମେରିକାରେ ଛିଙ୍କ ହେଲେ ସରକାରୀ କଳ ବ୍ୟସ୍ତ ହୋଇପଡୁଛି, କିନ୍ତୁ ଆମ ଦେଶରେ କାଶ ହେଲେ ବି ଚଳିବ ବୋଲି ସରକାର କହୁଛି । ଟାଲ୍‌କମ୍ ପାଉଡର୍‌ରେ କର୍କଟକାରୀ ଆଜ୍‌ବେଷ୍ଟସ୍ ଗୁଣ୍ଡ ଓ ବେବି ଅଏଲ୍‌ରେ ରୋଗସୃଷ୍ଟିକାରୀ ଫର୍ମାଲଡିହାଇଡ୍ ମିଶିଥିବା ଧରାପଡ଼ିବାରୁ ଆମେରିକାରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀ କୋଟି କୋଟି ଡଲାର କ୍ଷତିପୂରଣ ଦେଇଛି । ଏ ଖବର ଶୁଣି ଭାରତରେ ଚହଳ ପଡ଼ିଗଲା, କିନ୍ତୁ ଆମ ସରକାରୀ ପରୀକ୍ଷାଗାର ସାର୍ଟିଫିକେଟ ଦେଲା ଯେ, ଜେ ଆଣ୍ଡ ଜେ କମ୍ପାନୀର ବେବି ପାଉଡରରେ ଦୂଷିତ ଜିନିଷ ଅସହନୀୟ ମାତ୍ରାରେ ନାହିଁ । ଭାରତୀୟଙ୍କ ପାଇଁ ଜେ ଆଣ୍ଡ ଜେ କମ୍ପାନୀ କ'ଣ ଏତେ ଦରଦୀ ! ନା ରେଣ୍ଟିଂର ଫଳ !

ଆମେରିକାରେ ଏବେ ପୋଷ୍ଟ-ଟ୍ରୁଥ୍ (ସତ୍ୟ-ପରବର୍ତ୍ତୀ) ଯୁଗ ଚାଲିଛି, ତା' ଅନୁକରଣରେ ଆମ ଦେଶରେ ସତ୍ୟଯୁଗ ପରବର୍ତ୍ତୀ କଳିଯୁଗ ଆସିଗଲାଣି । ଏ ହେଉଛି ଅସତ୍ୟ ଓ ମିଥ୍ୟାର ରେଣ୍ଟିଂ ଓ ଡୋନେଶନ୍‌ର ଯୁଗ ! ଉଦାରୀକରଣ ପରବର୍ତ୍ତୀ କାଳରେ ଆମେ ଆମେରିକାକୁ ଅନୁକରଣ କରିବାରେ ଲାଗିଛୁ । ତା' ସାଙ୍ଗରେ ଗରିବଙ୍କ ଦୁଃଖ ହରଣ ଆଳରେ ଯେତେ ପ୍ରକାର ସମ୍ଭବ ଯୋଜନା କରୁଛୁ । ତହିଁରେ ଉପକାର ପାଇବା ଲାଗି ବିଭିନ୍ନ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ସୁପାରିସ ଦରକାର ; ଏ ତ ରେଣ୍ଟିଂ ବ୍ୟବସ୍ଥା । ବୋଫର୍ସ, ୱେଷ୍ଟଲାଣ୍ଡ ବା ରାଫାଲର ଲାଞ୍ଚ ଗନ୍ଧରେ ବୁଦ୍ଧିଜୀବୀମାନେ ସିନା ବ୍ୟସ୍ତ, କିନ୍ତୁ ସାଧାରଣ ଲୋକଟିଏ ଯେ ଗରିବୀ ସାର୍ଟିଫିକେଟ ପାଇବା ଲାଗି ଲାଞ୍ଚ ଦେଉଛି ଏବଂ ବିଭିନ୍ନ ସ୍କିମ୍‌ର ଫାଇଦା ପାଇବା ଲାଗି ରେଣ୍ଟିଂର ଶିକାର ହେଉଛି, ସେଥିପାଇଁ କେହି ବ୍ୟସ୍ତ ହେଉନାହାନ୍ତି । ଭୋଟରଙ୍କ ଭିତରୁ ୭୦ ପ୍ରତିଶତ ତ ଗରିବ, ତହିଁରୁ ପୁଣି ଅର୍ଦ୍ଧାଧିକ ଜାତିଆଣ, ସାମ୍ପ୍ରଦାୟିକ, ଧର୍ମୀୟ ତଥା ଭାଷାଭାଷୀ ଆଦି ରୋଗରେ ବିଷାଦଗ୍ରସ୍ତ, ସେମାନଙ୍କୁ ସରକାରୀ ରାଜକୋଷରୁ କିଛି ଟଙ୍କା ଓ ଆଉ କିଛି ମାଗଣା ରସିଦ ବାଣ୍ଟିଦେଲେ ସେମାନେ ଖୁସି, ଦୀର୍ଘସ୍ଥାୟୀ ଚିକିତ୍ସା କ'ଣ ଦରକାର ? ଏଠି ତ ୫ ବର୍ଷ ହିଁ ଗୋଟିଏ ଗୋଟିଏ ଯୁଗ ।

ନିର୍ବାଚନ ପାଖେଇ ଆସିଲେ ଏତେ ଘଟଣା ନଜରକୁ ଆସୁଛି, ଏତେ ସ୍କିମ୍ ଶାସକ ଦଳ କରୁଛି, ଏତେ ସ୍କିମ୍‌ର ସ୍ୱପ୍ନ ବିରୋଧୀ ଦଳ ଦେଖାଉଛନ୍ତି ଯେ, ଲୋକେ ସତ-ମିଛ ଯାଞ୍ଚ କରିବାକୁ ତର ପାଉନାହାନ୍ତି । ଲୋକେ ନେତାଙ୍କ ଭେଳିକି ଧରିପାରୁ ନାହାନ୍ତି । ଜୀବନ ଓ ଜାତିର ସମସ୍ୟା ସମାଧାନ ପାଇଁ ଏକ ଅସ୍ତ୍ର ରୂପେ ସତ୍ୟର ଯେଉଁ ଶକ୍ତି ଥିଲା ତାହା ଏବେ ନିସ୍ତେଜ ହୋଇଯାଉଛି । 'ମିଛ' କହିବା ମାନେ ଆମେ ଏକ 'ସତ୍ୟ' ଥିଲା ବୋଲି ମାନୁଛୁ, କିନ୍ତୁ ସତ୍ୟକୁ ଖୋଲିବାକୁ କେହି ଚାହୁଁନାହିଁ, ବରଂ ସତ୍ୟ ଉଦ୍‌ଘାଟନ କରିବାକୁ ଉଦ୍ୟମ କରୁଥିବା ଲୋକକୁ ନିର୍ଯାତନା ଦିଆଯାଉଛି, ଦରକାର ହେଲେ ଦୁନିଆରୁ ବିଦା କରିଦିଆଯାଉଛି । ପ୍ରମାଣ ନଷ୍ଟକରିବା ଲାଗି ଭଡ଼ାଟିଆ ନରଘାତକ, ସୁପାରି କିଲର ନିୟୋଜିତ କରାଯାଉଛି ।

ରାଜନୀତିର ମାନେ କୌଣସି ମତେ ନିର୍ବାଚନ ଜିତିବା । ଏ ଏକ ଲଢ଼େଇ, ତା'ର ରଣନୀତିରେ ଅଛି ଅର୍ଥ ପ୍ରଲୋଭନ, ବିରୋଧର ସ୍ୱରକୁ ଦବାଇବାରେ ଶାସନକଳର ପ୍ରୟୋଗ ଏବଂ ବଡ଼ିମାର ପ୍ରଚାର ଲାଗି କେବଳ ସରକାରୀ ଲୋକସମ୍ପର୍କ ବିଭାଗ ନୁହେଁ, ଘରୋଇ ଲୋକସମ୍ପର୍କ କମ୍ପାନୀ (ପିଆର୍ ଫାର୍ମ) ନିଯୁକ୍ତି । ନିଜେ କେତେ ଭଲ ଓ ଅନ୍ୟ ଦଳର ଦଳପତିମାନେ କେତେ ଖରାପ ତାହା ପ୍ରଚାର କରିବାରେ ଦଳର ନେତା ଖୁବ୍ ବ୍ୟସ୍ତ । କଳେବଳେ ମିଡିଆର ମାଲିକଙ୍କୁ ରାଜନୈତିକ ପଦବୀ ଦେଇ ବା ପ୍ରଚୁର ବିଜ୍ଞାପନ ଦେଇ ଅକ୍ତିଆର କରାଯାଉଛି, ପିଆର୍ ଫାର୍ମ ଲଗାଇ ଇଣ୍ଟରନେଟ ସେବା ଓ ସୋସିଆଲ ମିଡିଆକୁ ସତ୍ୟର ଅପଳାପରେ ନିଜପକ୍ଷରେ ବ୍ୟବହାର କରାଯାଉଛି । ଲୋକେ ଭାବନ୍ତି ନେତା ଜଣକ ଫେସ୍‌ବୁକ, ଟୁଇଟର୍ ଆଦିରେ ନିଜେ ଲେଖୁଛନ୍ତି । ସେମାନେ ଜାଣନ୍ତି ନାହିଁ ଯେ ଜଣେ ଅଧିକାରୀ ବା ଏକ ଲୋକସମ୍ପର୍କ କମ୍ପାନୀର ଅଧିକାରୀ ଏହା କରେ, ନେତାଙ୍କ ଇଂଲିଶ ଭାଷା ଏତେ ଅର୍ଥବ୍ୟଞ୍ଜକ ହୋଇପାରିବ କି ? ଭଲ ଇଂଲିଶ ଲେଖିବା ପାଇଁ ଚିନ୍ତା କରିବାର ସମୟ ତାଙ୍କ ପାଖରେ ଅଛି କି ? ଏହାପରେ ଅଛି ପେଡ୍ ନ୍ୟୁଜ୍ (କିଣା ଖବର)- ସାମ୍ବାଦିକଙ୍କୁ ପାରିଶ୍ରମିକ ଦେଇ ଖବର ଛପାଇବା, କଳାକାରଙ୍କୁ ପାରିଶ୍ରମିକ ଦେଇ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ପ୍ରଦର୍ଶନ କରାଇବା ଆଦି ପେଡ୍ ନ୍ୟୁଜରେ ଗଣାଯାଏ । ସରକାରୀ ଖର୍ଚ୍ଚରେ ମିଡିଆରେ ଓ ରାସ୍ତାଘାଟରେ ଆଖିଦୃଶିଆ ବିଜ୍ଞାପନ ଏବଂ ସରକାରୀ କଳ ବ୍ୟବହାର କରି ସଭାସମିତିକୁ ଲୋକ ବୋହିବା-ଜନମତକୁ ବିଭ୍ରାନ୍ତ କରିବାର ଅସାଧୁ ଉପାୟ ।

ରାଜନୀତିରେ ଅସାଧୁତା କିଛି ନୂଆ କଥା ନୁହେଁ । ଏବେ ଚିନ୍ତାର କାରଣ ଅସାଧୁ ଆଚରଣ ଏପରି ମାରାତ୍ମକ ହେବାରେ ଲାଗିଛି ଯେ, ଲୋକେ ସତ କ'ଣ ଜାଣିପାରୁନାହାନ୍ତି । ରାହୁଲ ଗାନ୍ଧୀ ବା ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟରେ କେତେ ସତ କେତେ ମନଗଢ଼ା କାହାଣୀ ସେସବୁକୁ ବିଶ୍ଳେଷଣ କରି ସତ ବାହାର କରିବାର ଲୋକ ମିଳୁନାହାନ୍ତି । ଲୋକପ୍ରତିନିଧିମାନଙ୍କ ଆଚରଣ ଲୋକଛଡ଼ା ହେଉଛି, ନେତାଙ୍କ ମୁଖପାତ୍ର ଭଳି ହେଉଛି । ବିଧାନସଭା କି ଲୋକ ସଭାରେ ଥରୁଟିଏ କଥା ନ କହି ବି ସେମାନେ ଲୋକ ପ୍ରତିନିଧି ବୋଲାଉଛନ୍ତି । ମିଛ ପ୍ରତିଶ୍ରୁତି ଦେଇ ଆସିଥିବା ଲୋକ ଦିନେ ସତକୁ ପୂରାପୂରି ଛାଡି ଦେଇପାରେ । ଗୋଟିଏ ଉଦାହରଣ ଦେଖନ୍ତୁ ଏନ୍‌ଜିଓ ଶବ୍ଦ ବ୍ୟବହାର କରିବାରେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ବେସରକାରୀ ସ୍ତରରେ ବିକାଶ ଆଣିପାରିବେ ବୋଲି ୧୯୭୦ ଦଶକରେ ଜାତିସଂଘ ତା'ର ସଭ୍ୟ ରାଷ୍ଟ୍ରଗୁଡ଼ିକୁ ଏନ୍‌ଜିଓ ଗଢ଼ିବାରେ ପ୍ରୋତ୍ସାହନ ଦିଅନ୍ତୁ ବୋଲି ଘୋଷଣା କରିଥିଲେ । ଉଦ୍ଦେଶ୍ୟ ଥିଲା ଯେ ସରକାରୀ କଳ ବଜେଟର ଶତକଡା ୯୦ ଭାଗ ଦରମାରେ ଖର୍ଚ୍ଚ କରି ମାତ୍ର ୧୦ ଭାଗ କାମ କରୁଥିଲା ବେଳେ ଏନ୍‌ଜିଓମାନେ ବଜେଟର ଶତକଡା ୧୦ ଭାଗ ଦରମାରେ ଖର୍ଚ୍ଚ କରିବେ ବାକି ୯୦ ଭାଗ ଲୋକଙ୍କ ସେବାରେ ଖର୍ଚ୍ଚ କରିବେ । ଆମ ରାଜ୍ୟରେ ସରକାର ବି ଏନ୍‌ଜିଓ କାମ କରୁଛନ୍ତି ବୋଲି ଲୋକଙ୍କୁ ଜଣାଉଛନ୍ତି, ଏକ ଯୁବବାହିନୀ ତିଆରି କରୁଛନ୍ତି, ଖବରକାଗଜରେ ସରକାରୀ ବିଜ୍ଞାପନ ବାହାରୁଛି 'ସମାବେଶ ସ୍ୱେଚ୍ଛାସେବାର ଉତ୍ସବ' । ସରକାରୀ ଦରମା ଏବଂ ସ୍ୱେଚ୍ଛାସେବା- ଏ ଦୁଇଟା ତ ପରସ୍ପରବିରୋଧୀ । 'ଆଲିସ୍ ଇନ୍ ୱାଣ୍ଡରଲାଣ୍ଡ'ର ଆଲିସ୍ କହୁଥିଲା ନା ମୁଁ ଯାହା ମାନେ କରିବି ତାହା ହିଁ ମାନେ, ଆଭିଧାନିକ ଅର୍ଥ ନୁହେଁ । ରାଜନେତାମାନେ ସେମିତି କହୁଛନ୍ତି । ଦେଖନ୍ତୁ କିପରି ବିଭିନ୍ନ ସ୍କିମ୍‌ର ନାଁ ଯାହା ଦିଆଯାଇଛି ତାହା ଉଦ୍ଦେଶ୍ୟ ବୁଝାଉଛି କି ? ଗରିବ ବୋଲି କାଗଜପତ୍ର ଯୋଗାଡ କରିପାରୁଥିବା ଲୋକ ହିଁ ଉପଭୋକ୍ତା ହୋଇପାରିବ । ମାଗଣା କିଛି ସାମଗ୍ରୀ କି ସେବା ହେଉ ବା ନଗଦ କୃଷି ଅନୁଦାନ ଟଙ୍କା ସବୁଥିରେ ଦଳର ନେତା ଓ କୁଜିନେତାମାନେ ଯେମିତି କିଛି ମାରି ପାରିବେ ସେଥିଲାଗି ସେମାନଙ୍କ ସୁପାରିସ ଦରକାର ବୋଲି କୁହାଯାଉଛି, ଏ ତ ଖୋଲାଖୋଲି ରେଣ୍ଟିଂ । ମାନବ ସମ୍ବଳ ନ ଥାଇ ସ୍କୁଲ, କଲେଜ କି ହସ୍ପିଟାଲ ଖୋଲିବା ମାନେ କେବଳ ନିର୍ମାଣ କାର୍ଯ୍ୟରୁ ପିସି ଉଠାଇବା । ନୂଆ ନୂଆ ଯୋଜନା ଏପରି ତିଆରି ହେଉଛି ଯେପରି ଦଳର ଲୋକେ ମାଲାମାଲ ହୋଇପାରିବେ । ତେଣୁ ସତ କହିବା ଦରକାର ପଡୁନାହିଁ । ସତ ହେଲା ଭୋଟ କିଣିବା, ଦେଶର ଭବିଷ୍ୟତ ଅଭିବୃଦ୍ଧି ନୁହେଁ । ବର୍ତ୍ତମାନ ବ୍ୟକ୍ତିକୁ ଦୈନିକ କିଛି ଦେଇ ବଶୀଭୂତ କରିବା ଏକମାତ୍ର ସତ୍ୟ, ସମାଜର ହିତ ବା ଦେଶର ଦୀର୍ଘକାଳୀନ ସାମୂହିକ ବିକାଶ ମିଛ । ଯିଏ ଏବେ ସରକାରୀ ଖର୍ଚ୍ଚରେ ବଞ୍ଚୁଛି ସିଏ କେବେ ନିଜେ ରୋଜଗାର କରିବାକୁ କାମ ଖୋଜିବ କି ? ଦେଶର ଅଭିବୃଦ୍ଧିରେ ଗଣାହେବା ରୋଜଗାରୀ କାମ ନ କରିବ ତ ଜିଡିପି କେମିତି ବଢ଼ିବ ? ଏ ସତ୍ୟର ସାମ୍ନା କରିବାକୁ ନେତାମାନେ ପ୍ରସ୍ତୁତ କେବେ ହେବେ ?

ଆମ ରାଜ୍ୟରେ ତ ମୋଟରେ ୯୭ ଲକ୍ଷ ପରିବାର ! ଗରିବ ସଂଖ୍ୟା ତ ୯୫ ଲକ୍ଷ ପରିବାରରୁ ବେଶି ହେବେନି ; ଏହାର ଅର୍ଥ ଗୋଟିଏ ଗୋଟିଏ ପରିବାର ଏକାଧିକ ସୁବିଧା ପାଉଛନ୍ତି, ରେଣ୍ଟିଂ ଦେଇପାରୁ ନ ଥିବା ପରିବାର ଗରିବତର ହେଉଛି । ସରକାର ଯେତେ ସ୍କିମ୍ କଲେଣି ଶାସକ ଦଳର ଟାଣୁଆ ନେତାଏ ବି ମନେ ରଖିପାରୁନାହାନ୍ତି । ତହିଁରୁ ପ୍ରତି ସ୍କିମ୍‌ରେ ୨ କି ୫ କି ୨୦ ଲକ୍ଷ ପରିବାର ଲାଭବାନ ହେଉଛନ୍ତି ବୋଲି ବିଜ୍ଞାପନ ବାହାରୁଛି, ସବୁ ମିଶିଲେ ତ ଉପଭୋକ୍ତାଙ୍କ ସଂଖ୍ୟା ଦୁଇ ତିନି କୋଟି ହୋଇଯିବ । ଯେଉଁ ସତ ହଜିଯାଉଛି ତାକୁ ଖୋଜିବାର ବେଳ କେବେ ମିଳିବ ?

ଇ-ମେଲ୍: sahadevas@yahoo.com

# ହୁସିଆର, ବାଘ ମାତିଛି



ଡ. ଗୌରହରି ରାଉତ

ହୁସିଆର ନଗ୍ରଜନେ ! ବାଘ ମାତିଛି । ଭୂଇଁରେ ଲାଞ୍ଜ ପିଟି ହେଣ୍ଟାଳ ଛାଡୁଛି । ଖୋଜୁଛି ଶିକାର- ମଣିଷ ଶିକାର । ତମେ ତାକୁ ଦେଖିଛ ପାଖରେ, ପାଚେରି ଉପରେ, ବାଡିବାଗାନାରେ । ହେଣ୍ଟାଳ ଛାଡି କୁଦିପଡୁଛି ଏ ପାଖରୁ ସେ ପାଖକୁ- ତୁମ ଆଖିରୁ ନିଦ ହଜେଇ ନିଡରରେ ବୁଲୁଛି ନିଶାର୍ଦ୍ଧରେ ତୁମ ଏ ନଗରରେ । କେତେଥର ଦେଖିଛ ସିସିଟିଭିରେ । କାତର ହୋଇ କେତେ ଯୋଜନା କରିଛ ତାକୁ ଧରିବାକୁ । କାବୁ କରିବାକୁ ବିଶେଷଜ୍ଞ, ବନବିଭାଗ ତତ୍ପର । ଶେଷରେ ବାଘ ଧରାପଡିଲା ଯନ୍ତାରେ । ଆଉ ତୁମେ ଏଇ ସଫଳତାରେ ନିଜ ବାହାଦୁରିର ବିଜୟ ବୈଜୟନ୍ତ ଉଡ଼େଇ ଦେଖାଉଛ ପୁରୁଷପଣିଆ । କହୁଛ- ଦେଖ, ମଣିଷ ଶିକାର ଖୋଜୁଥିବା ବାଘ ଏବେ ଆମ ଅକ୍ତିଆରରେ ।

ହୁସିଆର ନଗ୍ରଜନେ! ବାଘ ମାତିଛି । ଏ ବାଘ ବୁଲୁଛନ୍ତି ରାତିରେ, ଦିନରେ ନଗରରେ । ଯୌନଲିପ୍‌ସୁ ଏମାନେ ଖୋଜି ଚାଲିଛନ୍ତି ଶିକାର- ନାରୀ ଦେହର ଶିକାର । ଏଇ ବାଘପଲ ଶିକାର ପାଇଁ ଧରୁଛନ୍ତି ବିଭିନ୍ନ ବେଶ । କେବେ ଶିକାର କରୁଛନ୍ତି ଏକା ଏକା- କେବେ ସାଥୀ ସହୋଦର ସହ ମିଳିତଭାବେ । ରକ୍ତରଞ୍ଜିତ କରି ଖିନ୍‌ଭିନ୍ କରୁଛନ୍ତି ନିରୋଳା ତୋଟାରେ, ନଈପଠା, ଶୂନ୍‌ଶାନ୍ ପରିତ୍ୟକ୍ତ କୋଠା-ମଠରେ, ହାଟରେ, ଗୋଠରେ- ସବୁ ଜାଗାରେ । ତମେ ସେମାନଙ୍କ ପାଇଁ ଯେତେ ସିସିଟିଭି ଲଗାଅ-ଯେତେ ଯନ୍ତା ଅଥବା ଫାଶ ବସାଅ, ସବୁ ଫେଲ୍ ମାରୁଛି । ଏଠି ଯଦି ଅକସ୍ମାତ୍ ଗୋଟିଏ ଧରପଡିଲା ତ ସେଠି ହେଣ୍ଟାଳ ଛାଡି ଭୂଇଁରେ ଲାଞ୍ଜ ପିଟୁଛି ଆଉ ଏକ ମାଂସଲୋଭୀ ବାଘ । ରାତିରେ, ଦିନରେ ଶିଶୁକନ୍ୟା, କିଶୋରୀ କନ୍ୟା, ଝିଅବୋହୂ ତୁମର ସୁରକ୍ଷିତ ତ ଏ ନଗ୍ରରେ ? ସେଦିନ ଯନ୍ତା ବସେଇ ଯେଉଁ ବାଘକୁ କାବୁ କରିଥିଲ- ତା'ର ଦି'ଟା ରୂପ ନ ଥିଲା, ସେଥିପାଇଁ ସିସିଟିଭି ଫୁଟେଜ୍‌ରେ ତାକୁ ଚିହ୍ନିଲ । କିନ୍ତୁ ଏ ବହୁରୂପୀ ବାଘମାନଙ୍କୁ କିପରି ଚିହ୍ନିବ ?

ହୁସିଆର ! ବାଘ ମାତିଛନ୍ତି- ବହୁରୂପୀ ବାଘ । ମଉସା ମଉସା କହି ମୁଣ୍ଡ ମୋଡୁଥିବା ବାଘ । ବେଳକାଳ ଉଣ୍ଡି ଘରେ ପଶି କଳାକନା ବୁଲାଇ ଶେଷରେ ତଣ୍ଟିକଣା କରି ଜୀବନ ନେଉଥିବା ବାଘ ଏମାନେ । ଏ ଠାଉରିଆ ବାଘମାନେ କେଉଁ ଯନ୍ତା ବା ଫାଶରେ ପଡିବେ ? ପାଖରେ ବସି ପ୍ରୀତି ବଢ଼ାଇ ପରମ ଶତ୍ରୁ ସାଜନ୍ତି ଏମାନେ । ତାଙ୍କ ପ୍ରୀତିର ଭାଷା ବୁଝିଲା ବେଳକୁ ନେଡିଗୁଡ଼ କହୁଣିକୁ ବୋହି ସାରିଥାଏ । ସେତେବେଳକୁ ଏକା କୁଦାରେ ବାଘ ମାରିଥାନ୍ତି ଚମ୍ପଟ । ନଗ୍ରଜନେ, ଏମାନେ ତ ଯାହା ନେବାର କଥା ନେଲେ, ହେଲେ ଶେଷକୁ ନରଖାଦକ ସାଜି ସଂସାର ଉଜାଡି ଦେଉଛନ୍ତି । ବିଭିନ୍ନ ବାଗରେ, ବିଭିନ୍ନ ଢଙ୍ଗରେ ଆକ୍ରମଣ କରନ୍ତି ଏମାନେ ଓ କିଛି ବିପଦର ସୁରାକ୍ ପାଇଲେ ଘାଇଲା କରି ଖସିପଳାନ୍ତି । ଏମାନଙ୍କର ନଜର- ଘରର ଅର୍ଥ, ଅଳଙ୍କାର ଉପରେ । ସେ ଜଙ୍ଗଲୀ ବାଘକୁ ଯନ୍ତାରେ ଧରି ତମେ ବାହୁସ୍ଫୋଟ ମାରିଲ, ହେଲେ ତମ ଚାରିପାଖରେ ବୁଲୁଥିବା ଏ ଛଦ୍ମବେଶୀ ବାଘମାନଙ୍କୁ ଧରିବାର ଉପାୟ କ'ଣ ?

ତମ ଯନ୍ତାରେ ଧରାପଡିଥିବା ସେ ବାଘର ବା ଦୋଷ କ'ଣ ଥିଲା ? ମାଂସ ଖାଇବା ତ ତା'ର ସ୍ୱଭାବ... ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରିବା ତା'ର ନୀତି । ହୁଏ ତ ତମ ସହରକୁ ସେ ଅଜାଣତରେ କୁଦି ପଡ଼ିଥିଲା, ସେଥିପାଇଁ ତମ ଆଖିରୁ ନିଦ ହଜିଗଲା... ଧରିନେଲ ତା'କୁ କାଇଦାରେ । ହେଲେ ତା' ଚରାଭୂଇଁକୁ ତମେ ମଣିଷମାନେ କିଆଁ ଦଖଲ କରୁଛ ? ତମେ ତା' ବାସସ୍ଥଳୀକୁ ନଷ୍ଟଭ୍ରଷ୍ଟ କରି ନିଜ ବାସସ୍ଥଳୀ ବନାଇଲେ ସେ ତ ଧାଇଁବ ଆଡେ ସାଡେ... ଡେଇଁବ ତମ ପାଚେରିରୁ ପାଚେରିକୁ, ବୁଲିବ ତମ ବାଡିବାଗାନାରେ । ତା' ବାସସ୍ଥଳୀକୁ ତମେ ଅନଧିକାର ପ୍ରବେଶ କଲେ ସେ ଆସିବ ତମ ସହରକୁ । ଏଥିରେ ତମ ଆଖିରୁ ନିଦ ହଜୁଛି କିଆଁ ? ହୋ ନଗ୍ରଜନେ, ଆତ୍ମସମୀକ୍ଷା କର ।

ତମରି ଭିତରେ ଯେଉଁ ନରଖାଦକମାନେ ବୁଲୁଛନ୍ତି- ସେମାନଙ୍କୁ କାବୁ କରିବାର କୌଶଳ ଆପଣାଅ । ମୁଖାପିନ୍ଧା ବାଘମାନେ ପ୍ରତିଦିନ ଆତଙ୍କ ଖେଳାଇ ସତର୍କତାର ସହିତ ଖସିଯାଉଛନ୍ତି- ସେମାନଙ୍କ ପାଇଁ ତିଆରି କଲ ଯନ୍ତା । ଯୌନଲିପ୍‌ସୁ ବାଘ, ରକ୍ତରେ ହୋରି ଖେଳୁଥିବା ବାଘ, ଦିନ ଦ୍ୱି'ପ୍ରହରରେ ଆଖିଦେଖେଇ ଦୋକାନ, ମଲ୍, ବ୍ୟାଙ୍କ୍‌ରୁ ଲୁଟୁଥିବା ବାଘ, ବେକରୁ, କାନରୁ ଗହଣା ଝାମ୍ପୁଥିବା ବାଘ, ଏଟିଏମ୍‌ରୁ ଅର୍ଥ ହଡପ କରୁଥିବା ବାଘ- ଏମାନଙ୍କ ଦୌରାତ୍ମ୍ୟରେ ନଗରଟା ଜଙ୍ଗଲ ପାଲଟିଗଲାଣି । ପଶୁରାଜର ହୁଙ୍କାରରେ ଭୀତତ୍ରସ୍ତ ନଗ୍ରବାସୀ । ଛାୟାସ୍ନିଗ୍ଧ ଘଞ୍ଚ ଜଙ୍ଗଲରେ ଅସଲି ବାଘ ସିନା ବିଚରଣ କରେ, ହେଲେ ଏଠି ଏ କଂକ୍ରିଟ୍ ଜଙ୍ଗଲରେ ମାତିଛନ୍ତି ବହୁରୂପୀ ବାଘ ।

ତେଣୁ ହେ ବାଘଶିକାରୀ, ତମ ଯନ୍ତାରେ ପଡିଥିବା ସେ ବାଘକୁ ଦେଖି ଆଉ ନିଶରେ ହାତ ମାରନି, ଏଠି ହାଉଜାଉ ହେଉଥିବା ସହରୀ ବାଘମାନଙ୍କୁ କାବୁ କର ଯନ୍ତାରେ, ଫାଶରେ ଅବା ଟ୍ରାଙ୍କୁଲାଇଜରରେ ।

ମୋ-୮୭୬୩୮୫୩୨୪୪

## ଏଇ ଭାରତରେ

ଯୌତୁକ ପ୍ରଥା ସମାଜର କଳଙ୍କ । ଏହା ଦୂର ନ ହେବା ଯାଏ କେତେ ନବବଧୂ ଯୌତୁକ ଜୁଇରେ ଜୀବନ ହାରୁଥିବେ । ବରଘର ପକ୍ଷରୁ ଅଧିକ ଯୌତୁକ ପାଇଁ ଦାବି କରାଯାଉଛି । ମନ ମୁତାବକ ଯୌତୁକ ନ ଦେଲେ ନବବଧୂକୁ ନିର୍ଯାତନା ଦିଆଯାଉଛି । ପରିସ୍ଥିତି ଏପରି ହେଉଛି ଯେ, ବଧୂହତ୍ୟା ଭଳି ଘଟଣା ଘଟୁଛି । କିନ୍ତୁ ଏ କ୍ଷେତ୍ରରେ ରାଜସ୍ଥାନ ଯୋଧନଗରସ୍ଥିତ କାକୋଣୀ ଗାଁର କଥା ନିଆରା । ଏହି ଗାଁରେ ଜଣେ ବର ତଥା ବରପିତା କନ୍ୟାଘର ପକ୍ଷରୁ ଦିଆଯାଇଥିବା ୧୧ଲକ୍ଷ ୨୫ ହଜାର ଟଙ୍କା ନେବାକୁ ମନା କରିଦେଇଛନ୍ତି । ତାଙ୍କର ଶିକ୍ଷିତ ତଥା ସଂସ୍କାରୀ ବୋହୂ ଆବଶ୍ୟକ ବୋଲି ସେମାନେ କହିଥିଲେ । ନରଓ୍ୱତ ସିଂ ଭଟ୍ଟିଙ୍କ ପୁତ୍ର ରାଜେନ୍ଦ୍ର ସିଂଙ୍କ ବିବାହ ଆନନ୍ଦ ସିଂ ଚମ୍ପାଓ୍ୱତ୍‌ଙ୍କ ଝିଅ ସହିତ ହେଉଥିଲା । ବରଯାତ୍ରୀ ପହଞ୍ଚିବା ପରେ ଆନନ୍ଦ ସିଂ ଉପହାର ସ୍ୱରୂପ ଯୌତୁକ ବାବଦ ଟଙ୍କା ପ୍ରଦାନ କରିଥିଲେ । ତେବେ ଏହାକୁ ବର ଏବଂ ବରପିତା ନେବାକୁ ମନା କରିଥିଲେ । ଏହା ସହିତ ଯୌତୁକରେ ଦିଆଯାଉଥିବା ଅନ୍ୟାନ୍ୟ ସାମଗ୍ରୀ ନେବାକୁ ମଧ୍ୟ ବରଘର ମନା କରିଥିଲେ । ସୋସିଆଲ ମିଡିଆରେ ଏହି ବିବାହ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା ଆଶାରେ
ପ୍ରକାଶିବ ଛନ୍ଦ ତା'ର ପଲ୍ଲବିତ କୁସୁମ-ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ ।
ନୁହେ ନୁହେ ଅକାରଣ ଅର୍ଦ୍ଧସ୍ଫୁଟ ଆହତ ମଞ୍ଜରୀ
ଅପ୍ରକାଶ ବାଣୀ ଯେତେ ମିଳାଇଛି, ହୋଇନାହିଁ ଧରି
ପ୍ରତି ଅଣୁ ପରମାଣୁ ନୋହେ ଅକାରଣ,
କୋଟି କୋଟି ଜୀବନ ମରଣ ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାକିରେ କଳଙ୍କ

ମହାଶୟ,

ପ୍ରତିଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଖବର । ଜନସାଧାରଣଙ୍କ ଧନ, ସମ୍ପତ୍ତି ଓ ଜୀବନର ସୁରକ୍ଷା ଭାର ପୋଲିସ ବିଭାଗ ହାତରେ । ଯଦି ରକ୍ଷକ ହୋଇ ଭକ୍ଷକ ସାଜିବ ପୋଲିସ, ତେବେ ଗୁହାରି କରିବା କାହାକୁ । ଆଗରୁ ଏମିତି କେତେକ ପୋଲିସ ଅଧିକାରୀ ବଳାତ୍କାର ମାମଲାରେ ଜଡ଼ିତ ହୋଇ ଦଣ୍ଡିତ ହୋଇସାରିଛନ୍ତି । ତଥାପି ଅପରାଧ ବଢ଼ି ବଢ଼ି ଚାଲିଛି । ସଦ୍ୟ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି । ଏହି ଘଟଣାରେ ଜଣେ ଯୁବକ ଓ ସୋହେଲା ଥାନାର ଜଣେ ପୋଲିସ ଏଏସ୍‌ଆଇ ସମ୍ପୃକ୍ତ । ଏହା ପୋଲିସ ବିଭାଗ ପାଇଁ ଲଜ୍ଜାର କଥା ଓ ପୋଲିସ ପୋଷାକରେ କଳଙ୍କର ଦାଗ । ତେଣୁ ତଦନ୍ତ ପରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ବିଧେୟ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଯୌନଶିକ୍ଷା ବନାମ ସ୍ୱାସ୍ଥ୍ୟଶିକ୍ଷା

ସମ୍ପ୍ରତି ପ୍ରାୟ ପ୍ରତ୍ୟେକ ଦିନ ରାଜ୍ୟର କୌଣସି ନା କୌଣସି ସ୍ଥାନରେ ଜଣେ କିଶୋରୀ ଅଥବା ଶିଶୁକନ୍ୟାକୁ ବଳାତ୍କାର କିମ୍ବା ସ୍କୁଲଛାତ୍ରୀ ସନ୍ତାନ ପ୍ରସବ କରିବା ଖବର ପ୍ରକାଶ ପାଉଛି । କିଛିବର୍ଷ ତଳେ 'ଏଡ୍‌ସ' ସମ୍ବନ୍ଧରେ ସଚେତନତା ଲାଗି ବିଦ୍ୟାଳୟରେ ଯୌନଶିକ୍ଷା ଦେବାକୁ ପ୍ରସ୍ତାବ ଆସିଥିଲା । ଅନେକ ବୁଦ୍ଧିଜୀବୀ ଓ ସମାଜସେବୀ ତାକୁ ବିରୋଧ କରିଥିଲେ । ଆଜି ନେଡିଗୁଡ କହୁଣିକୁ ବୋହିଗଲାଣି । ଏହାକୁ ଯୌନଶିକ୍ଷା ନ କହି ସ୍ୱାସ୍ଥ୍ୟଶିକ୍ଷା କୁହାଯାଇପାରେ । ଡାକ୍ତର ଓ ମହିଳା ସ୍ୱାସ୍ଥ୍ୟ ପରାମର୍ଶଦାତାମାନେ ଏ ଦାୟିତ୍ୱ ନେଇପାରିବେ । ରାଜ୍ୟରେ ସ୍କୁଲ ସ୍ତରରେ ସ୍ୱାସ୍ଥ୍ୟ ତଥା ଯୌନଶିକ୍ଷାର ପ୍ରଚଳନ କରାଯିବା ଉଚିତ ।

ଡା. ଦେବଦତ୍ତ ମିଶ୍ର, ରେଡକ୍ରସ ରୋଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚୋରି କରୁଥିବା ବେଳେ ଯୁବକ ଗିରଫ

**ବାଲେଶ୍ୱର ଅଫିସ,୧୧।୩:** ବାଲେଶ୍ୱର ଷ୍ଟେଶନ ଛକ ନିକଟସ୍ଥ ଏକ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଅଫିସ୍‌ରୁ ଫ୍ୟାନ୍ ଓ ଏସି ଚୋରି କରୁଥିବା ଜଣେ ଯୁବକଙ୍କୁ କର୍ମଚାରୀମାନେ ସୋମବାର ପୂର୍ବାହ୍ନ ୮ଟାରେ ଅଟକ ରଖି ଅଟକ ରଖିଥିଲେ। ତାଙ୍କୁ ସହଦେବଖୁଣ୍ଟା ମଡ଼େଲ ଥାନାକୁ ହସ୍ତାନ୍ତର କରିଛନ୍ତି। ସହଦେବଖୁଣ୍ଟା ଥାନା ଅଡ଼ରବଜାର ଗଳାପୋଲ ଅଞ୍ଚଳର ବାଙ୍ଗୁରୁ ହେମ୍ବ୍ରମ୍ ନାମକ ଯୁବକ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଅଫିସ୍ ସ୍କାଇଲାଇଟ୍ ଲୁହା ଗ୍ରୀଲ୍ ଭାଙ୍ଗି ଭିତରେ ପଶିଥିଲେ। ପ୍ରଥମେ ସେ ଭୋର୍ ୪ଟାରୁ ୩ଟି ଫ୍ୟାନ୍‌କୁ ଚୋରି କରିନେଇ ଘରେ ରଖି ଆସିଥିଲେ। ପରେ ପୁଣି ସେଠାକୁ ଆସି ଅଫିସ୍‌ରେ ଲାଗିଥିବା ଏସିକୁ ଚୋରି କରୁଥିବା ବେଳେ କର୍ମଚାରୀମାନେ ଦେଖି ତାଙ୍କୁ ଅଟକ ରଖିଥିଲେ। ପୋଲିସକୁ ଖବର ଦେଇ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଜନନେତାଙ୍କ ବିରୋଧରେ ଠିକାଦାର ଆଣିଲେ ପିସି ଆଦାୟ ଅଭିଯୋଗ

**ଜଳେଶ୍ୱର,୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜଣେ ଲୋକପ୍ରତିନିଧିଙ୍କ ବିରୋଧରେ ପିସି ଆଦାୟ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ଥାନାରେ ଅଭିଯୋଗ କରିଛନ୍ତି। ଏକ ମହିଳା ମହାବିଦ୍ୟାଳୟର କିରାଣି ଏଭଳି ପିସି ଆଦାୟ କାରବାରରେ ସମ୍ପୃକ୍ତ ଥିବା ସେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରୁଥିବା ସୂଚନା ଦେଇଛି। ତେବେ ସମ୍ପୃକ୍ତ ଜନନେତା ଏଭଳି ଅଭିଯୋଗକୁ କପୋଳକଳ୍ପିତ କହି ଖଣ୍ଡନ କରିଛନ୍ତି। ସମ୍ପୃକ୍ତ ଠିକାଦାର ଏହି ଜନନେତାଙ୍କ ଜରିଆରେ ଠିକାକାର୍ଯ୍ୟ କରି ଆସୁଥିଲେ। ଏହି କାର୍ଯ୍ୟ ପାଇଁ ସେ ପିସି କାହିଁକି ଦେଇନାହାନ୍ତି କହି ତାଙ୍କୁ ନାନା ଧମକଚମକ ଦେବା ସହ ଗାଳିଗୁଲଜ କରାଯାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀଙ୍କୁ ପଚରାଯିବାରୁ ସେ ବ୍ୟସ୍ତତା ଆଳ ଦେଖାଇ କିଛି ଉତ୍ତର ରଖିନାହାନ୍ତି।

### ଲାଗୁ ହେଲା ଆଦର୍ଶ ଆଚରଣ ବିଧି

# ପୂର୍ବାହ୍ନ ୬ରୁ ରାତି୧୦ ପର୍ଯ୍ୟନ୍ତ ନିର୍ବାଚନୀ ପ୍ରଚାର



ଆଦର୍ଶ ଆଚରଣ ବିଧି ଲାଗୁ ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ।

**ବାଲେଶ୍ୱର ଅଫିସ, ୧୧।୩**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଅପରାହ୍ନରେ ରବିବାର ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷଣା କରାଯାଇଥିବା ନିର୍ବାଚନ ବିଜ୍ଞପ୍ତିକୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏକ ଖବରଦାତା ସମ୍ମିଳନୀରେ ଆଦର୍ଶ ଆଚରଣ ବିଧି ସମ୍ପର୍କରେ ପ୍ରକାଶ କରିଛନ୍ତି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାର ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ବାଲେଶ୍ୱର ୪ର୍ଥ ପର୍ଯ୍ୟାୟରେ ଲୋକସଭା ଆସନ ଓ ବିଧାନସଭା ଆସନ ସକାଶେ ୨୯ ଅପ୍ରେଲରେ ଭୋଟ୍ ଗ୍ରହଣ କରାଯିବ ଏବଂ ନିର୍ବାଚନର ଫଳାଫଳ ୨୩ ମଇରେ ଘୋଷଣା କରାଯିବାର ସୂଚନା ଦେଇଛନ୍ତି। ଏଥିସହିତ ବିଜ୍ଞପ୍ତି ପ୍ରକାଶ ହେବା ସଙ୍ଗେ ସଙ୍ଗେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ୨୪ଘଣ୍ଟା ମଧ୍ୟରେ ସରକାରୀ କୋଠାବାଡ଼ି, ଦପ୍ତରଗୁଡ଼ିକରେ ଲାଗିଥିବା ରାଜନେତାଙ୍କ ଫଟୋ କିମ୍ବା ବ୍ୟାନର୍, ହୋଡ଼ିଂକୁ ହଟାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ରାଜନୈତିକ ଦଳ ସରକାରୀ ସ୍ଥାନରେ ପ୍ରଚାରପତ୍ର ଲଗାଇବା ନିଷେଧ କରାଯାଇଥିବା ବେଳେ ବ୍ୟକ୍ତିଗତ ସମ୍ପତ୍ତିରେ ପ୍ରଚାରପତ୍ର ଲଗାଇବା ପାଇଁ ସେମାନଙ୍କଠାରୁ ଲିଖିତ ଅନୁମତି ପତ୍ର ଗ୍ରହଣ କରିପାରିବେ। ପଞ୍ଚାୟତ ସମିତିର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରି ନଥିପତ୍ରକୁ ପଦସ୍ଥ ଅଧିକାରୀଙ୍କ ନିକଟରେ ରଖାଯିବ। ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିବା ସହ ଯେଉଁ ଉନ୍ନୟନମୂଳକ କାର୍ଯ୍ୟରେ ପାଣ୍ଠି ହିତାଧିକାରୀମାନଙ୍କୁ ଦିଆଯାଇଛି କେବଳ ସେହି କାର୍ଯ୍ୟଗୁଡ଼ିକ ଚାଲୁ ରହିବ। ଉନ୍ନୟନ କାର୍ଯ୍ୟ ଶେଷ କରିଥିବା ହିତାଧିକାରୀଙ୍କୁ ସେମାନଙ୍କୁ ପାଣ୍ଠି ପ୍ରଦାନ କରାଯାଇ ପାରିବ। ଶାସକ ଦଳ ସରକାରୀ ଅର୍ଥରେ କୌଣସି ପ୍ରଚାରମୂଳକ ବିଜ୍ଞାପନ କରିପାରିବେ ନାହିଁ। ଏମ୍‌ପି ଓ ବିଧାୟକମାନଙ୍କର ଇଚ୍ଛାମୂଳକ ପାଣ୍ଠିରୁ କୌଣସି କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ ପାଣ୍ଠି ପ୍ରଦାନ କରାଯାଇପାରିବ ନାହିଁ। ନିର୍ବାଚନ ପ୍ରଚାର ପୂର୍ବାହ୍ନ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁ ରହିବ। ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରଚାର କାର୍ଯ୍ୟ ପାଇଁ ଡାକବାଜି ଯନ୍ତ୍ର ଅନୁମତି ଦିଆଯିବ। ରାଲି ଓ ଶୋଭାଯାତ୍ରା ପାଇଁ ନିର୍ବାଚନ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କଠାରୁ ଅନୁମତି ନେବା ବାଧ୍ୟତାମୂଳକ। ଫେସବୁକ୍, ଟ୍ୱିଟର୍ ଆଦିରେ ଜିଲା ସରକାର ୱେବସାଇଟ୍‌ରେ ଥିବା ରାଜନେତାମାନଙ୍କର ଫଟୋ ବାହାର କରିଦିଆଯିବ। ସମସ୍ତ ପ୍ରକାର ପ୍ରଚାରପତ୍ରରେ ପ୍ରଚାରକଙ୍କ ନାମ, ଏହାର ମୁଦ୍ରିତ ହୋଇଥିବା ମୁଦ୍ରାକାରର ନାମ, ପ୍ରଚାର ପତ୍ରର ସଂଖ୍ୟା ଉଲ୍ଲେଖ ହେବା ବିଧେୟ ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ ରାଉତ ସୂଚନା ଦେଇଛନ୍ତି। ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ସହକାରୀ ଜିଲାପାଳ ମନୋଜ ସେନାପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ଥିଲେ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସୁଷମାରାଣୀ।

# ବିଜେଡିରେ ମିଶିଲେ ସୁଷମାରାଣୀ

**ଭୁବନେଶ୍ୱର/ବାଲେଶ୍ୱର ଅଫିସ୍, ୧୧।୩ (ବ୍ୟୁରୋ)**

୨୦୧୪ ସାଧାରଣ ନିର୍ବାଚନରେ ନୀଳଗିରିରୁ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ସୁଷମାରାଣୀ ବିଶ୍ୱାଳ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସୁଷମା ଭାଜପାର କାର୍ଯ୍ୟକାରିଣୀ ସଦସ୍ୟା ସହିତ ମହିଳା ମୋର୍ଚ୍ଚାର ଜିଲା ଉପସଭାପତି ଥିଲେ। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ନେତୃତ୍ୱରେ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ସୁଷମା ବଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନେତୃତ୍ୱ ଏବଂ ଜନହିତକର କାର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ସେ ଦଳରେ ଯୋଗ ଦେଇଥିବା ସୁଷମା କହିଛନ୍ତି। ଅନ୍ୟପଟେ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରି କହିଛନ୍ତି, ସୁଷମା ବିଜେଡିରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ବାଲେଶ୍ୱର ଜିଲା ସହ ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ପାଇବ। ସୁଷମା କହିଛନ୍ତି, ବାଲେଶ୍ୱର ଜିଲାରେ ଭାଜପା ଏବେ ବେପାର ମନୋବୃତ୍ତି ନେଇ କାର୍ଯ୍ୟ କରୁଛି। ଯେଉଁମାନେ ଭାଜପାରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି, ସେମାନେ ଦଳରେ ଦୟନୀୟ ଅବସ୍ଥାରେ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଏବଂ ଜନହିତକର କାର୍ଯ୍ୟକ୍ରମରେ ମୁଁ ଅନୁପ୍ରାଣିତ। ବାଲେଶ୍ୱର ଜିଲା ଏମ୍‌ପି ରବୀନ୍ଦ୍ର ଜେନାଙ୍କ ବଳିଷ୍ଠ ନେତୃତ୍ୱ ଓ କାର୍ଯ୍ୟ ଧାରା ମୋତେ ଆକର୍ଷିତ କରିଛି। ଲୋକଙ୍କ ପାଖରେ ରହିବି ଓ ସେବା କରିବି ବୋଲି ସୁଷମା କହିଛନ୍ତି।

# ମାଡ଼ିଗଲା ଡମ୍ପର, ବାଇକ୍ ଆରୋହୀଙ୍କ ପ୍ରାଣ ଗଲା

**ବସ୍ତା, ୧୧।୩(ସ୍ୱ.ପ୍ର.)**

ସିଂଲା ଥାନା ପୁଟୁରା ଛକ ନିକଟରେ ସୋମବାର ଏକ ପଥର ବୋଝେଇ ଡମ୍ପର ଏକ ବାଇକ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏଥିଯୋଗୁ କେତେ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଭାଜପା ନେତା ଧ୍ରୁବଚରଣ ନାୟକ, ବାସୁଦେବ ପଣ୍ଡା, କଂଗ୍ରେସ ନେତା ଭଜହରି ପରିଡ଼ା, ନଗେନ୍ଦ୍ର ସିଂହ ପ୍ରମୁଖଙ୍କ ନେତୃତ୍ୱରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ରାସ୍ତାରୋକୋ କରିଥିଲେ। ଥାନା ଆଇଆଇସି ସୁବ୍ରତ କୁମାର ବେହେରା ସଦଳବଳେ ପହଞ୍ଚି ଡମ୍ପର ଜବତ କରିବା ସହ ଆନ୍ଦୋଳନକାରୀଙ୍କୁ ବୁଝାଇ ରାସ୍ତା ଅବରୋଧ ହଟାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୪୪/୧୯) ରୁଜୁ ହୋଇଛି।

ପଥର ବୋଝେଇ ଡମ୍ପର (ନଂ.ଓଆର୍‌୦୧ଟି–୨୧୭୮) ଗାନ୍ଧୀଛକରୁ ବାଲିଆପାଳ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ (ନଂ.ଓଡି ୦୧ ଏ ଏ–୨୧୦୪) ଉପରେ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଗୋବରା ଗ୍ରାମର କହ୍ନେଇ ମାରଣ୍ଡିଙ୍କ ପୁଅ ବାଜୁନ (୨୭) ଡମ୍ପର ଚକା ତଳେ ଚାପି ହୋଇଯାଇଥିଲେ। ତାଙ୍କ ସହ ବାଇକ୍‌ରେ ଥିବା ଝରିଆ ଗ୍ରାମର ମିଥୁନ ସୋରେନ ଗାଡିରୁ ଛିଟ୍‌କି ପଡି ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଡମ୍ପର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ପ୍ରକାଶ ଥାଉ କି ଏବେ ଚୋରାରେ ବାଲି, ପଥର, ମୋରମ, ମାଟି ଆଦି ବ୍ୟାପକ ଚାଲାଣ ହେଉଛି। ରାଜସ୍ୱ ବିଭାଗର ରୟାଲିଟି ଫାଙ୍କିବା ଲାଗି ଗାଡ଼ି ସବୁ ଦ୍ରୁତ ଗତିରେ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ତହସିଲ ଓ ପୋଲିସ ପକ୍ଷରୁ ଏହି ଗାଡିଗୁଡିକ ଉପରେ ଅଧିକ ଯାଞ୍ଚ ଅଭିଯାନ ପାଇଁ ଦାବି ହୋଇଛି।

# ତହସିଲ କର୍ମଚାରୀଙ୍କ ଆନ୍ଦୋଳନ

**ଭୋଗରାଇ, ୧୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ତହସିଲଦାରଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ସରକାରୀ ବାସଭବନରେ ୱାଚମ୍ୟାନ୍ ରବିଶଙ୍କର ନନ୍ଦୀ ଓ ପିଅନ ବରେନ୍ଦ୍ର ପଟ୍ଟାୟତଙ୍କୁ ଦୁର୍ବ୍ୟବହାର କରିଥିବା ପ୍ରତିବାଦରେ ସୋମବାର ଭୋଗରାଇ ତହସିଲ କର୍ମଚାରୀଙ୍କ ପକ୍ଷରୁ ପ୍ରତୀକ ଧାରଣା ଦିଆଯାଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏହି ଘଟଣାକୁ ଗୁରୁତର ଭାବେ ନେଇ ଭୋଗରାଇ ନବନିଯୁକ୍ତ ତହସିଲଦାର ସନତ କୁମାର ନାୟକଙ୍କୁ କାର୍ଯ୍ୟାଳୟକୁ ଡାକି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଅପରପକ୍ଷରେ ଭୋଗରାଇ ତହସିଲଦାରଙ୍କୁ ଏଠାରୁ ବଦଳି କରିବାକୁ ବାଲେଶ୍ୱର ନିଖିଳ ଉତ୍କଳ ଚତୁର୍ଥଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଅଡ଼ି ବସିଥିବା ବେଳେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିନାହିଁ। ତେବେ ତହସିଲଦାରଙ୍କ ସ୍ତ୍ରୀ ଅର୍ପିତା ଭୋଗରାଇ ଥାନାରେ କରିଥିବା ମାମଲା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିବା ପରେ ସ୍ଥିତି ଜଟିଳ ହୋଇଛି।


ସୋମବାର ଜିଲା ନିଖିଳ ଉତ୍କଳ ଚତୁର୍ଥଶ୍ରେଣୀ ସରକାରୀ କର୍ମଚାରୀ ସଂଘର ସମ୍ପାଦକ କମଳାକାନ୍ତ ବେହେରା, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଗୌରାଙ୍ଗ ଚରଣ ପରିଡ଼ା ଓ ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ନାୟକ ଭୋଗରାଇ ତହସିଲ କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏହି ଘଟଣାରେ କର୍ମଚାରୀ ସଂଘ ପକ୍ଷରୁ ଜିଲା ଓ ରାଜ୍ୟ ଉଚ୍ଚାଧିକାରୀ ଓ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।




ତହସିଲ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।


# CLASSIFIED DISPLAY

ORANE
INTERNATIONAL SCHOOL OF BEAUTY & WELLNESS
Celebrating Women's Month
ଓରେନ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲ, ଭୁବନେଶ୍ୱର
ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି । SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*
*Terms & Conditions apply
ଆଡ଼ଭାନ୍ସ ଡିପ୍ଲୋମା
ହେୟାର । ବ୍ୟୁଟି । ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR


ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500


ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4, IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

SPOKEN ENGLISH
veta
Experts in spoken English

ଆସନ୍ତୁ ଭଲ ଇଂଲିସ୍ କହିବା
| | |
|---|---|
| Patia | 9337051526 |
| Khandagiri | 9338644666 |
| Saheed Nagar | 9338154139 |
| Buxi Bazar | 9778044550 |
| Balasore | 7735033550 |

DSPL-486
ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୧୦-୧୬ ମାର୍ଚ୍ଚ, ୨୦୧୯
ଗ୍ଲୁକୋମା (କଳାମୋତିଆ) ହେଉଛି ଏକ ଚକ୍ଷୁରୋଗ ଯାହା ଦୃଷ୍ଟିଶକ୍ତି ନଷ୍ଟର ଏକ ପ୍ରମୁଖ କାରଣ ଅଟେ । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ଜନସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି ।
ନିଜେ ଜାଣନ୍ତୁ ଓ ଅନ୍ୟକୁ ଜଣାନ୍ତୁ :
- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ହେଉଅଛି ।
ସଠିକ ଚିହ୍ନଟ,ସଠିକ ଉପଚାର
କଳାମୋତିଆକୁ ନଥିବ ଡର ।
10003/13/0118/1819
ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ମାନସିକ ରୋଗୀଙ୍କୁ କୋର୍ଟ ଚାଲାଣ ନେଇ ଅଡୁଆ

## ଅତିରିକ୍ତ ଏସ୍‌ପିଙ୍କ ନିକଟରେ ଅଭିଯୋଗ ପରେ ତଦନ୍ତାଦେଶ

ଭଦ୍ରକ ଅଫିସ, ୧୧।୩

ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ କୋର୍ଟଚାଲାଣ କରିବା ଘଟଣା ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଅଡୁଆରେ ପଡ଼ିଛି। ପୀଡ଼ିତା ଭାରତୀ ସ୍ୱାଇଁଙ୍କ ଭାଇ ତ୍ରିଲୋଚନ ଓ ଜିଲା ଆଇନସେବା ପ୍ରାଧିକରଣର ପାରାଲିଗାଲ୍ ସ୍ୱେଚ୍ଛାସେବୀ ସୁନାରାଣୀ ପଣ୍ଡା ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସଙ୍କୁ ଭେଟି ଏନେଇ ନ୍ୟାୟ ଭିକ୍ଷା କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସକାଶେ ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗକାରୀ ଆଗରପଡ଼ା ଥାନା ଅଧୀନ ଅଣିଜୋ ଗ୍ରାମର ତ୍ରିଲୋଚନ ଦର୍ଶାଇଛନ୍ତି ଯେ, ତାଙ୍କ ଭଉଣୀ ୨୦୦୯ରେ ନଳାଙ୍ଗ ଗ୍ରାମର ମଳୟ ଜେନାଙ୍କୁ ବିବାହ କରିଥିଲେ। ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ମଳୟଙ୍କ ପରିବାର ଲୋକେ ତାଙ୍କ ଭଉଣୀଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ଏଭଳି ସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ବସିବାରୁ ସେ ତାଙ୍କ ଭଉଣୀଙ୍କୁ ନେଇ କଟକର ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସା କରାଇଥିଲେ। ଭାରତୀଙ୍କ ସ୍ୱାମୀ ମଳୟ ଗତ ମାସ ୨୨ ତାରିଖରେ ଥାନାକୁ ଯାଇ ତାଙ୍କ ସ୍ତ୍ରୀ ଗଣ୍ଡଗୋଳ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଭାରତୀଙ୍କୁ ଗିରଫ କରି ସେଦିନ କୋର୍ଟ ଚାଲାଣ କରିଥିଲା। ଭାରତୀ ମାନସିକ ରୋଗାକ୍ରାନ୍ତ ବୋଲି ଶାଶୁଘର ଲୋକେ ଦର୍ଶାଇବା ସତ୍ତ୍ୱେ ପୋଲିସ କିପରି ତାଙ୍କୁ ଚିକିତ୍ସାଳୟ ନ ପଠାଇ କୋର୍ଟ ଚାଲାଣ କଲେ ତାହା ମାନବାଧିକାର ଉଲ୍ଲଙ୍ଘନ କରୁଛି ବୋଲି ତ୍ରିଲୋଚନ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ଆଇନଗତ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ରଶି ଦେଇ ଯୁବକଙ୍କ ଆତ୍ମହତ୍ୟା

ଆରଡ଼ି, ୧୧।୩ (ଡି.ଏନ.ଏ.): ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ଆରଡ଼ିରେ ଘର ଭଡ଼ା ନେଇ ରହୁଥିବା ଅକ୍ଷୟ ବାରିକ ନାମକ ଜଣେ ଯୁବକ ସୋମବାର ସନ୍ଧ୍ୟାରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଅକ୍ଷୟଙ୍କ ଘର ଚାନ୍ଦବାଲି ବାଲିଗାଁର ଗାନ୍ଧିନଗରରେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆରଡ଼ି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

### ଦୁର୍ଘଟଣାରେ ମହିଳା ମୃତ

ତିହିଡ଼ି, ୧୧।୩ (ଡି.ଏନ.ଏ.): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ତହସିଲ ଛକ ନିକଟରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ତିହିଡ଼ି ଥାନା ଅନ୍ତର୍ଗତ ଅଚକ ପଞ୍ଚାୟତ ସାନ୍ତରାପୁର ଗ୍ରାମର ମିନା କୁମାରୀ ଧଳ। ସେ ବାଇକ୍‌ରେ ବସି ତିହିଡ଼ିରୁ ଘରକୁ ଫେରୁଥିଲେ। ତହସିଲ ଛକ ନିକଟରେ ବାଇକ୍ ଏକ ସାଇକେଲକୁ ଧକ୍କା ଦେଇଥିଲା। ବାଇକ୍ ପଛରେ ବସିଥିବା ମିନା ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଭଦ୍ରକ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତିହିଡ଼ି ଥାନାରେ ଏକ ମାମଲା(ନଂ.୧୦୩/୧୯) ରୁଜୁ କରାଯାଇଛି।

### ହନୁମାନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଆରଡ଼ି, ୧୧।୩ (ଡି.ଏ.ଏ.): ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବଡ଼ଓଲଗଠାରେ ସୋମବାର ହନୁମାନଙ୍କ ୮ମ ବାର୍ଷିକ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଟ ଉତ୍ତୋଳନ, ସୂର୍ଯ୍ୟପୂଜା, ସୀତାରାମଙ୍କ ପୂଜନ, ଯଜ୍ଞ କର୍ମ, ପୂର୍ଣ୍ଣାହୁତି ଓ ନାମସଂକୀର୍ତ୍ତନ କରାଯାଇଥିଲା। ପୂଜକ ଶଙ୍କର୍ଷଣ ଦାଶଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପଣ୍ଡିତ ବସନ୍ତ ଶତପଥୀ ଓ ଅନୀଲ କୁମାର ପଣ୍ଡା ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସହାୟତା କରିଥିଲେ। ଶୈଳେନ୍ଦ୍ର ନାୟକ ଓ ଇତିସ୍ମିତା ନାୟକ ସଂକଳ୍ପ କରିଥିଲେ। ହନୁମାନ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବାଙ୍ଗିରିପୋଷିରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବାଙ୍ଗିରିପୋଷ, ୧୧।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସ୍ଥିତ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ନିର୍ବାଚନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧରକାରୀ ଡା. ଆଶିଷ ରଞ୍ଜନ ସାହୁ ଯୋଗ ଦେଇଥିଲେ। ନିର୍ବାଚନରେ ମତଦାନ ହାର କମିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଚଳିତ ନିର୍ବାଚନରେ ଭୋଟରମାନେ ଯାହାକୁ ଭୋଟ ଦେବେ ତାହା ଭିଭିପାଟ ମେଶିନ ମାଧ୍ୟମରେ ୭ ସେକଣ୍ଡ ପାଇଁ ଦେଖି ପାରିବେ ବୋଲି ସେ ସୂଚନା ଦେଇଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ତଥା ବ୍ଲକ ନୋଡାଲ ଅଧିକାରୀ ଉପେନ୍ଦ୍ର ନାଥ ସୋରେନଙ୍କ ସମେତ ଡେମନଷ୍ଟ୍ରେଟର ଭାବେ ଶିକ୍ଷକ ମାନସ ରଞ୍ଜନ ସାହୁ, ଧର୍ମେନ୍ଦ୍ର ନାଏକ ଓ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଭୋଟରମାନେ ଇଭିଏମରେ କିପରି ମତଦାନ କରିବେ ସେ ସମ୍ପର୍କରେ ସଚେତନ କରାଇଥିଲେ। କୁମ୍ଭାରମୁଣ୍ଡାକଟା ପିଇଓ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୋରରେ ମକ୍‌ପୋଲିଂ କାର୍ଯ୍ୟକ୍ରମ

ସୋର, ୧୧।୩(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ୨୪ଟି ବୁଥ୍‌ରେ ଏବେ ଆସନ୍ତା ସାଧାରଣ ନିର୍ବାଚନ ବେଳେ ଭୋଟରଙ୍କ ଦ୍ୱାରା ଇଭିଏମ୍ ଭିଭିପାଟ୍ ବ୍ୟବହାର ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ୧୨ତାରିଖରେ ଶେଷ ହେବ। ପୌରପରିଷଦ ଅନ୍ତର୍ଗତ ପ୍ରତିଦିନ ୪ଟି ବୁଥ୍‌ରେ ଏହି ମକ୍ ପୋଲିଂ କାର୍ଯ୍ୟକ୍ରମ ହେଉଛି। ସୋମବାର ୩ନଂ. ୱାର୍ଡ କମରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ବେଳେ ଶତାଧିକ ଭୋଟର ଓ ଜନସାଧାରଣ ଯୋଗଦେଇ ଇଭିଏମ୍, ଭିଭିପାଟ୍ ଓ କଣ୍ଟ୍ରୋଲ ୟୁନିଟ୍ ନେଇ ପ୍ରଶିକ୍ଷିତ ହୋଇଥିଲେ। ଏଥିରେ ଡେମନ୍‌ଷ୍ଟ୍ରେସନ ଅଫିସର ଭାବେ ପୌର କର୍ମଚାରୀ ଶିବ ପ୍ରସାଦ ନାୟକ ଯୋଗଦେଇ ଭୋଟରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ହଟିଲା ହୋର୍ଡିଂ, ବ୍ୟାନର

ବଡସାହି, ୧୧।୩(ସ୍ୱ.ପ୍ର.): ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ଆଚରଣବିଧି ଲାଗୁ ହେବା ଯୋଗୁ ପ୍ରଶାସନ ବଡ଼ସାହି ବ୍ଲକ ଅଞ୍ଚଳରେ ଲଗାଯାଇଥିବା ହୋର୍ଡିଂ ଓ ବ୍ୟାନର ହଟାଇବା କାର୍ଯ୍ୟକ୍ରମ ହାତକୁ ନେଇଛି। ସୋମବାର ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଭାବେ ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ଆସିଷ୍ଟାଣ୍ଟ ରିଟର୍ଣ୍ଣି ଅଫିସର ଭାବେ ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରୁ ବ୍ୟାନର ଓ ଦଳୀୟ ପତାକା ସବୁ କାଢି ନିଆଯାଇଛି।

## 'ସତ୍‌କର୍ମ ହିଁ ବାସ୍ତବ ଧର୍ମ'

ରୂପ୍‌ସା, ୧୧।୩(ଡି.ଏନ.ଏ.)



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ସାମିଲ ହସନପୁର ପଞ୍ଚାୟତ ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମର ୩୦ତମ ବାର୍ଷିକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି 'ରେବତୀ' ପତ୍ରିକାର ସମ୍ପାଦିକା ସାମାଜିକ କର୍ମୀ ସୁବାସିନୀ ଜେନା ଉତ୍ସବକୁ ଉଦ୍‌ଘାଟନ କରି କୁନି ପିଲାଙ୍କୁ ନିର୍ମାଣ କରିବା ମା'ବାପାଙ୍କର ଦାୟିତ୍ୱ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା 'ବେଦପୀୟୁଷ' ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମଣିଷର ସତକର୍ମ ହିଁ ବାସ୍ତବ ଧର୍ମ ବୋଲି ମତବ୍ୟକ୍ତ କରିଥିଲେ।

ଆଶ୍ରମର ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ଆର୍ଯ୍ୟ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ସାମାଜିକ କର୍ମୀ ଅଞ୍ଜଳି ପଣ୍ଡା, ବଳରାମ ପାଢ଼ୀ, ପ୍ରାକ୍ତନଶିକ୍ଷକ ନିରଞ୍ଜନ ପଣ୍ଡାଶର୍ମା, ଶିଳ୍ପପତି ପ୍ରବୀର କୁମାର ପ୍ରଧାନ ଓ ସର୍ବେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଗୁରୁକୁଳ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ସଞ୍ଜୟ କୁମାର ସେଠୀଙ୍କୁ 'ଗାଁ ଗୌରବ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା। ୩ ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ବିଶ୍ୱକଲ୍ୟାଣ ଯଜ୍ଞ, ଯୋଗ ପ୍ରାଣାୟମ, ବୈଦିକ ପ୍ରବଚନ, ବୃକ୍ଷରୋପଣ, ଗୋମାତା ପୂଜନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଆଚାର୍ଯ୍ୟ ଡ. ଦେବବ୍ରତଜୀ ଧର୍ମବାଣୀ ଶୁଣାଇଥିଲେ। ଆଶ୍ରମ ସଭାପତି ପଣ୍ଡିତ ବୀରେନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

## ନିହାର କନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସୋର, ୧୧।୩(ଡି.ଏନ.ଏ.)



ସାହିତ୍ୟ ସଂସଦର ଏକବିଂଶତମ ବାର୍ଷିକ ଉତ୍ସବରେ ଅତିଥି।

ସୋର ବ୍ଲକ ଅନ୍ତର୍ଗତ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମରେ ନିହାର କନ୍ୟା ସାହିତ୍ୟ ସଂସଦର ଏକ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଭାରେ କବି ଦିବ୍ୟସିଂହ ଦାସ ଅଧିକାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କବୟିତ୍ରୀ ମମତା ଦାସ ଯୋଗଦେଇ ବକ୍ତବ୍ୟରେ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ ସମ୍ବନ୍ଧରେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପିତାମ୍ବର ତରେଇ, ଅନ୍ୟତମ ଅତିଥି ଭାବେ ସ୍ତମ୍ଭକାର ଅକ୍ଷୟ ରାଉତ, ଶରତ ଚନ୍ଦ୍ର ମହାପାତ୍ର, ସୁନୀଲ ମିଶ୍ର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଡ. ସୁରଞ୍ଜନ ଲେଙ୍କା, ଡ. ଲିପାପୁଷ୍ପା ନାୟକ, ଗାଳ୍ପିକ କିଶୋର ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ସଂସଦର ମୁଖପାତ୍ର 'ନିହାରକନ୍ୟା' ଓ କିଶୋର ମିଶ୍ରଙ୍କ ପୁସ୍ତକ 'ପ୍ରମୋଦ' ଉନ୍ମୋଚନ କରିଥିଲେ। ଏହି ଅବସରରେ କବି ଓ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପରେ ଦ୍ୱିତୀୟ ଅଧିବେଶନରେ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ରବୀନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ. କୁଞ୍ଜବିହାରୀ ଧଳ, ଡ. ଯଶୋଧରା ଦାସ, ଡ. ସୁଧାକର ଦାସ, କବି କିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ଶ୍ରୀଦେବ ଯୋଗଦେଇ କବିତାର ତୁଳନାତ୍ମକ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ କିଶୋର ମିଶ୍ର, ଅଞ୍ଜନ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ମମତା ସାହୁ, ଲିପିରେଖା ମହାପାତ୍ର ସଂଯୋଜନା କରିଥିଲେ। ସାହିତ୍ୟ ସଂସଦର ସମ୍ପାଦକ ସୁରଞ୍ଜନ ପାତ୍ର ସଭାରେ ଉପସ୍ଥିତ ଥିଲେ। ସୁନୀଲ ରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଦ୍ୟୁମ୍ନ ପାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଙ୍କିଲେ ଧୋବଲୁଗା ଛିଣ୍ଡିଯିବ;**
**ପାଳ ଦଉଡ଼ିଆ ପଇତା ଥାଇ କିସ କରିବ ?**

ଲୁଗା ଏତେ ପତଳା ବା ପୁରୁଣା ହୋଇଗଲାଣି ଯେ ସାମାନ୍ୟ ଛିଙ୍କିଦେଲେ ବି ଛିଡ଼ିଯାଉଛି। ଉତ୍କଟ ଦାରିଦ୍ର୍ୟାବସ୍ଥା। ସ୍ୱାମୀ ଯେବେ ଅପାରଗ ଅଯୋଗ୍ୟ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ସ୍ୱାମୀର ଅଯୋଗ୍ୟ ପଣକୁ ଧିକ୍କାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଞ୍ଚୁଣି ବିକିଲି, ଦରପଣ କଲି,**
**କୁଲା ବିକି କଲି ଚାତର।**
**ମାଆ ବିକୁଥେଲା ଚିଙ୍ଗୁଡ଼ି ଶୁଖୁଆ,**
**ବାପ ବିକୁଥିଲା ପତର।**

ସାଧାରଣତଃ ଅନେକ ବ୍ୟକ୍ତି ଛୋଟରୁ ବଡ଼ ହୋଇସାରିବା ପରେ ଅତୀତର ଦାରିଦ୍ର୍ୟ ଅବସ୍ଥାକୁ ପାସୋରି ଯାଇଥାନ୍ତି। ବର୍ତ୍ତମାନର ସ୍ୱଚ୍ଛଳ ଅବସ୍ଥାକୁ ନେଇ ଦେଖେଇ ଶିଖେଇ ଅନେକ ଗର୍ବ ପ୍ରକାଶ କରିଥାନ୍ତି। ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରି ବସିଥାନ୍ତି। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି ତାହା ସେ ଭୁଲି ନ ଯିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଉତ୍କଳଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରୂପ୍‌ସା, ୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦରଡ଼ା ଉତ୍କଳ ଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାମଶୂଳୀ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୟାରାମ ଗିରି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ, ସମ୍ମାନନୀୟ ଅତିଥି ଭାବେ ମନ୍ତ୍ରୀଡ଼ାହି ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣି, ଶିକ୍ଷାକେନ୍ଦ୍ର ସମ୍ପାଦକ ଉମାକାନ୍ତ ମହାନ୍ତି, ପ୍ରଧାନଆଚାର୍ଯ୍ୟ ସୁମିତା ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ଓ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସିଂଲା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟ ଜୟନ୍ତ କୁମାର ମିଶ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଗୌରାଙ୍ଗ ଚରଣ ସାସ୍‌ମଲଙ୍କୁ ଶିକ୍ଷକ ଗୌରବ, ଅଭିଭାବକ ସୁଜାତା ବିଶ୍ୱାଳ ଓ ମଧୁସୂଦନ ବିଶ୍ୱାଳଙ୍କୁ ଶ୍ରେଷ୍ଠ ମାତାପିତା ସମ୍ମାନ ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁମା, ଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF MORE SPACE • SAME PRICE *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ
50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ।
୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୧୨ ମାର୍ଚ୍ଚ, ୨୦୧୯



■ ଐତିହାସିକ ପତିରାଜପୁର ମେଳା ପ୍ରସ୍ତୁତି

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଖଇରା, ୧୧।୩(ଡି.ଏନ.ଏ.) ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳା ଆଉ ମାତ୍ର ୯ ଦିନ ବାକି ରହିଛି। ଏନେଇ କମିଟିର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ନବକିଶୋର କର ଏଥିରେ ପୌରୋହିତ୍ୟ କରିଥିଲେ। ଏଠାକୁ ଆସୁଥିବା ଯାତ୍ରୀମାନଙ୍କ ଲାଗି ଶୌଚାଳୟ ଓ ପାନୀୟଜଳର ସୁବିଧା କରିବାକୁ ଗ୍ରାମ୍ୟ ଜଳ ପରିମଳ ବିଭାଗକୁ ଅନୁରୋଧ କରାଯାଇଛି। ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପୁରୋଷାର ସମସ୍ତ ବନ୍ଦୋବସ୍ତ ନେବା ଲାଗି ସ୍ୱୀକୃତି ପ୍ରଦାନ କରିଥିଲେ। ମେଳା ପରିସରରେ ଡିଜେ ବନ୍ଦ କରି ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ ଦେବା, ନିଶାଦ୍ରବ୍ୟ ବିକ୍ରି ବନ୍ଦ କରାଯିବା ଉପରେ ଆଲୋଚନା କରାଯାଇଥିଲା। ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ଯାଇଥିବାରୁ ମଞ୍ଚସ୍ଥ ହେବାକୁ ଥିବା ୩ଟି ଅପେରା କିଭଳି ସୁରୁଖୁରୁରେ ଯାତ୍ରା ଶେଷ କରିବେ ସେଥିପ୍ରତି ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଗୌରାଙ୍ଗ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ପାଣି, କୋଷାଧ୍ୟକ୍ଷ ଗୋଲକ ପ୍ରସାଦ ସାମଲ, ବରିଷ୍ଠ ସଭ୍ୟ ଭାଗୀରଥି ନାୟକ, ନାରାୟଣ ପାତ୍ର, କ୍ଷେତ୍ରମୋହନ ଖଟୁଆ, ରମେଶ ଘଡ଼େଇ, ବଇରାମ ପଣ୍ଡା ଓ ଗୋପୀନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ବିଜୟ ସଂକଳ୍ପ ଅଭିଯାନ

ଭୋଗରାଇ, ୧୧।୩(ଡି.ଏନ.ଏ.): ଓଡ଼ିଶାରେ ଏକ ଅପାରଗ ସରକାର ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡ଼ିଛି। ଏଥିନିମନ୍ତେ ଭାଜପା ପତାକା ତଳେ ସମସ୍ତ ଗଣସଙ୍ଗଠନ ଏକଜୁଟ ହୋଇ ଝାସ ଦେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଣି କ୍ଷମତାକୁ ଆଣିବା ସହିତ ଭାଜପା ମିଶନକୁ ସଫଳ କରିବା ପାଇଁ ମନରେ ଦୃଢ଼ ବିଶ୍ୱାସ ଓ ସଂକଳ୍ପ ନେବାକୁ ସମସ୍ତଙ୍କୁ ଶପଥ ନେବାକୁ ହେବ ବୋଲି ଭୋଗରାଇର କମର୍ଦ୍ଦା ଡାକବଙ୍ଗଳାଠାରେ ସୋମବାର ଭାଜପାର ବିଜୟ ସଂକଳ୍ପ ଅଭିଯାନ ଶୁଭାରମ୍ଭରେ ଭାଜପା ନେତାମାନେ ମତପ୍ରକାଶ କରିଛନ୍ତି। ଭାଜପା ନେତା ପ୍ରଦୀପ କୁମାର ଜେନା ବିଜୟ ସଂକଳ୍ପ ଅଭିଯାନକୁ ଫିତା କାଟି ଶୁଭାରମ୍ଭ କରିଥିଲେ। ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସତ୍ୟବ୍ରତ ସେନାପତିଙ୍କ ସଂଯୋଜନାରେ ଭାଜପା ନେତା ସଞ୍ଜୀବ କୁମାର ସାହୁ, ଗଙ୍ଗାଧର ପାତ୍ର, ସୁବାସ ଦାସ, ଶକ୍ତିପଦ ପାଣ୍ଡେ, ଭକ୍ତିଭୂଷଣ ପାଣ୍ଡେ, ଗୋପାଳ ପଣ୍ଡା, ରାଧାଶ୍ୟାମ ବେହେରା ପ୍ରମୁଖ ବହୁ ପ୍ରବୀଣ ଓ ଯୁବନେତାମାନେ ସଂକଳ୍ପ ଅଭିଯାନରେ ସାମିଲ ହୋଇ ଘର ଘର ବୁଲି ମୋଦିଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଭୋଗରାଇ ନିର୍ବାଚନମଣ୍ଡଳୀରେ ୩୫ଟି ସ୍ଥାନରେ ବିଜୟସଂକଳ୍ପ ଅଭିଯାନ କରାଯିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ।



କମର୍ଦ୍ଦାଠାରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି/୨, ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ - ୦୬୭୪-୨୫୪୦୦୩୨, ଇ-ମେଲ: 0815ro@iobnet.co.in, 0815law@iob.in

## ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**ଅସ୍ଥାବର/ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**
**(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ପାଇ ଅସ୍ଥାବର ଓ ୬(୨) ସ୍ଥାବର ଅନୁଯାୟୀ)**
**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଓ ୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇଦିଆଯାଉଅଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତି ଗଡ଼ିକ ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ରଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ରଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଗଠନମୂଳକ ଦଖଲ "ଯାହାକି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା। କୌଣସି ଇଣ୍ଡେମିନିଟିଜ୍ (ବନ୍ଧକ ପତ୍ର) ଏବଂ ୱାରେଣ୍ଟି ବିନା ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି, ସେଠାରେ ଯାହା ଅଛି ଏବଂ ବିନା ଆଇନଗତ ସହାୟତା ଭିତ୍ତିରେ"** ବିକ୍ରି କରାଯିବ।

| କ୍ର. ନଂ | ଶାଖା ନାମ / ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର/ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|
| ୧. | **ଜୋବ୍ରା ଶାଖା, ଫୋନ.: ୦୬୭୧-୨୫୪୮୦୩୨/୨୫୪୮୫୩୫, ମୋ.: ୯୪୩୮୨୯୫୩୩୪/** **ରଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ସତ୍ୟଜିତ ପରିଡ଼ା,** ପିତା: କ୍ଷେତ୍ରମୋହନ ପରିଡ଼ା **/ଗ୍ୟାରେଣ୍ଟିଦାତାମାନେ: ୧) ପୁଷ୍ପଲତା କବି, ୨) ସୁଲୋଚନା କବି/ପରିଡ଼ା,** ଉଭୟଙ୍କ ବାସଗୃହ ଠିକଣା ସା.: ଗୋପାଳ ସାହି, ମଙ୍ଗଳାବାଗ୍ କଟକ | **ସୁଲୋଚନା କବି ଏବଂ ପୁଷ୍ପଲତା କବିଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ-୨୨, ମିର୍‌କମଲ ପାଟଣା, ତହସିଲ ନଂ.: ୫, ଖାତା ନଂ.: ୧୦୬୮/୪୩, ପ୍ଲଟ୍ ନଂ.: ୧୦୧୭, କ୍ଷେତ୍ର: ଏକର୦.୦୪୨ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: କୈଳାସ କବି (ଏସି ଷ୍ଟ୍ରିଟ୍), ଉତ୍ତର: ରାଜେଶ କବି, ଦକ୍ଷିଣ: ନର୍ସିଂହୋମ୍ |
| ୨. | **ଢେଙ୍କାନାଳ ଶାଖା, ଫୋନ.: ୦୬୭୬୨-୨୨୬୪୩୬, ମୋ.: ୯୪୩୭୦୮୧୪୭୭/** **ରଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ସାହୁ,** ପିତା: ଶ୍ରୀ ମାୟାଧର ସାହୁ, ସା: ରତନପ୍ରଭା (ପୋଡ଼ପଡ଼ା, ପୋ.: ହିନ୍ଦୋଳ ରୋଡ୍, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯ | **ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୧୮୮/୪୯୪୨, ଖାତା ନଂ.: ୨୭୨/୧୩୬, କ୍ଷେତ୍ର: ଏକର୦.୨୯ଡିସିମିଲି, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଜଗା ନାୟକ, ପଶ୍ଚିମ: ଶ୍ରୀ ପ୍ରହ୍ଲାଦ ବାରିକ, ଉତ୍ତର: ରେଙ୍ଗଲି ରାଇଟ୍ କେନାଲ, ଦକ୍ଷିଣ: ଏନ୍ଏଚ୍-୪୨ |
| ୩. | **ବାରବାଟୀ ଷ୍ଟାଡ଼ିୟମ ଶାଖା, ଫୋନ.: ୦୬୭୧-୨୩୦୦୨୭୦, ମୋ.: ୯୯୬୭୯୧୩୯୨୫/** **ରଣଗ୍ରହୀତା: ମେସର୍ସ ଭାରତ ଫ୍ଲାଏ ଆଶ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ୧) ଶ୍ରୀମତୀ ଝରଣା ରାଉତ,** ସ୍ୱାମୀ: ୰ ପ୍ରଶାନ୍ତ ରାଉତ, ସା.: ମେଟ୍ରୋ ଗାର୍ଡେନ୍ ଇଷ୍ଟେଟ୍, ପୋ.: ତେଲେଙ୍ଗା ବଜାର, ଥାନା: ପୁରୀଘାଟ, କଟକ, **୨) ମହମ୍ମଦ ରଫିକ୍,** ପିତା: ହାଜି ମହମ୍ମଦ ସୋହେବ, ସା.: ତୁଳସୀପୁର (ଗୋରା କବର), ପୋ.: ବକ୍ସି ବଜାର, ଥାନା: ବିଡ଼ାନାସୀ, କଟକ- ୭୫୩୦୦୧ | **ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ** ନାମରେ ଥିବା ଜମି ଏବଂ ଛୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା: ଅତୁଡ଼ା, ଥାନା/ତହସିଲ: ସାଲେପୁର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୩୫୫୭, ଖାତା ନଂ.: ୫୫୩, କ୍ଷେତ୍ର: ଏକର ୧.୫୨୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୫୬୬, ୩୫୬୭, ୩୫୬୮, ୩୫୬୯, ପଶ୍ଚିମ: ପ୍ଲଟ୍ ନଂ.: ୩୬୫୨, ୩୫୫୬, ଉତ୍ତର: ସରକାରୀ ଜଳସେଚିତ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୬୫୨ |
| ୪. | **ଯାଜପୁର ରୋଡ୍ ଶାଖା, ଫୋନ.: ୦୬୭୨୬-୨୨୦୮୧୦, ମୋ.: ୭୯୭୮୭୫୧୫୮୪/** **ରଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇ,** ସ୍ୱାମୀ- ଶ୍ରୀ ମହେଶ୍ୱର ମହାପାତ୍ର, ସା: ବଜରପଡ଼ା (ସଠିପୁର), ପୋ: ରୁଢ଼ିଆ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୩୩ | **ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା: ବଜରପଡ଼ା, ଖାତା ନଂ: ୧୦୩, ପ୍ଲଟ୍ ନଂ: ୨୨, କ୍ଷେତ୍ର: ଏକର ୦.୦୮ ଡିସିମିଲି, ଅନୁରୂପ ମ୍ୟୁଟେସନ୍ ଖାତା ନଂ: ୨୫୦/୧୩, ପ୍ଲଟ୍ ନଂ: ୨୨/୧୭୪୪, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର ରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ମହେଶ୍ୱର ମହାପାତ୍ର, ପଶ୍ଚିମ/ଦକ୍ଷିଣ: ଶ୍ରୀ ରାଜୁ ବାରିକ, ଉତ୍ତର : ଗୋଚର |
| ୫. | **ଯାଜପୁର ରୋଡ୍ ଶାଖା, ଫୋନ.: ୦୬୭୨୬-୨୨୦୮୧୦, ମୋ.: ୭୯୭୮୭୫୧୫୮୪/** **ରଣଗ୍ରହୀତା: ଶ୍ରୀ ଧରଣୀଧର ମଲ୍ଲିକ,** ପିତା- ୰ବାଞ୍ଛୁ ମଲ୍ଲିକ / **ଜାମିନ୍‌ଦାରମାନେ: ୧) ଶ୍ରୀ କରୁଣାକର ମଲ୍ଲିକ,** ପିତା- ୰ ବାଞ୍ଛୁ ମଲ୍ଲିକ, **୨) ଶ୍ରୀମତୀ ବାସନ୍ତୀ ମଲ୍ଲିକ,** ସ୍ୱାମୀ- ଶ୍ରୀ ଧରଣୀଧର ମଲ୍ଲିକ, ସମସ୍ତଙ୍କ ଠିକଣା- ଗ୍ରାମ: ବଡ଼ପାତୁଲୀ, ପୋ: ପାତୁଲୀ, ଜିଲ୍ଲା: ଯାଜପୁର - ୭୫୫୦୧୯ | (୧) ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା: ବଡ଼ପାତୁଲୀ, ଖାତା ନଂ: ୧୬୧, ପ୍ଲଟ୍ ନଂ: ୫୩୪, ୫୩୫, ପରିମିତ କ୍ଷେତ୍ର: ଏକର ୦.୧୨ ଡିସିମିଲି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ପୂର୍ବ: ନିଲେଇ ମଲ୍ଲିକ, ପଶ୍ଚିମ: ରାସ୍ତା, ଉତ୍ତର / ଦକ୍ଷିଣ: ଶ୍ରୀ ଧରଣୀଧର ମଲ୍ଲିକ ଏବଂ ଶ୍ରୀ କରୁଣାକର ମଲ୍ଲିକ ଅବସ୍ଥିତ । **(୨) ଶ୍ରୀ ଧରଣୀଧର ମଲ୍ଲିକ, ଶ୍ରୀ କରୁଣାକର ମଲ୍ଲିକ ଏବଂ ଶ୍ରୀମତୀ ବାସନ୍ତୀ ମଲ୍ଲିକଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାକି ମୌଜା: ବଡ଼ପାତୁଲି, ଖାତା ନଂ: ୨୬, ପ୍ଲଟ୍ ନଂ: ୧୨୫ (ଅଂଶ), ପରିମିତ କ୍ଷେତ୍ର: ଏକର ୦.୧୯ ଡିସିମିଲି, ଖାତା ନଂ: ୨୮୬, ପ୍ଲଟ୍ ନଂ: ୪୯୨, ୪୯୩, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ: ୪୨୬, ପ୍ଲଟ୍ ନଂ: ୪୪୯, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ: ୧୦୪, ପ୍ଲଟ୍ ନଂ: ୧୮୨(ଅଂଶ), କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ: ୨୭୩, ପ୍ଲଟ୍ ନଂ: ୪୬୯, ୪୭୦, ୪୭୧, କ୍ଷେତ୍ର: ଏକର ୦.୭୯ ଡିସିମିଲି, ଖାତା ନଂ: ୧୪୬, ପ୍ଲଟ୍ ନଂ: ୬୨୨, କ୍ଷେତ୍ର: ଏକର ୦.୩୧ ଡିସିମିଲି, ଖାତା ନଂ: ୧୬୧, ପ୍ଲଟ୍ ନଂ: ୧୧୩୯, ପ୍ଲଟ୍ ନଂ: ୫୬୪, ୫୩୩, ୫୧୮/୧୧୭୬, କ୍ଷେତ୍ର: ଏକର ୦.୬୨ ଡିସିମିଲି, ଜିଲ୍ଲା: ଯାଜପୁରରେ ଅବସ୍ଥିତ । ଏତଦ୍ୱାରା **ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସସି (ଅନୁସୂଚିତ ଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ।** |
| ୬. | **ବାରିପଦା ଶାଖା,** [illegible] **ରଣଗ୍ରହୀତା/ବନ୍ଧକଦାତା:** [illegible] | **ଗୋପିନାଥ ହେମ୍ବ୍ରମଙ୍କ** ନାମରେ ଥିବା ଜମି ଏବଂ ଗୃହ [illegible] **ଜଣାଇ ଦିଆଯାଉଛି କି କେବଳ ଏସଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ।** |
| ୭. | **ଧୁରୁଡ଼ିଆ ଶାଖା,** [illegible] | **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି [illegible] |
| ୮. | **ଶହୀଦ ନଗର ଶାଖା,** [illegible] | **୧) ମେସର୍ସ ଶ୍ରାବଣୀ କନ୍ଷ୍ଟ୍ରକ୍ସନ୍ସ ପ୍ରାଇଭେଟ୍ ଲିଃ.ଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି [illegible] **୨) ମେସର୍ସ ଶ୍ରାବଣୀ କନ୍ଷ୍ଟ୍ରକ୍ସନ୍ସ ପ୍ରାଇଭେଟ୍ ଲିଃ.ଙ୍କ** [illegible] |
| ୯. | **ହରିପୁର ରୋଡ୍ ଶାଖା,** [illegible] **ମୋ.: ୯୪୩୯୦୭୮୩୯୦ /** **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୃଷ୍ଟି,** ପ୍ଲଟ୍ ନଂ.: ୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା, **ନିର୍ଦ୍ଦେଶକ: ମିନା ମଲ୍ଲିକ,** ପ୍ଲଟ୍ ନଂ.: ୪୭, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର [illegible] ୱେଲ୍ଡିଂ ସିଷ୍ଟମ, ହେଭି ଡ୍ରେଲିଂ ମେସିନ୍, ପ୍ଲେଟ୍ ରୁଲ୍‌ର, ଡିଜେଲ ଜେନେରେଟର, ଅଟୋମେଟିକ୍ କଟିଂ ସେଟ୍, ମେଜରିଂ ଇନ୍ଷ୍ଟ୍ରୁମେଣ୍ଟସ୍, ହାଇଡ୍ରୋଲିକ୍ ଏବଂ ସ୍କ୍ରିଉ ଜ୍ୟାକ୍, ଲିଫ୍ଟିଂ ଟୁଲ୍ସ, ରେଡ଼ିଓଗ୍ରାଫି ସେଟ୍ କଂପ୍ରେସର, ବ୍ଲାଷ୍ଟିଂ ମେସିନ୍, ପେଣ୍ଟିଂ ଗନ୍ ସହିତ ମିକ୍ସଚର, ଇଲେକ୍ଟ୍ରିକାଲ ଟେଷ୍ଟିଂ କିଟ୍ ଏବଂ ଆପାରେଟର୍ସ, ୬୩ କେଭିଏ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ରେକ୍ ମୋଟରାଇଜଡ୍ ବ୍ୟାକ୍ ଗଜ ସହିତ ଡିଆର୍‌ଓ, ଇଞ୍ଜିନକଟ ସିଏନ୍‌ସି ପ୍ଲାଜମା ପ୍ରୋଫାଇଲ୍ କଟିଂ ସିଷ୍ଟମ୍ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ୍ ଶାଖାରେ ବନ୍ଧକପ୍ରାପ୍ତ |
| ୧୦. | **ହରିପୁର ରୋଡ୍ ଶାଖା, ଫୋନ.: ୦୬୭୧-୨୪୨୩୮୦୯/୩୧୮୩, ମୋ.: ୯୪୩୯୦୭୮୩୯୦ /** **ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରହରାଜ,** ପିତା: ଉପେନ୍ଦ୍ର ପ୍ରହରାଜ, / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ପ୍ରହରାଜ, ସା/ପୋ.: ଦୋଳମୁଣ୍ଡାଇ, ଥାନା: କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧, **ସ୍ଥାୟୀ ଠିକଣା-** ସା.: ଖରିବିଲ୍, ପୋ.: ଏରଞ୍ଚ, ଥାନା: ନିଆଳି, ଜିଲ୍ଲା: କଟକ-୭୫୪୧୦୫, ଓଡ଼ିଶା, **ବର୍ତ୍ତମାନ ଠିକଣା-** ମାର୍ଫତ: ପି.ସି. ମଙ୍ଗରାଜ, ସା.: ବଡ଼େଇସାହି, ରାଜାବଗିଚା, ତଳତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯, ଓଡ଼ିଶା, ପିନ୍-୭୫୩୦୦୧ | **କ) ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ** ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାସୁଘାଇ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୯୦/୨୧୬, ପ୍ଲଟ୍ ନଂ.: ୨୫୧/୯୩୪, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ: ଡ୍ରେନ୍, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୮୫, ଦକ୍ଷିଣ: ରାସ୍ତା, **ଖ) ଶ୍ରୀ ବୃନ୍ଦାବନ ପ୍ରହରାଜଙ୍କ** ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାସୁଘାଇ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୯୦/୨୧୫, ପ୍ଲଟ୍ ନଂ.: ୨୫୧/୯୩୪/୧୦୩୫, କ୍ଷେତ୍ର: ଏକର୦.୦୩୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ: ଡ୍ରେନ୍, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୮୫, ଦକ୍ଷିଣ: ରାସ୍ତା |
| ୧୧. | **ବାଲୁଗାଁ ଶାଖା, ଫୋନ.: ୦୬୭୫୬-୨୫୧୧୭୪, ମୋ.: ୯୯୩୭୩୩୫୨୨୩ /** **ରଣଗ୍ରହୀତା/ବନ୍ଧକଦାତା: କେ. କେ. ସାହୁ ଆଣ୍ଡ କୋ. ପାର୍ଟନରସିପ୍ ଫାର୍ମ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କେଦାର କୁମାର ସାହୁ,** ପିତା: ପଦ୍ମ ଚରଣ ସାହୁ/**ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲଳିତ ଚରଣ ସାହୁ,** ପିତା: ପଦ୍ମ ଚରଣ ସାହୁ, **୨) ଶ୍ରୀମତୀ ରତନୀ ସାହୁ,** ସ୍ୱାମୀ: ପଦ୍ମ ଚରଣ ସାହୁ, ସମସ୍ତଙ୍କ ଠିକଣା ସା.: ଡାଙ୍ଗମାଳ (ନାଭାଲ ସ୍କୋୟାର ନିକଟ), ପୋ.: ଆଇଏନ୍ଏସ୍ ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୭ | **ଶ୍ରୀ କେଦାର କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁଙ୍ଗାମାଳ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୨୯୭, ପ୍ଲଟ୍ ନଂ.: ୫୪/୧୧୪୨, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା, ପଶ୍ଚିମ: ରାସ୍ତା, ଉତ୍ତର: କାଳା ସାହୁ, ଦକ୍ଷିଣ: ଲଳିତ ସାହୁ |
| ୧୨. | **ମଙ୍ଗଳପୁର ଶାଖା, ମୋ.: ୯୪୩୭୩୪୮୭୭୩ /** **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ,** ସା/ପୋ.: ଆମପୋଲାବ, ଭାୟା: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୧୮ | **ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମପୋଲାବ, ଥାନା: ସୁକିନ୍ଦା, ପୋ.: ଆମ୍ପୋଲବା, ଜିଲ୍ଲା: ଯାଜପୁର, ଖାତା ନଂ.: ୬୫, ପ୍ଲଟ୍ ନଂ.: ୨୫, କ୍ଷେତ୍ର: ଏକର୦.୨୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚୈତନ୍ୟ ଦାସ, ପଶ୍ଚିମ: ରବିନ୍ଦ୍ର ସାହୁ, ଉତ୍ତର: ଚୈତନ୍ୟ ଦାସ, ଉତ୍ତର: ରାସ୍ତା |
| ୧୩. | **ନଳାଙ୍ଗ ଶାଖା, ଫୋନ.: ୦୬୭୮୪-୨୬୮୦୫୦, ମୋ.: ୯୮୦୪୨୦୭୮୯୬ /** **ରଣଗ୍ରହୀତା: ଶ୍ରୀମତୀ ବିଦ୍ୟୁତ ପ୍ରଭା ଦାସ,** ସ୍ୱାମୀ: ସୁଶାନ୍ତ କୁମାର ଦାସ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀ ସୁଶାନ୍ତ କୁମାର ଦାସ,** ଉଭୟଙ୍କ ଠିକଣା ସା/ପୋ.: ଆର୍.ଏନ୍. ବେତରା, ଭାୟା: ବାରିକପୁର ବଜାର, ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୧୨ | **ଶ୍ରୀ ସୁଶାନ୍ତ କୁମାର ଦାସଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେତରା, ଥାନା: ଭଦ୍ରକ (ଗ୍ରାମ୍ୟ), ଜିଲ୍ଲା: ଭଦ୍ରକ, ଖାତା ନଂ.: ୬୧୦/୨୦୬, ପ୍ଲଟ୍ ନଂ.: ୨୩୪୪/୨୬୦୬/୨୮୪୯, କ୍ଷେତ୍ର: ଏକର୦.୦୨ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ନିଜସ୍ୱ ଜମି, ଉତ୍ତର: କଂକ୍ରିଟ ରାସ୍ତା, ଦକ୍ଷିଣ: ପ୍ଲଟ୍‌ର ଅବଶିଷ୍ଟ ଅଂଶ |
| ୧୪. | **ଆନନ୍ଦପୁର ଶାଖା, ଫୋନ.: ୦୬୭୩୧-୨୨୦୦୬୬, ମୋ.: ୭୦୭୭୦୦୦୬୩୦ /** **ରଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ନାୟକ,** ପିତା: ଗୋଲେଖ ନାୟକ / **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା: ଶ୍ରୀ ରାଜେନ୍ଦ୍ର କୁମାର ନାୟକ,** ପିତା: ନିତ୍ୟାନନ୍ଦ ନାୟକ, ଉଭୟଙ୍କ ଠିକଣା ସା.: ନହଲ୍ଲ ମଠ, ପୋ.: ହାଟଡିହି, ଥାନା.: ନନ୍ଦିପଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୮୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ବୈଲୋଚନ ପୁହାଣ,** ପିତା: ମହେନ୍ଦ୍ର ପୁହାଣ, ସା/ପୋ.: ବନିଆ, ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୦୧ | **ଶ୍ରୀ ନିତ୍ୟାନନ୍ଦ ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଠ, ଥାନା: ନନ୍ଦିପଦା, ପୋ.: ହାଟଡିହି, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୨୮୮/୩୦୫, ପ୍ଲଟ୍ ନଂ.: ୧୦୮୦, ୧୦୭୮/୧୮୯୫, କ୍ଷେତ୍ର: ଏକର୦.୦୯ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାଜେଶ୍ୱର ନାୟକ, ଉତ୍ତର: ଭାଗିରଥି ନାୟକ, ଦକ୍ଷିଣ: ରାସ୍ତା |
| ୧୫. | **ଚଣ୍ଡିଖୋଲ ଶାଖା, ଫୋନ.: ୦୬୭୨୫-୨୨୬୨୫୬/୨୨୭୮୯୦, ମୋ.: ୯୧୭୮୫୩୦୭୭୦/** **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସୌଦାମିନୀ ସାମଲ,** ସ୍ୱାମୀ: ପଙ୍କଜ ସାମଲ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ପଙ୍କଜ ସାମଲ,** ପିତା: ଶ୍ରୀ କୈଳାସ ଚନ୍ଦ୍ର ସାମଲ, ସା/ପୋ.: ସୁଙ୍ଗୁଡ଼ା (ଚଣ୍ଡିଖୋଲ), ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୪୨୯୬, **୨) ଶ୍ରୀ ପଙ୍କଜ କୁମାର ନାୟକ,** ପିତା: ପୂର୍ଣ୍ଣଚନ୍ଦ୍ର ନାୟକ, ସା.: ଅଲିଜଙ୍ଗ, ପୋ.: ଅରୁହା, ଜିଲ୍ଲା: ଯାଜପୁର-୭୫୫୦୨୪, **୩) ଶ୍ରୀ ବିଚିତ୍ରାନନ୍ଦ ବଳ,** ପିତା: ଶ୍ରୀ ବନମାଳି ବଳ, ଗ୍ରାମ: ମଝିପଡ଼ା, ପୋ.: ଅଚ୍ୟୁତାବସନ୍ତ, ଭାୟା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୪୨୦୫ | **ଶ୍ରୀମତୀ ସୌଦାମିନୀ ସାମଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୯୨, ପ୍ଲଟ୍ ନଂ.: ୧୨୭୫(ଅଂଶ), ଅନୁରୂପ ଏଲ୍ଆର୍ ଖାତା ନଂ.: ୪୧୭, ଏଲ୍ଆର୍ ପ୍ଲଟ୍ ନଂ.: ୧୬୯୭, ମୌଜା: ସୁନ୍‌ଗୁଡ଼ା, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରସ୍ୱତୀ ମହାପାତ୍ର, ପୂର୍ବ: ମଳୟ କୁମାର ବଳ, ପଶ୍ଚିମ: ରବିନ୍ଦ୍ର କୁମାର ଜେନା, ଦକ୍ଷିଣ: ଏନ୍ଏଚ୍-୫ |
| ୧୬. | **ବାଲେଶ୍ୱର ଶାଖା, ଫୋନ.: ୦୬୭୮୨-୨୬୨୨୪୭, ମୋ.: ୮୮୦୨୨୪୩୩୭୭ /** **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରତାପ କୁମାର ପଣ୍ଡା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ନମିତା ପଣ୍ଡା,** ସ୍ୱାମୀ: ପ୍ରତାପ କୁମାର ପଣ୍ଡା, ସା.: ସୋଭାରାମପୁର (ଭଗବାନ ପାତ୍ର କ୍ଲିନିକ୍ ପଛପାର୍ଶ୍ୱ), ପୋ.: ସହଦେବଖୁଣ୍ଟା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୧ | **ଶ୍ରୀ ପ୍ରତାପ କୁମାର ପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୋଭାରାମପୁର, ଥାନା: ସହଦେବଖୁଣ୍ଟା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଖାତା ନଂ.: ୨୫୬/୭୨୮, ସର୍ଭେ ନଂ.: ୪୫/୩୦୩୪, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଆଦିକନ୍ଦ ପତି, ଉତ୍ତର: ଗୋପାଳ ଚନ୍ଦ୍ର ମିଶ୍ର, ଦକ୍ଷିଣ: ଜମିର ଅବଶିଷ୍ଟ ଅଂଶ |
| ୧୭. | **କଟକ ଶାଖା, ଫୋନ.: ୦୬୭୧-୨୩୦୪୪୬୯, ୨୩୦୪୩୪୩, ମୋ.: ୯୬୯୩୭୨୫୭୩୭ /** **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରସକାନ୍ତ ବରାଳ,** ପିତା: ଉମାକାନ୍ତ ବରାଳ / **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଚିତ୍ରା ବରାଳ,** ସ୍ୱାମୀ: ରସକାନ୍ତ ବରାଳ, ସା: ସୁଭଦ୍ରା ନଗର, ପୋ.: ଉତ୍ତମପୁର, ଥାନ: କଟକ ସଦର, ଜିଲ୍ଲା: କଟକ-୭୫୩୦୧୧, ଓଡ଼ିଶା | **କ) ଶ୍ରୀ ରସକାନ୍ତ ବରାଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର ଖାତା ନଂ.: ୫୬୭/୨୮, ପ୍ଲଟ୍ ନଂ.: ୮୪୭/୮୪୮, ମୌଜା: ଶିଶୁଆ, ଥାନା: ନିଆଳୀ(ଥାନା ନଂ.: ୫୮), ଏସ୍ଆର୍‌ଓ: ନିଆଳୀ, ଜିଲ୍ଲା: କଟକ, ଓଡ଼ିଶା ପରିମିତ କ୍ଷେତ୍ର: ଏକର୦.୦୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: କୃଷ୍ଣଚନ୍ଦ୍ର ପୃଷ୍ଟି, ପଶ୍ଚିମ: ବାସୁଦେବ ମହାନ୍ତି, ଦକ୍ଷିଣ: ନୟନକୋରୀ **ଖ) ଶ୍ରୀ ରସକାନ୍ତ ବରାଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର ଖାତା ନଂ.: ୧୭୬, ପ୍ଲଟ୍ ନଂ.: ୧୭୨, ମୌଜା: ତରିଲୋ, ତହସିଲ: କିଶନ ନଗର ନଂ.: ୫୫୨, ଏସ୍ଆର୍‌ଓ: ରଘୁନାଥପୁର, ଥାନା: କିଶନ ନଗର ନଂ.: ୩୨, ଜିଲ୍ଲା: କଟକ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବୈକୁଣ୍ଠନାଥ, ପୂର୍ବ: ରେଣୁବାଳା ସ୍ୱାଇଁ, ପଶ୍ଚିମ: ଲକ୍ଷ୍ମୀଧର ସ୍ୱାଇଁ, ଦକ୍ଷିଣ: ମାଧବାନନ୍ଦ ସ୍ୱାଇଁ, ଖାତା ନଂ.: ୨୦୯/୧୫, ପ୍ଲଟ୍ ନଂ.: ୧୭୩/୪୬୮, ମୌଜା: ତରିଲୋ, ତହସିଲ: କିଶନ ନଗର ନଂ.-୫୫୨, ଏସ୍ଆର୍‌ଓ: ରଘୁନାଥପୁର, ଥାନା: କିଶନ ନଗର ନଂ.-୩୨, ଜିଲ୍ଲା: କଟକ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୮୬ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରଞ୍ଜନ ସ୍ୱାଇଁ, ପୂର୍ବ: ମାଧବାନନ୍ଦ ସ୍ୱାଇଁ, ପଶ୍ଚିମ: ଲକ୍ଷ୍ମୀଧର ସ୍ୱାଇଁ, ଦକ୍ଷିଣ: ଗୋଚର, ଖାତା ନଂ.: ୨୦୯/୧୪, ପ୍ଲଟ୍ ନଂ.: ୧୬୨/୪୪୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ତରିଲୋ, ତହସିଲ: କିଶନ ନଗର ନଂ.-୫୫୨, ଥାନା: କଟକ ସଦର ନଂ.-୩୨, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ମାଧବାନନ୍ଦ ସ୍ୱାଇଁ, ପୂର୍ବ: ନିରଞ୍ଜନ ସ୍ୱାଇଁ, ପଶ୍ଚିମ: ଲକ୍ଷ୍ମୀଧର ସ୍ୱାଇଁ |
| ୧୮. | **ଭୁବନେଶ୍ୱର ଶାଖା, ଫୋନ.: ୬୭୪-୨୫୩୪୨୩୪, ୨୫୩୪୪୫୪୩, ମୋ.: ୯୬୧୧୮୪୯୦୫୫/** **ରଣଗ୍ରହୀତା: ମେସର୍ସ ସାଇ ସବୁରୀ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍,** ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶାରଦା ମିଶ୍ର,** ପିତା: ସୁରେନ୍ଦ୍ର ନାଥ ମିଶ୍ର, ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯, **୨) ଶ୍ରୀମତୀ ଶାନ୍ତିଲତା ମିଶ୍ର,** ସ୍ୱାମୀ: ସୁରେନ୍ଦ୍ର ନାଥ ମିଶ୍ର, ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯, **୩) ଶ୍ରୀ ଶିବ ପ୍ରସାଦ ମିଶ୍ର,** ପିତା: ଅନନ୍ତ ନନ୍ଦ, ପ୍ଲଟ୍ ନଂ.: ଏ-୧/୨/୩/ଡି, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୪) ଶ୍ରୀ ସୁରେଶ ଚନ୍ଦ୍ର ନନ୍ଦ,** ପିତା: ଅନନ୍ତ ଚନ୍ଦ୍ର ନନ୍ଦ, ସା/ପୋ.: ନିମୋଲ, ଭାୟା: ତିରାନା, ଥାନା/ଜିଲ୍ଲା: ଜଗତସିଂପୁର, **୫) ନୀଳାଚଳ ଏଜୁକେସନାଲ୍ ଟ୍ରଷ୍ଟ,** ୪୪୪, ଗୋଠପାଟଣା, ମଳିପଡ଼ା, ଭୁବନେଶ୍ୱର-୭୫୧୦୦୩ / **ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ: ୧) ମେସର୍ସ ସାଇ ସବୁରୀ ହସ୍ପିଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍,** ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯, **୨) ନୀଳାଚଳ ଏଜୁକେସ୍‌ନାଲ୍ ଟ୍ରଷ୍ଟ, ପରିଚାଳନା ଟ୍ରଷ୍ଟି: ଶ୍ରୀ ଶାରଦା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ୪୪୪, ଗୋଠପାଟଣା, ମଳିପଡ଼ା, ଭୁବନେଶ୍ୱର-୭୫୧୦୦୩, **୩) ଟାଇମ୍ସ ସ୍କଲାର୍ସ ଗୁରୁକୁଳ (ସ୍କୁଲ), ପ୍ରିନ୍ସିପାଲ୍ ଏବଂ ଟ୍ରଷ୍ଟି: ଶ୍ରୀମତୀ ଶାନ୍ତିଲତା ମିଶ୍ର,** ପ୍ଲଟ୍ ନଂ.: ଏ-୧/୨/୩/ଡି, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୪) ଟାଇମ୍ସ କଲେଜ, ଟ୍ରଷ୍ଟି: ଶ୍ରୀମତୀ ଶାନ୍ତିଲତା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ପ୍ଲଟ୍ ନଂ.: ଏ-୧/୨/୩/ଡି, ଟାଇମ୍ସ ଗେଷ୍ଟ ହାଉସ୍, ୩ୟ ମହଲା, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୫) ଶ୍ରୀ ଶାରଦା ମିଶ୍ର ଏବଂ ଶ୍ରୀ ଶିବ ପ୍ରସାଦ ମିଶ୍ର,** ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯ ଏବଂ ଏ/୧/୨/୩/ଡି, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୬) ଟାଇମ୍ସ କଲେଜ ଅଫ୍ +୨ ସାଇନ୍ସ ଆଣ୍ଡ କମର୍ସ, ପରିଚାଳନା ଟ୍ରଷ୍ଟି: ଶ୍ରୀ ଶାରଦା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ମଳିପଡ଼ା, ଭୁବନେଶ୍ୱର-୭୫୧୦୦୩ | **କ) ଶ୍ରୀ ସାଇ ସବୁରୀ ହସ୍ପିଟାଲ୍ ପ୍ରାଇଭେଟ୍ ଲିମିଟେଡ୍‌ର** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା: ପ୍ଲଟ୍ ନଂ.: ୮୮୨, ସବ୍ ପ୍ଲଟ୍ ନଂ.: ୧୯, ଖାତା ନଂ.: ୪୫୮/୨, ମୌଜା: ପୂରଣ ପଧାନ, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ପରିମିତ କ୍ଷେତ୍ର: ଏକର୦.୩୩ଡିସିମିଲି (୧୪୩୭୪ ବର୍ଗଫୁଟ) ସମୁଦାୟ ବିଲ୍ଟ ଅପ୍ କ୍ଷେତ୍ର: ୩୪୭୫୯ ବର୍ଗଫୁଟ (ଜି+୪), **ଖ)** ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର ଶାଖରେ ବନ୍ଧକ ଥିବା ହସ୍ପିଟାଲ୍‌ର ଯନ୍ତ୍ରପାତି ଓ ମେସିନ୍ |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୪୩/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- / ଟ. ୧୧,୧୯,୦୧୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୫.କ) | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- / ଟ. ୫,୯୨,୪୧୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ଖ) | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୬. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୭. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୮(କ). | ଟ.୮,୧୭,୦୦,୦୦୦/- | ଟ.୮୧,୭୦,୦୦୦/- | ଟ.୮,୮୩,୯୫,୩୫୧/- /ଟ.୯,୬୧,୩୪,୩୭୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୧୫ / ୧୨.୦୧.୨୦୧୬ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧,୪୧,୦୦,୦୦୦/- | ଟ.୧୪,୧୦,୦୦୦/- | | | | | |
| ୯. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ.୧,୦୯,୭୭,୪୬୯.୭୪ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୦(କ) | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୧. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ. ୯,୬୨,୭୨୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୨. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ. ୬,୩୮,୩୦୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୩. | ଟ.୯,୪୫,୦୦୦/- | ଟ.୯୪,୫୦୦/- | ଟ. ୧୯,୫୬,୦୦୬.୧୧ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୪. | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | ଟ. ୬,୨୬,୭୯୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୫. | ଟ.୨୭,୯୦,୦୦୦/- | ଟ.୨,୭୯,୦୦୦/- | ଟ. ୬,୭୭,୬୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୧.୨୦୧୮ / ୦୮.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୬. | ଟ.୨୯,୮୫,୦୦୦/- | ଟ.୨,୯୮,୫୦୦/- | ଟ. ୫,୩୮,୮୯୪/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୧.୨୦୧୮ / ୧୪.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୭(କ) | ଟ.୫୭,୧୯,୫୦୦/- | ଟ.୫,୭୧,୯୫୦/- | ଟ. ୫୪,୫୧,୯୩୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୦.୧୨.୨୦୧୮ / ୧୬.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧୭,୦୬,୦୦୦/- | ଟ.୧,୭୦,୬୦୦/- | | | | | |
| ୧୮(କ) | ଟ.୫,୭୦,୭୧,୦୦୦/- | ଟ.୫୭,୦୭,୧୦୦/- | ଟ. ୬,୦୨,୯୬,୯୪୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୫.୦୭.୨୦୧୭ / ୦୯.୧୦.୨୦୧୭ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ) | ଟ.୧,୦୬,୬୫,୦୦୦/- | ଟ.୧୦,୬୬,୫୦୦/- | | | | | |

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତି ଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍‌ଫର୍ମ, ଘୋଷଣାନାମା, ଅନଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବସାଇଟ୍: **https://iob.bankeauctions.com**ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡି ଏବଂ ପାସୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। ୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍ ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡି **0815ro@iobnet.co.in** ଏବଂ **0815law@iob.in**ରେ ଅମାନତ ରାଶି (UTR ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା KYC କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରଦର୍ଶିତ ବିଡ୍ ଦାଖଲ ତାରିଖ ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବେ। ୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **EFT/NEFT/RTGS** ମାଧ୍ୟମରେ **IOB E-Auction EMD Account, ସହୀଦ ନଗର ଶାଖା, ଭୁବନେଶ୍ୱର ଆକାଉଣ୍ଟ ନଂ.: ୦୮୭୩୦୨୦୦୦୦୦୧୦୫୮ (IFSC: IOBA0000873)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡ଼ିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀଙ୍କ ମାଧ୍ୟମରେ ନିଲାମ ଡାକ ଦ୍ୱାରା ସମ୍ପର୍ଣ୍ଣ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ) ମିଶାଇ ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) ନିଲାମଧାରୀ/କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା ଅଛି। (୧୨) ସମ୍ପତ୍ତିଗୁଡ଼ିକ ""**ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି ଭିତ୍ତିରେ**" ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତିତ୍ୱ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ସମ୍ପତ୍ତିର ଯାଞ୍ଚ/ଇ-ନିଲାମ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Lingaraj Gouda, Mob.: 9437141805, 7978370113 & Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ : **M/s C1 India Pvt. Ltd, Udyog Vihar, Phase-2, Gulf Petrochem Building, Building No.- 301, Gurgaon, Haryana, Pin-122015, Support Mail id:support@bankeauctions.com, Support Land Line No.: +91 124 4302020/2021/2022/2023/2024, Support Mobiles Nos.: +917291981124/25/26, Portal:https://www.bankeauctions.com, Web: www.c1india.com, Email ID: support@c1india.com, Contact Person : Mr Kingshuk Ghosh, Mob: 9836311889, E-mail: kolkata@c1india.com** ରେ ଯୋଗାଯୋଗ କରିପାରିବେ। (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁ ରୁଲ ୯(୧) ଅନୁଯାୟୀ ଉପରୋକ୍ତ କ୍ର. ନଂ. ୧,୨,୩,୪,୫,୬,୭ ଏବଂ ୮ ରେ ଦର୍ଶିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ ୧୩(୮)(୬) ଅନୁଯାୟୀ ଉପରୋକ୍ତ କ୍ର.ନଂ. ୯,୧୦,୧୧,୧୨,୧୩,୧୪,୧୫,୧୬,୧୭ ଏବଂ ୧୮ ରେ ଦର୍ଶିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍ ଅଟେ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୧୧.୦୩.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ଛଟେଇ ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ଆନ୍ଦୋଳନ

**ଭଣ୍ଡାରିପୋଖରୀ, ୧୧।୩ (ଡି.ଏନ.ଏ.):** ସ୍ୱଚ୍ଛ ଭାରତ ମିଶନରେ କାର୍ଯ୍ୟରତ ୧୨୦ ଅସ୍ଥାୟୀ ଡିପିସି, ଡିଏଲ୍‌ସି, ୩୧୪ ବ୍ଲକ ଓ କ୍ଲଷ୍ଟର ସଂଯୋଜକ ଆସନ୍ତା ୩୧ ତାରିଖ ପରେ ନିଯୁକ୍ତି ହରାଇବେ। ପଞ୍ଚାୟତିରାଜ ବିଭାଗ ମିଶନ ନିର୍ଦ୍ଦେଶିକା ତଥା ଅତିରିକ୍ତ ସଚିବ ରୂପା ମିଶ୍ର ଗତ ୮ ତାରିଖରେ ପତ୍ର ସଂଖ୍ୟା ୨୯୩୬ ଅନୁଯାୟୀ ଏହି ବର୍ଗର ଜିଲା ଓ ବ୍ଲକ ଅସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତି ଚୁକ୍ତିନାମାର ନବୀକରଣ ନ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଥିବାବେଳେ ଏବେ ସେମାନଙ୍କୁ ଦାୟିତ୍ୱରୁ ଅନ୍ତର କରାଯିବା ବ୍ୟବସ୍ଥାକୁ ଓଡ଼ିଶା ଜଳ ଓ ପରିମଳ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ ଓ ସମ୍ପାଦକ ଲିଙ୍ଗରାଜ ଦାସ ବିରୋଧ କରିଛନ୍ତି। ଏଭଳି ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଡାକ୍ତର ନିଯୁକ୍ତି ଦାବିରେ ଧାରଣା

**ତିହିଡ଼ି, ୧୧।୩ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଲୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଭାଜପା କାନ୍ତକବି ମଣ୍ଡଳ ପକ୍ଷରୁ ସୋମବାରଠାରୁ ଧାରଣା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ, ଗୋପୀନାଥ ବିଶ୍ୱାଳ, କରୁଣାକର ମଲ୍ଲିକ, ମାନସ ସାହୁ, ନିଶିକାନ୍ତ ଭଞ୍ଜରାୟ ଓ ରଘୁନାଥ ପାତ୍ର ପ୍ରମୁଖ ଧାରଣା ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

# ମୃତ ଲୋକଙ୍କ ନାଁରେ ଭତ୍ତା ଉଠାଣ

**ଭଦ୍ରକ ଅଫିସ, ୧୧।୩**

- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ
- ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଅଭିଯୋଗ

ଭଦ୍ରକ ଜିଲାରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଠି ମୃତ ଲୋକଙ୍କ ନାଁରେ ବର୍ଷ ବର୍ଷ ଧରି ଭତ୍ତା ଉଠାଣ କରାଯାଇଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ନେତା ମନ୍ତ୍ରୀଙ୍କ ଚାପରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତରେ ଏଭଳି ଘଟଣା ପଦାକୁ ଆସିଛି।

ସୂଚନା ଅନୁସାରେ, ବିଦେଇପୁର ପଞ୍ଚାୟତର ୯ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଇଥିବା ନେଇ ଗତବର୍ଷ ଅଭିଯୋଗ ହୋଇଥିଲା। ପ୍ରଶାସନିକ ସ୍ତରରେ ଏ ନେଇ ତଦନ୍ତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ବିଦେଇପୁର ପଞ୍ଚାୟତର ଇନ୍ଦୁଭୂଷଣ ବେରା ୨୦୧୬, ମଲିକା ବେୱା ୨୦୧୪, କୁନ୍ତୀ କମିଲା ୨୦୧୬, ହରପ୍ରସାଦ ରାଉଳ ୨୦୧୬, ବାସନ୍ତୀ ମାଇତି ୨୦୧୪, ବିଜୟକୃଷ୍ଣ ଜେନା ୨୦୧୫, ଜାନକୀ ମାଇତି ୨୦୧୪, ବାଇଧର ପାଢ଼ୀ ୨୦୧୬ ଓ ବନମାଳୀ ମିର୍ଦ୍ଧା ୨୦୧୬ରୁ ମୃତ୍ୟୁବରଣ କରିସାରିଥିବା ବେଳେ ସେମାନଙ୍କ ନାମରେ ଭତ୍ତା ଉଠାଣ ହୋଇଥିଲା। କେତେ ପରିମାଣର ଟଙ୍କା ଆତ୍ମସାତ୍ କରାଯାଇଛି ତାହାର ଠିକ୍ ହିସାବ ନ ଥିଲେ ମଧ୍ୟ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହିଁ ପ୍ରଶାସନ। ଏହି ଟଙ୍କା ଆତ୍ମସାତ୍ କରିଥିବା ତତ୍କାଳୀନ ବିଦେଇପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ରାଜନେତାଙ୍କ ଚାପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ଟଙ୍କା ହଡ଼ପକାରୀଙ୍କ ବିରୋଧରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

## ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ସୂଚନା ରଖିଲେ ଜିଲାପାଳ

**ଭଦ୍ରକ ଅଫିସ, ୧୧।୩**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ସୋମବାର ଜିଲାପାଳ ଜ୍ଞାନରଞ୍ଜନ ଦାସ ଖବରଦାତା ସମ୍ମିଳନୀ ମାଧ୍ୟମରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଛନ୍ତି। ଜିଲାରେ ସୋମବାରଠାରୁ ଆଚରଣ ବିଧି ଲାଗୁ ହୋଇଥିବାରୁ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ନୂଆ କରି କାର୍ଯ୍ୟକ୍ରମ, ଆଶାୟୀ ନେତାଙ୍କ ଦ୍ୱାରା ଦଳୀୟ ଚିହ୍ନ ଥାଇ ଲାଗିଥିବା ପୋଷ୍ଟର ହଟାଯାଇଥିବା, ସୋସିଆଲ ମିଡିଆରେ ଥିବା କଟକଣା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାଗୁଣୀ ଭୟ, ଘର ଛାଡ଼ିଲେ ପରିବାର

**ଆରଡ଼ି, ୧୧।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଷାଠିବାଙ୍କୁଡ଼ା ଗାଁରେ ଏକ ପରିବାର ନାଗୁଣୀ ଭୟରେ ଘର ଛାଡ଼ିଛନ୍ତି। ଉକ୍ତ ପରିବାର ଏବେ ପଡ଼ୋଶୀ ଘରେ ଆଶ୍ରୟ ନେଇଛନ୍ତି। ପରିବାରର ମୁଖ୍ୟ ଉତ୍ତମ ବିଶ୍ୱାଳଙ୍କ କହିବା ଅନୁସାରେ, ରବିବାର ରାତିରେ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଠାକୁର ଘର ଭିତରେ ନାଗ ନାଗୁଣି ଖେଳୁଥିବାର ଦେଖିଥିଲେ। ଏ ସମ୍ପର୍କରେ ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଯାଜପୁର ସ୍ନେକ ହେଲ୍ପ ଲାଇନକୁ ଫୋନ କରି ଡକାଯାଇଥିଲା। ସ୍ନେକ ହେଲ୍ପଲାଇନର ୨ ଜଣ ସାପଧରାଳି ଉତ୍ତମଙ୍କ ଘରେ ରାତି ପ୍ରାୟ ସାଢ଼େ ଗୋଟାଏରେ ପହଞ୍ଚି ବହୁ ଖୋଜାଖୋଜି କରି ନାଗକୁ ଧରିବାରେ ସକ୍ଷମ ହୋଇଥିଲେ। ନାଗୁଣି କେଉଁଆଡ଼େ ଲୁଚିଯାଇଥିଲା। ୨ ସାପଧରାଳି ଘର ସାରା ମାଟି ଖୋଳି ଦେଇଥିଲେ ବି ନାଗୁଣିକୁ ଧରିପାରି ନ ଥିଲେ। ନାଗୁଣି ଦେଖା ମିଳିଲେ ଖବର ଦେବ କହି ସେମାନେ ନାଗକୁ ନେଇ ଚାଲିଯାଇଥିଲେ। ସୋମବାର ସକାଳଠାରୁ ସେହି ଘରେ ନଜର ରଖାଯାଇଥିଲେ ମଧ୍ୟ ନାଗୁଣୀର ପତ୍ତା ମିଳି ନାହିଁ। ନାଗୁଣି ଭୟରେ ପରିବାର ଲୋକେ ଘର ଛାଡ଼ି ଦେଇଛନ୍ତି। ନାଗୁଣି ଧରା ନ ପଡ଼ିବା ଯାଏ ଘରକୁ କେମିତି ଯିବେ ବୋଲି ଚିନ୍ତାରେ ପରିବାର। ଅନ୍ୟପକ୍ଷେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଉତ୍ତମ ପକ୍କାଘର କରିପାରି ନ ଥିବାବେଳେ ସାପ ଧରିବା ପାଇଁ ମାଟିଘର ଖୋଳି ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଏହି ପରିବାର ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଅଦ୍ୟାବଧି ଘର ମିଳିପାରି ନାହିଁ। ଏ ନେଇ ଉତ୍ତମ ଅଭିଯୋଗ କରିଆସୁଥିଲେ ବି ତାଙ୍କୁ ଘର ଯୋଗାଇ ଦିଆଯାଉ ନ ଥିବା ସେ କହିଛନ୍ତି। ନାଗୁଣିକୁ ଧରାଯିବା ସହ ଏହି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।


ନାଗୁଣୀକୁ ଖୋଜିବା ପାଇଁ ଘର ଖୋଳି ଦିଆଯାଇଛି।

## ପରିବର୍ତ୍ତନ ସଂକଳ୍ପ ସମାବେଶ

**ଧାମନଗର, ୧୧।୩ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳିରେ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ସମାବେଶର ନିର୍ଦ୍ଧାରିତ ସମୟର ୪ ଘଣ୍ଟା ବିଳମ୍ବରେ ସଭାପତି ପଟ୍ଟନାୟକଙ୍କୁ ଅସୁରାଳି ବଜାର ଦେଇ କର୍ମୀମାନେ ପାଛୋଟି ଆଣିଥିଲେ। ସଭାପତି ପହଞ୍ଚିବା ବେଳକୁ ସମର୍ଥକମାନେ ମଞ୍ଚ ଛାଡ଼ି ଚାଲିଯାଇଥିଲେ। ଉପସ୍ଥିତ କର୍ମୀଙ୍କୁ ସଭାପତି ଦଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଧାମନଗର ପ୍ରଭାରୀ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦଳୀୟ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ନାରାୟଣ ପାଢ଼ୀ ସମାବେଶରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ମୁରଲୀଧର ଜେନା, ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ରଞ୍ଜନ ବେହେରା, ବିଦ୍ୟାଧର ଜେନା, ଓବିସି ସେଲ୍ ରାଜ୍ୟ ଉପସଭାପତି ଅଭିଷେକ ରାଉତ, ସଂଗ୍ରାମ ନାୟକ, ରବୀନ୍ଦ୍ର ନାୟକ, ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ ଧଳ, ହୃଦାନନ୍ଦ ସେଠୀ, ନାରୀନେତ୍ରୀ ପ୍ରମିଳା ସେଠୀ ଓ ପଞ୍ଚାନନ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

## ନିରଞ୍ଜନଙ୍କୁ ସ୍ୱାଗତକଲେ ନେତା, କର୍ମୀ

**ଭଦ୍ରକ ଅଫିସ, ୧୧।୩**

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଭଦ୍ରକରେ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ କରାଯାଇଛି। ବାସୁଦେବପୁର ବାଲିମେଦଠାରେ ପରିବର୍ତ୍ତନ ସମାବେଶରେ ସଭାପତି ପଟ୍ଟନାୟକ ଯୋଗଦେବାକୁ ଆସିଥିବା ଅବସରରେ ତାଙ୍କୁ ଆରଡ଼ି ଛକରେ ନେତା ଓ କର୍ମୀ ସ୍ୱାଗତ ଜଣାଇଥିଲେ। ସ୍ୱାଗତ ତୋରଣଠାରେ କାର୍ଯ୍ୟକାରୀ ସଭାପତି ମହାନ୍ତି, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ନରେନ ପଲେଇ, ପୂର୍ବତନ ଏମ୍‌ପି ମୁରଲୀ ଜେନା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଗୋଲାମ ମଇଉଦ୍ଦିନ, ଭଦ୍ରକ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ସାମଲ, ଜିଲା ଉପସଭାପତି ଅତୁଲ୍ୟ ନାୟକ, ଅସରଫ ଅଲ୍ଲୀ ଖାଁ, ସଂଖ୍ୟାଲଘୁ ସେଲ୍‌ର ଜିଲା ସଭାପତି ସେକ୍ ସମ୍‌ଦାନୀ, ସେକ୍ ନଇମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପୀତବାସ ଧଳ ପ୍ରମୁଖ ପିସିସି ସଭାପତି ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଆକବର ଅଲ୍ଲୀ, ପଦ୍ମାକର ଗୁରୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭଦ୍ରକ ଲୋକସଭା ସୋସିଆଲ ମିଡିଆ ସଂଯୋଜକ ପ୍ରଦ୍ୟୁମ୍ନ ଦାସ, ବିଧାନସଭା ସୋସିଆଲ ମିଡିଆ କୋର୍ଡିନେଟର ଅଭିଲାଷ ପତି, ବଳରାମ ରାଉତ, ସେକ୍ ବୁଗ୍‌ଦାଦ୍, ସେକ୍ ଟିଙ୍କି, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଇକ୍ ରାଲିରେ ସଭାପତି ପଟ୍ଟନାୟକଙ୍କୁ ପାଛୋଟି ନିଆଯାଇ ସରକାରବାବାଙ୍କ ଖାନ୍‌କା ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ଟାଉନ କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାଁ, ଜିଲା ଉପସଭାପତି ଦିଲୀପ ନାୟକ, ମିନାକ୍ଷୀ ନାୟକ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଅମିୟ ମହାପାତ୍ର, ସତ୍ୟାନନ୍ଦ ରାଉତ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ମୟୂରଭଞ୍ଜ

### କନଷ୍ଟେବଲ ସ୍ତରରେ ଅଦଳବଦଳ

**ବାରିପଦା ଅଫିସ,୧୧।୩:** ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାରଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୬୭ ଅନୁସାରେ ଜିଲା କନଷ୍ଟେବଲ ସ୍ତରରେ ଅଦଳବଦଳ କରାଯାଇଛି। କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ମୁତାବକ, କନଷ୍ଟେବଲ ଏକେ ପରିଡାଙ୍କୁ ଠାକୁରମୁଣ୍ଡା ଥାନାରୁ ରରୁଆଁ ବଦଳି କରାଯାଇଥିବା ବେଳେ ଆର୍.ଏନ୍. ଗିରିଙ୍କୁ ରରୁଆଁରୁ ଠାକୁରମୁଣ୍ଡା ଥାନାକୁ ବଦଳି କରାଯାଇଛି। ସେହିଭଳି କନଷ୍ଟେବଲ ଏ.କେ. ଗିରିଙ୍କୁ ଯଶୀପୁର ଥାନାରୁ ଘାଘରବେଡା ଥାନା,ଏ.କେ. ବିଶ୍ୱାଳଙ୍କୁ ଘାଘରବେଡା ଥାନାରୁ ପାଲବଣି ଟିଓପି,ଏସ୍‌କେ ନାଏକଙ୍କୁ ଚଡ଼େଇଭୋଳ ଆଉଟ୍‌ପୋଷ୍ଟରୁ କରିଆ କୋର୍ଟ, ବିଏସ୍ ନାଏକଙ୍କୁ କରିଆ କୋର୍ଟରୁ ଚଢ଼େଇଭୋଳ ଆଉଟ୍‌ପୋଷ୍ଟ, କେଏସ୍ ପାତ୍ରଙ୍କୁ ତିରିଂ ଥାନାରୁ ଯାମଦା ଥାନା, ଏନ୍ ମହାନ୍ତଙ୍କୁ ତରିଂ ଥାନାରୁ ବିଶୋଇ ଥାନାକୁ ପଠାଯାଇଛି। ସେହିପରି ପିକେ ସର୍ଦ୍ଦାରଙ୍କୁ ବିଶୋଇ ଥାନାରୁ ରାଇରଙ୍ଗପୁର କୋର୍ଟ,ଏସସିଏଚ୍ ସିଂଙ୍କୁ ରାଇରଙ୍ଗପୁର କୋର୍ଟରୁ ତିରିଂ ଥାନା, ଜେକେ ମହାନ୍ତଙ୍କୁ ଯାମଦା ଥାନାରୁ ଯଶୀପୁର ଥାନା, ଚନ୍ଦ୍ରକାନ୍ତି ସାହୁଙ୍କୁ ଜିଲା ମୁଖ୍ୟାଳୟରୁ ତିରିଂ ଥାନା ଏବଂ ଡି. ମହାନ୍ତଙ୍କୁ ଗୋଲାପବାଗ ଟିଓପିରୁ ବାରିପଦା ଟାଉନ ଥାନାକୁ ବଦଳି କରାଯାଇଛି।

### ସହରାଞ୍ଚଳରୁ ହଟିଲା ବ୍ୟାନର,ପୋଷ୍ଟର

**ଉଦଳା, ୧୧।୩ (ଡି.ଏନ.ଏ.):** ସାଧାରଣ ନିର୍ବାଚନ ଘୋଷଣା ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ତଦନୁଯାୟୀ ସୋମବାର ମୟୂରଭଞ୍ଜ ଜିଲା ଉଦଳା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ଏବଂ ବ୍ୟାନର ହଟାଇ ଦିଆଯାଇଛି। ସ୍ଥାନୀୟ ଏନଏସି ପକ୍ଷରୁ ଉଦଳା ହାଇସ୍କୁଲ ଛକ, ମାର୍କେଟ ମଧସ୍ଥଳି ସମେତ ଥାନାଛକ ନିକଟରେ ଲାଗିଥିବା ସରକାରୀ, ବେସରକାରୀ, ରାଜନୈତିକ ଦଳର ବ୍ୟାନର ଏବଂ ପୋଷ୍ଟରକୁ ହଟାଯାଇଥିଲା। ଏନଏସି କର୍ମଚାରୀମାନେ ଦିନ ତମାମ ଏହି କାର୍ଯ୍ୟରେ ଲାଗିଥିଲେ। ଉଦଳା ନିର୍ବାଚନମଣ୍ଡଳୀରେ ଆଚରଣ ବିଧି ଉଲ୍ଲଘଂନ ନ ହେବା ନେଇ ନଜର ରଖାଯାଇଥିବା ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି।

### ସାରସ୍ୱତ ସାଧକ ଡ.ନୀଳକଣ୍ଠଙ୍କ ଜୟନ୍ତୀ ପାଳିତ


ସାରସ୍ୱତ ସାଧକ ଡ. ନୀଳକଣ୍ଠ ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

**ବାରିପଦା ଅଫିସ,୧୧।୩**

ବାରିପଦାସ୍ଥିତ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ମିଶନ ସାଇନ୍‌ସ ଏକାଡେମୀ ପରିସରରେ ବରିଷ୍ଠ ସାରସ୍ୱତ ସାଧକ ଡ. ନୀଳକଣ୍ଠ ମିଶ୍ରଙ୍କ ୭୩ତମ ଜୟନ୍ତୀ ପାଳିତ ହୋଇଛି। ସମାଜସେବୀ ପୁରନ ବେହେରା ଓ କବୟିତ୍ରୀ ସୁନିତାରାଣୀ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ଅଶୋକ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନୀଳକଣ୍ଠଙ୍କ ରଚିତ କବିତା ଆବୃତ୍ତି କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଡ. ମିଶ୍ର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଭୂମିପୁତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## 'ଜମିପଟ୍ଟା ଦିଅ ନ ହେଲେ ଭୋଟ ବର୍ଜନ'

**ଉଦଳା, ୧୧।୩ (ଡି.ଏନ.ଏ.)**

ଭୂମିହୀନ ପରିବାରଙ୍କୁ ଜମିପଟ୍ଟା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ କରି ମୟୂରଭଞ୍ଜ ଜିଲା ଉଦଳା ଏନଏସି ୫ ନଂ ୱାର୍ଡରେ ରହୁଥିବା ମୁସଲିମ୍ ବସ୍ତିର ବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି 'ଆମକୁ ପଟ୍ଟା ଦିଅ, ନଚେତ ଆମେ ଭୋଟ ବର୍ଜନ କରିବୁ' ବୋଲି କହିଛନ୍ତି।


ଭୂମିହୀନମାନେ ଧାରଣାରେ ବସିଛନ୍ତି।

ବିକ୍ଷୋଭ ପ୍ରଦର୍ଶନକାରୀ ଏହି ଭୂମିହୀନ ପରିବାର ଦର୍ଶାଇଛନ୍ତି ଯେ, ସେମାନେ ଏନଏସି ୫ ନଂ ୱାର୍ଡରେ ଦୀର୍ଘ ୪୦ ବର୍ଷରୁ ଅଧିକ ଦିନ ଧରି ରହି ଆସୁଛନ୍ତି । ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଭୂମିହୀନ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ କରିବା ଲାଗି ବିଭିନ୍ନ ୱାର୍ଡରେ ସର୍ଭେ କରାଯାଇଛି । ହେଲେ ସ୍ଥାନୀୟ ଏନଏସି ପକ୍ଷରୁ ୧୪୨ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ହିତାଧିକାରୀମାନେ ଉଦ୍ଦେଶ୍ୟମୂଳକ ବାଦ୍ ଦିଆଯାଇଛି। ଜମିପଟ୍ଟା ପାବାକୁ ଏକ ହଜାରରୁ ଉର୍ଦ୍ଧ୍ୱ ଭୂମିହୀନ ପରିବାର ଆବେଦନ କରିଥିବା ବେଳେ କେବଳ ମାତ୍ର ୧୪୨ ଜଣଙ୍କୁ ଜମିପଟ୍ଟା ପ୍ରଦାନ ଏକ ବିଡମ୍ବନା। ଆଗାମୀ ୬ ଦିନ ମଧ୍ୟରେ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରିବା ସହିତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ନିର୍ବାଚନ ଆଚରଣବିଧି କଡ଼ାକଡ଼ି ହେବ

**ବାରିପଦା ଅଫିସ,୧୧।୩**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅତିରିକ୍ତ ଜିଲାପାଳ।

- ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍
- ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ନଜର
- ବିଭିନ୍ନ ନିର୍ବାଚନ କ୍ଷେତ୍ର ଦାୟିତ୍ୱରେ ରହିବେ ରିଟର୍ନିଂ ଅଫିସର

ଆସନ୍ତା ଏପ୍ରିଲ ୧୧, ୧୮, ୨୩, ୨୯ ଏବଂ ମେ' ୬, ୧୨ ଓ ୧୯ ତାରିଖରେ ସାରା ଦେଶରେ ୭ଟି ପର୍ଯ୍ୟାୟରେ ମତଦାନ ହେବ। ଓଡ଼ିଶାରେ ଏପ୍ରିଲ ୧୧, ୧୮, ୨୩ ଓ ୨୯ ଏହିପରି ୪ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ନିରପେକ୍ଷ ଓ ଅବାଧ ନିର୍ବାଚନ ପରିଚାଳନା ନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଥିବା ସୋମବାର ଜିଲାପାଳ ବିନିତ ଭରଦ୍ୱାଜ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣବିଧି ପାଳନକୁ ମଧ କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

କେନ୍ଦୁଝର ଲୋକ ସଭା ଆସନ ସହିତ ଜଲାର କରଞ୍ଜିଆ ବିଧାନସଭା କ୍ଷେତ୍ର ସାମିଲ ହୋଇଥିବାରୁ ଏଠାରେ ଏପ୍ରିଲ ୨୩ରେ ମତଦାନ ହେବ। ବାଲେଶ୍ୱର ଓ ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ଏପ୍ରିଲ ୨୯ରେ ଭୋଟ ଗ୍ରହଣ କରାଯିବ। ତେଣୁ ବାଲେଶ୍ୱର ଲୋକ ସଭା ଆସନ ସହ ଜଡ଼ିତ ଥିବା ବଡ଼ସାହି ବିଧାନସଭା ଆସନ ଏବଂ ମୟୂରଭଞ୍ଜ ଲୋକ ସଭା କ୍ଷେତ୍ରରେ ରହିଥିବା ବାରିପଦା, ମୋରଡ଼ା, ଉଦଳା, ବାଙ୍ଗିରିପୋଷି, ସାରସକଣା, ଯଶୀପୁର ଓ ରାଇରଙ୍ଗପୁର ଏହିପରି ଜିଲାର ଅବଶିଷ୍ଟ ୮ଟି ବିଧାନସଭା କ୍ଷେତ୍ରରେ ଏପ୍ରିଲ ୨୯ରେ ଭୋଟ ହେବ। କରଞ୍ଜିଆ ବିଧାନସଭା ନିମନ୍ତେ ସ୍ଥାନୀୟ ରିଟର୍ନିଂ ଅଫିସର ଆସନ୍ତା ୨୮ ତାରିଖରେ ନୋଟିସ ଜାରି କରିବା ପରେ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥିପତ୍ର ସ୍ଥାନୀୟ ରିଟର୍ନିଂ ଅଫିସର ତଥା ଉପଜିଲାପାଳଙ୍କ ନିକଟରେ ଦାଖଲ କରିବେ। ଅବଶିଷ୍ଟ ୮ଟି ବିଧାନସଭା ଆସନ ପାଇଁ ପବ୍ଲିକ ନୋଟିସ ସ୍ଥାନୀୟ ରିଟର୍ନିଂ ଅଫିସର ଏପ୍ରିଲ ୨ରୁ ଜାରି କରିବା ପରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ଏପ୍ରିଲ ୯ ତାରିଖରେ ଶେଷହେବ।

ବଡ଼ସାହି ଓ ବାରିପଦା ବିଧାନସଭା ପାଇଁ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମୋରଡ଼ା ପାଇଁ ଅତିରିକ୍ତ ଜିଲାପାଳ(ରେଭିନ୍ୟୁ ) ବ୍ରଜବନ୍ଧୁ ଭୋଳ, ବାଙ୍ଗିରିପୋଷି ପାଇଁ ଅତିରିକ୍ତ ଜିଲାପାଳ ଆବୋଲୀ ନରୱାଣେ, ଉଦଳା ପାଇଁ ଉଦଳା ଉପଜିଲାପାଳ, ସାରସକଣା ଓ ରାଇରଙ୍ଗପୁର ପାଇଁ ରାଇରଙ୍ଗପୁର ଉପଜିଲପାଳ ଏବଂ ଯଶୀପୁର ନିମନ୍ତେ କରଞ୍ଜିଆ ଉପଜିଲାପାଳ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ କରିବେ । ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଲୋକ ସଭା ଆସନ ନିମନ୍ତେ ସମ୍ପୃକ୍ତ ଜିଲାର ଜିଲାପାଳ ରିଟର୍ନିଂ ଅଫିସର ଦାୟିତ୍ୱରେ ରହିବେ। ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥିପତ୍ର ସ୍ଥାନୀୟ ରିଟର୍ନିଂ ଅଫିସରଙ୍କ ନିକଟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ। ସେମାନେ ପ୍ରାର୍ଥିପତ୍ର ଦାଖଲ କରିବା ଲାଗି ଆସିବା ସମୟରେ ସର୍ବାଧିକ ୩ଟି ଯାନ ବ୍ୟବହାର କରିପାରିବେ ବୋଲି ଅନୁମତି ରହିଥିବା ଜିଲାପାଳ ବିନିତ ଭରଦ୍ୱାଜ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ସମସ୍ତ ରାଜନୈତିକ ଦଳ ସହ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚନ ଆୟୋଗଙ୍କ ନିୟନ୍ତ୍ରଣ ପରିସର ମଧ୍ୟରେ ରହିବେ।

### ସ୍ୱତନ୍ତ୍ର ବିଧି ବ୍ୟବସ୍ଥା

ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲାରେ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ଭାବେ ପରିଚାଳନା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଛି। ଏଥିନେଇ ଜାରି ହୋଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ମୁଖ୍ୟତଃ ଆଚାର ସଂହିତା, ସଭାସମିତି, ଶୋଭାଯାତ୍ରା, ନିର୍ବାଚନ ଦିବସ, ମତଦାନ କେନ୍ଦ୍ର, ପର୍ଯ୍ୟବେକ୍ଷକ ନିଯୁକ୍ତି , ଶାସକ ଦଳ ଓ ନିର୍ବାଚନ ଘୋଷଣାପତ୍ର ଆଦି ସମ୍ପର୍କରେ ଥିବା ସ୍ୱତନ୍ତ୍ର ବିଧିବ୍ୟବସ୍ଥା ଉପରେ ଜିଲାପାଳ ଆଲୋଚନା କରିଥିଲେ । କୌଣସି ରାଜନୈତିକ ଦଳ ଅଥବା ପ୍ରାର୍ଥୀ କାହାର ଜାତି, ଧର୍ମ, ସମ୍ପ୍ରଦାୟକୁ ଆକ୍ଷେପ କରିପାରିବେ ନାହିଁ କି ପ୍ରଲୋଭିତ କରାଇପାରିବେ ନାହିଁ। ସଭାସମିତି ଆଦି ଆୟୋଜନ ସମୟରେ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସର ଅନୁମତି ନେବାକୁ ପଡ଼ିବ । ଗଣମାଧ୍ୟମରେ ବିଜ୍ଞାପନ ଦେବା ସହ ମନ୍ତ୍ରୀ, ସାଂସଦ, ବିଧାୟକ ସରକାରୀ କାର୍ଯ୍ୟକ୍ରମରେ ଯାଇ ଦଳୀୟ ପ୍ରଚାର କରିବା ଏବଂ ଆର୍ଥିକ ଅନୁଦାନ ଘୋଷଣା କରିବା ଆଦି ବିଭିନ୍ନ ଦିଗ ଉପରେ ଅଙ୍କୁଶ ଲଗାଯାଇଛି । ଏହାକୁ କେହି ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ଓ ଆୟକର ଆଇନ ବଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।

### ଖର୍ଚ୍ଚ ଯାଞ୍ଚ କରିବ ସ୍ୱତନ୍ତ୍ର ଟିମ୍

ଆଚରଣବିଧି ଅନୁସାରେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୨୮ଲକ୍ଷ ଓ ଲୋକ ସଭା ପ୍ରାର୍ଥୀମାନେ ସର୍ବାଧିକ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ଏହି ଖର୍ଚ୍ଚ ପାଇଁ ପ୍ରାର୍ଥୀମାନେ ବ୍ୟାଙ୍କରେ ନିଜ ନାମରେ ସ୍ୱତନ୍ତ୍ର ଭାବେ ଜମାଖାତା ଖୋଲି ଟଙ୍କା ଜମା କରିବା ପରେ ସେଥିରୁ ଉଠାଇ ଖର୍ଚ୍ଚ କରିବେ ବୋଲି କୁହାଯାଇଛି। ଖର୍ଚ୍ଚ ତଦାରଖ ପାଇଁ ପର୍ଯ୍ୟବେକ୍ଷକ ଓ ତାଙ୍କୁ ସହାୟତା କରିବା ପାଇଁ ସହପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିବେ । ଏଥିସହିତ ଏକ ଟିମ୍ ଦାୟିତ୍ୱରେ ରହି ପ୍ରାର୍ଥୀମାନଙ୍କ ସଭାସମିତି, ପ୍ରଚାର, ଯାନର ବ୍ୟବହାର, ପୋଷ୍ଟର, ମାଇକ ଆଦିର ଭିଡିଓ ରେକର୍ଡିଂ କରିବା ପରେ ସେମାନଙ୍କ ଖର୍ଚ୍ଚକୁ ଆକଳନ କରାଯାଇ ରେକର୍ଡ ପ୍ରସ୍ତୁତ କରାଯିବ । ଏଥିଲାଗି ପ୍ରାର୍ଥୀମାନଙ୍କୁ ଏକ ରେଜିଷ୍ଟର ଦିଆଯିବ, ଯେଉଁଥିରେ ସେମାନେ ଦୈନିକ ଖର୍ଚ୍ଚକୁ ଦର୍ଶାଇବେ। ଅନୁରୂପ ଭାବେ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇ ସମସ୍ତଙ୍କ ଗତିବିଧି ସହ ଯାତାୟାତ କରୁଥିବା ଗାଡ଼ିମୋଟର ଉପରେ ନଜର ରଖାଯିବ। ଆବଶ୍ୟକ ସ୍ଥଳେ ସେମାନେ ଯାଞ୍ଚ କରିପାରିବେ। କୌଣସି ବ୍ୟକ୍ତିଙ୍କ ନିକଟରୁ ଅଭିଯୋଗ ଆସିଲେ ତୁରନ୍ତ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦାରଖ କରି ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ। ଦରକାର ପଡ଼ିଲେ ସେହି ରିପୋର୍ଟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦିଆଯିବ। ନିର୍ବାଚନ ସମୟରେ 'ପେଡ୍ ନ୍ୟୁଜ୍' ଯାଞ୍ଚ ପାଇଁ ଏକ ମିଡିଆ କମିଟି ଗଠନ ସହ ମିଡ଼ିଆ ସେଲ୍ କାର୍ଯ୍ୟ କରିବ। ଏଥିରେ ଜିଲାପାଳ ଅଧ୍ୟକ୍ଷ ରହିବେ।

### ଭୋଟ କେନ୍ଦ୍ର ଲାଗି ବ୍ୟବସ୍ଥା

ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ବିଶ୍ରାମସ୍ଥଳ, ପାନୀୟଜଳ, ବିଦ୍ୟୁତ୍ ସଂଯୋଗ, ମହିଳା ଓ ପୁରୁଷଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ଆଦିର ବ୍ୟବସ୍ଥା କରାଯିବ। ଭିନ୍ନକ୍ଷମମାନଙ୍କ ସୁବିଧା ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ କହିଥିଲେ। ଜିଲାରେ ଭୋଟ ଗ୍ରହଣ ସକାଳ ୭ରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁ ରହିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଆବୋଲୀ ନରୱାଣେ, ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।







## ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ

# ଥରେ ବି ଜିତିନି ବିଜେଡି




ବିଶ୍ୱନାଥ ରଥ


ଜୟନ୍ତ ଷଡ଼ଙ୍ଗୀ


ଓମ୍‌ପ୍ରକାଶ ମିଶ୍ର


ପ୍ରସାଦ ହରିଚନ୍ଦନ


ରମାରଞ୍ଜନ ବଳିୟାରସିଂ


ଉମାକାନ୍ତ ସାମନ୍ତରାୟ

**ହେମନ୍ତ ନାୟକ**
**ପୁରୀ ଅଫିସ, ୧୧।୩**

ବିଜେଡି ପ୍ରତିଷ୍ଠା ହେବା ପରଠାରୁ ପୁରୀ ଜିଲାରେ ତା'ର ସ୍ଥିତି ଜାହିର କରିଆସୁଛି। ହେଲେ ଜିଲାର ଏକମାତ୍ର ନିର୍ବାଚନମଣ୍ଡଳୀ ସତ୍ୟବାଦୀରେ ବିଜେଡି କେବେହେଲେ ବିଜୟର ସ୍ୱାଦ ପାଇପାରି ନାହିଁ। ବିଜେଡି ପ୍ରତିଷ୍ଠା ପରଠାରୁ ୪ଥର ନିର୍ବାଚନ ହୋଇସାରିଲାଣି। ହେଲେ ସବୁଥର ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ହିଁ ପରାଜୟର ସମ୍ମୁଖୀନ ହେବାକୁ ପଡୁଛି। ବିଜେଡି ପାଇଁ ଅଲୋଡା ରେକର୍ଡର ମୂକସାକ୍ଷୀ ପାଲଟିଥିବା ସତ୍ୟବାଦୀରେ ଏଥର କିଛି ଚମତ୍କାର ହେବ ବୋଲି ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ଯେଉଁ ଉତ୍ସୁକତା ଦେଖିବାକୁ ମିଳୁଥିଲା ତାହା ଏବେ ଧୀରେ ଧୀରେ ଫସର ଫାଟିବାରେ ଲାଗିଛି। ଦଳୀୟ କନ୍ଦଳ ଏଠି ହାଟରେ ପଡି ଦାଣ୍ଡରେ ଗଡୁଛି। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ପୁରୀର ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ ଖୋଲାଖୋଲି ବିରୋଧ କରି ବିଭିନ୍ନ ସ୍ଥାନରେ ସଭା, ସମାବେଶ କରୁଛନ୍ତି। ଫଳରେ ବିଜେଡିକୁ ଆତ୍ମଘାତୀ ଭୟ ଗୋଡାଉଥିବା ବେଳେ ଭାଜପାକୁ ମଧ୍ୟ ବିଦ୍ରୋହୀ ଚିନ୍ତା ଘାରିଛି। କଂଗ୍ରେସ ତା' ନିଜ ଢଙ୍ଗରେ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବାରୁ ଏଥର ସତ୍ୟବାଦୀରେ କାହାର ହେବ ବିଜୟ ତାହାକୁ ନେଇ ପୂର୍ବାନୁମାନ ଲଗାଇ ପାରୁନାହାନ୍ତି ରାଜନୈତିକ ସମୀକ୍ଷକ।

ପୁରୀ ଜିଲାର ଏକ ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନମଣ୍ଡଳୀ ସତ୍ୟବାଦୀ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଞ୍ଚଳ ସତ୍ୟବାଦୀ ଆସନରୁ ୧୯୫୧ରେ ପଣ୍ଡିତ ନୀଳକଣ୍ଠ ଦାସ ପ୍ରତିନିଧିତ୍ୱ କରିଥିଲେ। ହେଲେ ପଞ୍ଚସଖାଙ୍କ ସ୍ମୃତି ବହନ କରୁଥିବା ଏହି ନିର୍ବାଚନମଣ୍ଡଳୀର ଗତ ୪ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଭୋଟର ପରିବର୍ତ୍ତନଶୀଳ ହୋଇଥିବା ସ୍ପଷ୍ଟ ହେଉଛି। ଅର୍ଥାତ୍ ଗତ ୪ଟି ନିର୍ବାଚନରେ କୌଣସି ଜଣେ ପ୍ରାର୍ଥୀ ଲଗାତର ଦ୍ୱିତୀୟଥର ଜିତି ନାହାନ୍ତି। ବିଶେଷ କରି ଦୁଇ ଦଶନ୍ଧି ଧରି ଶାସନରେ ରହିଥିବା ବିଜେଡି ପାଇଁ କିନ୍ତୁ ଏହି ନିର୍ବାଚନମଣ୍ଡଳୀ ଅଭିଶପ୍ତ ପାଲଟିଛି। ୨୦୦୦ରୁ ୨୦୧୪ ମଧ୍ୟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦୁଇଥର କଂଗ୍ରେସ ବିଜୟୀ ହୋଇଥିବା ବେଳେ ଦୁଇଥର ସ୍ୱାଧୀନ ପ୍ରାର୍ଥୀ ହିଁ ଜିତିଛନ୍ତି। ଅବଶ୍ୟ ପରବର୍ତ୍ତୀ ସମୟରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜେଡିକୁ ସମର୍ଥନ ଦେଇଛନ୍ତି। ଅର୍ଥାତ୍ ବିଜେଡି ଦଳୀୟ ଟିକେଟ ପାଉଥିବା ପ୍ରାର୍ଥୀଙ୍କୁ ହିଁ ସର୍ବଦା ପରାଜୟ ସାମ୍ନା କରିବାକୁ ପଡୁଛି।

ବିଜେଡି ପ୍ରାର୍ଥୀମାନେ ହିଁ ସବୁବେଳେ ଷଡ଼ଯନ୍ତ୍ର ଏବଂ ଅନ୍ତର୍ଘାତୀ କାମ ଯୋଗୁ ଜିତିପାରୁ ନ ଥିବା କୁହାଯାଉଛି। ୨୦୧୪ରେ ରମାରଞ୍ଜନ ବଳିୟାରସିଂ ବିଜେଡି ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କଠାରୁ ପରାସ୍ତ ହୋଇଥିଲେ। ଉମାକାନ୍ତ ୪୮,୩୧୯ ଭୋଟ ପାଇଥିବା ବେଳେ ରମାରଞ୍ଜନଙ୍କୁ ମିଳିଥିଲା ୪୬,୮୭୭ ଭୋଟ। ତୃତୀୟ ସ୍ଥାନରେ କଂଗ୍ରେସର ପ୍ରସାଦ ହରିଚନ୍ଦନ ୨୫,୯୦୫ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ବିଜେଡି ଉମାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନରେ ଉମାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲା। ଏଥିସହ ପଞ୍ଚାୟତ ନିର୍ବାଚନର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲା। ଏହାକୁ ସହଜରେ ହଜମ କରିପାରି ନ ଥିଲେ ରମା। ଦୀର୍ଘଦିନ ଧରି କୋଣଠେସା ଭାବେ ପଡ଼ିରହିବା ପରେ ଭାଜପାରେ ସାମିଲ ହୋଇଥିଲେ। ସେହିପରି ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି ପ୍ରାର୍ଥୀ ଥିବା ଉମା ଦଳୀୟ ଷଡ଼ଯନ୍ତ୍ରର ଶିକାର ହେବାରୁ ପରାଜୟ ବରଣ କରିଥିଲେ। ଏମିତି ଦଳୀୟ କନ୍ଦଳକୁ ନେଇ ବିଜେଡି ପ୍ରାର୍ଥୀ କେବେ ବି ଜିତିପାରୁ ନ ଥିବାବେଳେ ଏଥର ବି ସମାନ ସ୍ଥିତିରେ ଦଳ ପହଞ୍ଚି ଯାଇଥିବା ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ କଣାସ ଓ ସତ୍ୟବାଦୀରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିବା ବେଳେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନିଜେ ଶିଳାନ୍ୟାସ କରିଛନ୍ତି। ବର୍ତ୍ତମାନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ଟି ଯାକ ଜିଲା ପରିଷଦ ଆସନ ସହିତ ଦୁଇଟିଯାକ ପଞ୍ଚାୟତ ସମିତି ମଧ୍ୟ ବିଜେଡି ଦଖଲରେ ରହିଛି। ତଥାପି ଦଳରେ ସ୍ଥିରତା ଆସିପାରୁ ନାହିଁ।

କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଥିବା ବେଳେ ଏଥର ସତ୍ୟବାଦୀ ଭାଜପାରେ ଆଶାୟୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଛି। ଗତଥର ପ୍ରାର୍ଥୀ ହୋଇଥିବା ବିଶ୍ୱନାଥ ରଥ ଏଥର ପ୍ରତିଦ୍ୱନ୍ଦ୍ୱିତା ଲାଗି ପ୍ରସ୍ତୁତି ଚଳାଇଥିବା ବେଳେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ଏବଂ ଗତଥର ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିଥିବା ଓମ୍‌ପ୍ରକାଶ ମିଶ୍ର ମଧ୍ୟ ଆଶାୟୀ ଅଛନ୍ତି।

ବିଜେଡିରୁ ବିଧାୟକ ଉମାକାନ୍ତ ସାମନ୍ତରାୟ ଟିକେଟ ପାଇଁ ଦାବିଦାର ରହିଥିବା ବେଳେ ଏବେ ତାଙ୍କ ଚିନ୍ତା ବଢାଇ ଦେଇଛନ୍ତି ପୁରୀର ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ। ଉମା କଣାସ ବ୍ଲକର ବାସିନ୍ଦା ହୋଇଥିବାବେଳେ ଜୟନ୍ତ ସତ୍ୟବାଦୀ ମାଟିର ପୁଅ ନାରା ଦେଇ ପୁରୁଖା ନେତାଙ୍କୁ ଏକାଠି କରିବାରେ ଲାଗିଛନ୍ତି। ୧୯୯୦ରେ ଜନତା ଦଳର ଚନ୍ଦ୍ରମାଧବ ମିଶ୍ର ବିଧାୟକ ଭାବେ ଜିତିଥିଲେ। ସେ ସତ୍ୟବାଦୀ ବ୍ଲକ ବାସିନ୍ଦା ହୋଇଥିବାବେଳେ ୧୯୯୫ ପରଠାରୁ କଣାସ ବ୍ଲକବାସୀ ଏଠାରୁ ଜିତି ଆସୁଛନ୍ତି। ତେଣୁ ଏଥର ସତ୍ୟବାଦୀ ମାଟିର ପୁଅ ନାରା ଦେଇ ଜୟନ୍ତ ବିଭିନ୍ନ ସ୍ଥାନରେ ସଭା, ସମାବେଶ କରି ତାଙ୍କ ସଙ୍ଗଠନକୁ ସୁଦୃଢ଼ କରୁଛନ୍ତି। ଏହି ଦଳୀୟ କନ୍ଦଳ ଏବେ ସତ୍ୟବାଦୀରେ ଆଉ ସୀମିତ ନାହିଁ, ରାଜଧାନୀରେ ମଧ୍ୟ ପହଞ୍ଚିଛି। ଟିକେଟ ସମ୍ପର୍କରେ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି, ତାଙ୍କୁ ପ୍ରତିଶ୍ରୁତି ବି ଦେଇଛନ୍ତି। ଏଥର ବିଜେଡିରୁ ସେ ପ୍ରାର୍ଥୀ ହେବେ। ସେମିତି କିଛି ଦଳୀୟ କନ୍ଦଳ ନାହିଁ। ଅନ୍ୟତମ ଆଶାୟୀ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କର ଭରସା ଅଛି। ନିର୍ବାଚନମଣ୍ଡଳୀର ଛାତ୍ର, ଯୁବ, ମହିଳା ଏବଂ ଦୁଇ ବ୍ଲକ ସଭାପତି ତାଙ୍କ ସହିତ ରହିଛନ୍ତି। ନିର୍ବାଚନ ଲଢିବା ଲାଗି ଦଳ ତାଙ୍କୁ ସୁଯୋଗ ଦେବ ବୋଲି ଶତପ୍ରତିଶତ ଆଶା ରଖିଛନ୍ତି।

କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆଗାମୀ ନିର୍ବାଚନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ଗତଥର ଭାଜପାରୁ ପ୍ରାର୍ଥୀ ହୋଇଥିବା ବିଶ୍ୱନାଥ ରଥ କହିଛନ୍ତି, ୧୯୯୫ରୁ ଦଳ ପାଇଁ କାମ କରିଆସୁଛି। ସତ୍ୟବାଦୀରେ ଭାଜପା କିପରି ଶକ୍ତିଶାଳୀ ହେବ ସେଥିଲାଗି ପ୍ରଚେଷ୍ଟା ଜାରି ରଖିଛି। ହେଲେ ଏବେ କିଛି ଲୋକ ଟିକେଟ ଆଶାରେ ଦଳକୁ ପଶି ଆସିଛନ୍ତି। କିନ୍ତୁ ଦଳ ପୁଣିଥରେ ଲଢିବାକୁ ତାଙ୍କୁ ସୁଯୋଗ ଦେବ ବୋଲି ସେ ଆଶାବାଦୀ ଅଛନ୍ତି। ରମାରଞ୍ଜନ ବଳିୟାରସିଂ କହିଛନ୍ତି, ଭାଜପାରୁ ଟିକେଟ ଆଶା ରଖିଛନ୍ତି। ଦଳ ସୁଯୋଗ ଦେଲେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ନିର୍ବାଚନମଣ୍ଡଳୀ ରୂପରେଖ

ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତ, କଣାସ ବ୍ଲକର ୨୮ ପଞ୍ଚାୟତକୁ ନେଇ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୨,୬୪,୫୧୬। ୨୦୧୯ ଭୋଟର ତାଲିକା ଅନୁଯାୟୀ ୨,୦୪,୦୭୧ ଜଣ ମତଦାତା ରହିଛି। ଏମାନଙ୍କ ମଧ୍ୟରେ ପୁରୁଷ ୧,୦୬,୩୨୭, ମହିଳା ୯୭,୭୪୧ ଓ ଅନ୍ୟାନ୍ୟ ୩ ଜଣ ଅଛନ୍ତି।

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ସ୍ୱାଧୀନ | ଉମାକାନ୍ତ ସାମନ୍ତରାୟ | ୪୮,୩୧୯ |
| ବିଜେଡି | ରମାରଞ୍ଜନ ବଳିୟାରସିଂ | ୪୬,୮୭୭ |
| କଂଗ୍ରେସ | ପ୍ରସାଦ ହରିଚନ୍ଦନ | ୨୫,୯୦୫ |
| ସ୍ୱାଧୀନ | ଓମ୍‌ପ୍ରକାଶ ମିଶ୍ର | ୧୫,୦୬୮ |
| ଭାଜପା | ବିଶ୍ୱନାଥ ରଥ | ୫,୫୫୦ |

## ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ସାନନ୍ଦ ମାରାଣ୍ଡି | ୫୪,୧୩୧ |
| ଭାଜପା | ନିଶାମଣି ବାସ୍କେ | ୩୭,୦୧୭ |
| କଂଗ୍ରେସ | ପ୍ରିୟବ୍ରତ ମାଝୀ | ୨୧,୯୩୩ |
| ଜେଏମଏମ | ଫାଗୁ ହାଁସଦା | ୧୯,୨୧୪ |
| ଓଜେଏମ୍ | ଦେବେନ୍ଦ୍ରନାଥ ସିଂ | ୧,୮୪୬ |




ସାନନ୍ଦ ମାରାଣ୍ଡି


ସରୋଜିନୀ ହେମ୍ବ୍ରମ


ଫାଗୁ ହାଁସଦା


ସୁମନ ସିଂ


ରାକେଶ ସିଂ

# ପ୍ରତିଶ୍ରୁତି ଭୁଲିଥିବା ପ୍ରାର୍ଥୀଙ୍କ ହାତ ଛାଡ଼ିବେ ଭୋଟର

**ରବିନାରାୟଣ ଚଲାନ**
**ବାରିପଦା ଅଫିସ, ୧୧।୩**

ଏବେ ସବୁଠି ନିର୍ବାଚନୀ ଉଷ୍ମତା। କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ଚର୍ଚ୍ଚାର ପ୍ରସଙ୍ଗ ରହିଛି। ମୟୂରଭଞ୍ଜ ଜିଲାରେ ୨୦୧୪ ସାଧାରଣ ନିର୍ବାଚନ ଓ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଉତ୍ଥାନ ପରେ ରାଜନୈତିକ ସମୀକରଣ ବଦଳିଛି। ଭାଜପାକୁ ଟାର୍ଗେଟ କରି ବିଜେଡି ନିଜକୁ ପ୍ରସ୍ତୁତ କରୁଛି। ସେହିପରି କଂଗ୍ରେସ ଓ ଜେଏମ୍ଏମ୍ ସମେତ ଅନ୍ୟ ଦଳମାନେ ଅନୁରୂପ ଶକ୍ତି ବୃଦ୍ଧି କରିବାରେ ଲାଗି ପଡିଛନ୍ତି। ତେବେ ଭାଜପା ପୂର୍ବ ସ୍ଥିତକୁ ପରଖି ଆଗକୁ ବଢିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିବା ପ୍ରାର୍ଥୀଙ୍କ ହାତ ଛାଡିବା ନେଇ ଭୋଟରମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ନିର୍ବାଚନୀ ଦୃଶ୍ୟପଟ୍ଟ ଗୋଳମାଳିଆ ହୋଇପଡିଛି।

ରାଜ୍ୟର ଅନ୍ୟ ବିଧାନସଭା କ୍ଷେତ୍ର ମଧ୍ୟରୁ ମୟୂରଭଞ୍ଜ ଜିଲାର ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ପାଇଥିବା ବାରିପଦାର ସ୍ଥାନ ସ୍ୱତନ୍ତ୍ର। ଏହି ଆସନ ରାଜ୍ୟ ରାଜନୀତିରେ ସଦା ଗୁରୁତ୍ୱ ବଜାୟ ରଖି ଆସିଛି। ବାରିପଦା ପୌର ପରିଷଦ ସହିତ ବାରିପଦା ବ୍ଲକ, ଖୁଣ୍ଟା ବ୍ଲକ ଏବଂ ବଡସାହି ବ୍ଲକର ଗୁଡିଆଳିବନ୍ଧ, ଜଦୁନାଥପୁର, ଜାରକଣି, ଖାନୁଆ, ନଉପାଳ, ପୁର୍ଣ୍ଣଚନ୍ଦ୍ରପୁର, ସାରନକେରକୋ, ଟଙ୍ଗାଶୋଳ ଓ ଉଠାଣିନୁଆଗାଁ ଆଦି ୯ ଟି ପଞ୍ଚାୟତକୁ ନେଇ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ(ନଂ.୩୩) ଗଠିତ। ଭୋଟର ସଂଖ୍ୟା ୧ ଲକ୍ଷ ୯୦ ହଜାର। ଏହା ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

୨୦୦୪ରେ ଏହି ଆସନରେ ଜେଏମଏମ ପ୍ରାର୍ଥୀ ବିମଳ ଲୋଚନ ଦାସ ବିଧାୟକ ଥିବା ବେଳେ ୨୦୦୯ ଓ ୨୦୧୪ରେ ବିଜେଡିର ପ୍ରାର୍ଥୀ ଭାବେ ସାନନ୍ଦ ମାରାଣ୍ଡି ବିଜୟୀ ହୋଇ ବିଧାୟକ ଅଛନ୍ତି। ସେ ଓଡିଶା ବିଧାନସଭାର ଉପବାଚସ୍ପତି ଅଛନ୍ତି। ଗତ ୧୦ ବର୍ଷ ଧରି ସାମ୍ବିଧାନିକ ପଦବୀରେ ରହିବା ଯୋଗୁ ସେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରୁନାହାନ୍ତି। ଦଳୀୟ କର୍ମୀ ଓ ଜନ ସାଧାରଣଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡିଛି। ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀକୁ ବିଜେଡି ଯଦି ମହିଳା ପ୍ରାର୍ଥୀଙ୍କ ପାଇଁ ଉତ୍ସର୍ଗ କରେ ତାହାହେଲେ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଦଳର ପ୍ରଥମ ପସନ୍ଦ ହୋଇ ପାରନ୍ତି ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି। ସରୋଜିନୀ ସିଧା କିଛି କହୁ ନ ଥିଲେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଆଗଧାଡିରେ ଦେଖିବାକୁ ମିଳୁଛି। ସାନନ୍ଦ ଓ ସରୋଜିନୀଙ୍କ ବ୍ୟତୀତ ବିଜେଡିର ଅନ୍ୟ କୌଣସି ପ୍ରାର୍ଥୀ ଆଶାୟୀ ଥିବା ସ୍ପଷ୍ଟ ହୋଇ ନାହିଁ। ଗତ ପଞ୍ଚାୟତ ନିର୍ବାଚନରେ ବାରିପଦା ନିର୍ବାଚନ ମଣ୍ଡଳୀ ଜିଲା ପରିଷଦ ନିର୍ବାଚନ ଫଳାଫଳ ଦଳ ସପକ୍ଷରେ ଯାଇ ନ ଥିବାରୁ ଏହା ଦଳର ଚିନ୍ତା ବଢାଇଛି। ଉକ୍ତ ନିର୍ବାଚନ ମଣ୍ଡଳୀର ୫ ଜିଲାପରିଷଦ ଆସନରୁ କେବଳ ଗୋଟିଏ ବିଜେଡି ଖାତାକୁ ଯାଇଥିଲା। ସାନନ୍ଦ ସାମ୍ବିଧାନିକ ପଦବୀରେ ଥିବାରୁ ନିଜର କିମ୍ବା ଦଳର ପ୍ରଚାର କରି ପାରୁନ ଥିବା ବେଳେ ସରୋଜିନୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହିଳା ନେତ୍ରୀଙ୍କୁ ନେଇ ଛୋଟ ବଡ ବୈଠକ ମାନ କରୁଛନ୍ତି।

ସାନନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ବାରିପଦା ନିର୍ବାଚନମଣ୍ଡଳୀର ଯଥେଷ୍ଟ ବିକାଶ ହୋଇଛି। ଜମ୍ବୀରା ନଦୀରୁ ବାରିପଦା ସହରକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଆଗେଇ ଚାଲିଛି। ଖୁବଶୀଘ୍ର ସହରବାସୀ ଏହାର ସୁବିଧା ନେବେ। ବାରିପଦାରେ ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ଉଦ୍ୟମ କରିବା ସହ ବାରିପଦା କୋଅପରେଟିଭ ଅର୍ବାନ ବ୍ୟାଙ୍କର ଜମାକାରୀଙ୍କ ସମସ୍ୟା ଏବଂ ବାରିପଦାରେ ରିଂ ରୋଡ ନିର୍ମାଣ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିବା କହିଛନ୍ତି। ଦଳ ପୁନର୍ବାର ତାଙ୍କୁ ଟିକଟ ଦେବ କି ନାହିଁ, ସେ ନିଷ୍ପତ୍ତି ଦଳର ସଭାପତି ନେବେ। ପଞ୍ଚାୟତ ନିର୍ବାଚନରେ ଦଳର ଭୁଲ ରଣନୀତିକୁ ସୁଧାରିବା ଲାଗି ଦଳ ପ୍ରାଥମିକତା ଦେଇଥିବା ସେ କହିଛନ୍ତି। ରାଜ୍ୟସଭା ସଦସ୍ୟା ସରୋଜିନୀ କହିଛନ୍ତି, ପ୍ରାର୍ଥୀ ଚୟନ ଦଳର ସଭାପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ତେବେ ଦଳ ତାଙ୍କୁ ଯାହା ଦାୟିତ୍ୱ ଦେବ ଶୃଙ୍ଖଳିତ କର୍ମୀ ହିସାବରେ ସେ ତାହାକୁ ନିର୍ବାହ କରିବେ ବୋଲି କହିଛନ୍ତି।

ଭାଜପାରେ ପୂର୍ବତନ ଜିଲା ପରିଷଦ ସଭାପତି ପ୍ରକାଶ ସୋରେନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ ସିଂ, ଯୁବ ନେତା ପ୍ରିୟବ୍ରତ ମାଝୀ, କଂଗ୍ରେସରେ ଯୁବ ସଭାପତି ରାକେଶ ସିଂ, କମଳା ତିରିଆ, ବିଶ୍ୱନାଥ ପୁର୍ତ୍ତୀ, ଦଶରଥ ମାରାଣ୍ଡି ଏବଂ ଜେଏମଏମରେ ଜିଲା ସଭାପତି ଫାଗୁ ହାଁସଦା, ପ୍ରଭୁଦାନ ମାରାଣ୍ଡି ଓ ଦାସ ମାରାଣ୍ଡି ପ୍ରମୁଖ ଆଶାୟୀ ରହିଛନ୍ତି। ଉପରୋକ୍ତ ୩ ଦଳର ଆଶାୟୀଙ୍କ ମଧ୍ୟରୁ ଭାଜପା ଯୁବ ନେତା ପ୍ରିୟବ୍ରତ ମାଝୀ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ସେହିପରି ଭାଜପାରୁ ନିଶାମଣୀ ବାସ୍କେ ଏବଂ ଜେଏମଏମରୁ ଫାଗୁ ହାଁସଦା ଲଢିଥିଲେ। ପ୍ରିୟବ୍ରତ ଏବେ କଂଗ୍ରେସ ଛାଡି ଭାଜପାରେ ଥିବା ବେଳେ ନିଶାମଣି ବାସ୍କେ ସକ୍ରିୟ ରାଜନୀତିଠାରୁ ଦୂରରେ ରହିଛନ୍ତି। ତେବେ ଫାଗୁ ହାଁସଦା ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ଭାଜପାର ଆଶାୟୀ ପ୍ରାର୍ଥୀ ପ୍ରକାଶ କହିଛନ୍ତି, ବିଗତ ୧୦ବର୍ଷରେ ଏହି ନିର୍ବାଚନମଣ୍ଡଳୀରେ କୌଣସି ବିକାଶ କାର୍ଯ୍ୟ ହୋଇନାହିଁ। ଏଥର ଭାଜପାକୁ ଲୋକେ ପ୍ରଥମ ପସନ୍ଦ ଭାବେ ବାଛିବେ। କଂଗ୍ରେସର ଯୁବ ସଭାପତି ରାକେଶ କହିଛନ୍ତି, ପୂର୍ବାପେକ୍ଷା ଏବେ ଦଳର ସ୍ଥିତି ମଜବୁତ ରହିଛି। ପୂର୍ବରୁ ବାରିପଦା କଂଗ୍ରେସର ଗଡ ଭାବେ ପରିଚିତ ଥିଲା। ଆସନ୍ତା ନିର୍ବାଚନରେ ଏହି ଆସନ କଂଗ୍ରେସ ହାତକୁ ଫେରିବ। ଜେଏମଏମ ଜିଲା ସଭାପତି ଫାଗୁ ହାଁସଦା କହିଛନ୍ତି, ମୟୂରଭଞ୍ଜ ଜିଲାରେ ଆଦିବାସୀଙ୍କ ସଂଖ୍ୟା ଅଧିକ। ଜେଏମଏମ ସବୁବେଳେ ଆଦିବାସୀଙ୍କ ହକ୍ ପାଇଁ ଲଢ଼େଇ କରି ଆସିଛି। କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଗ୍ରହଣ କରୁ ନ ଥିବାରୁ ଆଦିବାସୀଙ୍କ ସାମୂହିକ ବିକାଶ ହୋଇ ପାରୁ ନ ଥିବା ଲୋକେ ବୁଝି ସାରିଲେଣି। ଏବେ ଲୋକ ସମର୍ଥନ ଜେଏମଏମ ପ୍ରତି ରହିଛି ବୋଲି ସେ କହିଥଲେ। ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ସଞ୍ଜୀବ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି. ପ୍ରତିଥର ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଭୋଟ ଭିକ୍ଷା କରିଥାନ୍ତି। ପରେ ସବୁ କିଛି ଭୁଲି ଯାଆନ୍ତି। ଏଭଳି ପ୍ରାର୍ଥୀଙ୍କ ହାତ ଭୋଟରମାନେ ଛାଡିବା ନିଶ୍ଚିତ। ତେବେ ଲୋକଙ୍କ ସହିତ ଥିବା ପ୍ରାର୍ଥୀଙ୍କୁ ସେ ସମର୍ଥନ ଦେବେ ବୋଲି ସେ କହିଥିଲେ।

# ବିଜେଡି ଟିକେଟ ଲାଗି ଛକାପଞ୍ଝା

**ଜୟନାରାୟଣ ମେଣ୍ଡୁଲି**
**ସୁନ୍ଦରଗଡ଼, ୧୧।୩**

ଏକଦା କଂଗ୍ରେସ ଗଡ଼ ଭାବେ ପରିଚିତ ସୁନ୍ଦରଗଡ଼ ବିଧାନସଭା ଆସନକୁ ହାତେଇବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି, ଭାଜପା ରଣକୌଶଳ ଆରମ୍ଭ କରିଦେଇଛନ୍ତି। ସବୁଦଳରେ ଆଶାୟୀଙ୍କ ସଂଖ୍ୟା ଲମ୍ବା ହେବାରେ ଲାଗିଛି। ଟିକେଟ୍ ପାଇଁ ପ୍ରତି ଦଳରେ ଏକାଧିକ ଆଶାୟୀ ରହିଛନ୍ତି। ହେଲେ କଂଗ୍ରେସ ଛାଡି ଯୋଗେଶ ସିଂ ବିଜେଡି ଯୋଗଦେବା ପରେ ଦଳୀୟ ଟିକେଟ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏଥି ଲାଗି ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି।

ସୁନ୍ଦରଗଡ଼ ସଦର, ଟାଙ୍ଗରପାଲି, ହେମଗିର ବ୍ଲକ ଏବଂ ଲେଫ୍ରିପଡା ବ୍ଲକର ୭ଟି ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ପୂର୍ବରୁ ଏହି ଆସନ ଅଣସଂରକ୍ଷିତ ଥିଲା। ୨୦୦୯ରୁ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ୨୦୦୯ ଓ ୨୦୧୪ ନିର୍ବାଚନରେ ଯୋଗେଶ ସିଂ କଂଗ୍ରେସ ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ଏବେ ନୂଆ ସମୀକରଣ ସୃଷ୍ଟି ହେବାକୁ ଯାଉଛି। ବିଜେଡିରେ ଯୋଗେଶଙ୍କ ଯୋଗଦାନ ପରେ ଏହି ଆସନ ପାଇଁ ଦାବିଦାର ଥିବା କୁସୁମ ଟେଟେଙ୍କ ଚିନ୍ତା ବଢ଼ିଛି। ପ୍ରଥମେ ଯୋଗେଶଙ୍କ ଯୋଗଦାନକୁ କୁସୁମଙ୍କ ସମର୍ଥକମାନେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ନବୀନ ନିବାସରେ ଆଲୋଚନା ପରେ କୁସୁମଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ପଦବୀରେ ନିଯୁକ୍ତି ମିଳିଥିଲା। ଏହାପରେ ଯଦିଓ କୁସୁମ ଯୋଗେଶଙ୍କୁ ଖୋଲାଖୋଲି ବିରୋଧ କରୁନାହାନ୍ତି ତଥାପି ଟିକେଟ ହାତେଇବା ପାଇଁ ସେ ବିଭିନ୍ନ ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିବାରେ ପଛେଇ ନାହାନ୍ତି। ଝାରସୁଗୁଡ଼ା ଜିଲା ଯୁବକଂଗ୍ରେସର ପୂର୍ବତନ ସଭାପତି ଅଜୟ ଟେଟେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ କୁସୁମଙ୍କୁ ୨୦୧୪ ନିର୍ବାଚନରେ ବିଜେଡି ଟିକେଟ ମିଳିଥିଲା। ହେଲେ ଯୋଗେଶଙ୍କଠାରୁ ସେ ପରାଜିତ ହୋଇଥିଲେ। ଏହା ପରେ ବି ସେ ସାଢେ ୪ବର୍ଷ ଧରି ବିଜେଡି ସଙ୍ଗଠନକୁ ସୁଦୃଢ଼ କରି ଆସିଥିବାରୁ ଏହି ଆସନ ପାଇଁ ସେ ଏକମାତ୍ର ଦାବିଦାର ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ କୁସୁମଙ୍କ ପ୍ରାର୍ଥିତ୍ୱକୁ ବିଜେଡିର କେତେକ ବରିଷ୍ଠ ନେତୃବୃନ୍ଦ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ କୁସୁମ କହନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ଦିଗରେ କର୍ମୀଙ୍କୁ ସଙ୍ଗଠିତ କରି କାର୍ଯ୍ୟ କରିଚାଲିଛି। ଏଥର ନିର୍ବାଚନରେ ଟିକେଟ କିଏ ପାଇବ ସେ ନିଷ୍ପତ୍ତି ଦଳର ସଭାପତି ହିଁ ନେବେ। ସର୍ଗିପାଲି ଜମିଦାର ପରିବାରରୁ ଆସିଥିବା ଯୋଗେଶ ସିଂ କହନ୍ତି, ଗତ ୧୦ବର୍ଷ ଧରି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହ ରହିଥିବା ସୁସମ୍ପର୍କ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ମୁଁ ଲୋକଙ୍କ ନିକଟତର ହୋଇଛି। ଏଥର ନବୀନ ବାବୁଙ୍କ ନେତୃତ୍ୱରେ ଚାଲିଥିବା ବିକାଶ ଧାରାରେ ସୁନ୍ଦରଗଡ଼କୁ ଆହୁରି ବିକଶିତ କରିବା ପାଇଁ ମୁଁ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

ଏପଟେ କଂଗ୍ରେସରେ ଆଶାୟୀଙ୍କ ତାଲିକା ବଢ଼ିଛି। ଆଶାୟୀଙ୍କ ମଧ୍ୟରେ ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମେଘନାଦ ନାଏକ, ଯୋଗେଶଙ୍କ ବଡଭାଇ ନରେଶ ପ୍ରତାପ ସିଂ ପ୍ରମୁଖଙ୍କ ନାମ ଶୁଣିବାକୁ ମିଳୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସାନଝିଅ ତଥା ସୁନ୍ଦରଗଡ଼ର ବୋହୂ ଅମିତା ବିଶ୍ୱାଳ ଏଥର କଂଗ୍ରେସରୁ ଟିକେଟ ପାଇବା ପାଇଁ ଆଶାବାଦୀ। ବାପାଙ୍କ ପ୍ରେରଣା, ଦଳୀୟ ସଙ୍ଗଠନ ଓ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସେ ଟିକେଟ ପାଇଲେ କଂଗ୍ରେର ସ୍ଥିତାବସ୍ଥା ପୂର୍ବଭଳି ବଜାୟ ରଖିବେ ବୋଲି କହିଛନ୍ତି।

୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ହେମଗିର ରାଜପରିବାରର ସୁନୀଲ ସିଂଦେଓ ଭାଜପାରେ ଯୋଗଦେବା ପରେ ସେ ଏହି ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ସହଦେବ ଖାଖା, ପ୍ରେମସାଗର ଓରାମ ପ୍ରମୁଖ ଦାବିଦାର ରହିଛନ୍ତି। ଭାଜପାରୁ ଟିକେଟ ମିଳିଲେ ଲୋକଙ୍କ ସ୍ନେହଶ୍ରଦ୍ଧା ବଳରେ ମୁଁ ବିଜୟୀ ହେବି ବୋଲି ଆଶା ରଖିଥିବା ସୁନୀଲ କହିଛନ୍ତି। ଏହି ଆସନରେ ମୁଖ୍ୟତଃ ଭୂୟାଁ ଆଦିବାସୀ ଓ ଅଘରିଆ ଭୋଟରମାନେ ନିର୍ବାଚନବେଳେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ଅନ୍ୟପକ୍ଷେ ସୁନ୍ଦରଗଡ଼ ରାଜପରିବାରର ପ୍ରଭାବ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ରହିଥିବାରୁ ଆଗମୀ ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଛି।

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଂଗ୍ରେସ | ଯୋଗେଶ ସିଂ | ୬୬,୧୩୮ |
| ବିଜେଡି | କୁସୁମ ଟେଟେ | ୫୩, ୫୫୪ |
| ଭାଜପା | ସହଦେବ ଖାଖା | ୨୭,୯୩୫ |





ଯୋଗେଶ ସିଂ


କୁସୁମ ଟେଟେ


ଅମିତା ବିଶ୍ୱାଳ


ସୁନୀଲ ସିଂଦେଓ


ସୁଖଲାଲ ମୁଣ୍ଡା

# ପିଲାର ସ୍କୁଲ କ୍ୟାରିୟର

**ସ୍କୁଲରୁ ଫେରି ପିଲା କ'ଣ କହୁଛି ତାହାର ସତ୍ୟାସତ୍ୟ ପ୍ରଥମେ ଉପଲବ୍ଧି କରନ୍ତୁ। ସେ ଯାହା କହିଦେଲା ଯଦି ଆପଣ ବିଶ୍ୱାସ କରିବେ ତେବେ ବେଳେବେଳେ ପରିସ୍ଥିତି ଭିନ୍ନ ହୋଇପାରେ। ବେଳେବେଳେ କେତେକ ପିଲା ମାଡ଼ ଭୟରେ ମିଛ କହିଥାଆନ୍ତି। ତେଣୁ ଏହି ସମୟରେ ସତ-ମିଛକୁ ଠିକ୍ ଭାବେ ଅନୁଧ୍ୟାନ କରନ୍ତୁ...**









ସ୍କୁଲରୁ ଫେରିବା ପରେ ସାଧାରଣତଃ ପିଲାମାନେ କେବଳ ମା-ବାପା ନୁହଁନ୍ତି ପରିବାରର ସଦସ୍ୟଙ୍କ ସହ ସମୟ କଟାଇଥାଆନ୍ତି। ସ୍କୁଲ୍‌ରେ କ'ଣ ସବୁ ଘଟଣା ଘଟିଛି, ସେଠାକାର ଭଲମନ୍ଦ ସେମାନଙ୍କ ସହ ସେୟାର କରିଥାଆନ୍ତି। କେତେବେଳେ ଏହାଦ୍ୱାରା ତା'ମନ ଖୁସିରେ ଉଛୁଳି ଉଠେ ତ ତ କେତେବେଳେ ସେ ଦୁଃଖରେ ଭାଙ୍ଗି ପଡେ। ଏହି ସମୟରେ ପିଲାଟିକୁ ମା-ବାପା ଏବଂ ପରିବାର ସଦସ୍ୟଙ୍କ ସହଯୋଗର ଆବଶ୍ୟକତା ରହିଛି। ବିଶେଷକରି ସ୍କୁଲ ବିଷୟରେ ସବୁ କଥା ମା-ବାପା ଟିକିନିଖି ବୁଝି ନେବା ଦରକାର। ଏହାଦ୍ୱାରା ପିଲାକୁ ରିଲାକ୍ସ ଲାଗିବା ସହ ଆପଣ ବି ତା'ର ଅଭ୍ୟାସ, ପସନ୍ଦ ନାପସନ୍ଦ ଏବଂ ଇଚ୍ଛା ବିଷୟରେ ଜାଣିପାରିବେ। ତେଣୁ ସ୍କୁଲରୁ ପିଲା ଫେରିବା ପରେ ବାପାମାଆ ପିଲାକୁ କ'ଣ ସବୁ ପଚାରିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

**ଆଜି ସ୍କୁଲ୍‌ରେ କ'ଣ ସବୁ କରିଛ :** ଏହି ପ୍ରଶ୍ନ ପଚାରିବା ଦ୍ୱାରା ପିଲାଟି ଦିନସାରା କାଟିଥିବା ସମୟ ସମ୍ପର୍କରେ ଆପଣଙ୍କୁ କହିବ। ଯଦି ଶିକ୍ଷକ ତା'ର ତାରିଫ୍ କରିଥିବେ, ଭଲ କାମ ପାଇଁ ତାକୁ ଗୁଡ୍ ବା ଭେରି ଗୁଡ୍ କହିଥିବେ, ତେବେ ସେ ଗର୍ବର ସହ ତାକୁ ଆପଣଙ୍କୁ କହିବ। ଆପଣଙ୍କ ଉତ୍ସାହ ହିଁ ତାକୁ ସ୍କୁଲ୍‌ରେ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ଯୋଗାଇବ।

**ଲଞ୍ଚରେ କେଉଁ ଡିସ୍ ବେଶି ଭଲ ଲାଗିଲା :** ଜରୁରୀ ନୁହେଁ କି ଆପଣ ଲଞ୍ଚ୍ ବକ୍ସରେ ଯେଉଁ ଡିସେସ୍ ଦେଇଥିବେ, ପିଲା ତା'ର ତାରିଫ୍ କରିବ। ସେ ତା'ର ସାଙ୍ଗର ଟିଫିନ୍‌ରେ ଆଣିଥିବା କୌଣସି ଡିସ୍ ବିଷୟରେ ବି କହିପାରେ। ସେ ବିଷୟରେ ପଚାରି ତା'ର ଟିଫିନ୍ ବକ୍ସରେ ମଧ୍ୟ ଉକ୍ତ ଡିସ୍‌କୁ ଦିଅନ୍ତୁ। ଏହା ଆପଣଙ୍କ ପିଲାକୁ ଭଲ ଲାଗିବ ଏବଂ ଆପଣ ବି ତା'ର ଫୁଡ୍ ହାବିଟ୍ସ ବିଷୟରେ ଜାଣିପାରିବେ। ବିଶେଷ ଭାବରେ ଫାଷ୍ଟଫୁଡ୍ ଏବଂ ଅଧିକ ତୈଳଯୁକ୍ତ ଖାଦ୍ୟ ପ୍ରତି ସଚେତନ ରହନ୍ତୁ।

**ଟିଚର କିଛି କହିବା ପାଇଁ ତୁମକୁ ପାଖକୁ ଡାକିଥିଲେ କି :** ସ୍କୁଲରେ ଟିଚରଙ୍କ ସହ ପିଲାଟି କ'ଣ କଥାବାର୍ତ୍ତା ହୋଇଛି ସେଥିପ୍ରତି ପ୍ରାଥମିକତା ଦିଅନ୍ତୁ। ପିଲା କ'ଣ କହୁଛି ତାହାର ସତ୍ୟାସତ୍ୟ ପ୍ରଥମେ ଉପଲବ୍ଧି କରନ୍ତୁ। ସେ ଯାହା କହିଦେଲା ଯଦି ଆପଣ ବିଶ୍ୱାସ କରିଦେବେ ତେବେ ବେଳେବେଳେ ପରିସ୍ଥିତି ଭିନ୍ନ ହୋଇପାରେ। ବେଳେବେଳେ କେତେକ ପିଲା ମାଡ ଭୟରେ ମିଛ କହିଥାଆନ୍ତି। ତେଣୁ ଏହି ସମୟରେ ସତ-ମିଛକୁ ଠିକ୍ ଭାବରେ ଅନୁଧ୍ୟାନ କରନ୍ତୁ। ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ସ୍କୁଲକୁ ନିଜେ ଯାଆନ୍ତୁ ଏବଂ ଶିକ୍ଷକଙ୍କ ସହ କଥା ହୋଇ ପିଲାର ପାଠପଢ଼ା ବିଷୟରେ ଜାଣନ୍ତୁ। ଯଦି ପିଲାର କିଛି ସମସ୍ୟା ରହିଛି ତେବେ ନିଃସଙ୍କୋଚରେ ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ।

**ସ୍କୁଲ ଲାଇବ୍ରେରୀ ଶେଷ ଥର କେବେ ଯାଇଥିଲ ଏବଂ କେଉଁ କେଉଁ ବହି ପଢିଥିଲ:** ଏହି ପ୍ରଶ୍ନ ପଚାରିବା ଦ୍ୱାରା ନିଜ କୋର୍ସରେ ଥିବା ବହି ବ୍ୟତୀତ ଅନ୍ୟ କେଉଁ ପୁସ୍ତକ ପ୍ରତି ତା'ର ରୁଚି ରହିଛି କି ନାହିଁ ଆପଣ ଜାଣିପାରିବେ। ପିଲାର ରୁଚିକୁ ଅନୁଧ୍ୟାନ କରି ତାକୁ ମହାପୁରୁଷଙ୍କ ଜୀବନୀ, ସାଧାରଣଜ୍ଞାନ ବହି ଆଦି ଆଣି ଦିଅନ୍ତୁ। ଏହାଦ୍ୱାରା ସେ ଅନ୍ୟ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ।

**ଶିକ୍ଷକଙ୍କର କେଉଁ କଥା ବେଶି ଭଲ ଲାଗିଲା :** ଶିକ୍ଷକଙ୍କର କେଉଁ କଥା ପିଲାଟିକୁ ଅଧିକ ପ୍ରଭାବିତ କରିଛି ତାହା ବୁଝି ନିଅନ୍ତୁ। ସେମାନଙ୍କର କଥାକୁ ଆପଣଙ୍କ ପିଲା କେତେ ଗମ୍ଭୀରତାର ସହ ନେଉଛି ତାହା ବୁଝିନିଅନ୍ତୁ।

**ଆଜି କେଉଁ କଥା ସବୁଠାରୁ ଅଧିକ ବ୍ୟସ୍ତ କରିଥିଲା :** ଏହି ପ୍ରଶ୍ନ ପଚାରିବା ଦ୍ୱାରା ଆପଣ ପିଲାର ବ୍ୟସ୍ତତା ବିଷୟରେ ଜାଣିପାରିବେ। ଏହା ବ୍ୟତୀତ ପିଲାର ଚିଡ଼ିଚିଡ଼ା ହେବାର କାରଣ ଜାଣିବା ସହ କୌଣସି କଥାକୁ ନେଇ ସେ ଚିନ୍ତାରେ ରହୁଛି କି କ'ଣ ସେ ବିଷୟରେ ବି ଜାଣିପାରିବେ।

## ଏମାନେ କ'ଣ କରନ୍ତି...



ରଞ୍ଜିତା



ମିନତି

ପ୍ରତ୍ୟେକ ଦିନ ମୋ ପୁଅ ସ୍କୁଲରୁ ଫେରିବା ପରେ ତାକୁ ସ୍କୁଲ ବିଷୟରେ ପଚାରିଥାଏ। ସ୍କୁଲରେ କ'ଣ ପାଠ ପଢାହେଲା, ସେ ସେଥିରେ କେତେ ଦୂର ଜଡିତ ରହିଛି ସେ କଥା ବୁଝିଥାଏ। ଟିଫିନ୍ ବକ୍ସରୁ ଖାଦ୍ୟ ସବୁ ଖାଇଛି କି ନାହିଁ, ସମସ୍ତ ଅସୁବିଧା ସୁବିଧା ପଚାରି ବୁଝିଥାଏ। ଯଦି ମନରେ କୌଣସି ଭୟ ଥିବାର ଲକ୍ଷ୍ୟ କରେ ତେବେ ସ୍ନେହର ସହ ତାକୁ ସେ ବିଷୟରେ ପଚାରିଥାଏ । ପ୍ରତିଦିନ ଦିଆଯାଇଥିବା ହୋମ୍‌ୱାର୍କ ଚେକ୍ କରେ।

*– ମିନତି ମହାରଣା, ଗୃହିଣୀ, ଭୁବନେଶ୍ୱର*

ଯେହେତୁ ଦିନର ଅଧା ସମୟ ପିଲାଙ୍କର ସ୍କୁଲରେ ହିଁ ବିତିଥାଏ, ସେଥିଲାଗି ସେଠାରେ ତା'ର କାର୍ଯ୍ୟକଳାପ ବିଷୟରେ ସମ୍ପୂର୍ଣ୍ଣ ତଦାରଖ କରିବା ସମ୍ଭବ ନୁହେଁ। ସେଥିଲାଗି ମୋ ଝିଅ ସ୍କୁଲରୁ ଫେରିବା ପରେ କ'ଣ ସବୁ ପାଠପଢା ହେଲା ଠାରୁ ଆରମ୍ଭ କରି ତା'ର ଟିଫିନ୍ ସେ ଖାଇଛି କି ନାହିଁ, ଶିକ୍ଷକ ପଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଠିକ୍ ଭାବେ ଦେଇଛି କି ନାହିଁ ପଚାରିଥାଏ। ଯଦି କୌଣସି ପ୍ରୋଗ୍ରାମ୍ ବା ଫଙ୍କ୍‌ସନ୍ ହେବାର ଅଛି ତା' ହେଲେ ସେଥିରେ ତାର ଆଗ୍ରହ ଥିଲେ ମୁଁ ସେ ଦିଗରେ ତାକୁ ଉତ୍ସାହିତ କରିଥାଏ। ଏହାବ୍ୟତୀତ ସ୍କୁଲରେ ଯଦି କିଛି ମଜା ଘଟଣା କିମ୍ବା କୌଣସି ଘଟଣା ତାକୁ କଷ୍ଟ ଦେଇଛି ସେ ସମ୍ପର୍କରେ ପଚାରି ବୁଝିଥାଏ।

*– ରଞ୍ଜିତା ମହାନ୍ତି, ଗୃହିଣୀ, ରାଧାଗୋବିନ୍ଦ ଲେନ୍, ପୁରୀ*



# କିଚେନ୍ ଡେକୋରେଶନ୍

❖ହ୍ୱାଇଟ୍, ଆୟବରି, ମିଣ୍ଟ୍, କ୍ରିମ୍ ଭଳି ଲାଇଟ୍ କଲର କିଚେନ୍‌କୁ ଫ୍ରେଶ୍ ଲୁକ୍ ଦେଇଥାଏ।

❖କିଚେନ୍‌କୁ ମଡର୍ନ ଲୁକ୍ ଦେବାକୁ ହେଲେ କ୍ରକେରି, ଆସେସୋରିଜ୍ ଆଦିକୁ ହ୍ୱାଇଟ୍, ଆୟବରି, ମିଣ୍ଟ୍, କ୍ରିମ୍ ଭଳି ଲାଇଟ୍ କଲର ବାଛନ୍ତୁ।

❖ପର୍ଯ୍ୟାପ୍ତ ସେଲ୍ଫ ଏବଂ ଷ୍ଟୋରେଜ୍ କିଚେନ୍‌କୁ ମଡର୍ନ ଏବଂ ଅର୍ଗାନାଇଜ୍‌ଡ ଲୁକ୍ ଦେଇଥାଏ।

❖ଯଦି ଆପଣଙ୍କ କିଚେନ୍ ଛୋଟ ତେବେ ହ୍ୱାଇଟ୍, କ୍ରିମ୍ ଭଳି ବ୍ରାଇଟ୍ କଲର ପସନ୍ଦ କରିପାରିବେ। ଏହାଦ୍ୱାରା ଆପଣଙ୍କ କିଚେନ୍ ରୁମ୍‌ର ଆକାର ବଡ ଦେଖାଯାଇଥାଏ।

❖ଛୋଟ କିଚେନ୍‌କୁ ପେଣ୍ଟ କରିବା ବେଳେ ଏକାଥରେ ୨ କିମ୍ବା ୩ଟି ଅଧିକ କଲର ବ୍ୟବହାର କରନ୍ତୁ ନାହିଁ।

❖କିଚେନ୍ ବଡ ହୋଇଥିଲେ ଆପଣ ଲାଇଟ୍ ଏବଂ ଡାର୍କ ଉଭୟ କଲର ବ୍ୟବହାର କରିପାରିବେ।

❖କିଚେନ୍‌ର ଆକାର ବଡ ଏବଂ ଡାଇନିଂ ଟେବୁଲ୍ ମଧ୍ୟ କିଚେନ୍‌ରେ ଥିଲେ ଫ୍ଲୋରିଂ, ୱାଲ୍ କଲର, ୱାଲ୍ ପେପର ଆଦି ଦ୍ୱାରା କୁକିଂ ଏବଂ ଡାଇନିଂ ଏରିଆକୁ ଅଲଗା ଲୁକ୍ ଦିଅନ୍ତୁ। ଡାଇନିଂ ଏରିଆର ଚାରିପଟେ ଲାଇଟିଂ ବ୍ୟବସ୍ଥା ଠିକ୍ ଭାବେ କରନ୍ତୁ।

❖କିଚେନ୍‌କୁ ଡେକୋରେଟ୍ କଲାବେଳେ କଣ୍ଟେନର ଏବଂ ଜାର୍‌କୁ ନିଶ୍ଚୟ ବଦଳାନ୍ତୁ। ଯାହାଦ୍ୱାରା କିଚେନ୍ ବ୍ୟବସ୍ଥିତ ଲାଗିବ।

# ଉପକାରୀ ଜୁଆଣି

**ଜୁଆଣିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷକରି ପ୍ରସବ ପରେ ମହିଳାମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ। ତେବେ ଏହାର କେତେକ ଗୁଣ ବିଷୟରେ ଟିପ୍ସ...**

❖ଜୁଆଣି ପାଚନ କ୍ରିୟା ସମ୍ବନ୍ଧିତ ଅନେକ ସମସ୍ୟାର ସମାଧାନ କରିଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍ ଗୁଣ ଭରି ରହିଛି ।

❖ଏହା କେବଳ ଖାଦ୍ୟର ସ୍ୱାଦ ବଢାଇ ନ ଥାଏ ବରଂ ପ୍ରସବ ପରେ ମହିଳାଙ୍କ ପେଟ କମାଇବାରେ ସାହାଯ୍ୟ କରିଥାଏ।

❖ରାତିରେ ଏକ ଚାମଚ ଜୁଆଣିକୁ ଏକ ଗ୍ଲାସ ପାଣିରେ ଭିଜାଇ ରାତିସାରା ରଖନ୍ତୁ। ଏହାକୁ ସକାଳେ ଭଲଭାବେ ଫୁଟାଇ ଛାଣିକରି ଥଣ୍ଡା ହେବା ପରେ ପିଅନ୍ତୁ।

❖ଡେଲିଭରି ପରେ ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍, ପେଟ ଦରଜ କିମ୍ବା ପାଚନ କ୍ରିୟା ସମ୍ବନ୍ଧିତ ସମସ୍ୟା ରହୁଛି ତେବେ ଜୁଆଣି ପାଣି ପିଅନ୍ତୁ।

❖ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହେବା ସହ ମାଂସପେଶୀର ଉପଯୁକ୍ତ ବିକାଶ ହୋଇଥାଏ।

❖ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଜୁଆଣି ପାଣି ବହୁତ ଲାଭଦାୟକ। କାରଣ ଏଥିରେ କ୍ଷୀର ଉତ୍ପାଦନ ଗୁଣ ରହିଛି।

❖ଏଥିରେ ଏପରି ତତ୍ତ୍ୱ ରହିଛି, ଯାହା ପ୍ରସବ ପରେ ଶରୀରର ଦରଜ ଦୂର କରିଥାଏ। ପିଠି କିମ୍ବା ଆଣ୍ଠୁ ଗଣ୍ଠି ଦରଜ ମଧ୍ୟ କମ୍ କରିଥାଏ।

❖ସୁସ୍ଥ ଆହାର ଏବଂ ଜୁଆଣି ପାଣି ପିଇବା ସହ ବ୍ୟାୟାମ ଦ୍ୱାରା ଶରୀରରେ ମେଟାବୋଲିଜ୍ମ ସ୍ତର ସନ୍ତୁଳିତ ରହିଥାଏ। ଏହା ମଧ୍ୟ କେତେକାଂଶରେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।



ସୌନ୍ଦର୍ଯ୍ୟ

# ମୁଣ୍ଡ କୁଣ୍ଡାଇ ହେଉଥିଲେ...

**କେବେ କେଶ ଓ କେଶମୂଳ ଶୁଷ୍କ ରହିବା ଦ୍ୱାରା ତ ଆଉ କେବେ ରୁପି ସମସ୍ୟା ପାଇଁ ମୁଣ୍ଡ କୁଣ୍ଡାଇ ହୋଇଥାଏ। ଏହି ସମସ୍ୟାକୁ ଦୂରେଇବା ପାଇଁ ଜାଣନ୍ତୁ କିଛି ଘରୋଇ ଟିପ୍ସ ...**



**ଲେମ୍ବୁ ଓ ମହୁ –** ଲେମ୍ବୁରେ ରହିଛି ଆଣ୍ଟି ବ୍ୟାକ୍ଟେରିଆ ଓ ଆଣ୍ଟି ଫଙ୍ଗାଲ ଗୁଣ। ଏହାକୁ ମହୁରେ ମିଶାଇ କେଶ ମୂଳେ ମସାଜ୍ କରନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଅନ୍ତତଃ ଥରେ ଏପରି କରନ୍ତୁ ଦେଖିବେ କେଶ ମୂଳ କୁଣ୍ଡାଇ ହେବ ନାହିଁ କିମ୍ବା ରୁପି ସମସ୍ୟା ବି ରହିବ ନାହିଁ।

**ଏଲୋଭେରା –** କେଶକୁ ସୁନ୍ଦର ଓ ମଜଭୁତ ରଖିବା ସହ ରୁପି ସମସ୍ୟା ଦୂର କରିଥାଏ ଏଲୋଭେରା। ଏଲୋଭେରା ଜେଲ୍‌କୁ କେଶ ମୂଳରେ ମସାଜ୍ କରି ୧୫ ମିନିଟ୍ ପରେ ଶାମ୍ପୋ କରନ୍ତୁ। କେଶ ମୂଳ ଆଉ କୁଣ୍ଡାଇ ହେବ ନାହିଁ।

**ଟି ଟ୍ରି ଅଏଲ –** ଟି ଟ୍ରି ଅଏଲ୍ କେବଳ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରି ନ ଥାଏ ବରଂ କେଶ ପାଇଁ ବି ବେଶ୍ ଉପକାରୀ। ଏଥିରେ ଟରପିନ୍ସ ନାମକ ଯୌଗିକ ରହିଛି ଯାହାକି ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣରେ ଭରପୂର। ୨ ଚାମଚ ଟି ଟ୍ରି ଅଏଲରେ ଏକ ଚାମଚ ଅଲିଭ୍ ଅଏଲ୍ ମିଶାଇ କଟନ୍ ଦ୍ୱାରା କେଶର ମୂଳେ ଲଗାନ୍ତୁ। ଏକ ସପ୍ତାହ ପରେ ଫରକ ଜାଣିପାରିବେ।

**ଆପଲ ଭିନେଗାର –** ଏହା କେଶ ମୂଳକୁ ପରିଷ୍କାର ରଖିଥାଏ। ତିନି ଚତୁର୍ଥାଂଶ ପାଣିରେ ଏକ ଚତୁର୍ଥାଂଶ ଆପଲ ଭିନେଗାର ମିଶାଇ ପ୍ରତିଦିନ କେଶ ମୂଳେ ମାଲିସ କରନ୍ତୁ।

ଖାଦ୍ୟରୁଚି

# ଭେଜ୍ ହାଇଦ୍ରାବାଦୀ ବିରିୟାନି

### ଆବଶ୍ୟକ ସାମଗ୍ରୀ

ଏକ ଗ୍ଲାସ ବାସ୍‌ମତି ଚାଉଳ,୧ଟି ତେଜପତ୍ର, ୧ଟି ଡାଲଚିନି, ୧ଟି ଅଳେଇଚ,୨ ଟି ଲବଙ୍ଗ, ସ୍ୱାଦ ଅନୁସାରେ ଲୁଣ, ଗାଜର, ଗ୍ରୀନ୍ ମଟର, ଫୁଲକୋବି, ଆଳୁ, ପନିର, ୨ ଚାମଚ ତେଲ, ୧/୨ ଚାମଚ ଜିରା, ୧ କପ୍ କଟା ପିଆଜ, ୧ ଚାମଚ ଅଦା କଞ୍ଚାଲଙ୍କା ପେଷ୍ଟ, ୧/୪ ଚାମଚ ହଳଦୀଗୁଣ୍ଡ, ୨ ଚାମଚ ଧନିଆ ପାଉଡର, ୧ ଚାମଚ ଲଙ୍କାଗୁଣ୍ଡ, ୧/୨ ଚାମଚ ଗରମ ମସଲା, ୧ କପ୍ କଟା ଟମାଟୋ, ୧/୪ କପ୍ ଦହି, ୧/୪ କପ୍ ଧନିଆପତ୍ର, ଅଳ୍ପ ପରିମାଣରେ କେଶର, ୨ ଚାମଚ ଘିଅ।



### ପ୍ରସ୍ତୁତି ପ୍ରଣାଳୀ

ଏକ ଡିସ୍‌ରେ ପାଣି ଗରମ କରନ୍ତୁ। ଏଥିରେ ତେଜପତ୍ର, ଡାଲଚିନି, ଲବଙ୍ଗ, ଅଳେଇଚ, ଚାଉଳ ଏବଂ ଲୁଣ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ରଖନ୍ତୁ। ଚାଉଳ ଅଧା ସିଝା ହେବା ପରେ ଏହାକୁ ଏକ ପାତ୍ରକୁ ଛାଣି ଦିଅନ୍ତୁ। ଏବେ କଢେଇରେ ତେଲ ଗରମ କରି ଜିରା, ପିଆଜ ପକାଇ ୧-୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଲାଲ୍ ହୋଇଆସିଲେ ଅଦା କଞ୍ଚାଲଙ୍କା ପେଷ୍ଟ, ହଳଦୀ, ଧନିଆ ପାଉଡର, ଲଙ୍କାଗୁଣ୍ଡ, ଗରମ ମସଲା ପକାଇ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସମସ୍ତ ପନିପରିବା, ପନିର ଏବଂ ଲୁଣ ପକାଇ ୨-୩ ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ଦହି, ଧନିଆ ଏବଂ କେଶରକୁ ଏକ ବାଉଲ୍‌ରେ ଭଲ ଭାବେ ମିଶାଇ ରଖନ୍ତୁ। ପ୍ରସ୍ତୁତ ଚାଉଳରେ ଏହାକୁ ଭଲଭାବେ ମିଶାନ୍ତୁ। ଚାଉଳର ଏକ ଭାଗ ଏକ ହାଣ୍ଡିରେ ବିଛେଇ ରଖନ୍ତୁ। ପ୍ରସ୍ତୁତ ଭେଜିଟେବୁଲ୍ ଗ୍ରେଭିକୁ ଏହା ଉପରେ ଭଲ ଭାବେ ଖେଳାଇ ଦିଅନ୍ତୁ। ଏବେ ଏହା ଉପରେ ଚାଉଳର ଆଉ ଏକ ପରସ୍ତ ଦିଅନ୍ତୁ। ଏହା ଉପରେ ଘିଅ ଦେଇ ଢାଙ୍କୁଣି ଦିଅନ୍ତୁ। ଏବେ ଏହି ହାଣ୍ଡିକୁ ନନ୍ ଷ୍ଟିକ୍ ତାୱା ଉପରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ଗରମ ଗରମ ଏହାକୁ କଟୁମ୍ବର ସହ ପରଷନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.89 (25) | 37,054.10 (↑382.67) | 11,168.05 (↑132.65) | 33,250.00 (↑₹80) | 39,536.00 (↓₹370) |



"ବର୍ତ୍ତମାନ ଇନଭର୍ଟର ଏସି ଶୃଙ୍ଖଳାରେ ୩୮% ବଜାର ଅଂଶ ହାସଲ କରିଥିବା ବେଳେ ଚଳିତ ବର୍ଷ ଏହା ୪୦% ଛୁଇଁବା ନେଇ ଆଶାବାଦୀ।

–ବିଜୟ ବାବୁ, ଉପସଭାପତି, ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ



"ପ୍ରଡକ୍ଟ ଷ୍ଟ୍ରାଟେଜି କ୍ଷେତ୍ରରେ ଟାଇଗର ବ୍ରାଣ୍ଡ ଏକ ପ୍ରମୁଖ ସ୍ଥାନରେ ରହିଛି।

– ସୋଏବ ଫାରୁକ, ସାଧାରଣ ପ୍ରବନ୍ଧକ, ଟାୟମ୍ପ ମୋଟର ସାଇକେଲ ଇଣ୍ଡିଆ

## ସଂକ୍ଷେପରେ

### ବୋଇଙ୍ଗ ଜେଟ୍‌ର ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୧-୩

ଗତ ୫ ମାସରେ ବିମାନ ନିର୍ମାଣକାରୀ ସଂସ୍ଥା ବୋଇଙ୍ଗର ବି୭୩୭ ମାକ୍ସର ୨ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୪୬ ଯାତ୍ରୀଙ୍କ ଜୀବନ ହାନି ଘଟିଛି। ନିକଟରେ ଇଥିଓପିଆରେ ହୋଇଥିବା ବିମାନ ଦୁର୍ଘଟଣାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ଘରୋଇ ବଜାରରେ ପରିଚାଳିତ ଏହି ମଡେଲ ପ୍ଲେନଗୁଡ଼ିକର ନିରାପତ୍ତା ଯାଞ୍ଚ କରାଇବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସ୍ପାଇସ ଜେଟ୍ ଏବଂ ଜେଟ୍ ଏୟାରୱେଜ ଭଳି ବିମାନ କମ୍ପାନୀ ଏହି ମଡେଲର ବିମାନ ପରିଚାଳନା କରୁଛନ୍ତି। ଯାତ୍ରୀ ନିରାପତ୍ତାକୁ ଧ୍ୟାନରେ ରଖି ବେସାମରିକ ବିମାନ ଚଳାଚଳ ସଚିବ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କୁହାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଡିଜିସିଏ ଏହି ପ୍ରସଙ୍ଗ ଉପରେ ବର୍ତ୍ତମାନ ତର୍ଜମା କରୁଛି। ସୋମବାର ରାତି ସୁଦ୍ଧା ଅତିରିକ୍ତ ନିରାପତ୍ତା ସୂଚନା ଜାରି କରାଯିବ ବୋଲି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଏତିହାଦଠାରୁ ୭୫୦ କୋଟି ପୁଞ୍ଜି ଚାହୁଁଛି ଜେଟ୍



ନୂଆଦିଲ୍ଲୀ,୧୧-୩

ଜେଟ୍ ଏୟାରୱେଜ ଏହାର ପାର୍ଟନର ଏତିହାଦଠାରୁ ୭୫୦ କୋଟିର ପୁଞ୍ଜି ଆବଶ୍ୟକ କରୁଛି। ବିମାନ କମ୍ପାନୀ ବର୍ତ୍ତମାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ବିଭିନ୍ନ ସମସ୍ୟା ଲାଗି ଏହାର ଅନେକ ପ୍ଲେନକୁ ଚଳାଉ ନାହିଁ। ଜେଟ୍ ଏୟାରୱେଜ ଅଧ୍ୟକ୍ଷ ନରେଶ ଗୋୟଲ ଏ ସମ୍ପର୍କରେ ଏତିହାଦ ଗ୍ରୁପ ସିଇଓ ଟୋନି ଡୋଗଲାସଙ୍କୁ ଚିଠି ଲେଖିଛନ୍ତି। ଅର୍ଥ ମିଳିବାରେ ବିଳମ୍ବ ହେଲେ ବିମାନ କମ୍ପାନୀ କାର୍ଯ୍ୟ ପରିଚାଳନା ଠପ୍ ହୋଇ ଯିବ ବୋଲି ଗୋୟଲ କହିଛନ୍ତି। ଜେଟ୍ ପ୍ରିଭିଲେଜ ଅନ୍ତରୀଣ ଫଣ୍ଡିଂ ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟଠାରୁ ସବୁଜ ସଙ୍କେତ ଲାଭ କରିଥିବା ଗୋୟଲ ସୂଚନା ଦେଇଛନ୍ତି। ବିମାନ କମ୍ପାନୀର ରକ୍ଷା ଲାଗି ସହଯୋଗ ଆଶା କରୁଥିବା ଗୋୟଲ କହିଛନ୍ତି। ବିମାନ କମ୍ପାନୀର ଋଣକୁ ଇକ୍ୱିଟିରେ ରୂପାନ୍ତରିତ କରିବାକୁ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବା ପରେ ଏହା ଫେବୃୟାରୀ ୨୧ରେ ଅଂଶୀଦାରଙ୍କ ମଞ୍ଜୁରୀ ଲାଭ କରିଥିଲା।

# ନୀରବଙ୍କ ବିରୋଧରେ ଇଡିର ସାନି ଚାର୍ଜଶିଟ୍


ନୂଆଦିଲ୍ଲୀ,୧୧–୩



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ମହାଘୋଟାଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ସାନି ଚାର୍ଜଶିଟ୍ ଦାଏର କରିଛି। ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍‌ଏଲ୍‌ଏ)ର ବମ୍ବେ ସ୍ଥିତ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ ହୋଇଥିବା ଇଡି ପକ୍ଷରୁ କୁହାଯାଇଛି। ଏହା ଏକ ଅତିରିକ୍ତ ଚାର୍ଜଶିଟ ହୋଇଥିବା ବେଳେ ଏଥିରେ ନୀରବ ମୋଦିଙ୍କ ସମେତ ଅନ୍ୟମାନଙ୍କ ନାମ ଉଲ୍ଲେଖ ରହିଛି। ନୀରବ ଲଣ୍ଡନର ୮ ନିୟୁତ ପାଉଣ୍ଡ ଲକ୍‌ଜ୍ୟୁରୀ ଆପାର୍ଟମେଣ୍ଟରେ ରହୁଥିବା ଜଣାପଡ଼ିଛି। ସେ ପୁଣିଥରେ ହୀରା ବ୍ୟବସାୟ ଆରମ୍ଭ କରିବା ଘଟଣା ସାମ୍ନାକୁ ଆସିବା ପରେ ଏହି ମାମଲାରେ ଇଡି ନୂଆ ଚାର୍ଜଶିଟ ଦାଖଲ କରିଛି। ନ 1 ର ବ ଙ୍କ ବିରୋଧରେ ପ୍ରତ୍ୟାର୍ପଣ କାର୍ଯ୍ୟାନୁଷ୍ଠାନ ଲାଗି ୟୁନାଇଟେଡ କିଙ୍ଗଡମର ହୋମ ସେକ୍ରେଟାରୀ ଭାରତର ଅନୁରୋଧକୁ କୋର୍ଟକୁ ପଠାଇଛନ୍ତି। ଏହି ମାମଲାରେ ଇଡି ପକ୍ଷରୁ ଗତ ବର୍ଷ ମେ ମାସରେ ପ୍ରଥମ ଚାର୍ଜଶିଟ କରାଯାଇଥିଲା। ନୀରବ ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କ ବିରୋଧରେ ଇଡି ସମେତ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତଦନ୍ତ କରୁଛନ୍ତି। ମୁମ୍ବାଇର ବ୍ରାଡି ହାଉସ ଶାଖାରୁ ବେଆଇନ ଭାବେ ଋଣ ଠକେଇରେ ଏମାନେ ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି। ନୀରବ ବର୍ତ୍ତମାନ ଲଣ୍ଡନର ପଏଣ୍ଟ ଟାୱାର ବ୍ଲକର ୩ ବେଡ୍‌ରୁମ ଫ୍ଲାଟରେ ରହୁଛନ୍ତି। ଏହାର ମାସିକ ଭଡା ୧୭,୦୦୦ ପାଉଣ୍ଡ ରହିଛି। ଇଡି ପିଏମ୍‌ଏଲ୍‌ଏରେ ନୀରବଙ୍କ ୧୮୭୩ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହା ତାଙ୍କ ପରିବାର ସହ ସମ୍ପୃକ୍ତ ୪୮୯ କୋଟି ଟଙ୍କା ସମ୍ପତ୍ତି ମଧ୍ୟ ଜବତ ହୋଇଛି।

# ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏସ୍୧୦

ନୂଆଦିଲ୍ଲୀ, ୧୧–୩




ସାମ୍‌ସଙ୍ଗ ପକ୍ଷରୁ ପରବର୍ତ୍ତୀ ପିଢି ଗାଲାକ୍ସି ଏସ୍ ୧୦ ସ୍ମାର୍ଟଫୋନ ବଜାରରେ ପ୍ରବେଶ କରିଛି। ଏସ୍ ସିରିଜରେ ନୂଆ ଗାଲାକ୍ସି ୧୦ଇ, ଗାଲକ୍ସି ୧୦ ଏବଂ ଗାଲାକ୍ସି ୧୦ ପ୍ଲସ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କମ୍ପାନୀର ସ୍ଥିରୀକୃତ ରିଟେଲ୍ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି। ମଡେଲଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବାବେଳେ ଗ୍ରାହକଙ୍କୁ ସ୍ୱତନ୍ତ୍ର ୟୁଜର୍ ଅଭିଜ୍ଞତା ପ୍ରଦାନ କରିବ। ମଡେଲଟିରେ ଇନ୍‌ଫିନିଟି ଓ ଡିସ୍ପେଲେ, ଭର୍ସାଟାଇଲ ପ୍ରୋ ଗ୍ରେଡ୍ କ୍ୟାମେରା, ୱେର୍‌ଲେସ ପାୱାର ଶେୟାର, ଇନ୍‌ଡିସ୍ପଲେ ଅଲଟ୍ରାସୋନିକ ଫିଙ୍ଗରପ୍ରିଣ୍ଟ ଭଳି ବୈଶିଷ୍ଟ୍ୟ ସ୍ଥାନିତ ହୋଇଛି। ଗ୍ରାହକଙ୍କର ବହୁବିଧ ସ୍ମାର୍ଟଫୋନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀର ଆଇଟି ତଥା ମୋବାଇଲ କମ୍ୟୁନିକେଶନ ଡିଭିଜନ ସଭାପତି ଡି.ଜେ. କୋହ ସୂଚନା ଦେଇଛନ୍ତି।

# ପିସିଏରୁ ବାହାରିବ ଆଇଡ଼ିବିଆଇ ବ୍ୟାଙ୍କ

ନୂଆଦିଲ୍ଲୀ,୧୧–୩




ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଆଇଡ଼ିବିଆଇ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କାର୍ଯ୍ୟାନୁଷ୍ଠାନରୁ ମୁକୁଳିବାକୁ ଯୋଜନା ରଖିଛି। ଏହି ସମୟରେ ୧୦୦ ବିଲିୟନ ଡଲାରର ଏନ୍‌ପିଏ ବିକ୍ରି କରିବାକୁ ବ୍ୟାଙ୍କ ଯୋଜନା ରଖିଛି। ଏନ୍‌ପିଏ ଅସୁଲକୁ ଦୃଢ଼ କରିବା ଦିଗରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ବ୍ୟାଙ୍କର ଏମ୍‌ଡି ତଥା ସିଇଓ ରାକେଶ ଶର୍ମା କହିଛନ୍ତି। ଜୁନ ସୁଦ୍ଧା ଏହି କାର୍ଯ୍ୟକୁ ଅଗ୍ରସର କରିବାକୁ ବ୍ୟାଙ୍କ ଯୋଜନା ଧାର୍ଯ୍ୟ କରିଛି। ଆଇଡିବିଆଇ ବ୍ୟାଙ୍କରେ ଏଲ୍‌ଆଇସି ଅଂଶଧନ କ୍ରୟ କରିବା ପରେ ୨୧୦ ବିଲିୟନ ନିବେଶ କରିଛି। ବ୍ୟାଙ୍କର କାର୍ଯ୍ୟଧାରାକୁ ଦୃଢ଼ କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଉଥିବା ଶର୍ମା କହିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଲେ ଆଗାମୀ ସେପ୍ଟେମ୍ବର ବେଳକୁ ବ୍ୟାଙ୍କରେ ଏନ୍‌ପିଏ ହ୍ରାସ ହେବା ସହ ଲାଭ ମଧ୍ୟ ବୃଦ୍ଧି ଘଟିବ। ବାଲାନ୍ସ ସିଟ୍ ଉନ୍ନତ ହେବା ସହ ଋଣ ପ୍ରଦାନ ଧାରାରେ ଉନ୍ନତି ଆସିବ ବୋଲି ଶର୍ମା ପ୍ରକାଶ କରିଛନ୍ତି।

# ୩୭ ହଜାର ସ୍ତରରେ ସେନ୍‌ସେକ୍ସ



ମୁମ୍ବାଇ,୧୧–୩

ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସୋମବାର ୩୮୩ ପଏଣ୍ଟ ବୃଦ୍ଧି ଘଟି ପୁଣିଥରେ ୩୭,୦୦୦ ସ୍ତର ଛୁଇଁଛି। ଏହା ୬ ମାସ ମଧ୍ୟରେ ସବୁଠାରୁ ଉନ୍ନତ ସ୍ତର ବୋଲି ଜଣା ପଡ଼ିଛି। ବିଦେଶୀ ପୁଞ୍ଜି ଏବଂ ବିଶ୍ୱ ବଜାରର ଉନ୍ନତ ସ୍ଥିତି ଯୋଗୁ ସୂଚକାଙ୍କରେ ଉନ୍ନତି ଆସିଛି। ସେହିଭଳି ଏନ୍‌ଡିଏ ସରକାର ଆଉଥରେ ସତ୍ତାକୁ ଆସିବା ନେଇ ନିବେଶକ ମାନେ ଆଶା ରଖୁଥିବାରୁ ଏହା ବଜାର ଉପରେ ଭଲ ପ୍ରଭାବ ପକାଉଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେନସେକ୍ସରେ ସୋମବାର ୩୮୨.୬୭ ପଏଣ୍ଟ(୧.୦୪%) ବୃଦ୍ଧି ଘଟି ୩୭,୦୫୪.୧୦ ସ୍ତରରେ କାରବାର ବନ୍ଦ ହୋଇଛି। ଗତ ସେପ୍ଟେମ୍ବର ମାସଠାରୁ ଏହା ସର୍ବୋଚ୍ଚ ସ୍ତରର କାରବାର। ଶୁକ୍ରବାର ସେନସେକ୍ସରେ ୦.୧୫% ହ୍ରାସ ଘଟି କାରବାର ୩୬,୬୭୧.୪୩ ସ୍ତରରେ ରହିଥିଲା। ସେହିଭଳି ସେପ୍ଟେମ୍ବର ୨୬ ପରଠାରୁ ନିଫ୍ଟିରେ କାରବାର ମଧ୍ୟ ସର୍ବୋଚ୍ଚ ସ୍ତରରେ ରହିଛି। ଏହି ସମୟରେ ନିଫ୍ଟି ୧୧,୧୬୮.୦୫ ପଏଣ୍ଟ ସ୍ତର ଛୁଇଁଥିବା ଜଣା ପଡ଼ିଛି।

# ସଞ୍ଜୀୟ ଇଲେକ୍‌ଟ୍ରୋନିକ୍ସ ଶୋ'ରୁମ୍ ଉନ୍ମୋଚିତ

ଭୁବନେଶ୍ୱର,୧୧–୩

ପ୍ରମୁଖ ଇଲେକଟ୍ରୋନିକ୍ସ ଶୋ'ରୁମ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଚ୍ୟାନେଲ ପାର୍ଟନର ସଞ୍ଜୀୟ ଇଲେକଟ୍ରୋନିକ୍ସ କଟକର ନିଶ୍ଚିନ୍ତକୋଇଲିଠାରେ ଉନ୍ମୋଚନ ହୋଇଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ଏହାକୁ ଶୁଭାରମ୍ଭ କରିଥିଲେ। ଶୋ'ରୁମରେ ଅତ୍ୟାଧୁନିକ ପ୍ରଡକ୍ଟଗୁଡ଼ିକର ଆକର୍ଷଣୀୟ ଡିସ୍‌ପ୍ଲେ ରଖାଯାଇଛି। ଗ୍ରାହକମାନେ ଏଠାରେ ହୋମ ଆପ୍ଲାଏନ୍ସ, ଏଲ୍‌ଇଡି ଟିଭି, ଏୟାର କଣ୍ଡିସନର, କିଚେନ ଆପ୍ଲାଏନ୍ସ, ଲ୍ୟାପ୍‌ଟପ ଏବଂ ମୋବାଇଲ ଭଳି ପ୍ରଡକ୍ଟ ଗୋଟିଏ ଛାତତଳେ ଲାଭ କରିପାରିବେ। ଉତ୍ସବ ସମୟରେ ଆକର୍ଷଣୀୟ ଅଫର, 0% ସୁଧ ଏବଂ ସହଜ କିସ୍ତିରେ ଗ୍ରାହକ ପ୍ରଡକ୍ଟ କିଣିବାକୁ ସକ୍ଷମ ହେବେ ବୋଲି ସ୍ୱତ୍ୱାଧିକାରୀ ଚିତ୍ତରଞ୍ଜନ ଦାସ କହିଛନ୍ତି।

# ଆଇସିଆଇସିଆଇ ପକ୍ଷରୁ ମହିଳାଙ୍କୁ ଦକ୍ଷତା ତାଲିମ

ଭୁବନେଶ୍ୱର,୧୧–୩

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସ୍ଥାପନା ହୋଇଥିବା ସ୍କିଲ ଏକାଡେମୀ ବର୍ତ୍ତମାନ ସୁଦ୍ଧା ୧୪୦୦ ଅବହେଳିତ ମହିଳାଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିଛି। ଭୁବନେଶ୍ୱରର ବମିଖାଲରେ ଥିବା ତାଲିମ ପ୍ରତିଷ୍ଠାନରେ ଅଫିସ ପରିଚାଳନାରେ ୩ ମାସିଆ ପାଠ୍ୟକ୍ରମ ସହ ଅନ୍ୟାନ୍ୟ କୋର୍ସ ପ୍ରଦାନ କରାଯାଉଛି। ଅତିକମ୍‌ରେ ଦଶମ ଶ୍ରେଣୀ ପଢା ଶେଷ କରିଥିବା ୧୮ରୁ ୩୦ ବର୍ଷ ବୟସର ମହିଳା ଏଥି ଲାଗି ଆବେଦନ କରିପାରିବେ। ନିଯୁକ୍ତି ପ୍ରଦାନ ଲାଗି ୧୨୦ ଶିଳ୍ପ ସଂସ୍ଥାଙ୍କ ସହ ଏହା ଯୋଡି ହୋଇଥିବା କହିଛି। ବର୍ତ୍ତମାନ ଏଠାରେ ୫୮ ଛାତ୍ରୀଛାତ୍ର ତାଲିମ ଗ୍ରହଣ କରୁଛନ୍ତି। ନିରନ୍ତର ଜୀବନ ଜିବିକାକୁ ନିଶ୍ଚିତ କରାଇବାରେ ଏହା ସହାୟକ ହେବ ବୋଲି ଆଇସିଆଇସିଆଇ ବ୍ୟାଙ୍କର ଏମ୍‌ଡି ଅନୁପ ବାଗ୍‌ଚୀ କହିଛନ୍ତି।

# ଗବେଷଣା, ବିକାଶକୁ ନାଲ୍‌କୋର ଗୁରୁତ୍ୱ

ଭୁବନେଶ୍ୱର,୧୧–୩

ନାଲକୋ NALCO

ନ୍ୟାଶନାଲ୍ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଗବେଷଣା ଏବଂ ବିକାଶକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ନୂଆ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ପ୍ରଥମଥର ଲାଗି ବିଶ୍ୱର ନାନୋ ଭିତ୍ତିକ ଏମ୍ବ୍ରିଅନ ଟେକ୍ନୋଲୋଜି ଉପଯୋଗ କରିଛି। ନାଲ୍‌କୋସ୍ଥିତ ସ୍ମେଲଟର ପ୍ଲାଣ୍ଟରୁ ନିର୍ଗତ ଜଳରୁ ଫ୍ଲୋରାଇଡ ନିଷ୍କାସନ ପାଇଁ ଡିଫ୍ଲୋରିଡେଶନ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟାନ୍ୱୟନ କରାଯାଇଛି। ସେହିଭଳି ସ୍ମେଲଟର ରୋଲିଂ ପ୍ଲାଣ୍ଟରେ ଏଏ ୩୧୦୫ ଆଲଏର ଉତ୍ପାଦନ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଫ୍ୟାନ୍ ବ୍ଲେଡରେ ଏହି ଧାତୁ ଉପଯୋଗ ହେବାର ବ୍ୟାପକ ସୁଯୋଗ ରହିଛି। ୨୦୧୭–୧୮ ଆର୍ଥିକ ବର୍ଷରେ ନାଲ୍‌କୋ ନାମରେ ୪ଟି ପ୍ୟାଟେଣ୍ଟ ଅନୁମୋଦିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ୩୫ଟି ପ୍ୟାଟେଣ୍ଟ ଫାଇଲ୍ ହୋଇଛି। ୧୬ଟିର ମଞ୍ଜୁରୀ ହୋଇଥିବବେଳେ ୫ଟି ବ୍ୟବସାୟିକ ସ୍ତରରେ କାର୍ଯ୍ୟାନ୍ୱୟନ ହୋଇଛି। ନାଲ୍‌କୋ ୨୦୧୬–୧୭ରେ ଗବେଷଣା ଓ ବିକାଶ କ୍ଷେତ୍ରରେ ୪୮ କୋଟି ଏବଂ ୨୦୧୭–୧୮ରେ ୨୮ କୋଟି ଟଙ୍କା ବ୍ୟୟ କରିଥିବା ସୂଚନା ଦେଇଛି।

# ନୀଳାଚଳ ଇସ୍ପାତରେ ରେକର୍ଡ ଉତ୍ପାଦନ



ଭୁବନେଶ୍ୱର, ୧୧–୩

ଯାଜପୁର କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍) ଷ୍ଟିଲ ମେଲ୍ଟିଂ ଶପ୍ କାର୍ଯ୍ୟକ୍ଷମ କରି ଲିକ୍ୟୁଡ ଷ୍ଟିଲ ଷ୍ଟିଲ ଏବଂ ବିଲେଟ୍ ଉତ୍ପାଦନରେ ରେକର୍ଡ ହାସଲ କରିଛି। କମ୍ପାନୀ ଫେବୃୟାରୀରେ ୨୩,୬୫୨ ଟନ୍ ଲିକ୍ୟୁଡ ଷ୍ଟିଲ ଏବଂ ୨୧,୬୪୦ ଟନ୍ ବିଲେଟ୍ ଉତ୍ପାଦନ କରିଛି। ଏହା ସର୍ବାଧିକ ମାସିକ ଉତ୍ପାଦନ। କମ୍ପାନୀ ବିଦ୍ୟୁତ ସଞ୍ଚାର ଖୁଣ୍ଟ ଲାଗି ବ୍ୟବହୃତ ଷ୍ଟିଲର ଉତ୍ପାଦନ ମଧ୍ୟ ଆରମ୍ଭ କରିଛି। ଏହା ଶୀଘ୍ର ନିଜ ବ୍ରାଣ୍ଡର ଟିଏମ୍‌ଟି ୱାୟାର ରଡ୍ ବାର ଉତ୍ପାଦନ ଆରମ୍ଭ କରିବାକୁ ଯୋଜନା ରଖିଥିବା କହିଛି।

# ଓଏସ୍‌ଏବିଇୟୁର ତ୍ରୈବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୧–୩(ବ୍ୟୁରୋ)



ଅଲ୍ ଓଡ଼ିଶା ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ୧୩ତମ ତ୍ରୈବାର୍ଷିକ ସମ୍ମିଳନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡିଶା ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନର ସାଧାରଣ ସମ୍ପାଦକ ପି.କେ. ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କରେ ବୃଦ୍ଧି ହେଉଥିବା ଏନ୍‌ପିଏ ହ୍ରାସ ତଥା ଏହାର ଅସୁଲ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଟି.ଶ୍ରୀନିବାସ ରାଓ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରବନ୍ଧକ ଦ୍ୱାରିକା ପ୍ରସାଦ ନନ୍ଦ, ସର୍ବଭାରତୀୟ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଟି.ରବୀନ୍ଦ୍ର ନାଥ, ସଭାପତି କେ. ଥାମାରାଇସେଲଭାନ, ମନୋରଞ୍ଜନ ଦାସ, ଏଲ୍.କେ. ନାଗଡା, ଏଆଇଟିୟୁସି ସମ୍ପାଦକ ଜୟକୃଷ୍ଣ ପଣ୍ଡା, କର୍ମଚାରୀ ସଂଘର ଓଡ଼ିଶା ସଭାପତି ସୀମାଞ୍ଚଳ ଶତପଥୀ ଏବଂ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ କିଷାନରେ କୃଷକଙ୍କୁ ୫,୨୧୫ କୋଟି



ନୂଆଦିଲ୍ଲୀ,୧୧–୩

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୨.୬ କୋଟି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ୫,୨୧୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ତରୀଣ ବଜେଟରେ ଏହି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ସରକାର ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି (ପିଏମ୍–କିଶାନ) ଯୋଜନାରେ ୭୫,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ପ୍ରତି ଚାଷୀ ପିଛା ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ୨ ହେକ୍ଟର ଜମି ଥିବା ପ୍ରାୟ ୧୨ କୋଟି ଚାଷୀ ଏହି ଆର୍ଥିକ ସହାୟତା ଲାଭ କରି ପାରିବେ। ମାର୍ଚ୍ଚ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରଦାନ ପାଇଁ ୨୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଉତ୍ତରପ୍ରଦେଶର ଗୋରଖପୁରଠାରେ ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ୧.୦୧ କୋଟି କୃଷକଙ୍କୁ ୨,୦୨୧ କୋଟି ଟଙ୍କା ସ୍ଥାନାନ୍ତର ନେଇ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା କୃଷକଙ୍କ ଆକାଉଣ୍ଟକୁ ୫,୨୧୫ କୋଟି ଟଙ୍କା ସ୍ଥାନାନ୍ତର ହୋଇଥିବା ପିଏମ୍‌ଓ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

**ଓଡ଼ିଶାରେ ୮.୦୭ ଲକ୍ଷ କୃଷକ ଉପକୃତ**

ମାର୍ଚ୍ଚ ୭ ସୁଦ୍ଧା ଉତ୍ତର ପ୍ରଦେଶର ୭୪.୭୧ ଲକ୍ଷ କୃଷକ ଏବଂ ଆନ୍ଧ୍ର ପ୍ରଦେଶର ୩୨.୧୫ ଲକ୍ଷ କୃଷକ ଲାଭବାନ ହୋଇଛନ୍ତି। ସେହିଭଳି ହରିୟାଣାରେ ୮ ଲକ୍ଷ, ଗୁଜରାଟରେ ୨୫.୫୮ ଲକ୍ଷ, ମହାରାଷ୍ଟ୍ରରେ ୧୧.୫୫ ଲକ୍ଷ, ତେଲେଙ୍ଗାନାରେ ୧୪.୪୧ ଲକ୍ଷ, ତାମିଲନାଡୁରେ ୧୪.୦୧ ଲକ୍ଷ, ଆସାମରେ ୮.୦୯ ଏବଂ ଓଡ଼ିଶାରେ ୮.୦୭ ଲକ୍ଷ କୃଷକ ଏହି ଯୋଜନାରେ ଉପକୃତ ହୋଇଛନ୍ତି।

# ହୋଣ୍ଡା କାର୍‌ସ ଇଣ୍ଡିଆର ବିକ୍ରି ଅଭିବୃଦ୍ଧି

ନୂଆଦିଲ୍ଲୀ,୧୧–୩

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ଫେବୃୟାରୀମାସରେ ୧୬% ବିକ୍ରି ଅଭିବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ଏହି ସମୟରେ କମ୍ପାନୀ ୧୩,୫୨୭ ୟୁନିଟ ଯାନ ବିକ୍ରି କରିଛି। ଏହା ଗତ ବର୍ଷ ସମାନ ସମୟରେ ୧୧,୬୫୦ ୟୁନିଟ ରହିଥିଲା। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ଅଭିବୃଦ୍ଧି ୬.୫% ରହିଛି। ଏପ୍ରିଲ ୨୦୧୯ରୁ ଫେବୃୟାରୀ ୨୦୧୯ ସୁଦ୍ଧା କମ୍ପାନୀ ୧,୬୬,୫୮୫ ୟୁନିଟ ଯାନ ବିକ୍ରି କରିଛି। ଏହା ଗତ ବର୍ଷ ସମାନ ସମୟ ମଧ୍ୟରେ ୧,୫୬,୪୫୨ ୟୁନିଟ ରହିଥିଲା। ବିଭିନ୍ନ ମଡେଲ ସହ ବିକ୍ରିରେ ଉନ୍ନତି ଲାଗି ଯୋଜନା ରଖିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

**Advertisement No.-3756** **Date:08.03.2019**

Applications are invited from eligible candidate for filling up of various posts under Revised National Tuberculosis Control Programme (RNTCP) for Balasore District on contractual basis initially for 11 months and subject to renewal as per the Society norms. A candidate should be within 18 to 32 years with relaxation of age as per State Govt. rules & for retired person (Govt. Service) age limit will be 62 years as on 01.03.2019. Application form & details can be downloaded from the official website **www.baleswar.nic.in.** Interested candidates fulfilling the eligibility criteria are requested to apply to the undersigned on or before 27.03.2019 by Speed post/Regd. Post only.

| Sl. No. | Name of the Post | No. of Vacancy | Remuneration per month |
|---|---|---|---|
| 1 | Senior Treatment Supervisor (STS) | 1 | 18281 /- + PI |
| 2 | Senior TB Laboratory Supervisor (STLS) | 2 | 18281 /- + PI |
| 3 | Laboratory Technician (LT) | 3 | 11562 /- + PI |
| 4 | Driver | 1 | 11576 /- + PI |

**Sd./- Chief District Medical & Public Health Officer, Balasore**

## ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଅନୁଗୋଳ

**ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ୨୦୧୯ (୦୬।୦୪।୨୦୧୯)**

**Notice / ସୂଚନା**

It is for the information of the Parents, Teachers, Guardians of the candidates who have registered to the JNVST-2019 of Angul district which is scheduled to be held on 06.04.2019 (Saturday) in different centers of Angul are instructed to downloaded the admit cards from the website www.navodaya.gov.in / www.jnvangul.org.

The credentials to download the admit card are the registration number and the pass ward received during applying online.

In any discrepancy please contact:- 9439817206, 9437854494, 8763146855, 9437239283.

ଏତଦ୍ୱାରା ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୧୯ ନିମନ୍ତେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କର ଶିକ୍ଷକ, ଅଭିଭାବକ ତଥା ପିତା/ମାତାଙ୍କୁ ଅବଗତ କରାଯାଉଛି କି, ଆସନ୍ତା ଏପ୍ରିଲ ୬ ତାରିଖ ଶନିବାର ଦିନ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ନିମନ୍ତେ ଆଡମିଡ୍ କାର୍ଡ (Admit card) ନବୋଦୟ ବିଦ୍ୟାଳୟ ସମିତିର ୱେବ୍‌ସାଇଟ୍ (www.navodaya.gov.in / (www.jnvangul.org.)ରୁ ଡାଉନ୍ ଲୋଡ୍ ଆରମ୍ଭ ହୋଇଯାଇଛି। ପ୍ରାର୍ଥୀ/ ପ୍ରାର୍ଥିନୀ ଆବେଦନ କରିଥିବା ସମୟରେ ପ୍ରାପ୍ତ ରେଜିଷ୍ଟ୍ରେଶନ ନଂ ଏବଂ ପାସ୍ ୱାର୍ଡ ବ୍ୟବହାର କରି ନିଜ ନିଜର ଆଡ୍‌ମିଟ୍ କାର୍ଡ ଡାଉନ୍ ଲୋଡ୍ କରିପାରିବେ। ଯଦି ଏଥିରେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। (୯୪୩୯୮୧୭୨୦୬, ୯୪୩୭୮୫୪୪୯୪, ୮୭୬୩୧୪୬୮୫୫, ୯୪୩୭୨୩୯୨୮୩)

**Sd./- Principal/ ଅଧ୍ୟକ୍ଷ**



ଶେନ ୱର୍ନଙ୍କ ଭଳି ବୋଲିଂ କରୁଥିବାରୁ ଯୁଜବେନ୍ଦ୍ର ଚହଲଙ୍କ ତୁଳନାରେ କୁଲଦୀପ ଯାଦବଙ୍କୁ ସାମ୍ନା କରିବା କଷ୍ଟକର ହୋଇଥାଏ ।

–ମାଥ୍ୟୁ ହେଡେନ, ପୂର୍ବତନ ଅଷ୍ଟ୍ରେଲୀୟ ଓପନର



ୱାଟ୍‌ଫୋର୍ଡ ବିପକ୍ଷ ମ୍ୟାଚରେ ୧୩ ମିନିଟ୍‌ରେ ହ୍ୟାଟ୍ରିକ ସହ ଆମ ଦଳକୁ ଜିତାଇଥିବା ରହିମ୍ ଷ୍ଟର୍ଲିଂ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ।

–ଭିନ୍‌ସେଣ୍ଟ କମ୍ପାନୀ, ମାଞ୍ଚେଷ୍ଟର ସିଟି ଖେଳାଳି

## ସଂକ୍ଷେପରେ

### ଅନ୍ତିମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ ଅଫିସ,୧୧।୩:** ବମ୍ବେର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟ ସୁପର୍‌ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ୮ ଉଇକେଟରେ ଝାଡ଼ଖଣ୍ଡଠାରୁ ପରାସ୍ତ ହୋଇଛି । ସୁପରଲିଗ ପର୍ଯ୍ୟାୟ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିବା ସହ ପ୍ରତିଯୋଗିତାରୁ ବାଦ ହୋଇସାରିଛି । ସୋମବାର ମ୍ୟାଚ୍‌ରେ ଝାଡ଼ଖଣ୍ଡ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ଓଭରରେ ଓଡ଼ିଶା ୬ ଉଇକେଟ ହରାଇ ୧୧୯ରନ କରିଥିବାବେଳେ ଅଧିନାୟିକା ମଧୁସ୍ମିତା ବେହେରା ୫୫ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଝାଡ଼ଖଣ୍ଡ ପକ୍ଷରୁ ଦେବ୍ୟାନି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଝାଡ଼ଖଣ୍ଡ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଓପନର ରଶ୍ମୀ ଅପରାଜିତ ୬୧ରନ କରିବା ସହ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ।

### ଡିଏସ୍‌ସି ଜାରକା ଚାମ୍ପିୟନ

**ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ):** ବଡ଼ଚଣା ବ୍ଲକ ବଡ଼ଘୁମୁରୀ ପଞ୍ଚାୟତ ଭୁବନପୁର ଖେଳପଡ଼ିଆରେ ମିଳନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାବା ପ୍ରହଲ୍ଲାଦ ସ୍ମାରକୀ କ୍ରିକେଟରେ ଡିଏସ୍‌ସି ଜାରକା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଡିଏସ୍‌ସି ଜାରକା ୮ ଉଇକେଟ୍‌ରେ ଜେସିସି ଜାରକାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଜେସିସି ଜାରକା ୧୨୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଡିଏସ୍‌ସି ଜାରକା ୧୬.୧ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସୁଶାନ୍ତ ସାହାଣୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସତ୍ୟଜିତ୍ ସାମଲ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅରବିନ୍ଦ ସାମଲ, ସମ୍ମାନିତ ଅତିଥିଭାବେ ଗଣେଶ୍ୱର ବରାଳ, ରାଧା ଦେଇ, ଆଶିଷ ରଞ୍ଜନ ଚୌଧୁରୀ, ପ୍ରମୋଦ ରଞ୍ଜନ ବାଘ, ଭବାନୀ ଶଙ୍କର ସାହୁ, ଦୁଃଶାସନ ସ୍ୱାଇଁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅକ୍ଷୟ କୁମାର ରାଉତରାୟ ଏଥିରେ ସଭାପତିତ୍ୱ ଏହି ସଭା ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌କୁ ପ୍ରଶାନ୍ତ ବେହେରା, ପର୍ଶୁରାମ ମିଶ୍ର ଓ ନୀଳମଣୀ ମହାରଣା ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ଫେରିଲେ ଡୁମିନି, ଅମ୍ଲା

**ଡର୍ବାନ,୧୧।୩(ଏଏଫ୍‌ପି):** ଚଳିତ ଶ୍ରୀଲଙ୍କା ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା ହୋଇଛି। ଏହି ଦଳରେ ଜେପି ଡୁମିନି ଓ ହାସିମ ଅମ୍ଲା ସ୍ଥାନ ପାଇଛନ୍ତି। ହାସିମଙ୍କୁ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ୩ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା। ଡୁମିନି ୬ ମାସ ପରେ ପ୍ରଥମଥର ପାଇଁ ଜାତୀୟ ଦଳକୁ ଫେରିଛନ୍ତି।

# ରିକର୍ଭ ରାଉଣ୍ଡ ଶେଷ: ହରିୟାଣାକୁ ୨ ସ୍ୱର୍ଣ୍ଣ

**ଜାତୀୟ ସିନିୟର ତୀରନ୍ଦାଜୀ**

**କଟକ ଅଫିସ,୧୧।୩**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସୋମବାର ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ଶେଷ ହୋଇଛି। ସନ୍ଧ୍ୟାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରାଯାଇଛି। ୭ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ହରିୟାଣା ସର୍ବାଧିକ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ମଙ୍ଗଳବାର କମ୍ପାଉଣ୍ଡ ରାଉଣ୍ଡରେ ଭାଗନେବାକୁ ଥିବା ତୀରନ୍ଦାଜମାନେ ପହଞ୍ଚିବା ସହ ଅଭ୍ୟାସ କରିବେ। ବୁଧବାର କମ୍ପାଉଣ୍ଡ ରାଉଣ୍ଡର ପ୍ରତିଯୋଗିତା ଆରମ୍ଭ ହେବ।

ରିକର୍ଭ ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ ମହାରାଷ୍ଟ୍ରର ସୁଖମଣି ବାବରେକର । ମୋଟ ୬୫୫ ପଏଣ୍ଟ ହାସଲ କରି ସୁଖମଣି ଏହି ସଫଳତା ପାଇଥିଲେ। ଏହି ବିଭାଗରେ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ ଓ ତରୁଣଦୀପ ରାୟ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ରିକର୍ଭ ପୁରୁଷ ସିଙ୍ଗଲ୍ସ ଅଲିମ୍ପିକ ରାଉଣ୍ଡରେ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହାରାଷ୍ଟ୍ରର ସତ୍ୟମ ପାଟିଲ ରୌପ୍ୟ, ପିଏସ୍‌ପିବିର ଅତନୁ ଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ଆର୍‌ଏସ୍‌ପିବିର ଏଲ. ବୋମ୍ବାଲ୍ୟା ଦେବୀ ସ୍ୱର୍ଣ୍ଣ, ଝାଡ଼ଖଣ୍ଡର ଅଙ୍କିତା ଭକତ ରୌପ୍ୟ ଓ ହରିୟାଣାର ପ୍ରୀତି ବ୍ରୋଞ୍ଜ ଜିତିଛନ୍ତି। ମହିଳା ସିଙ୍ଗଲ୍ସ ଅଲିମ୍ପିକ ରାଉଣ୍ଡରେ ଝାଡ଼ଖଣ୍ଡର ଅଙ୍କିତା ଭକତ ସ୍ୱର୍ଣ୍ଣ, ହରିୟାଣାର ରିଦ୍ଧି ରୌପ୍ୟ ଓ ଆର୍‌ଏସପିବିର ଏଲ. ବୋମ୍ବାଲ୍ୟା ଦେବୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ । ପୁରୁଷ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲା ଆସାମ। ଆସାମର ସଞ୍ଜୟ ବୋରୋ, ଧନିରାମ ବାସୁମତାରି, ମୁକେଶ ବୋରୋ ଏବଂ ପି. ବୋରଗୟାରୀ ସର୍ବାଧିକ ପଏଣ୍ଟ ହାସଲ କରିଥିଲେ। ଏହି ବିଭାଗରେ ଏସ୍‌ଏସ୍‌ସିବି ରୌପ୍ୟ ଓ ଏଆଇପିଏସ୍‌ସିବି ବ୍ରୋଞ୍ଜ ପଦକ ଜିତିଥିଲେ । ମହିଳା ଦଳଗତ ଇଭେଣ୍ଟରେ ରିଦ୍ଧି, ପ୍ରୀତି, ସଙ୍ଗୀତା ଓ ତିଶା ପୁନିଆଙ୍କୁ ନେଇ ଗଠିତ ହରିୟାଣା ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ଝାଡ଼ଖଣ୍ଡ ଏଥିରେ ରୌପ୍ୟ ଜିତିଛି । ଝାଡ଼ଖଣ୍ଡ ପକ୍ଷରୁ ଅଙ୍କିତା ଭକତ, ଦୀପିକା କୁମାରୀ, କୋମଳିକା ବାରି ଓ ସୁସ୍ମିତା ବିରୁଲି ପ୍ରତିନିଧିତ୍ୱ କରୁଥିଲେ। ଉକ୍ତ ଇଭେଣ୍ଟରେ ଆସାମ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି । ମିକ୍ସଡ ଇଭେଣ୍ଟରେ ହରିୟାଣାର ପ୍ରୀତି–ବସନ୍ତଙ୍କ ଯୋଡ଼ି ସ୍ୱର୍ଣ୍ଣ ପଦକ ଜିତିଥିଲା। ଝାଡ଼ଖଣ୍ଡ ଓ ଏଆଇପିଏସ୍‌ସିବି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି।



ପ୍ରତିଯୋଗିତା ଅବସରରେ ଏଲ୍. ବୋମ୍ବାଲ୍ୟା ଦେବୀ (ବାମ)।

## ଇଂଲଣ୍ଡର କ୍ଲିନସୁଇପ୍



**ସେଣ୍ଟ କିଟ୍‌ସ,୧୧।୩:** ଡେଭିଡ୍ ବିଲିଙ୍କ ଘାତକ ବୋଲିଂ ଯୋଗୁ ଅନ୍ତିମ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଦଳ ମାତ୍ର ୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ୭୨ ରନ୍‌ର ଛୋଟିଆ ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଦଳ ୫୭ ବଲ ପୂର୍ବରୁ ୮ ଉଇକେଟ ହାତରେ ରଖି ହାସଲ କରିନେଇଥିଲା। ଏଥିସହ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ କ୍ଲିନ ସୁଇପ୍ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ପୂର୍ବ ମ୍ୟାଚ୍ ଭଳି ଏଥର ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୩ ଓଭରରେ ୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୪ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ବୋଲିଂରେ ୱିଲି ୪ ଓ ମାର୍କ ଉଡ ୩ ଉଇକେଟ ନେଇଥିଲେ। ଜବାବରେ ଜନି ବେଆରଷ୍ଟୋଙ୍କ ୩୭ ରନ୍‌ର ଇନିଂସ ବଳରେ ଇଂଲଣ୍ଡ ୧୦.୩ ଓଭରରେ ୨ ଉଇକେଟ ହରାଇ ୭୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍ ୨–୨ ବରାବର ସ୍ଥିତିରେ ଶେଷ ହୋଇଥିବାବେଳେ ଟେଷ୍ଟ ସିରିଜ୍‌କୁ ୱେଷ୍ଟ ଇଣ୍ଡିଜ ଦଳ ୨–୧ରେ ଜିତିଥିଲା।

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ

# ବିଶ୍ୱଭାରତୀ କ୍ୱାର୍ଟରରେ



ସାର୍ଥକ ଗୌରବ ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୧।୩(କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବି.ଏମ. ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ କଟକର ବିଶ୍ୱଭାରତୀ କ୍ଲବ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କ୍ରାଉନ୍ କ୍ଲବ ୨୮.୫ ଓଭରରେ ୧୧୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କୁମାର ଶିଭମ୍ ସର୍ବାଧିକ ୪୪ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ସାର୍ଥକ ଗୌରବ ପଣ୍ଡା ୧୪ ରନ୍ ବିନିମୟରେ ୪ ଉଇକେଟ ସଫଳତା ପାଇଥିଲେ। ପ୍ରଶାନ୍ତ ଗାଙ୍ଗୋଇ ଓ ସଙ୍କେତ ସ୍ୱରୂପ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବିଶ୍ୱଭାରତୀ ୨୩.୨ ଓଭରରେ ୩ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରି ନେଇଥିଲା। ସୁମନ ସୌରଭ ଓଝା ୪୨ ଓ ସମିତ୍ କୁମାର ସାହୁ ୩୧* ରନ୍ କରିଥିଲେ। ଚମତ୍କାର ବୋଲିଂ ପାଇଁ ସାର୍ଥକ ଗୌରବ ପଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ଅକ୍ଷୟ ଜେନା ଓ ରଣଜୀ ଖେଳାଳି ପରେଶ ପଟେଲ ଅତିଥିଭାବେ ଯୋଗଦେଇଥିଲେ। ଅମ୍ପାୟର ଭାବେ ଜ୍ୟୋତିରଞ୍ଜନ ବେହେରା ଓ ପ୍ରିୟବ୍ରତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବାବେଳେ କ୍ରିଷ୍ଣା ଆଚାର୍ଯ୍ୟ ଓ ଶ୍ରୀତମ ମହାନ୍ତି ସ୍କୋରର ଥିଲେ। ଗତଥରର ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

## ଭିଜି ଟ୍ରଫି: ରେଭେନ୍‌ଶା ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ

**କଟକ ଅଫିସ,୧୧।୩:** ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଆସନ୍ତା ୧୭ରୁ ୨୩ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କ୍ରିକେଟର ସବୁଠାରୁ ବଡ଼ ଟୁର୍ନାମେଣ୍ଟ ଭିଜି ଟ୍ରଫି ଅନୁଷ୍ଠିତ ହେବ । ଏଥି ନିମନ୍ତେ ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି ପୂର୍ବାଞ୍ଚଳ ଦଳର ପ୍ରସ୍ତୁତିଶିବିର । ଓଡ଼ିଶା ରଣଜୀ ଦଳର କୋଚ୍ ରଶ୍ମୀରଞ୍ଜନ ପରିଡ଼ା ପୂର୍ବାଞ୍ଚଳ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି। ତେବେ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ ଦଳର ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦଳର ନିର୍ନିମେଷ ଜେନା, ସାର୍ଥକ ପରିଡ଼ା, ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ଆଶୁତୋଷ ଦାସ, ଶୁଭମ ନାୟକ ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳର ଲୋହିତ ମହାନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ଦଳର ଅନ୍ୟ ଜଣେ ଖେଳାଳି କାର୍ତ୍ତିକ ବିଶ୍ୱାଳ ଷ୍ଟାଣ୍ଡବାଏ ରହିଛନ୍ତି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ ।

# ରାଜୀବ, ସେନ୍ଥିଲଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ)**

ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟ୍‌ରେ ଆରମ୍ଭ ହୋଇଥିବା ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆର୍‌ଆର୍‌ସି)ରେ ଇଡେମିତ୍‌ସୁ ହୋଣ୍ଡା ରେସିଂ ଇଣ୍ଡିଆର ଦୁଇ ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ଇତିହାସ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରାଜୀବ ରେସ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୧ତମ ସ୍ଥାନ ହାସଲ କରିଥିବା ବେଳେ ଏପି୨୫୦ ଶ୍ରେଣୀରେ ୧୮ ବର୍ଷୀୟ ରାଇଡର ସେନ୍ଥିଲ କୁମାର ୧୪ତମ ସ୍ଥାନ ପାଇଛନ୍ତି। ପ୍ରଥମଥର ପାଇଁ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍‌ରେ ଭାରତୀୟ ଚାଳକ ପଏଣ୍ଟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସିଜନ୍‌ର ପ୍ରଥମ ରେସ୍‌ରେ ହୋଣ୍ଡା ଚାଳକ ୭ ପଏଣ୍ଟ ହାସଲ କରିଛନ୍ତି। ରାଜୀବ ୫ ଓ ସେନ୍ଥିଲ ୨ ପଏଣ୍ଟ ପାଇଛନ୍ତି। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରେସ୍‌ରେ ରାଜୀବଙ୍କୁ ୭ମ ଏବଂ ସେନ୍ଥିଲଙ୍କୁ ୧୭ତମ ସ୍ଥାନ ମିଳିଥିଲା। ଏପି୨୫୦ ରେସ୍ ଶେଷହେବା ବେଳକୁ ଉଭୟ ରାଜୀବ ଓ ସେନ୍ଥିଲ ୩ ରାଇଡରଙ୍କୁ ଅତିକ୍ରମ କରି ନିଜର ସ୍ଥିତିରେ ଉନ୍ନତି ଆଣିଛନ୍ତି। ନିଜ ପ୍ରଦର୍ଶନକୁ ନେଇ ଉଭୟ ରାଜୀବ ଓ ସେନ୍ଥିଲ ଖୁସି ଜାହିର କରିବା ସହ ମଙ୍ଗଳବାର ଆହୁରି ଭଲ ପ୍ରଦର୍ଶନ କରିବାକୁ ନିଜକୁ ପ୍ରସ୍ତୁତ କରିଥିବା କହିଛନ୍ତି।



ରାଜୀବ ସେଥୁ ଓ ସେନ୍ଥିଲ କୁମାର।

# ଭାରତୀୟ ନେତୃତ୍ୱ ନେବେ ସାଇନା, ସମୀର

**ବାସେଲ (ସୁଇଜରଲାଣ୍ଡ), ୧୧।୩ (ପି.ଟି.):** ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଜନିତ ଗ୍ଲାନିକୁ ପଛରେ ପକାଇ ଦୁଇଥର ଚାମ୍ପିୟନ ସାଇନା ନେହ୍ୱାଲ ଓ ଗତଥର ଟାଇଟଲ ବିଜେତା ସମୀର ବର୍ମା ସୁଇସ୍ ଓପନରେ ଭାରତୀୟ ଅଭିଯାନର ନେତୃତ୍ୱ ନେବେ। ମଙ୍ଗଳବାର କ୍ୱାଲିଫାୟର୍ସ ସହିତ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଗତବର୍ଷ ଅନ୍ତର୍ଜାତୀୟ ସ୍ତରରେ ସମୀରଙ୍କ ପ୍ରଦର୍ଶନ ଭଲ ରହିଥିଲା । ସେ ୱାର୍ଲଡ ଟୁର୍ ଫାଇନାଲର ସେମିଫାଇନାଲରେ ପ୍ରବେଶ ସହ କ୍ୟାରିୟର ଶ୍ରେଷ୍ଠ ୧୧ତମ ର୍‍ୟାଙ୍କିଙ୍ଗ ହାସଲ କରିପାରିଥିଲେ। କ୍ୱାର୍ଟରଫାଇନାଲରେ ସେ ନୂଆ ଅଲ୍ ଇଂଲଣ୍ଡ ଚାମ୍ପିୟନ କେଣ୍ଟୋ ମୋମୋଟାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବର୍ତ୍ତମାନ ବିଶ୍ୱର ୧୪ ନମ୍ବର ମାନ୍ୟତାପ୍ରାପ୍ତ ସମୀର ୧୫୦,୦୦୦ ଡଲାର ପୁରସ୍କାର ବିଶିଷ୍ଟ ସୁଇସ୍ ଓପନରେ ଜଣେ କ୍ୱାଲିଫାୟରଙ୍କ ବିପକ୍ଷରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଏଥିରେ ବିଜୟ ହାସଲ କଲେ ସେ ଦ୍ୱିତୀୟ ରାଉଣ୍ଡରେ ନିଜ ଦେଶର ବି. ସାଇ ପ୍ରଣୀତଙ୍କୁ ଭେଟିପାରନ୍ତି। ଆଗକୁ ବଢିଲେ ତାଙ୍କର ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ଭିକ୍ଟର ଏକ୍ସେଲସେନ୍‌ଙ୍କ ସହିତ ଭେଟ ହୋଇପାରେ। ଏହି ଖେଳାଳି ଜଣକ ତାଙ୍କୁ ଗତ ସପ୍ତାହରେ ବର୍ମିଂହାମ୍‌ରେ ଅନୁଷ୍ଠିତ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଇଭେଣ୍ଟ ଚଳିତ ସିଜନରେ ସାଇନାଙ୍କ ଚତୁର୍ଥ ଟୁର୍ନାମେଣ୍ଟ ହେବ।

## ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍

# ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ

**ଭୁବନେଶ୍ୱର, ୧୧।୩(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବିଜୟୀ ହୋଇ ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀକୁ ୬ ଉଇକେଟରେ ହରାଇଛି ପ୍ରଗତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୫.୧ ଓଭରରେ ୧୫୩ ରନ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଭୂତିଆ ସର୍ବାଧିକ ୪୫ ଓ ତାରିଣୀ ନାୟକ ୩୧ ରନ୍ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସାର୍ଥକ ସୌରଭ କୁମାର ୩ଟି, ସାର୍ଥକ ସୌଭାଗ୍ୟ ବେହେରା, ସୌମ୍ୟ ମହାରଣା, ଆୟୁଷ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ପ୍ରଗତି ସ୍ପୋର୍ଟିଂ ୨୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ସ୍ମୃତି ପ୍ରକାଶ ସ୍ୱାଇଁ ୬୬ ଓ ଅମନ ଦାସ ୩୭ ରନ୍ କରି ଦଳର ବିଜୟକୁ ସହଜ କରିଥିଲେ। ଗ୍ରୀନ୍ସ ପକ୍ଷରୁ ତାରିଣୀ ନାୟକ ୩ଟି ଉଇକେଟ ନେଇଥିଲେ। ସ୍ମୃତି ପ୍ରକାଶ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସୌମ୍ୟ ମହାରଣା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ବିଜେଇଏମ୍ ସ୍କୁଲର ପ୍ରିନ୍ସିପାଲ ସନ୍ଧ୍ୟା ଜେନା ଅତିଥିଭାବେ ଯୋଗଦେଇଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ଦିଲୀପ ସାମଲ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ରଶ୍ମିରଞ୍ଜନ ମଲ୍ଲ। ୧୪ ତାରିଖରେ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ମୃତିପ୍ରକାଶ ସ୍ୱାଇଁ।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଗୋଲ୍ଡ କପ୍ ଟି୨୦**




ଚାମ୍ପିୟନ୍ ରାମେଶ୍ୱର ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ ।

**ବାଲେଶ୍ୱର ଅଫିସ,୧୧।୩**

ବାଲେଶ୍ୱର ସମ୍ରାଟ କ୍ଲବ ପକ୍ଷରୁ ସ୍ଥାନୀୟ ପରମିଟ୍ ପଡ଼ିଆରେ ବିଜୟ ମହାନ୍ତି ମେମୋରିଆଲ୍‌ଙ୍କ ସ୍ମୃତିରେ 'ଗୋଲ୍ଡ କପ୍ ଟି–୨୦' ମ୍ୟାଚ୍ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କଟକ ସୋଲାର କ୍ରିକେଟ୍ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳି ବିଶ୍ୱଜିତ୍ ଭୁୟାଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବାଲେଶ୍ୱର ସମ୍ରାଟ୍ କ୍ଲବର ଗୌତମ ଭଞ୍ଜ ମ୍ୟାନ୍ ଅଫ୍ ଦି ସିରିଜ୍, ହାପି ମହାପାତ୍ର ବେଷ୍ଟ ବ୍ୟାଟ୍ସମ୍ୟାନ୍, ରାମେଶ୍ୱର ସ୍ପୋର୍ଟିଂ ଦଳର ରାଜେଶ ମହାନ୍ତି ବେଷ୍ଟ ବୋଲର ବିବେଚିତ ହୋଇ ଅତିଥିଙ୍କ ନିକଟରୁ ଟ୍ରଫି ଓ ପୁରସ୍କାର ରାଶି ଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚରେ ପ୍ରୀତି ରଞ୍ଜନ ବିଜୟ ସିଂହ ଓ ପ୍ରତାପ ପାତ୍ର ଅମ୍ପାୟାର୍, ଅଶ୍ୱିନୀ ସାମଲ ରେଫେରି, ଅମିତ୍ ଦାସ ଓ ରଶ୍ମି ରଞ୍ଜନ ପ୍ରଧାନ ସ୍କୋରର ଏବଂ ରାହୁଲ ସିଂ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନ ଉତ୍ସବରେ ବାଲେଶ୍ୱର ମେରାଇନ୍ ନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ଦାଶ, ଆକ୍ୱାଗାର୍ଡ୍ ବାଲେଶ୍ୱର ନିର୍ଦ୍ଦେଶକ ତୁଷାର ପଣ୍ଡା, ଯୁବନେତା ଇଂ. ଦୀପକ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳକୁ ୨୦ହଜାର ସହ ଚାମ୍ପିୟନ୍ ଟ୍ରଫି ଏବଂ ରନର୍ସଅପ୍ ସୋଲାର କ୍ରିକେଟ୍ କ୍ଲବ କଟକକୁ ୧୫ହଜାର ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଭାପତି ସଂଗ୍ରାମ ଦାସ, ସମ୍ପାଦକ ସ୍ୱରୂପ ଦାସ, ପୂର୍ବତନ ରଣଜୀ ଖେଳାଳି ଏବଂ ସଦସ୍ୟ ଅଜିତ୍ ପାତ୍ର, ଦୁର୍ଗାପ୍ରସାଦ ନନ୍ଦ, ଅମରେନ୍ଦ୍ର ପାତ୍ର, ସନ୍ତୋଷ ଅଗସ୍ତି, ମନିଷ ସାରୋଗି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଡାଲ, ଫେଡରର ବିଜୟୀ

**ଇଣ୍ଡିଆନ୍ ୱେଲ୍ସ (ଯୁକ୍ତରାଷ୍ଟ୍ର ଆମେରିକା), ୧୧।୩ (ଏଏଫ୍‌ପି):** ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ରାଫାଲ ନାଡାଲ ଏଟିପି ଇଣ୍ଡିଆନ୍ ୱେଲ୍ସ ମାଷ୍ଟର୍ସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ରୋଜର ଫେଡରର ତାଙ୍କ ମ୍ୟାଚରେ ବିଜୟ ହାସଲ କରି ଏଠାରେ ୬ଷ୍ଠ ଥର ପାଇଁ ଟାଇଟଲ ଜିତିବା ଲକ୍ଷ୍ୟରେ ଅଗ୍ରସର ହୋଇଛନ୍ତି। ତିନି ଥର ଇଣ୍ଡିଆନ ୱେଲ୍ସ ବିଜେତା ନାଡାଲ ୬-୧, ୬-୧ ସେଟ୍‌ରେ ଜାରେଡ୍ ଡୋନାଲ୍‌ଡସନ୍‌ଙ୍କ ବିପକ୍ଷରେ ସହଜସାଧ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଫେଡରର ଜର୍ମାନୀର ପିଟର ଗୋଜୋଓ୍ୱିକ୍‌ଙ୍କୁ ୬-୧, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି।

### ରୁଷିଆ ଉପରେ ବାସନ୍ଦ ଜାରି ରଖିବ ଆଇଏଏଏଫ୍

**ପ୍ୟାରିସ୍,୧୧।୩(ଏଏଫ୍‌ପି):** ଡୋପିଂ ନିୟମ ଭଙ୍ଗ ଯୋଗୁ ରୁଷିଆ ଉପରେ ଲଗାଯାଇଥିବା ବାସନ୍ଦାଦେଶ ଜାରି ରହିବ। ଏ ନେଇ ସୋମବାର କାତାରଠାରେ ଆୟୋଜିତ ବୈଠକ ପରେ ଆଇଏଏଏଫ୍ ଘୋଷଣା କରିଛି। ଆଥ୍‌ଲେଟ୍‌ସଙ୍କ ଲାଗି ଉଦ୍ଦିଷ୍ଟ ଡୋପିଂ ଟାସ୍କ ଫୋର୍ସ ମୁଖ୍ୟ ରୁନ ଆଣ୍ଡରସନ କହିଛନ୍ତି ଯେ, ମସ୍କୋ ଆଣ୍ଟି ଡୋପିଂ ଲାବ୍‌ରୁ ହସ୍ତଗତ ହୋଇଥିବା ତଥ୍ୟକୁ ଭିତ୍ତିକରି ଏହି ନିଷ୍ପତ୍ତି ନିଆଯାଇଛି।

### ବାସ୍କେଟ୍‌ବଲ୍ ଖେଳାଳିଙ୍କ ପରଲୋକ

**ବ୍ରହ୍ମପୁର ଅଫିସ୍,୧୧।୩:** ଭେଟେରାନ୍ ବାସ୍କେଟବଲ୍ ଖେଳାଳି ଧ୍ୟାନଚାନ୍ଦ ମହାନ୍ତି(୩୮)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ସୋମବାର ମୃତ୍ୟୁ ହୋଇଛି। ବୁଲ୍‌ଟୁ ନାମରେ ପରିଚିତ ଧ୍ୟାନଚାନ୍ଦ ଗଞ୍ଜାମ ଜିଲା ଏବଂ ଓଡ଼ିଶା ରାଜ୍ୟ ତରଫରୁ ବହୁ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେ ପୋଲିସ ବିଭାଗ ତରଫରୁ ମଧ୍ୟ ଖେଳିଥିଲେ। ଗଞ୍ଜାମ ପୋଲିସ ଜିଲାର ହାବିଲଦାର୍ ଭାବେ କାର୍ଯ୍ୟ କରୁଥିଲେ ଧ୍ୟାନଚାନ୍ଦ। ଗତ କିଛି ମାସ ହେଲା ସେ କିଡ୍‌ନୀ ରୋଗ ସହ ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ବାସ୍କେଟବଲ୍ କୋର୍ଟରେ ଖେଳ ଶିଖୁଥିବା ଖେଳାଳି, କ୍ରୀଡ଼ା ସଂଗଠକ ଓ ମଡ଼ର୍ଣ୍ଣ ୟୁଥ୍ କ୍ଲବ କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। କୋଚ୍ ଦୀପକ କୁମାର ରଥ, ଶ୍ରୀମନ୍ ନାୟକ, ଗୌରୀଶଙ୍କର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ଲିଙ୍ଗରାଜ ମିଶ୍ର, ପି.କେ. ପରିଡ଼ା, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ବାସ୍କେଟବଲ୍ ସମ୍ପାଦକ ଶରତ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

“ ଆଷ୍ଟନ ଟର୍ନର ଦିନେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଦେଖାଇବେ ବୋଲି ମୋର ବିଶ୍ୱାସ ଥିଲା।

–ପିଟର ହ୍ୟାଣ୍ଡସ୍କମ୍ବ, ଅଷ୍ଟ୍ରେଲୀୟ କ୍ରିକେଟର



“ ମୁଁ ସମାଲୋଚନା ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିବାକୁ ଚାହେଁନା ବରଂ ନିଜ ଚିନ୍ତାଧାରା ଅନୁସାରେ ଚଳିବାକୁ ପସନ୍ଦ କରେ।

–ଶିଖର ଧାୱନ, ଭାରତୀୟ କ୍ରିକେଟର



# ‘ଓଡ଼ିଶାରେ ଖେଳିବାକୁ ବ୍ୟଗ୍ର’




ଶୁଭମ୍ ଷଡ଼ଙ୍ଗୀ। ଭାରତୀୟ ଫୁଟବଲର ଭବିଷ୍ୟତ, ଯୁବ ପ୍ରତିଭା। ପିତା ରାଜ୍ୟ ବାହାରେ କାର୍ଯ୍ୟରତ ଥିବାରୁ ପିଲାଟି ଦିନରୁ ବାହାରେ ରହିଥିବା ବାଲେଶ୍ୱର ସୋରୋ ଅଞ୍ଚଳର ଶୁଭମ୍‌ଙ୍କ ଆଖିରେ ଆଖିଏ ସ୍ୱପ୍ନ। ଜୁନିୟର ସ୍ତରରେ ମିନର୍ଭା ପଞ୍ଜାବ ଏବଂ ଭାରତୀୟ ୧୭ ବର୍ଷରୁ କମ୍ ଦଳର ସଦସ୍ୟ ରହି ସାରିଥିବା ଶୁଭମ୍ ଏବେ ଇଣ୍ଡିଆନ ସୁପର ଲିଗ୍‌ରେ ଦିଲ୍ଲୀ ଡାଇନାମସ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ସଦସ୍ୟ। ସୁପର କପ୍ ଫୁଟବଲର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବାରୁ ପ୍ରଥମଥର ପାଇଁ ଓଡ଼ିଶାରେ ଖେଳିବାକୁ ବ୍ୟଗ୍ର ଏହି ଓଡ଼ିଆ ଫୁଟବଲ ପ୍ରତିଭା। ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କୁ ଆଦର୍ଶ ମାନୁଥିବା ଶୁଭମ୍ ଭବିଷ୍ୟତରେ ଭାରତୀୟ ଦଳର ସଦସ୍ୟ ଭାବେ ପ୍ରତିଷ୍ଠିତ ହେବା ସ୍ୱପ୍ନରେ ବିଭୋର। ସୁପର କପ୍ କ୍ରମେ ପାଖେଇ ଆସିଥିବାବେଳେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଶୁଭମ୍‌ଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...

**ସୁପର କପ୍ ପାଇଁ ଅଭ୍ୟାସ କିପରି ଚାଲିଛି। ଦିଲ୍ଲୀ ଡାଇନାମସ ଦଳର ଲକ୍ଷ୍ୟ କ’ଣ ରହିଛି ?**

❖ ସୁପର କପ୍ ଏକ ସମ୍ମାନଜନକ ଫୁଟବଲ ଟୁର୍ନାମେଣ୍ଟ। ଇଣ୍ଡିଆନ ସୁପର ଲିଗ୍‌ରେ ଆମେ ଭଲ କରିପାରି ନ ଥିବାରୁ ଏବେ ସୁପର କପ୍ ଉପରେ ଧ୍ୟାନ ଦେଉଛୁ। ମାର୍ଚ୍ଚ ୧୬ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଜିତି ମୁଖ୍ୟ ରାଉଣ୍ଡରେ ପ୍ରବେଶ କରିବା ଆମର ପ୍ରଥମ ଲକ୍ଷ୍ୟ। ପରେ ଉନ୍ନତ ପ୍ରଦର୍ଶନ ବଜାୟ ରଖି ଟୁର୍ନାମେଣ୍ଟ ଜିତିବା ଆମର ଲକ୍ଷ୍ୟ ରହିଛି। ଏଥିପାଇଁ ଅଭ୍ୟାସକୁ ଜୋରଦାର କରାଯାଇଛି।

**ଓଡ଼ିଶାରେ ପୂର୍ବରୁ କେବେ ଖେଳିଛନ୍ତି ? କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ କେତେ ବ୍ୟଗ୍ର ଅଛନ୍ତି।**

❖ କଳିଙ୍ଗ ଷ୍ଟାଡିୟମରେ ପ୍ରଥମଥର ପାଇଁ ଖେଳିବାକୁ ଯାଉଛି। ସେଠାକାର ପରିବେଶରେ ଖେଳିବାକୁ ଆଗ୍ରହ ରହିଛି। ମୁଁ ଜଣେ ଓଡ଼ିଶା ପିଲା ହୋଇଥିବାରୁ ନିଜ ରାଜ୍ୟରେ ଖେଳିବାକୁ ବହୁତ ବ୍ୟଗ୍ରତାର ସହ ଅପେକ୍ଷା କରିଛି।

**ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ଦିଲ୍ଲୀ ଡାଇନାମସ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। କାରଣ କ’ଣ ?**

❖ ଆଇଏସଏଲ ସିଜନ ଆରମ୍ଭରେ ଦିଲ୍ଲୀ ଡାଇନାମସର ଆରମ୍ଭ ସେତେ ଭଲ ହୋଇ ନ ଥିଲା। ଆମେ ପ୍ରଥମେ ଗୋଲ ଦେଉଥିଲୁ, ମାତ୍ର ପରେ ଗୋଲ ବରଣ କରି ମ୍ୟାଚ ହାରି ଯାଉଥିଲୁ। ପୂରା ମ୍ୟାଚରେ ଆମେ ପ୍ରଭାବୀ ପ୍ରଦର୍ଶନ କରୁଥିଲେ ହେଁ ଫିନିଶିଂ ହୋଇପାରୁ ନ ଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ଗତ ଜାନୁୟାରୀରୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛୁ। ୬ ମ୍ୟାଚରୁ ୧୫ ପଏଣ୍ଟ ସଂଗ୍ରହ କରି ପାରିଥିଲୁ। ମୋର ବ୍ୟକ୍ତିଗତ ପ୍ରଦର୍ଶନ ଭଲ ରହିଥିଲା। ଆଗାମୀ ସିଜନରେ ଆହୁରି ଭଲ ହେବା ଆଶା।

**ଜୁନିୟର ସ୍ତରରେ ମିନର୍ଭା ପଞ୍ଜାବରୁ ଏବେ ସିନିୟର ସ୍ତରରେ ଦିଲ୍ଲୀ ଡାଇନାମସ। ଫୁଟବଲରେ ଶୁଭମ୍‌ଙ୍କ ଯାତ୍ରା କିପରି ରହିଛି ?**

❖ ୨୦୧୩ରେ ମୁଁ ୧୩ ବର୍ଷରୁ କମ୍ ଭାରତୀୟ ଦଳରେ ଖେଳିବା ଆରମ୍ଭ କଲି। ମଝିରେ ଆହତ ସମସ୍ୟା ଯୋଗୁ ମିନର୍ଭାରେ ଯୋଗ ଦେଇଥିଲି। ତା ପରେ ମୁଁ ପୁଣି ଭାରତୀୟ ଦଳକୁ ଆସିଲି। ୨୦୧୭ ଡିସେମ୍ବରରେ ମୁଁ ଦିଲ୍ଲୀ ଡାଇନାମସ ସହିତ ଚୁକ୍ତି କରିଥିଲି। ଏବେ ମୁଁ ଏହି ଟିମ୍ ସହିତ ଗେମ୍‌କୁ ଉପଭୋଗ କରୁଛି।

**୧୭ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟଭାବେ ଶୁଭମ୍ ଖେଳକୁ କେତେ ଉପଭୋଗ କରିଛନ୍ତି। କ’ଣ ସ୍ମରଣୀୟ ସ୍ମୃତି ରହିଛି ?**

❖ ୧୭ ବର୍ଷରୁ କମ୍ ଭାରତୀୟ ଦଳରେ ଥିବାରୁ ବିଶ୍ୱର ବିଭିନ୍ନ ଦେଶ ବୁଲି ଖେଳିବାର ସୌଭାଗ୍ୟ ମିଳିଥିଲା। ଟପ୍ ୟୁରୋପିଆନ ନ୍ୟାଶନାଲ ଟିମ୍ ଗୁଡ଼ିକ ସହିତ ଖେଳିଲୁ। ଶ୍ରେଷ୍ଠ କ୍ଲବ ଗୁଡ଼ିକ ବିପକ୍ଷରେ ଖେଳିବାରେ ବହୁତ ଅଭିଜ୍ଞତା ମିଳିଥିଲା। ଅନେକ କିଛି ଶିଖିବାକୁ ମିଳିଲା। ପର୍ତ୍ତୁଗାଲର ବେନ୍‌ଫିକା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ଏହାର ୟୁଥ୍ ଏକାଡେମୀ ବିପକ୍ଷରେ ଆମେ ଏକ ମ୍ୟାଚ ଖେଳିଥିଲୁ। ଏହି ମ୍ୟାଚରେ ଆମେ ହାରିଥିଲେ ହେଁ ମୁଁ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲି। ଏହା ମୋ ପାଇଁ ସ୍ମରଣୀୟ ହୋଇ ରହିଛି।

**ମନରେ କିଛି ଅବସୋସ ଅଛିକି ?**

❖ ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ଖେଳି ନ ପାରିବା ବହୁତ ଦୁଃଖ ଦେଇଥିଲା। ମାତ୍ର ଏହାକୁ ପଛକୁ ପକାଇ ଏବେ ଆଗାମୀ ଦିନ ଉପରେ ଫୋକସ କରୁଛି।

**ଡାଇନାମସ ଦଳରେ ସିନିୟର ଏବଂ ବିଦେଶୀ ଖେଳାଳିଙ୍କ ସହିତ ଭାବର ଆଦାନ ପ୍ରଦାନରୁ କିଛି ଫାଇଦା ମିଳିଛି କି ?**

❖ ଡାଇନାମସ ଦଳରେ ସ୍ଥାନ ପାଇଥିବା ବିଦେଶୀ ଖେଳାଳିମାନେ ବହୁତ ଭଲ ଭଲ କ୍ଲବରୁ ଖେଳିକି ଆସିଛନ୍ତି। ତେଣୁ ତାଙ୍କ ସହିତ ଖେଳିବାଦ୍ୱାରା ବହୁତ କିଛି ଶିଖିବାକୁ ମିଳୁଛି। ଦଳର ଯୁବ ସଦସ୍ୟ ହୋଇଥିବାରୁ ସିନିୟରମାନେ ମୋତେ ଆବଶ୍ୟକ ଟିପ୍ସମାନ ଦେଇଥାନ୍ତି। ଏହା ମୋ ପ୍ରଦର୍ଶନରେ ଉନ୍ନତି ପାଇଁ ସହାୟକ ହୋଇଛି।

**ନିଜ ପ୍ରଦର୍ଶନରେ ଉନ୍ନତି ପାଇଁ ଆଉ କ’ଣ ଆବଶ୍ୟକ ରହିଛି ?**

❖ ଜଣେ ଖେଳାଳି ନିଜ ପ୍ରଦର୍ଶନରେ କେବେ ସନ୍ତୁଷ୍ଟ ନ ଥାଏ। ଆହୁରି ଅଧିକ ଭଲ ଖେଳିବାକୁ ଇଚ୍ଛା ରଖିଥାଏ। ମୋ ମନରେ ମଧ ତାହା ରହିଛି। କଠିନ ପରିଶ୍ରମ ଏବଂ ଟ୍ରେନିଂ କରି ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ମୁଁ ଚେଷ୍ଟା କରୁଛି।

**ତୁମେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛ ତା’ର ଶ୍ରେୟ କାହାକୁ ଦେବାକୁ ଚାହିଁବ ?**

❖ ପ୍ରଥମତଃ ଭଗବାନଙ୍କ ଆଶୀର୍ବାଦ ଏବଂ ମୋ ପରିବାର ଏବଂ ଶୁଭେଚ୍ଛୁଙ୍କ ଆଶୀର୍ବାଦ ଏବଂ ସାହାଯ୍ୟ ସହଯୋଗ ପାଇଁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ମା, ବାପା, ଜେଜେମା, ଜେଜେ, ଆଈ, ଅଜା ସମସ୍ତେ ମୋତେ ଉତ୍ସାହିତ କରିଛନ୍ତି। ମୁଁ ଭଲ ପଢ଼େ ବୋଲି ସେମାନେ ପ୍ରଥମେ ଚାହୁଁଥିଲେ, ମାତ୍ର ଏବେ ମୋ ଖେଳକୁ ନେଇ ସମସ୍ତେ ଖୁବ୍ ଖୁସି ଅଛନ୍ତି।

**ଫୁଟବଲ ବ୍ୟତୀତ ଆଉ କେଉଁ ଖେଳ ଭଲ ଲାଗେ ?**

❖ ମୁଁ ଫୁଟବଲ ଖେଳିବା ପୂର୍ବରୁ ଜଣେ ଲନ୍ ଟେନିସ ଖେଳାଳି ଥିଲି। ଲନ୍ ଟେନିସରେ ନ୍ୟାଶନାଲ ଖେଳିଛି, ସ୍କୁଲରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛି। ତେଣୁ ଟେନିସ ମୋର ଦ୍ୱିତୀୟ ପସନ୍ଦ ଗେମ୍।

**ଅବସର ସମୟ କିପରି କଟିଥାଏ ?**

❖ ସମୟ କେବେ ଅପଚୟ କରିବାକୁ ଭଲ ଲାଗେନି। ସବୁବେଳେ ଅଧିକରୁ ଅଧିକ କିଛି ଶିଖିବାକୁ ମୋତେ ଭଲ ଲାଗେ।

**ଭବିଷ୍ୟତର ଲକ୍ଷ୍ୟ କ’ଣ ଅଛି ?**

❖ ଦେଶ ପକ୍ଷରୁ ଖେଳି କିଛି ହାସଲ କରିବା ମୋର ଲକ୍ଷ୍ୟ। ଏହା ବ୍ୟତୀତ ୟୁରୋପରେ ଖେଳିବାକୁ ମଧ ମୋର ଆଗ୍ରହ ରହିଛି। ଏଥିପାଇଁ କଠିନ ପରିଶ୍ରମ ଆବଶ୍ୟକ ବୋଲି ମୁଁ ଜାଣିଛି। ମୁଁ ତାହା କରୁଛି ମଧ।

**ଆଦର୍ଶ ଖେଳାଳି କିଏ ?**

❖ କ୍ରିଷ୍ଟିଆନ ରୋନାଲ୍ଡୋ। ସେ କଠିନ ପରିଶ୍ରମ କରି ଆଜି ଏହି ସ୍ତରରେ ପହଞ୍ଚି ପାରିଛନ୍ତି। ସେ ମୋ ପୋଜିଶନରେ ଖେଳି ନ ଥାନ୍ତି, ମାତ୍ର ତାଙ୍କ ଗେମ୍‌କୁ ମୁଁ ନଜର ରଖିଥାଏ।

**ଦଳରେ ତୁମର ପୋଜିଶନ କ’ଣ?**

❖ ମୁଁ ପୂର୍ବରୁ ସେଣ୍ଟର ଫରଓ୍ୱାର୍ଡରେ ଖେଳୁଥିଲି। ମାତ୍ର ଦିଲ୍ଲୀ ଡାଇନାମସ ଦଳରେ ମୁଁ ମିଡ୍‌ଫିଲ୍ଡରେ ଖେଳୁଛି। ଚଳିତ ସିଜନରେ ପୂରା ମିଡ୍‌ଫିଲ୍ଡରେ ହିଁ ଖେଳିଛି।

**ଜଣେ ମିଡ୍‌ଫିଲ୍ଡରର ଭୂମିକା କ’ଣ। କେଉଁ ବିଷୟ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ ?**

❖ ପ୍ରତି ଦଳରେ ମିଡ୍‌ଫିଲ୍ଡରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଲ୍‌କୁ ରିସିଭ୍ କରିବାମାତ୍ରେ ଟପ୍ ଖେଳାଳିମାନେ କେଉଁଠି ଅଛନ୍ତି, କାହା ପାଖକୁ କିପରି ପାସ୍ ଦେବାକୁ ପଡ଼ିବ ତା’ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ମସ୍ତିଷ୍କ ଯେପରି ପୂରା ଶରୀରକୁ ନିୟନ୍ତ୍ରଣ କରେ ସେହିପରି ମିଡ୍ ଫିଲ୍ଡର ପୂରା ଟିମ୍‌କୁ ଚଲାଏ। କେଉଁଠି ପ୍ରତିପକ୍ଷ ଖେଳାଳି ଅଛନ୍ତି, ଆମର କେଉଁ ଖେଳାଳିଙ୍କ ନିକଟକୁ ପାସ୍ ଦେଲେ ଫାଇଦା ମିଳିବ ଆଦି ସଚେତନ ହେବାକୁ ପଡ଼ିଥାଏ।

**ଫୁଟବଲରେ କେଉଁ ପୋଜିଶନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।**

❖ ଏହା ଏକ ଟିମ୍ ଗେମ। ତେଣୁ ସବୁ ଦଳରେ ସ୍ଥାନ ପାଇଥିବା ୧୧ ଖେଳାଳିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତା’ ହେଲେ ଯାଇ ଏକ ଟିମ୍ ଭଲ ଖେଳି ପାରିବ।

**ଆଇ-ଲିଗ୍‌ରେ ଚେନ୍ନାଇ ସିଟି ଚାମ୍ପିୟନ ହେବା ପଛରେ କ’ଣ ମୁଖ୍ୟ କାରଣସବୁ ରହିଥିଲା।**

❖ ଏହି ଦଳର ବିଦେଶୀ ଖେଳାଳିମାନେ ବହୁତ ଭଲ ପ୍ରଦର୍ଶନ କଲେ। ସେମାନେ କେବଳ ୩୦-୪୦ ଗୋଲ ମାରିଥିଲେ। ଏହା ଦଳକୁ ବେଶ୍ ଫାଇଦାରେ ରଖିଲା। ଚେନ୍ନାଇ ସିଟି ଏକ ଭଲ ଦଳ।

**ପରିବାର ସମ୍ପର୍କରେ କ’ଣ କହିବେ ?**

❖ ଏପରି ଏକ ପରିବାର ପାଇଥିବାରୁ ମୁଁ ଭାଗ୍ୟବାନ। ଛୋଟ ଦିନରୁ ସେମାନେ ମୋତେ ସପୋର୍ଟ କରି ଆସିଛନ୍ତି। ଆଗକୁ ମଧ ତାହା ଜାରି ରହିବ ବୋଲି ମୋର ବିଶ୍ୱାସ ରହିଛି।

–ପ୍ରସ୍ତୁତି: ତପନ ସ୍ୱାଇଁ

### ସଂକ୍ଷେପରେ ଶୁଭମ୍

**ନାମ:** ଶୁଭମ୍ ଷଡ଼ଙ୍ଗୀ
**ଜନ୍ମ:** ଜୁନ ୨୪, ୨୦୦୦, ବିଶାଖାପାଟଣା
**ଘର:** ଜଗନ୍ନାଥପୁର, ସୋରୋ, ବାଲେଶ୍ୱର
**ପରିବାର:** ମା’: ଅନୀତା ଷଡ଼ଙ୍ଗୀ, **ପିତା:** ପ୍ରୀତିକାନ୍ତ ଷଡ଼ଙ୍ଗୀ, ଭଉଣୀ: ସ୍ନିଗ୍ଧା ଷଡ଼ଙ୍ଗୀ, ଜେଜେ: ଦୀନବନ୍ଧୁ ଷଡ଼ଙ୍ଗୀ, ଜେଜେ ମା’: ଜୟନ୍ତୀ ଷଡ଼ଙ୍ଗୀ, ଅଜା: ବି.କେ. ମହାପାତ୍ର, ଆଈ: କଲ୍ୟାଣୀ ମହାପାତ୍ର
**ପ୍ଲେଇଂ ପୋଜିଶନ:** ସେଣ୍ଟ୍ରାଲ ମିଡ୍‌ଫିଲ୍ଡର, ସେଣ୍ଟର ଫରଓ୍ୱାର୍ଡ
**ୟୁଥ୍ କ୍ୟାରିୟର:** ମିନର୍ଭା ପଞ୍ଜାବ ଏଫସି। ୧୭ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟ।
**ବର୍ତ୍ତମାନର କ୍ଲବ:** ଦିଲ୍ଲୀ ଡାଇନାମସ।

## ଭାରତ ‘ବି’ ଜିତିଲା ୧୯ ବର୍ଷରୁ କମ୍ ସିରିଜ୍




ଟ୍ରଫି ସହ ଚାମ୍ପିୟନ ୧୯ ବର୍ଷରୁ କମ୍ ଭାରତ ‘ବି’ ଦଳ।

**ଥିରୁଭାନନ୍ତପୁରମ, ୧୧।୩ (ପି.ଟି.)**

**୧୯ ବର୍ଷରୁ କମ୍ କ୍ରିକେଟ**

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଚତୁଃକୋଣୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଭାରତ ‘ବି’ ଚାମ୍ପିୟନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ‘ବି’ ୭୨ ରନରେ ଭାରତ ‘ଏ’କୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଟସ୍ ଜିତି ଭାରତ ‘ବି’ ଅଧିନାୟକ ରାହୁଲ ଚନ୍ଦ୍ରୋଲ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକ ରାହୁଲ (୭୦ ରନ, ୭୪ ବଲ) ଓ ସମୀର ରିଜଭି (୬୭ ରନ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଦଳ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବୋଲର କାର୍ତ୍ତିକ ତ୍ୟାଗୀ ୩ଟି ଏବଂ ଅଧିନାୟକ ଶୁଭାଙ୍ଗ ହେଗଡେ ଓ ରବି ବିଶ୍ନୋଇ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ ‘ଏ’ର କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିପାରି ନ ଥିଲେ। ଫଳରେ ଦଳ ୩୮.୩ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁଭାଙ୍ଗ ସର୍ବାଧିକ ୪୨ ରନ ଏବଂ ଯଶଭି ଜୈସଓ୍ୱାଲ ଓ ଶାଶ୍ୱତ ରାଓ୍ୱତ ୨୭ ରନ ଲେଖାଏ ସ୍କୋର କରିଥିଲେ। ଚାମ୍ପିୟନ ଭାରତ ‘ବି’ ପକ୍ଷରୁ ରାଞ୍ଚିର ବାମହାତୀ ଦ୍ରୁତ ବୋଲର ସୁଶାନ୍ତ ମିଶ୍ର ୪ଟି ଓ କରନ ଲାଲ ୩ଟି ଉଇକେଟ୍ ପାଇଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଭାରତ ‘ବି’ ଅଧିନାୟକ ରାହୁଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ପ୍ରତିଯୋଗିତାରେ ଭାରତ ‘ଏ’ ଓ ଭାରତ ‘ବି’ ବ୍ୟତୀତ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକାର ୧୯ ବର୍ଷରୁ କମ୍ ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦଳ ୫୫ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ‘ବି’ ୩ ମ୍ୟାଚ୍‌ରୁ ୩ ବିଜୟ ସହ ୧୪ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଭାରତ ‘ଏ’ ୨ ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ୨ୟ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାବେଳେ ଆଫଗାନିସ୍ତାନ ବିଜୟଶୂନ୍ୟ ସହ ଅଭିଯାନ ଶେଷ କରିଥିଲା।

## ଧୋନୀଙ୍କୁ ଝୁରିଲେ ମୋହାଲି ଦର୍ଶକ

**ମୋହାଲି,୧୧।୩ (ପିଟି):** ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନର ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଭେଟେରାନ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ଖେଳୁ ନ ଥିଲେ। ଏହାସତ୍ତ୍ୱେ ମୋହାଲି ଗ୍ରାଉଣ୍ଡରେ ଧୋନୀ ଧୋନୀ ନାମ ଶୁଣିବାକୁ ମିଳୁଥିଲା। ଧୋନୀଙ୍କ ସ୍ଥାନରେ ଉଇକେଟ କିପିଂ କରୁଥିବା ରିଷଭ ପନ୍ତ ମ୍ୟାଚ୍‌ରେ କିଛି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଓ ଷ୍ଟମ୍ପିଂ ହାତଛଡ଼ା କରିଥିଲେ। ଏଥିଯୋଗୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଧୋନୀଙ୍କୁ ଡକାଇବା ପାଇଁ ବାଉଣ୍ଡାରି ଅଞ୍ଚଳରେ ଫିଲ୍ଡିଂ କରୁଥିବା ଅଧିନାୟକ ବିରାଟ କୋହଲିଙ୍କୁ ବାରମ୍ବାର ଗୁହାରି କରିଥିଲେ। ଏହାର ଏକ ଭିଡିଓ ଜଣେ ପ୍ରଶଂସକ ଟୁଇଟରରେ ଶେୟାର କରିଛନ୍ତି। ଏହା ଏବେ ଭାଇରାଲ ହୋଇଯାଇଛି। ମ୍ୟାଚ୍‌ର ୪୪ତମ ଓଭରରେ ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଅଷ୍ଟ୍ରେଲିଆର ମ୍ୟାଚ୍ ୱିନର ଆଷ୍ଟୋନ ଟର୍ନରଙ୍କୁ ଷ୍ଟମ୍ପିଂ କରିବାର ସୁଯୋଗ ହାତଛଡ଼ା କରିଥିଲେ। ଏହାବାଦ୍ ଧୋନୀଙ୍କ ଭଳି ଷ୍ଟମ୍ପ ନ ଦେଖି ବଲ୍ ଥ୍ରୋ କରି ପନ୍ତ ବିଫଳ ହୋଇଥିଲେ। ଏହାର ତୁରନ୍ତ ପରେ ମୋହାଲି ଦର୍ଶକ ଧୋନୀ ଧୋନୀ ଡାକ ଲଗାଇଥିଲେ। ଉଲ୍ଲେଖଥାଉ କି, ଭାରତୀୟ ଦଳ ୩୫୯ ରନ୍‌ର ବିଶାଳ ଟାର୍ଗେଟ ରଖିବା ସତ୍ତ୍ୱେ ଅଷ୍ଟ୍ରେଲିଆ ଦଳ ୪ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା।

## ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ


**ୱେଲିଂଟନ, ୧୧।୩(ଏଏଫ୍‌ପି)**

ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ସ୍ଥାନୀୟ ବସିନ ରିଜର୍ଭ ଗ୍ରାଉଣ୍ଡରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍ ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ରହିଛି। ୨୨୧ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ବାଂଲାଦେଶ ସୋମବାର ମ୍ୟାଚ୍‌ର ୪ର୍ଥ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଛି। ମହମ୍ମଦ ମିଥୁନ ୨୫ ଓ ସୌମ୍ୟ

**ଟେଲରଙ୍କ ଦ୍ୱିଶତକ**

ସର୍କାର ୧୨ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତାମିମ୍ ଇକବାଲ (୪), ଶଦମନ ଇସଲାମ (୨୯) ଓ ମୋମିନୁଲ୍ ହକ୍ (୧୦) ନିରାଶ କରିଛନ୍ତି। ଘରୋଇ ଦଳ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୨ଟି ଉଇକେଟ୍ ନେଇଛନ୍ତି। ବାଂଲାଦେଶ ହାତରେ ୭ ଉଇକେଟ୍ ସୁରକ୍ଷିତ ଥିଲେ ମଧ ଦଳ ଇନିଂସ ପରାଜୟ ଏଡ଼ାଇବା ପାଇଁ ୧୪୧ ରନ ଆବଶ୍ୟକ କରୁଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ଆଶା ଉଜ୍ଜୀବିତ ରହିଛି।

ପୂର୍ବରୁ ନ୍ୟୁଜିଲାଣ୍ଡ ଏହାର ପ୍ରଥମ ଇନିଂସ ସ୍କୋର ୪୩୨/୬ରେ ଘୋଷଣା କରିଥିଲା। ଦଳ ପକ୍ଷରୁ ଭେଟେରାନ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ରସ୍ ଟେଲର ୨୦୦ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ୨୦ ରନ ମଧ୍ୟରେ ୨ଟି ଜୀବନ ଦାନ ପାଇଥିବା ୩୫ ବର୍ଷୀୟ ଟେଲର ଏହାର ପୂର୍ଣ୍ଣ ଫାଇଦା ଉଠାଇ ୨୧୨ ବଲରୁ ୧୯ ଚୌକା ଓ ୪ ଛକା ସହାୟତାରେ କ୍ୟାରିୟରର ୩ୟ ଦ୍ୱିଶତକ ହାସଲ କରିଥିଲେ। ତେବେ ଦ୍ୱିଶତକ ହାସଲ କରିବା ପରେ ପରେ ମୁସ୍ତାଫିଜୁର ରେହମାନଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ କେନ୍ ୱିଲିୟମସନ (୭୪) ଓ ହେନରୀ ନିକୋଲାସ (୧୦୭) ଯଥାକ୍ରମେ ଅର୍ଦ୍ଧଶତକ ଓ ଶତକୀୟ ଇନିଂସ ଖେଳି ଟେଲରଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଟେଲର ୩ୟ ଉଇକେଟ୍‌ରେ ୱିଲିୟମସନଙ୍କ ସହ ୨୧୬ ଓ ୪ର୍ଥ ଉଇକେଟ୍‌ରେ ନିକୋଲାସଙ୍କ ସହ ୨୧୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗିଦାରୀ କରି ନ୍ୟୁଜିଲାଣ୍ଡକୁ ଇନିଂସ ଅଗ୍ରଣୀ କରାଇବାରେ ସହାୟତା କରିଥିଲେ। ବାଂଲାଦେଶ ପକ୍ଷରୁ ଅବୁ ଜାୟେଦ ୩ଟି ଉଇକେଟ୍ ନେଇଥିଲେ। ପୂର୍ବରୁ ବାଂଲାଦେଶ ପ୍ରଥମ ଇନିଂସରେ ତମିମ (୭୪)ଙ୍କ ଅର୍ଦ୍ଧଶତକ ବଳରେ ୨୧୧ ରନ କରି ଅଲ୍‌ଆଉଟ୍ ହୋଇଥିଲା।




**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ- ୨୧୧ରେ ଅଲ୍‌ଆଉଟ୍

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୪୩୨/୬ (ଘୋଷଣା), ୮୪.୫ ଓଭର।

ବାଂଲାଦେଶ ୨ୟ ଇନିଂସ: ୮୦/୩, ୨୩ ଓଭର।

# ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ, କିରାଣି ଗିରଫ

**ଉଦଳା, ୧୧।୩ (ଡି.ଏନ.ଏ.)**

- ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ନକଲି ଆଡମିଶନର ପର୍ଦ୍ଦାଫାଶ
- ଦୁଇବର୍ଷ ପାଠ ପଢ଼ି ପରୀକ୍ଷା ଦେଇ ପାରିଲେନି

କଲେଜରେ ଆଡମିଶନ କରାଇ ପରୀକ୍ଷା କରାଇଦେବାର ବ୍ୟବସ୍ଥା କରିବେ କହି ଯୁକ୍ତ ଦୁଇର ଜଣେ କଳା ଛାତ୍ରୀଙ୍କୁ ଜଣେ କିରାଣି ଠକିବା ଘଟଣା ପଦାକୁ ଆସିଛି। ଏହି ଘଟଣାର ତଦନ୍ତ କରି ପୋଲିସ ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର କିରାଣି ମାନସ ଶଙ୍କର ମହାନ୍ତିଙ୍କୁ ଗିରଫ କରିଛି। ଜଣେ ଛାତ୍ରୀଙ୍କୁ ଠକି ତାଙ୍କ ଭବିଷ୍ୟତ ସହିତ ଏଭଳି ଖେଳିବା ଘଟଣା ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଆଲୋଡନ ସୃଷ୍ଟି କରିଛି। ଏନେଇ ସ୍ଥାନୀୟ ପୋଲିସ୍ ଅଧିକ ଖୋଳତାଡ ଜାରି ରଖି ଥିବା କହିଛି। ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବା ଦିନ ଏହି ଛାତ୍ରୀ ଜଣକ, ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟକୁ ପରୀକ୍ଷା ଦେବାକୁ ଆସିଥିଲେ। ସେ କଲେଜରେ ସେ ଆଡମିଶନ ହୋଇ ନ ଥିବା ଜାଣିବାକୁ ପାଇ ହତାଶ ହୋଇ କଲେଜ ଅଧକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ କରଥିଲେ। ଏହାପରେ କଲେଜ ଅଧକ୍ଷା ସଂପୃକ୍ତ କିରାଣିଙ୍କ ବିରୋଧରେ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ୍ ଏକ ମାମଲା (ନଂ ୨୬/୧୯ ) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଠକ କିରାଣି ଏଡି ଛାତ୍ରୀଙ୍କୁ ସବ୍‌ଜେକ୍ଟ ଆଲଟମେଣ୍ଟ କରି ଆଡମିଶନ ରସିଦ୍ ମଧ ପ୍ରଦାନ କରିଥିଲେ। ପୋଲିସ୍‌ର ତଦନ୍ତ ସମୟରେ ଏ ନେଇ କଲେଜରୁ ଅନେକ ଆପତ୍ତିଜନକ ଦସ୍ତାବିଜ୍ ଜବତ ହୋଇଛି। ଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସବଜେକ୍ଟ ଆଲଟମେଣ୍ଟ ସିଟରେ ରୋଲ ନଂ ୨୬୭ ଉଲ୍ଲେଖ ରିହିଥିଲା। କିନ୍ତୁ କଲେଜ କର୍ତ୍ତୃପକ୍ଷ ଏହି ରୋଲ ନମ୍ବର କାହାକୁ ପ୍ରଦାନ କରାଯାଇ ନାହିଁ ବୋଲି କହିବା ସହ କଲେଜରେ ମୋଟ ୨୬୬ ଛାତ୍ରୀଙ୍କର ଆଡମିଶନ ହୋଇଥିବା ଦର୍ଶାଇଛନ୍ତି। ଠକେଇର ଶିକାର ହୋଇଥିବା ଛାତ୍ରୀଜଣଙ୍କ ଦୁଇ ବର୍ଷ ଧରି କଲେଜରେ ପାଠ ପଢିବା ଏବଂ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷା ଦେଇଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏ ବାବଦରେ କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ଅଧିକ ଖୋଳତାଡ ହେଲେ ଏଭଳି ଆଉ କେଉଁମାନେ ଠକାମୀର ଶିକାର ହୋଇଛନ୍ତି, ତାହା ଜଣାପଡିବ ବୋଲି ପୋଲିସ କହିଛି।



ଗିରଫ କିରାଣି।

## ସଂକ୍ଷେପରେ

### ବିଦ୍ୟୁତ୍ ପାଇଁ ଗଣ୍ଡଗୋଳ: ଜଣେ ଗିରଫ

**ବନ୍ତ, ୧୧।୩ (ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବନ୍ତଳା ଗ୍ରାମରେ ବିଦ୍ୟୁତ୍ ଜାଳିବାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ରବିବାର ରାତିରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଆଲୋକ ଦାଶ ଓ ତାଙ୍କ ଦାଦା ଦୟାନିଧି ଦାଶଙ୍କ ପରିବାର ମଧ୍ୟରେ ବିଦ୍ୟୁତ୍ ଜାଳିବାକୁ ନେଇ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ରକରି ଗତ ୬ ତାରିଖ ଅପରାହ୍ନରେ ଦୟାନିଧିଙ୍କ ପକ୍ଷରୁ ସଂଘବଦ୍ଧ ଭାବେ ଆଲୋକଙ୍କୁ ଆକ୍ରମଣ କରାଯାଇଥିବା ତାଙ୍କ ସ୍ତ୍ରୀ ମୀନତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୨୬/୧୯) ରୁଜୁ କରିଥିଲା। ଏହି ମାମଲାରେ ଅଭିଯୁକ୍ତ ଦେବଦତ୍ତ ଦାଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷର ସନ୍ଧ୍ୟାରାଣୀ ବେହେରା ତାଙ୍କ ସ୍ୱାମୀ ରମେଶଙ୍କୁ ଆଲୋକ ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଏତଲା କ୍ରମେ ଥାନାରେ ଅନ୍ୟ ଏକ ମାମଲା(ନଂ.୨୭/୧୯) ରୁଜୁ କରାଯାଇଛି। ଅଭିଯୁକ୍ତ ଆଲୋକ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପୋଲିସ କହିଛି।

### ଡାକ୍ତରଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

**ଭଦ୍ରକ ଅଫିସ, ୧୧।୩:** ଭଦ୍ରକ ଉପକଣ୍ଠ ବରପଦାସ୍ଥିତ ଏକ ଡାକ୍ତରଖାନାର ଜଣେ ଡାକ୍ତରଙ୍କ ନାଁରେ ଜନୈକା ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ନେଇ ମହିଳା ଜଣଙ୍କ ସୋମବାର ସନ୍ଧ୍ୟାରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିବାହ ପ୍ରତିଶ୍ରୁତି ଦେଇ ଡାକ୍ତର ପ୍ରତାରଣା କରିଛନ୍ତି। ଏବେ ଡାକ୍ତର ତାଙ୍କୁ ମାନସିକ ନିର୍ଯାତନା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଟାଉନ ଥାନା ପୋଲିସ ତଦନ୍ତ ଚଳାଇଛି।

### ଉଧାର ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ଖଇରା, ୧୧।୩(ଡି.ଏନ.ଏ.):** ଖଇରା ଥାନା ହରିପୁର ବଡ଼ପଡ଼ିଆ ଗ୍ରାମର ବାବୁଲା ପାତ୍ର (୪୩) ନାମକ ଯୁବକ ରବିବାର ରାତିରେ ଓସ୍ତପାଳ ଗ୍ରାମରେ ଏକ ଆମ୍ବଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୪/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସର କହିବା ଅନୁଯାୟୀ ବାବୁଲି ଘର ତିଆରି ପାଇଁ ଟଙ୍କା କରଜ ଆଣିଥିଲେ। ସେ ଟଙ୍କାକୁ ଜୁଆଖେଳି ଉଡ଼ାଇ ଦେବା ପରେ ମାନସିକ ଚାପରେ ଆତ୍ମହତ୍ୟା କରିଛନ୍ତି।

# ଖାତରେ ପଡ଼ି ୨ ନାବାଳକଙ୍କ ଜୀବନ ଗଲା

**ରାଇରଙ୍ଗପୁର, ୧୧।୩ (ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଯାମଡାଳି ଗ୍ରାମ ନିକଟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଲାଗି ମୋରମ ଖୋଳାଯାଇଥିବା ଏକ ପାଣିଭର୍ତ୍ତି ଖାତରେ ପଡି ଦୁଇ ନାବାଳକ ପ୍ରାଣ ହରାଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣା ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ନାବାଳକ ଦ୍ୱୟ ଖେଳୁଥିବାବେଳେ ଅସାବଧାନତା ବଶତଃ ଖାତରେ ପଡ଼ିଯାଇଥିବା କୁହାଯାଉଛି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳକ ଦ୍ୱୟ ହେଲେ ଯାମୁଡାଳି ଗ୍ରାମର ମନା ନାଏକଙ୍କ ପୁତ୍ର ଦୁଲମୁନା ନାଏକ (୬) ଏବଂ ଲକ୍ଷ୍ମଣ ସୋରେନଙ୍କ ପୁତ୍ର ପାରବୀତ୍ ସୋରେନ (୫) । ପୋଲିସ୍ ଏହି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ପଥର ଖାଦାନ ଉପରେ ଚଢ଼ାଉ କମ୍ପ୍ରେସର ଓ ଜିପ୍ ଜବତ

**ବଡସାହି,୧୧।୩(ସ.ପ୍ର)**

**ଖସି ପଳାଇଲେ ମାଫିଆ**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଶିମିଳିପାଳ ପାଦଦେଶରେ ଥିବା ଏକ ବେଆଇନ ପଥର ଖାଦାନ ଉପରେ ସ୍ଥାନୀୟ ପୋଲିସ ରବିବାର ଚଢାଉ କରି କମ୍ପ୍ରେସର ସହିତ ଗୋଟିଏ ଜିପକୁ ଜବତ କରିଛି । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୩୨/୧୯) ରୁଜୁ ହୋଇଛି ।

ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ଅପରାହ୍ନରେ ପେଟ୍ରୋଲିଂ କରାଯାଉଥିବା ସମୟରେ ପଥର ବ୍ଲାଷ୍ଟିଂ ଶବ୍ଦ ଶୁଣାଯାଇଥିଲା। ଏହାପରେ ପୋଲିସ ସମ୍ପୃକ୍ତ ଖାଦାନରେ ଚଢାଉ କରିଥିଲା। ସେଠାରେ ମାଫିଆମାନେ ବେଆଇନ ଭାବେ ଏକ କମ୍ପ୍ରେସର ସାହାଯ୍ୟରେ ପଥର କଣା କରି ବ୍ଲାଷ୍ଟିଂ କରୁଥିଲେ। ଥାନାଧିକାରୀ ଜୟ ନାରାୟଣ ଖଣ୍ଡାଇ ଉକ୍ତ କମ୍ପ୍ରେସର ମେଶିନ, ଓ ଜିପ (ନଂ.ଓଆର୦୫ଏ-୦୩୯୨) ସମେତ ବ୍ଲାଷ୍ଟିଂରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୋଲିସକୁ ଦେଖି ମାଫିଆମାନେ ପଳାଇ ଯାଇଥିବାରୁ ସେମାନଙ୍କୁ ଧରିବା ଲାଗି ଖୋଳତାଡ ଚାଲିଛି ।

# ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ନେଇ ଅଡୁଆରେ କାର୍ଯ୍ୟନିର୍ବାହୀ ଅଧିକାରୀ



କୋଢବରୁଆଁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଛନ୍ତି।

**ଭଦ୍ରକ ଅଫିସ, ୧୧।୩**

**ଅଟକ ରଖିଲେ ଗ୍ରାମବାସୀ**

ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ସ୍ଥାନ ଚୟନକୁ ନେଇ ଭଦ୍ରକ ବ୍ଲକ କୋଢବରୁଆଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହଟହଟା ହେବାକୁ ପଡ଼ିଛି। ସୋମବାର ଅପରାହ୍ନରୁ ତାଙ୍କୁ କୋଢବରୁଆଁ ଗ୍ରାମବାସୀ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କ୍ଲବ ଘରେ ଅଟକ ରଖିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତରେ ପ୍ରାୟ ୮ଶହ ହିତାଧିକାରୀଙ୍କ ମଧ୍ୟରୁ କୋଢବରୁଆଁ ଗ୍ରାମର ଅଧିକାଂଶ ହିତାଧିକାରୀ। କୋଢବରୁଆଁ ଗାଁରେ ଚାଉଳ ଓ କିରୋସିନ ବଣ୍ଟନ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ କରାଯାଇଛି। ହେଲେ ରାଜନେତାଙ୍କ ଚାପରେ ଉକ୍ତ ଗାଁରେ ବଣ୍ଟନ ନ କରାଯାଇ ୩ କି.ମି. ଦୂର କୋଢଗମ୍ଭୀରରେ ଚାଉଳ ଓ କିରୋସିନ ରଖି ବାଣ୍ଟିବା ପାଇଁ ଉଦ୍ୟମ କରାଯାଉଛି। ଗ୍ରାମବାସୀ କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ କୁମାର ଦାସଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଯାଇଥିଲା। ତୁରନ୍ତ ଅଟକ ଅଧିକାରୀଙ୍କୁ ଉଦ୍ଧାର କରିବାକୁ ଭଦ୍ରକ ବିଡିଓ ଗ୍ରାମାଞ୍ଚଳ ଥାନାକୁ ଜଣାଇଥିଲେ।

# ପୋଲିସ ଅଧିକାରୀଙ୍କୁ ୨ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୧୧।୩**

ଏକ ଲାଞ୍ଚ ମାମଲାର ବିଚାର କରି ବାଲେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍ ଶାରଦା ପ୍ରସାଦ ନାୟକ ଜଣେ ପୋଲିସ ଅଧିକାରୀଙ୍କୁ ୨ବର୍ଷ ଜେଲ୍‌ସହ ୮ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଖଇରା ଥାନାରେ ୨୦୦୬ ମସିହାରେ କାର୍ଯ୍ୟରତ ଥିବା ଅଧିକାରୀ ରାଜେନ୍ଦ୍ର କୁମାର ଦାସ ଯୌତୁକ ନିର୍ଯାତନା ମାମଲାର ପଞ୍ଜୀକରଣ କରିବା ପାଇଁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ମାମଲା (ନଂ ୨/୫.୧.୨୦୦୬) ରୁଜୁ କରାଯାଇ ବିଚାରଧୀନ ଥିଲା। ୫ଜଣ ସାକ୍ଷୀଙ୍କ ବୟାନ ଓ ୨୦ ଦସ୍ତାବିଜ୍‌କୁ ବିଚାରକୁ ନେଇ ବିଚାରପତି ନାୟକ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ର ସ୍ୱତନ୍ତ୍ର ଆଇନଜୀବୀ ସେକ୍ ହାଜିରୁଦ୍ଦିନ ମାମଲାକୁ ପରିଚାଳନା କରୁଥିଲେ। ଉକ୍ତ ପୋଲିସ ଅଧିକାରୀଙ୍କୁ କିଛିଦିନ ହେଲା ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।

# କୂଅରୁ ନାଗ ଉଦ୍ଧାର

**ଭଞ୍ଜକିଆ, ୧୧।୩ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆର ରମାନନ୍ଦ ମହନ୍ତଙ୍କ କୂଅରୁ ସୋମବାର ଏକ ନାଗ ଉଦ୍ଧାର କରାଯାଇଛି। ରମାନନ୍ଦଙ୍କ ପରିବାର ଲୋକେ ପାଣି ନେବା ପାଇଁ କୂଅ ପାଖକୁ ଆସି ନାଗକୁ ଦେଖିଥିଲେ। ଖବର ପାଇ ଯଶିପୁର ବନଖଣ୍ଡ ଅଧିକାରୀ ଆସି ନାଗ ଉଦ୍ଧାର କରିଥିଲେ। ପରେ ଜମୁକେସର ଜଙ୍ଗଲରେ ସାପକୁ ଛାଡ଼ି ଦିଆଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ବଲ୍ଲଭିଘାଟ-ମଣିନାଥପୁର ସେତୁ ସ୍ଲାବ୍ ଫୁଲିଲା

**ଭଣ୍ଡାରିପୋଖରୀ, ୧୧।୩ (ଡି.ଏନ.ଏ.)**

**ନିମ୍ନମାନର ନିର୍ମାଣ କାର୍ଯ୍ୟ**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତର ମଣିନାଥପୁର ଗ୍ରାମ ସହ ଯାଜପୁର ସହରକୁ ସଂଯୋଗ କରୁଛି ବଲ୍ଲଭିଘାଟ-ମଣିନାଥପୁର ସେତୁ। ମଣିନାଥପୁର ପାର୍ଶ୍ୱରେ ଥିବା ସେତୁର ସ୍ଲାବ ସୋମବାର ମଧ୍ୟାହ୍ନରେ ଫୁଲି ଉଠିବା ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ସେତୁର ଦୁଇଟି ସ୍ଲାବ ମଧ୍ୟରେ ଥିବା ସଂଯୋଗ ସ୍ଥଳୀଗୁଡ଼ିକୁ ଗତ ମାସ ମରାମତି କରାଯାଇଥିଲା। କୌଣସି ଦୂରତା ରଖାଯାଇ ନ ଥିବାରୁ ଉତ୍ତପ୍ତ ସ୍ଲାବ ଉପରେ ଥିବା ୱାରିଂକୋଟ ସମ୍ପ୍ରସାରିତ ହୋଇ ଫୁଲିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ସେତୁ ଉପର ଦେଇ ଗାଡ଼ି ଚଳାଚଳ ବନ୍ଦ କରିଦେଇଥିଲେ। ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଇଥିଲା। ଏଥିପାଇଁ ଜନସାଧାରଣ ଆତଙ୍କିତ ନ ହେବାକୁ ଯାଜପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମହେଶ୍ୱର ସାହୁ ବୁଝାଇବା ସହ ଏହାର ଉପଯୁକ୍ତ ମରାମତି ହେବ ବୋଲି କହିଛନ୍ତି। ସେତୁର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଯାଜପୁର ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସାହୁ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ମରାମତି ଆରମ୍ଭ କରିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ।

ଉଲ୍ଲେଖନୀୟ ଯେ, ୨୦୦୨ରେ ବୈତରଣୀ ଦେବୀଗଡ଼ା ଘାଟରେ ଡଙ୍ଗା ବୁଡ଼ି ବହୁ ଲୋକ ପ୍ରାଣ ହରାଇବା ପରେ ଏହି ସେତୁ ନିର୍ମାଣ ହୋଇ ୨୦୦୬ରେ ଉଦ୍‌ଘାଟିତ ହୋଇଥିଲା। ସେତୁର ନିର୍ମାଣ ସହ ରକ୍ଷଣାବେକ୍ଷଣ ଦାୟିତ୍ୱ ଯାଜପୁର ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା।

# 'ସାନ୍ତାଳୀ ଭାଷାକୁ ପରୀକ୍ଷା ସୂଚୀରେ ସ୍ଥାନ ଦିଅ'



ସର୍ବଶିକ୍ଷା ଅଭିଯାନ ଆଦିବାସୀ ସଂଯୋଜକଙ୍କ ସହ ଭୀମସେନାର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ବାରିପଦା ଅଫିସ,୧୧।୩**

ରାଜ୍ୟସ୍ତରରେ ପ୍ରସ୍ତୁତ କରାଯାଉଥିବା ପରୀକ୍ଷା ସୂଚୀରେ ସାନ୍ତାଳୀ ଭାଷାକୁ ସ୍ଥାନିତ କରାଯାଉ ନ ଥିବାରୁ ଛାତ୍ର ସଙ୍ଗଠନ ଭୀମସେନା ଏହାକୁ ବିରୋଧ କରିଛି । ଏହି ମର୍ମରେ ଏକ ପ୍ରତିନିଧି ଦଳ ସର୍ବଶିକ୍ଷା ଅଭିଯାନର ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟିଙ୍କୁ ସାକ୍ଷାତ କରି ଶିକ୍ଷାମନ୍ତ୍ରୀ ଏବଂ ଓପେପାର ରାଜ୍ୟ ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଉଲ୍ଲେଖ କରାଯାଇଛି ଯେ,୨୦୦୩ ମସିହାରେ ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିବା ସହ ସମ୍ବିଧାନର ଅଷ୍ଟ ସୂଚୀରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସମ୍ବିଧାନର ଧାରା ୩୫୦(କ)ଅନୁସାରେ ସାନ୍ତାଳୀ ଭାଷାଭାଷୀ ଛାତ୍ରୀଛାତ୍ରମାନେ ନିଜସ୍ୱ ମାତୃଭାଷାରେ ଶିକ୍ଷା ଲାଭ କରିବା ପାଇଁ ହକଦାର । ଓଡ଼ିଶା ସରକାର ମାତୃଭାଷା ଶିକ୍ଷା ନାମରେ ୨୦୦୭ମସିହାରେ ଶହେଜଣ ସାନ୍ତାଳୀ ଭାଷା ପ୍ରଶିକ୍ଷକ, ବହୁଭାଷୀ ଶିକ୍ଷା ଯୋଜନାର ୨୦୧୪ମସିହାରେ ୫୫୮ଜଣ ଶିକ୍ଷା ସହାୟକଙ୍କୁ ନିୟୋଜିତ କରିଛନ୍ତି। ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସାନ୍ତାାଳୀ ପୁସ୍ତକ ପ୍ରସ୍ତୁତ କରାଯାଇ ପ୍ରୋଥମିକ ବିଦ୍ୟାଳୟ ଗୁଡିକୁ ଯୋଗାଇ ଦିଆଯାଇଛି। କିନ୍ତୁ ବାସ୍ତବରେ ସମ୍ପୃକ୍ତ ବିଦ୍ୟାଳୟରେ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ପାଇଁ ସମ୍ପୃକ୍ତ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କୁ ସୁଯୋଗ ଦିଆଯାଉ ନାହିଁ। ରାଜ୍ୟରେ ପ୍ରସ୍ତୁତ ହେଉଥିବା ପରୀକ୍ଷା ସୂଚୀରେ ସାନ୍ତାଳୀ ଭାଷାକୁ ମଧ ତାଲିକା ଭୁକ୍ତ କରାଯାଇନାହିଁ। ଏଣୁ ସାନ୍ତାଳୀ ଭାଷାରେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଲେଖିଲେ ଉକ୍ତ ନମ୍ବରକୁ ତାଲିକା ଭୁକ୍ତ କରାଯାଉ ନାହିଁ । ଆସନ୍ତା ୧୫ତାରିଖରେ ହେବାକୁ ଥିବା ପ୍ରାଥମିକ ଶିକ୍ଷା ପରୀକ୍ଷାରେ ଯଦି ସାନ୍ତାଳୀ ଭାଷାକୁ ତାଲିକାଭୁକ୍ତ କରା ନ ଯାଏ ତେବେ ଭୀମସେନା ପକ୍ଷରୁ ଜିଲାବ୍ୟାପି ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନର ଅଧକ୍ଷ ଅର୍ଜ୍ଜୁନ ମୁର୍ମୁ କହିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ସମ୍ପାଦକ ରାମଚନ୍ଦ୍ର ସୋରେନ, ଉପସଭାପତି ରଘୁନାଥ ମୁର୍ମୁ, ବାରିପଦା ନଗର ସଭାପତି କୁନୁ ମୁର୍ମୁ, ସମ୍ପାଦକ ସୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବେ ପଞ୍ଚରତ୍ନ ମହାକୁଡ଼

ବଡବିଲ, ୧୧।୩(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ସିପିଆଇ (ଏମଏଲ) ଲିବରେସନ ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ପଞ୍ଚରତ୍ନ ମହାକୁଡଙ୍କୁ ମନୋନୀତ କରାଯାଇଥିବା ସୋମବାର ବଡବିଲ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳ ସମ୍ପାଦକ ମଣ୍ଡଳୀ ସଦସ୍ୟ ନିତ୍ୟକେତନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରାର୍ଥୀ ମହାକୁଡ କହିଛନ୍ତି ଯେ, ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାକୁ ସେ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିବେ। ଏଥି ସହ ବେକାରୀ ସମସ୍ୟା ଦୂରୀକରଣ, ଶ୍ରମିକଙ୍କ ହିତସାଧନ ନେଇ ଲଢେଇ ଜାରି ରଖିବେ। ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନର ସୁବିଧା ସହ ଚାଷୀ, ଆଦିବାସୀ, ମହିଳା ଓ ଶିଶୁମାନଙ୍କ ନିମନ୍ତେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକୁ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି।

### ଯୁବ ବ୍ୟବସାୟୀଙ୍କ ପରଲୋକ

ଢେଙ୍କାନାଳ, ୧୧।୩(ଡି.ଏନ୍.ଏ.)- ଢେଙ୍କିକୋଟର ଯୁବ ବ୍ୟବସାୟୀ ନନ୍ଦକିଶୋର ସାହୁ(୪୦)ଙ୍କ ସୋମବାର ଅକାଳ ବିୟୋଗ ହୋଇଥିବାରୁ ଢେଙ୍କିକୋଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ ୧୫ ଦିନ ତଳେ ବଜାରସ୍ଥିତ ସର୍ଭିସରୋଡ଼ର ଅଧାପନ୍ତରିଆ ଡ୍ରେନ୍‌ରେ ପଡ଼ିଯାଇଥିବାବେଳେ ତାଙ୍କ ଛାତିରେ ଆଘାତ ଲାଗିଥିଲା। ଯନ୍ତ୍ରଣା ସାଙ୍ଗକୁ ତାଙ୍କର ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ମଧ ଥିଲା। ରବିବାର ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ନିଆଯାଉଥିଲା। ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ସକାଳୁ ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନରେ ଜନଗହଳି ହୋଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବୀ ଶିକ୍ଷାବିତ୍ ତଥା ରାଜନୈତିକ ନେତା ପହଞ୍ଚି ତାଙ୍କ ମରଶରୀରରେ ପୁଷ୍ପ ଅର୍ପଣ କରିଥିଲେ। ସକାଳ ୧୦ଟାରେ ଶୋକାକୁଳ ପରିବେଶ ମଧରେ ତାଙ୍କ ବଗିଚାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ।

# ପାଣି ପାଇଁ ରାସ୍ତାରୋକୋ

କେନ୍ଦୁଝର, ୧୧।୩ (ସ୍ୱ.ପ୍ର.)



ମହିଳାମାନେ ଗରା, ହାଣ୍ଡି ରଖି ରାସ୍ତା ଅବରୋଧ କରିଛନ୍ତି।

କେନ୍ଦୁଝର ସହର ସୀମାନ୍ତ ନରଣପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆଟାଙ୍ଗିରୀ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି । ଖରା ଦିନ ଆସିବା ପୂର୍ବରୁ ପାଣିର ସମସ୍ୟାର ମୁକାବିଲା ପାଇଁ ଗ୍ରାମବାସୀ ସୋମବାର ନରଣପୁର-କେନ୍ଦୁଝର ରାସ୍ତାକୁ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ମହିଳା ଓ ପୁରୁଷ ମାନେ ଗରା, ହାଣ୍ଡି ଆଦି ଧରି ଏବଂ ପଥର ରଖି ରାସ୍ତା ଅବରୋଧ କରିଥିବା ଜଣାପଡିଛି। ଉକ୍ତ ଗ୍ରାମରେ ପାଖାପାଖି ୧୨ ଶହ ଲୋକ ରହୁଥିବା ବେଳେ ଦୁଇଟି ନଳକୂପ ରହିଛି। ଏହି ନଳକୂପ କାମରେ ଲାଗିପାରୁନାହିଁ। ପାଣି ସମସ୍ୟାକୁ ନେଇ ପଞ୍ଚାୟତକୁ ବାରମ୍ବାର ଜଣାଇଥିଲେ ହେଁ ସମାଧାନ କରାନଯିବାରୁ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ୱାର୍ଡ ମେମ୍ବର ପୂର୍ଣ୍ଣିମା ନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରୁଥିବା ଜଣାପଡିଛି। ସୁଭଦ୍ରା ନାୟକ କହିଛନ୍ତି ଯେ ପାଣି ଓ ବିଦ୍ୟୁତ ସମସ୍ୟା ଲାଗି ରହିଥିଲେ ହେଁ କେହି ଶୁଣୁନାହାନ୍ତି। ଏଣୁ ଏଭଳି ଆନ୍ଦୋଳନ କରାଯାଇଛି। ଏହାର ପ୍ରତିକାର କରାନଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ମତଦାନ କରିବେ ୧୨,୯୩,୭୫୯ ଭୋଟର

କେନ୍ଦୁଝର, ୧୧।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ୬ ଟି ବିଧାନସଭା ମଣ୍ଡଳୀର ୧୭୨୦ଟି ବୁଥରେ ସମୁଦାୟ ୧୨ ଲକ୍ଷ ୯୩ ହଜାର ୭୫୯ ଭୋଟର ମତଦାନ କରିବେ । କେନ୍ଦୁଝର ଲୋକ ସଭା ମଣ୍ଡଳୀ ଅଧିନରେ ମୟୂରଭଞ୍ଜ ଜିଲାର କରଞ୍ଜିଆ (୩୦-ଏସଟି) ବିଧାନସଭା ମଣ୍ଡଳୀ ରହିଛି। ଏହି କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୪୧ଟି ବୁଥରେ ୧ ଲକ୍ଷ ୮୩ ହଜାର ୯୬ ଭୋଟର ମତଦାନ କରିବେ। ଏଭଳି ସୂଚନା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶୀଷ ଥାକରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କେନ୍ଦୁଝର (୪-ଏସଟି) ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ହେବ। ସେହିପରି ୨୦ ତେଲକୋଇ ଏସଟି, ୨୧ ଘଷିପୁରା, ୨୨ ଆନନ୍ଦପୁର ଏସସି, ୨୩ ପାଟଣା ଏସଟି, ୨୪ କେନ୍ଦୁଝର ଏସଟି, ୨୫ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ହେବ। ନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ କହିଥିଲେ। ୨୮ ମାର୍ଚ୍ଚରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୪ରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ। ୫ ଏପ୍ରିଲରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ । ୮ ଏପ୍ରିଲରେ ନାମାଙ୍କନ ପତ୍ରର ପ୍ରତ୍ୟାହାର ଶେଷ ତାରିଖ । ୨୩ ଏପ୍ରିଲରେ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ୨୩ ମେ ରେ ଭୋଟ ଗଣନା ଏବଂ ୨୭ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଇଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରିହେବ । ସମସ୍ତ ପ୍ରିଜାଇଡିଂ ଓ ଫାଷ୍ଟ ପୁଲିଂ ଅଫିସରଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ ହୋଇଥିବା କହିଥିଲେ ।

## ମାଡ଼ିଗଲା ଡମ୍ଫର, ବାଇକ୍ ଆରୋହୀଙ୍କ ପ୍ରାଣ ଗଲା

ବସ୍ତା, ୧୧।୩(ସ୍ୱ.ପ୍ର.)

ସିଂଲା ଥାନା ପୁଟୁରା ଛକ ନିକଟରେ ସୋମବାର ଏକ ପଥର ବୋଝେଇ ଡମ୍ଫର ଏକ ବାଇକ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏଥିଯୋଗୁ କେତେ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଭାଜପା ନେତା ଧ୍ରୁବଚରଣ ନାୟକ, ବାସୁଦେବ ପଣ୍ଡା, କଂଗ୍ରେସ ନେତା ଭଜହରି ପରିଡ଼ା, ନଗେନ୍ଦ୍ର ସିଂହ ପ୍ରମୁଖଙ୍କ ନେତୃତ୍ୱରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ରାସ୍ତାରୋକୋ କରିଥିଲେ। ଥାନା ଆଇଆଇସି ସୁବ୍ରତ କୁମାର ବେହେରା ସଦଳବଳେ ପହଞ୍ଚି ଡମ୍ଫର ଜବତ କରିବା ସହ ଆନ୍ଦୋଳନକାରୀଙ୍କୁ ବୁଝାଇ ରାସ୍ତା ଅବରୋଧ ହଟାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୪୪/୧୯) ରୁଜୁ ହୋଇଛି।

ପଥର ବୋଝେଇ ଡମ୍ଫର (ନଂ.ଓଆର୍‌୦୧ଟି-୨୧୭୮) ଗାନ୍ଧୀଛକରୁ ବାଲିଆପାଳ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ (ନଂ.ଓଡି ୦୧ ଏ ଏ-୨୧୦୪) ଉପରେ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଗୋବରା ଗ୍ରାମର କହ୍ନେଇ ମାରଣ୍ଡିଙ୍କ ପୁଅ ବାଜୁନ (୨୭) ଡମ୍ଫର ଚକା ତଳେ ଚାପି ହୋଇଯାଇଥିଲେ। ତାଙ୍କ ସହ ବାଇକ୍‌ରେ ଥିବା ଝରିଆ ଗ୍ରାମର ମିଥୁନ ସୋରେନ ଗାଡିରୁ ଛିଟ୍‌କି ପଡି ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ଗୁରୁତର ହୋଇଥିଲେ । ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ପ୍ରକାଶ ଥାଉ କି ଏବେ ଚୋରାରେ ବାଲି, ପଥର, ମୋରମ, ମାଟି ଆଦି ବ୍ୟାପକ ଚାଲାଣ ହେଉଛି। ରାଜସ୍ୱ ବିଭାଗର ରୟାଲିଟି ଫାଙ୍କିବା ଲାଗି ଗାଡ଼ି ସବୁ ଦ୍ରୁତ ଗତିରେ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ତହସିଲ ଓ ପୋଲିସ ପକ୍ଷରୁ ଏହି ଗାଡିଗୁଡିକ ଉପରେ ଅଧିକ ଯାଞ୍ଚ ଅଭିଯାନ ପାଇଁ ଦାବି ହୋଇଛି।

## ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

ତେଲକୋଇ,୧୧।୩(ଡି.ଏନ.ଏ.)

ପିଡିଏସ ସାମଗ୍ରୀ ବାଟ ମାରଣାକୁ ନେଇ ସୋମବାର ଶତାଧିକ ମହିଳା ହିତାଧିକାରୀ ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ତାଲାପକାଇଛନ୍ତି। ତାଲା ପକାଇବା ଯୋଗୁଁ ବିଡିଓ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ଭିତରେ ଅଟକ ଥିଲେ। ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ଯୋଗୁଁ ତେଲକୋଇ ପୋଲିସ ଓ ପଣ୍ଡାପଡା ଥାନା ଅଧିକାରୀ ପହଞ୍ଚିଥିଲେ। ମାପ ଓଜନରେ ଠକେଇ ସାଙ୍ଗକୁ ନଭେମ୍ବର ମାସର ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ଯୋଗୁଁ ୩ମାସ ହେବ ଏଭଳି ଆନ୍ଦୋଳନ କରାଯାଇଛି। ୱାର୍ଡମେମ୍ବର ମୀନା କୁମାରୀ ମହାନ୍ତ, ରୁଦୁନା କିଷାନ, ପାଙ୍ଗଲା ମୁଣ୍ଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ହିତାଧିକାରୀ ଆନ୍ଦୋଳନ ଜାରି ରଖିଛନ୍ତି। ଅନ୍ୟପଟେ ଜିଲା ଯୋଗାଣ ଅଧିକାରୀ ଆର୍ତ୍ତତ୍ରାଣ ବାରିକଙ୍କୁ ପଚାରିବାରୁ ସେ କହିଲେ ଯେ ଗତ ୧ତାରିଖ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଥିବା ବେଳେ ଉକ୍ତ ସମୟରେ ତାଙ୍କୁ କୁହାଯାଇଥିଲା ତଦନ୍ତ ପରେ ନଭେମ୍ବର ମାସର ଚାଉଳ ଦିଆଯିବ । ଏହାପରେ ୩ ଗ୍ରାମକୁ ବିଡିଓ ଯାଇ ତଦନ୍ତ କରିବା ପରେ ସେମାନେ ନଭେମ୍ବର ମାସ ଚାଉଳ ନେଇଥିବା ଜଣାପଡ଼ିଥିଲା। ଉଦ୍ଦେଶ୍ୟମୂଳକ ଭାବେ ହିତାଧିକାରୀମାନେ ଏଭଳି କରୁଥିବା ସେ କହିଛନ୍ତି। ସନ୍ଧ୍ୟାରେ ଡିଏସପି ପ୍ରକାଶ ଜେନା, ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ନାଏକ ପହଞ୍ଚି ବ୍ଲକର ତାଲା ଖୋଲି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

## ୧୬୨ ବୋତଲ ମଦ ସହ ସ୍କୁଟର ଜବତ, ୪ ଗିରଫ



ଗିରଫ ୪ ଅଭିଯୁକ୍ତ ସହ ଜବତ ବିଦେଶୀମଦ।

ବଡବିଲ, ୧୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଲାଣୀ ଥାନାଂଚଳରେ ବିଭିନ୍ନ ସ୍ଥାନରେ ବେଆଇନ ମଦକାରବାର ହେଉଥିବାବେଳେ ପୋଲିସ ୪ଟି ସ୍ଥାନର ଠିକଣାପାଇ ପୋଲିସ ରବିବାର ଓ ସୋମବାର ଚଢାଉକରିଛି। ଏ ନେଇ ପୋଲିସ ପୃଥକ ପୃଥକ ୪ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଛି। ମୋଟ ୧୬୨ ବୋତଲ ବିଦେଶୀମଦ ସହ ଏକ ସ୍କୁଟି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଣୀ ଶାସ୍ତ୍ରୀନଗର ଅଞ୍ଚଳର ରାଜେଶ ସତନାମୀ, ଗୁରୁଦ୍ୱାର ହଟିଂ ଅଞ୍ଚଳର ଉପେନ୍ଦ୍ର ସିଂହ ଓ ଦୀପକ ପ୍ରସାଦ, ଶାନ୍ତିନଗର ଅଞ୍ଚଳର ଚୈତନ୍ୟ ସାହୁ। ପୋଲିସ ରାଜେଶଙ୍କ ନିକଟରୁ ୬୨ ବୋତଲ, ଉପେନ୍ଦ୍ରଙ୍କ ନିକଟରୁ ୧୭ ବୋତଲ, ଦୀପକଙ୍କ ନିକଟରୁ ୬୫ ବୋତଲ ଏବଂ ଚୈତନ୍ୟଙ୍କ ନିକଟରୁ ୧୮ ବୋତଲ ବିଦେଶୀମଦ ଜବତ କରି ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନା ସବଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।


DSPL-486

ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୧୦-୧୬ ମାର୍ଚ୍ଚ, ୨୦୧୯

ଗ୍ଲୁକୋମା (କଳାମୋତିଆ) ହେଉଛି ଏକ ଚକ୍ଷୁରୋଗ ଯାହା ଦୃଷ୍ଟିଶକ୍ତି ନଷ୍ଟର ଏକ ପ୍ରମୁଖ କାରଣ ଅଟେ । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ଜନସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି ।

ନିଜେ ଜାଣନ୍ତୁ ଓ ଅନ୍ୟକୁ ଜଣାନ୍ତୁ :

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ହେଉଅଛି ।

ସଠିକ ଚିହ୍ନଟ,ସଠିକ ଉପଚାର
କଳାମୋତିଆକୁ ନଥିବ ଡର ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
10003/13/0118/1819



CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
Celebrating Women's Month
ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି । SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*
*Terms & Conditions apply
ଓରେନ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲ, ଭୁବନେଶ୍ୱର
ଆଡ଼ଭାନ୍ସ ଡିପ୍ଲୋମା
ହେୟାର । ବ୍ୟୁଟି । ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR



ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS

SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)

26 Years of Excellence

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

SPOKEN ENGLISH
veta
Experts in spoken English



ଆସନ୍ତୁ ଭଲ ଇଂଲିସ୍ କହିବା

| | |
|---|---|
| Patia | 9337051526 |
| Khandagiri | 9338644666 |
| Saheed Nagar | 9338154139 |
| Buxi Bazar | 9778044550 |
| Balasore | 7735033550 |

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଝୁମ୍ପୁରା, ୧୧।୩ (ଡି.ଏନ.ଏ.)- ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡା ପଞ୍ଚାୟତର ଗ୍ରାମାଞ୍ଚଳ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗୌରାଙ୍ଗ ପାତ୍ର। ତାଙ୍କ ଘର ନହବେଡା ଗ୍ରାମରେ। ସେ ରାଜମିସ୍ତ୍ରି କାମ କରନ୍ତି ବୋଲି ଜଣାପଡିଛି। ଗୌରାଙ୍ଗ ରବିବାର ସନ୍ଧ୍ୟାରେ କାମରୁ ଘରକୁ ଫେରୁଥିବା ସମୟରେ ନିଜ ଗାଁକୁ ଯାଉଥିବାବେଳେ ଅଳ୍ପ ଦୂରରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯାଇ ଉଠିପାରି ନ ଥିଲେ। ଗ୍ରାମବାସୀ ତାଙ୍କୁ ଦେଖି ଝୁମ୍ପୁରା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଝୁମ୍ପୁରା ଥାନା ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁକରି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### କୀଟନାଶକ ଖାଇ ଯୁବକଙ୍କ ଆତ୍ମହତ୍ୟା

ପାଟଣା, ୧୧।୩(ସ୍ୱ.ପ୍ର.)- ମାନସିକ ସ୍ଥିତି ହରାଇ ଜଣେ ୨୦ ବର୍ଷୀୟ ଯୁବକ ସୋମବାର ଅପରାହ୍ନରେ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ସଦର ଥାନା କାଠଭାରି ପଞ୍ଚାୟତ ବାରିଗାଁ ଗ୍ରାମର ନବୀନ ଖଣ୍ଡେଇ। ସୂଚନା ଅନୁଯାୟୀ, ଘର ଲୋକେ ବିଲକୁ କାମ କରିବାକୁ ଯାଇଥିବା ବେଳେ ନବୀନ କୌଣସି କୀଟନାଶକ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଏସ୍ଆଇ ବୈଲୋଚନ ସିଂ ସୂଚନା ଦେଇଛନ୍ତି।

### ମୃତ ଯୁବକଙ୍କ ପରିଚୟ ମିଳିଲା

ଝୁମ୍ପୁରା, ୧୧।୩ (ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ତେଲିଅର୍ଶଳା ଗ୍ରାମ ନିକଟ ନାଳରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହକୁ ଝୁମ୍ପୁରା ପୋଲିସ ଫେବୃୟାରୀ ୨୪ ତାରିଖରେ ଉଦ୍ଧାର କରିଥିଲା। ହେଲେ ସେତେବେଳେ ମୃତଦେହ ଚିହ୍ନଟ ହୋଇପାରି ନ ଥିବାରୁ ପୋଲିସ ଏକ ମାମଲା (ନଂ.୪/୧୯) ରୁଜୁକରି ତଦନ୍ତ ଜାରି ରଖିଥିଲା। ତେବେ କେତେକ ତଥ୍ୟ ଆଧାରରେ ଝୁମ୍ପୁରା ପୋଲିସ ରବିବାର ମୃତଦେହ ଚିହ୍ନଟରେ ସକ୍ଷମ ହୋଇଛି। ମୃତ ଯୁବକ ହେଲେ ଆଲୋକ ନାଏକ। ଡାକନାମ ମିଥୁନ। ତାଙ୍କ ଘର ନିକଟସ୍ଥ ବିଷ୍ଣୁପୁର ଗ୍ରାମରେ ବୋଲି ଜଣାପଡିଛି। ତେବେ ମିଥୁନ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ଥିଲେ ଏବଂ ବହୁ ସମୟରେ ଏପଟସେପଟ ବୁଲାବୁଲି କରୁଥିଲେ। ସେଦିନ ନାଳକୂଳରେ ଛିଡ଼ାହୋଇଥିବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ପଡିଯାଇଥିବା ପୋଲିସ ସହିତ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

### ତାଲା ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ଚୋରି

ଯୋଡା,୧୧।୩(ଡି.ଏନ.ଏ.)- ଯୋଡା ସହରର ଓାର୍ଡ ନଂ ୩ ହୁଡି ସାହିଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଘରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ନଗଦ ୨୦ ହଜାର ଟଙ୍କା ଚୋରି କରିନେଇଥିବା ଜଣାପଡିଛି। ଘରର ମାଲିକ ବିଶ୍ୱଜିତ ଲେଙ୍କା ସୂଚନା ଦେଇ କହିଛନ୍ତି ଯେ, ରାଜନଗରର ଦୁଆଘାଟଠାରେ ତାଙ୍କ ଜେଜେ ବାପାଙ୍କର ମୃତ୍ୟୁ ହେବା ପରେ ସେ ସପରିବାର ଗତ ମାସ ସେଠାକୁ ଚାଲିଯାଇଥିଲେ। ସେଠାରେ ଥିବା ବେଳେ ହୁଡିସାହିର ତାଙ୍କ ପଡୋଶୀ ଫୋନ ଯୋଗେ ତାଙ୍କ ଘରୁ ଚୋରି ହୋଇଯାଇଥିବା ସମ୍ପର୍କରେ ଖବର ଦେଇଥିଲେ। ଘରମାଲିକ ବିଶ୍ୱଜିତ ଲେଙ୍କା ଜେଜେ ବାପାଙ୍କର ସୁଦ୍ଧିକ୍ରିୟା ସାରିବା ପରେ ଯୋଡାସ୍ଥିତ ହୁଡିସାହି ଘରକୁ ଯିବେ ବୋଲି ପଡୋଶୀଙ୍କୁ କହିଥିଲେ ଏବଂ ତାଙ୍କ ଘରଟିକୁ ଅନ୍ୟ ଏକ ତାଲା ଲଗାଇ ଦେବାକୁ ମଧ୍ୟ କହିଥିଲେ। ଗତ ଶୁକ୍ରବାର ନିଜ ଗାଁରୁ ଫେରିବା ପରେ ତାଙ୍କ ଘରୁ ଗୋଟିଏ ସୁନା ଚେନ୍, କାନଫୁଲ ଏବଂ ମୁଦି ସହିତ ଘର ଭିତରେ ଥିବା ବାକ୍ସର ତାଲା ଭାଙ୍ଗି ନଗଦ ୨୦ ହଜାର ଟଙ୍କା ଚୋରି କରିନେଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ।

# କୋମାରେ ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟ

ଯୋଡ଼ା,୧୧।୩(ଡି.ଏନ.ଏ.)

**ମିଳୁନି ରୋଗୀଙ୍କୁ ଚିକିତ୍ସା ସେବା**



ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟ

କେନ୍ଦୁଝର ଜିଲା ଯୋଡ଼ା ସହରରେ ୧୯୭୮ ମସିହାରେ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରାଳୟ ପକ୍ଷରୁ ୫୦ ଶଯ୍ୟାବିଶିଷ୍ଟ ଏକ ବଡ଼ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଖଣି ଶ୍ରମିକ ଓ ବିଡ଼ି ତିଆରି ଶ୍ରମିକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା। ଏହି ଡାକ୍ତରଖାନାଟି କେନ୍ଦ୍ର ସରକାରଙ୍କ ଶ୍ରମ କଲ୍ୟାଣ ବିଭାଗ ତତ୍ତ୍ୱାବଧାନ ତଥା ଦାୟିତ୍ୱରେ ରହିଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଖଣି ରାଜସ୍ୱରୁ ପ୍ରତି ଟନ୍ ପିଛା ୨ ଟଙ୍କା କରି ଆଦାୟ କରୁଛି। ଏ ବାବଦରେ ପ୍ରତିମାସ ପ୍ରାୟ ଦେଢ଼କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଶ୍ରମ କଲ୍ୟାଣ ବିଭାଗକୁ ଯାଉଛି। ହେଲେ ଏଥିରେ ଶ୍ରମିକଙ୍କ କଲ୍ୟାଣ ପାଇଁ ତିଆରି ହୋଇଥିବା ଡାକ୍ତରଖାନାର ଉନ୍ନତୀକରଣ କରାଯାଉନାହିଁ।

ଡାକ୍ତରଖାନା ଅବସ୍ଥା ବର୍ତ୍ତମାନ କୋମାରେ କହିଲେ ଅତ୍ୟୁକ୍ତି ହେବନାହିଁ। ଡାକ୍ତରଖାନାର ମୁଖ୍ୟ ଡାକ୍ତର ଏସ୍.ସି. ଦାସଙ୍କ ସୂଚନା ମୁତାବକ, ଏହି ଡାକ୍ତରଖାନାରେ ୬ଟି ଡାକ୍ତର ପଦବୀ, ୧୩ ଷ୍ଟାଫ୍ ନର୍ସ, ୨ଟି ଲାବରେଟୋରି ଟେକ୍ନିସିଆନ ପଦବୀ ରହିଥିଲେ ହେଁ ବର୍ତ୍ତମାନ ୩ ଜଣ ଡାକ୍ତର, ୪ ଜଣ ଷ୍ଟାଫ୍ ନର୍ସରେ ଡାକ୍ତରଖାନା ଚାଲୁଅଛି। ଟେକ୍ନିସିଆନ ନ ଥିବାରୁ ଏକ୍ସ-ରେ ରେଡିଓଲୋଜି ୩ ବର୍ଷ ଧରି ବନ୍ଦ ରହିଛି। ଡାକ୍ତରଙ୍କୁ ଟ୍ରେନିଂ ଅଭାବରୁ ୫ ଲକ୍ଷ ଟଙ୍କାର ଅଲଟ୍ରାସାଉଣ୍ଡ ମେଶିନ ବ୍ୟବହାରରେ ନ ଲାଗି ପଡ଼ିରହିଛି। ଡାକ୍ତରଖାନା ପରିସରରେ ଥିବା ଡାକ୍ତରଙ୍କ ବାସଗୃହ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି। ୨ ଜଣ ଡାକ୍ତର ରହୁଥିବା ବାସଗୃହ ଗୁଡିକର କାନ୍ଥ ଓ ଛାତ ଫାଟି ଆଁ କରି ରହିଛି ଏବଂ ଏହା ଭୂତକୋଠି ପାଲଟିଛି। ଦୀର୍ଘ ୭ରୁ ୮ ମାସ ହେଲା ରୋଗୀଙ୍କ ପାଇଁ ଆସୁଥିବା ଗ୍ରୋସରି, ପରିବା, କ୍ଷୀର, ଅଣ୍ଡାର ଟଙ୍କା ଦୋକାନୀ ମାନଙ୍କୁ ପୈଠ ହୋଇନାହିଁ। ଯନ୍ତ୍ରାଂଶର ଅଭାବ ଯୋଗୁ ରେଡ୍କ୍ରସ ପକ୍ଷରୁ ଡ୍ରଗ୍ ଇନ୍ସପେକ୍ଟରଙ୍କ ଦ୍ୱାରା ରକ୍ତ ଅଦଳବଦଳ ଓ ରକ୍ତଦାନ ସାମୟିକ ଭାବେ ବନ୍ଦ କରାଯାଇଛି। ୫୦ ଶଯ୍ୟାବିଶିଷ୍ଟ ଏହି ଡାକ୍ତରଖାନା ଉପରେ ଖଣି ଶ୍ରମିକ କହିଲେ କ୍ରୋମାଇଟ୍, ଆଇରନ ଓର୍, ମାଙ୍ଗାନିଜ୍ ଖଣିରେ କାର୍ଯ୍ୟରତ ଶ୍ରମିକମାନେ ଚିକିତ୍ସିତ ହାଇପାରିବେ। ଏହି ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ଯୋଗାଇବାର ପରିସୀମା ଯାଜପୁର ଓ ସୁନ୍ଦରଗଡ଼ ଜିଲାରେ ଥିବା କ୍ରୋମାଇଟ, ଲୁହାପଥର ଓ ମାଙ୍ଗାନିଜ୍ ଖଣି ଶ୍ରମିକମାନେ ମଧ୍ୟ ପାଇବା ଉଚିତ। ଏତଦ୍‌ବ୍ୟତୀତ ଯୋଡା ଅଞ୍ଚଳରେ ଥିବା ପ୍ରାୟ ୧୦୦ ଖଣିର ଶ୍ରମିକମାନଙ୍କର ଏହା ଡାକ୍ତରଖାନା ଅଟେ। ହେଲେ ବିଡ଼ମ୍ବନାର ବିଷୟ, ଏହି ଡାକ୍ତରଖାନାକୁ କେନ୍ଦ୍ର ସରକାର ଅବହେଳା କରିଚାଲିଛନ୍ତି। ଅତୀତରେ କେନ୍ଦ୍ରୀୟ ଚିକିତ୍ସାଳୟ ଅଧୀନରେ ଯୋଡା ବ୍ଲକ ଅନ୍ତର୍ଗତ ଜୁରୁଡି ଓ ଗୁରୁଡାଠାରେ ଶ୍ରମିକମାନଙ୍କ ପାଇଁ ୨ଟି ଡିସ୍‌ପେନ୍ସାରି ଥିଲା। ହେଲେ ଏହାକୁ ମଧ୍ୟ କେନ୍ଦ୍ର ସରକାର ବନ୍ଦ କରିଦେଲେ। ପରବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଡାକ୍ତରଖାନା ପ୍ରତି ନିର୍ବାଚିତ ପ୍ରତିନିଧିଙ୍କର ମଧ୍ୟ ଦୃଷ୍ଟି ପଡିନାହିଁ। ଯଦିଓ ଯୋଡ଼ା ବିକାଶ ପରିଷଦ ପକ୍ଷରୁ ଏକ ଟିମ୍ ନୂଆଦିଲ୍ଲୀ ଯାଇ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇ ଶ୍ରମ ମନ୍ତ୍ରଣାଳୟକୁ ଜଣାଇଥିଲେ, ତଥାପି ଏହାର ଫଳ ମଧ୍ୟ ଶୂନ ହୋଇଥିଲା ବୋଲି ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି।

ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ଶ୍ରମ କଲ୍ୟାଣ ବିଭାଗର ଡାଇରେକ୍ଟର ଜେନେରାଲ ଏବଂ ଭୁବନେଶ୍ୱରସ୍ଥିତ କମିଶନରଙ୍କୁ ଲିଖିତ ଭାବେ ଜଣାଇଥିବା ଡାକ୍ତର ସୁକାନ୍ତ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏ ନେଇ ଡାକ୍ତରଖାନାର ପୁନରୁଦ୍ଧାର ପାଇଁ ସେ ୧୦।୦୩।୨୦୧୯ରେ ଏକ ଚିଠି ଏଆଇଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନୂଆଦିଲ୍ଲୀସ୍ଥିତ ଶ୍ରମ କଲ୍ୟାଣ ସଚିବଙ୍କୁ ଦେଇଥିବା କହିଛନ୍ତି ଏବଂ ଆଗାମୀ ଦିନରେ ଏହି ଡାକ୍ତରଖାନାକୁ ଅଣଦେଖା କରାଗଲେ ଶ୍ରମିକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବାରମ୍ବାର ଏ ନେଇ ବଡ଼ବିଲରେ ଅବସ୍ଥାପିତ ଶ୍ରମ ବିଭାଗର ଡେପୁଟି ଓେଲ୍‌ଫେୟାର କମିଶନର ମିଷ୍ଟର ଖାନ୍‌ଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି।

### ପାଟଣାରେ ବୁଲିଲା ଗଣତନ୍ତ୍ର ରଥ

ପାଟଣା, ୧୧।୩(ସ୍ୱ.ପ୍ର.)

ପାଟଣା ବ୍ଲକ ମୁଖ୍ୟାଳୟର ବଡ଼ପାଟଣା ପଞ୍ଚାୟତ ହାଟ ତୋଟାରେ ସୋମବାର ଭୋଟରଙ୍କୁ ମତଦାନ କରିବା ପାଇଁ ସଚେତନତା କରିବାସକାଶେ ଗଣତନ୍ତ୍ର ରଥ ଭ୍ରମଣ କରିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ଭୋଟରଙ୍କୁ ସଚେତନତା କରିବା ପାଇଁ ଏହିରଥ ସୋମବାର ସାହାରପଡା ବ୍ଲକରୁ ବାହାରିଥିଲା। ପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତର ଜନବହୁଳ ସ୍ଥାନ ଗୁଡ଼ିକରେ ରଥ ଅଟକି ଏଲଇଡି ମାଧ୍ୟମରେ ଭୋଟରଙ୍କୁ ମତଦାନ ପାଇଁ ପ୍ରଶିକ୍ଷଣ ଓ ସଚେତନତା ବାର୍ତ୍ତା ଦେଇଛି। ଉକ୍ତ ସ୍ଥାନ ମାନଙ୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ନାଏକ ଓ ଜିପିଓ ରଶ୍ମିରେଖା ମହାନ୍ତି ଉପସ୍ଥିତ ରହି ଇଭିଏମ ଓ ଭିଭି ପାଟ ମାଧ୍ୟମରେ ମତଦାତା ଙ୍କୁ ମତଦାନ ପ୍ରଶିକ୍ଷଣ କରାଇଥିଲେ। ବଡ଼ପାଟଣା ପଞ୍ଚାୟତ ପାଟଣା ହାଟତୋଟାଠାରେ ଏହିକାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ର ମୋହନ ନାଏକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକକୁମାର ମହାପାତ୍ର ଯୋଗ ଦେଇଥିଲେ।

■ ସମ୍ବେଦନଶୀଳ ଘଟଣା ଉପରେ ରଖାଯିବ କଡ଼ା ନଜର

## ଖୋଲିଲା ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ



ପ୍ରଶାସନ ଦ୍ୱାରା ପୋଷ୍ଟର ଓ ହୋର୍ଡିଂ ଖୋଲାଯାଉଛି।

ଚମ୍ପୁଆ, ୧୧।୩(ଡି.ଏନ.ଏ.)

ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ପରେ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୨୩ ତାରିଖରେ କେନ୍ଦୁଝର ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଶୃଙ୍ଖଳିତ କରିବାକୁ ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀରେ ସମ୍ବେଦନଶୀଳ ଘଟଣାକୁ ପ୍ରତିହତ କରିବା ପାଇଁ ଉପଜିଲାପାଳ ପାରୁଲ ପଟୱାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଅନୈତିକ ଅର୍ଥ କାରବାର, ମଦ ବିକ୍ରି, ଭୋଟରଙ୍କୁ ଲାଞ୍ଚ, ଭୋଟରଙ୍କୁ ପ୍ରଲୋଭନ ଏବଂ ଭୋଟରଙ୍କୁ ହଇରାଣ ଓ ଧମକ ଭଳି କୌଣସି ଘଟଣା ବାହାରକୁ ଆସେ ତେବେ ସଙ୍ଗେସଙ୍ଗେ କାର୍ଯ୍ୟାଳୟରେ ଥିବା ଫୋନ୍ ନମ୍ବରକୁ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ସହକାରୀ ଜିଲାପାଳ ଚାରୁଲତା ସିଂ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ରହିଥିବା ବେଳେ ଫୋନ ନମ୍ବରଗୁଡିକୁ ସମ୍ବେଦନଶୀଳ କାର୍ଯ୍ୟଗୁଡିକର ଫଟୋଗ୍ରାଫ କିମ୍ବା ଭିଡିଓ ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗକାରୀ ପଠାଇପାରିବେ ବୋଲି ସୂଚନା ଦିଆଯାଇଛି। ଏତଦ୍‌ବ୍ୟତୀତ ଅଭିଯୋଗକାରୀ ସି-ଭିଜିଲ୍ ଆପ୍ ଡାଉନ୍‌ଲୋଡ୍ କରି ଘଟଣାବଳୀକୁ ପଠାଇପାରିବେ। ଶହେ ମିନିଟ ଭିତରେ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିବା ବେଳେ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟକୁ ତୁରନ୍ତ ସମାଧାନ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

### ପୋଲିଓ ବୁନ୍ଦା ଖାଇଲେ ୯୯ପ୍ରତିଶତ ଶିଶୁ

ପାଟଣା, ୧୧।୩(ସ୍ୱ.ପ୍ର.)

ପାଟଣା ବ୍ଲକରେ ମାର୍ଚ୍ଚ ୧୦ରୁ ୧୩ ତାରିଖ ମଧ୍ୟରେ ୫ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ବ୍ଲକର ୧୦,୧୫୧ ଶିଶୁଙ୍କ ମଧ୍ୟରୁ ସୋମବାର ସୁଦ୍ଧା ୧୦,୦୨୬ ଶିଶୁଙ୍କୁ ୯୬ଟି ବୁଥ୍‌ରେ ଏହି ବୁନ୍ଦା ଦିଆଯାଇଛି। ବାକି ୧୨୫ ଶିଶୁଙ୍କୁ ମଙ୍ଗଳବାର ସୁଦ୍ଧା ପୋଲିଓ ବୁନ୍ଦା ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ଶୁଭେନ୍ଦୁ ସାଗର କୁମାର ନାଏକ ଶୁଭାରମ୍ଭ କରିଥିବା ବେଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ ଓ ବିପିଏମ୍ ଦୀପକ କୁମାର ନାୟକଙ୍କ ସମେତ ୧୧ଜଣ ସୁପରଭାଇଜର, ୨୧୨ କର୍ମଚାରୀ ନିୟୋଜିତ ରହି ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାରେ ସହଯୋଗ କରିଥିଲେ।

### ଶାସ୍ତ୍ରୀୟ ଦିବସ ପାଳିତ

କେନ୍ଦୁଝର, ୧୧।୩(ସ୍ୱ.ପ୍ର.)

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ଚକ୍ରଧରପୁରସ୍ଥିତ ହାତିଆ ଗ୍ରାମରେ ସୋମବାର ଓଡ଼ିଆ ଭାଷା ଶାସ୍ତ୍ରୀୟତା ଦିବସ ପାଳନ କରାଯାଇଛି। ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ନାଗେଶ୍ୱର ପ୍ରଧାନ ଓଡ଼ିଆ ଭାଷାର ପ୍ରାଚୀନତା ବିଷୟରେ ଅତି ସୁନ୍ଦର ଭାବେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମାଧ୍ୟରେ କେଦାରନାଥ ପ୍ରଧାନ, ଦିଲୀପ ପ୍ରଧାନ, ବଳରାମ ପ୍ରଧାନ, ସଦାନନ୍ଦ ହୋତା, ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମହତ୍ୱ ଓ ବିକାଶ ସମ୍ପର୍କରେ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ସ୍ୱାଗତ କରାଯାଇଛି।




ସିଡିଏମଓ ଅଫିସ ଆଗରେ ଅନଶନ।

### ସ୍ଥାୟୀ ନିଯୁକ୍ତି ଦାବିରେ ଡାକ୍ତରଖାନା କର୍ମଚାରୀଙ୍କ ଆନ୍ଦୋଳନ

କେନ୍ଦୁଝର, ୧୧।୩ (ସ୍ୱ.ପ୍ର.)

ସ୍ଥାନୀୟ ଜିଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ, ସୁଇପର, ରୋଷେୟା, ପିଅନ, ହେଲପର ଆଦି ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ କର୍ମଚାରୀ ମାନେ ସୋମବାର ଠାରୁ ଅନଶନ ଆନ୍ଦୋଳନ ଆରମ୍ଭ କରି ବସିଛନ୍ତି। ସରକାରଙ୍କ ନିୟମାନୁଯାୟୀ ୬ ବର୍ଷ ଚାକିରୀ କଲେ ସ୍ଥାୟୀ ନିଯୁକ୍ତି ଦିଆଯାଉଥିବା ବେଳେ ସେମାନେ ୧୦ରୁ ଅଧିକ ବର୍ଷ ଧରି ଚାକିରୀ କରିଥିଲେ ହେଁ ସ୍ଥାୟୀ ନିଯୁକ୍ତି ଦିଆଯାଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ସେମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ନ ଶୁଣିବାରୁ ବାଧ୍ୟ ହୋଇ ଜିଲାପାଳଙ୍କୁ ଜଣାଇଥିଲେ। ଦାବି ପୂରଣ ନ ହେବାରୁ କାମ ଛାଡି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଫଳରେ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ଦାବୀ ପୂରଣ ନ ହେବା ଯାଏଁ ଅନଶନ ଧାରଣା ଜାରି ରହିବ ବୋଲି କହିଛନ୍ତି।

■ ୮ମାସ ହେଲା ୨୫ ପରିବାର ଅନ୍ଧାରରେ

## ବିଦ୍ୟୁତ୍ ସଂଯୋଗ ନ ହେଲେ ଭୋଟ ବର୍ଜନ

ପାଟଣା, ୧୧।୩(ସ୍ୱ.ପ୍ର.)



ବିଦ୍ୟୁତ୍ ସଂଯୋଗ ଦାବିରେ ଗ୍ରାମବାସୀ।

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡି ସ୍କୁଲସାଇ ୧୨ନମ୍ବର ୱାର୍ଡ ର ଅଧିବାସୀ ମାନେ ବିଦ୍ୟୁତ ସଂଯୋଗ ନହେଲେ ଭୋଟ ବର୍ଜନ କରିବେବୋଲି ପାଟଣା ବିଡିଓଙ୍କୁ ସୋମବାର ଚରମ ପତ୍ର ଦେଇଛନ୍ତି। ଉକ୍ତ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ପରିବାର ରାଜୀବ ଜ୍ୟୋତି ଯୋଜନାରେ ବିଦ୍ୟୁତ ସଂଯୋଗ ପାଇଥିଲେ। ୮ମାସ ପୂର୍ବରୁ ଲାଗିଥିବା ୧୦ କେଭି ଟ୍ରାନ୍ସଫର୍ମର ପୋଡିଯାଇଥିଲା। ସମସ୍ତ ଉପଭୋକ୍ତା ବକେୟା ଦେୟ ପୈଠ କରିଥିଲେ ହେଁ ୮ମାସରୁ ଅଧିକ ହେଲେ ମଧ୍ୟ ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ବସିପାରିନାହିଁ। ୨୫ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକେ ୮ମାସ ହେବ ଅନ୍ଧାରରେ ଦିନ କାଟୁଛନ୍ତି। ଏନେଇ ପାଟଣା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ନାଏକଙ୍କୁ ପଚାରିବାରୁ ଏସମ୍ପର୍କରେ ଜିଲାପାଳ ଓ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

### ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି

ଯୋଡା, ୧୧।୩(ଡି.ଏନ.ଏ.)

ପୂର୍ବ ଯୋଡାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ପାଇଁ ରବିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସେବା ସମିତି ସଭାପତି ଡା. ଅନିଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୨୯ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବାର୍ଷିକ ଉତ୍ସବ ପାଳନ ଉପରେ ନେଇ ଆଲୋଚନା କରାଯାଇଥିଲା। ଉତ୍ସବରେ ଶ୍ରୀ ଜଗନ୍ନାଥ ଚେତନାର ବୈଭବ ଶୀର୍ଷକ ଉପରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ସାତ ଦିନ ଧରି ଭାଗବତ ସପ୍ତାହ ଅନୁଷ୍ଠିତ ହେବ। ଆଲୋଚନା ଚକ୍ରରେ ଜିଲାର ସମସ୍ତ ଜଗନ୍ନାଥ ମନ୍ଦିରର ପୂଜକ ଓ କର୍ମକର୍ତ୍ତାମାନେ ଯୋଗ ଦେବେ। ମାର୍ଚ୍ଚ ୩୧ରେ ଜଗନ୍ନାଥଙ୍କ ସେବା, ନୀତି, ବେଶ ଉପଚାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ମାର୍ଚ୍ଚ ୩୧ରେ ରବିବାର ୧୧ଟାରୁ ୧.୩୦ ମିନିଟ ପର୍ଯ୍ୟନ୍ତ କରାଯିବ ବୋଲି ସୂଚନା ମିଳିଛି। ଉଦ୍‌ଯାପନୀ ଦିବସରେ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଖାଞ୍ଜିପିଟା ମଠର ଅଧ୍ୟକ୍ଷ ବାବା ସଚ୍ଚିଦାନନ୍ଦ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି।

## ବିଜେଡି ଓ ଭାଜପାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ

ପାଟଣା,୧୧।୩(ସ୍ୱ.ପ୍ର.)

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସାଧାରଣ ନିର୍ବାଚନ ୨୦୦୧୯ ଘୋଷଣାର ୨୪ଘଣ୍ଟା ଅତିକ୍ରମ କରିଥିଲେ ହେଁ ଦୁଇ ମୁଖ୍ୟ ରାଜନୈତିକ ଦଳ ବିଜେଡି ଓ ଭାଜପା ପକ୍ଷରୁ ପାଟଣା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଘଂନ କରୁଥିବାର ଦେଖିବାକୁ ମିଳିଛି। ସୋମବାର ରାତି ୮ ପର୍ଯ୍ୟନ୍ତ କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା ମୁଖ୍ୟାଳୟର ମୁଖ୍ୟ ରାସ୍ତା ଉପରେ ଉଭୟବିଜେଡି ଓ ଭାଜପା ପକ୍ଷରୁ ସରକାରୀ ଖର୍ଚ୍ଚରେ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବଡ଼ ବଡ଼ ହୋର୍ଡିଂ ଦେଖିବାକୁ ମିଳିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣର ହୋର୍ଡିଂ ଦେଖିବାକୁ ମିଳୁଥିବା ବେଳେ ପାଟଣା ବଜାରରେ ପ୍ରଧାନମନ୍ତ୍ରୀଙ୍କ ସୌଭାଗ୍ୟ ଯୋଜନାର ହୋର୍ଡିଂ ଦେଖିବାକୁ ମିଳିଥିଲା।




ବଜାରରେ ସୌଭାଗ୍ୟ ଯୋଜନାର ହୋର୍ଡିଂ ଲାଗିଛି।

## 'ସତ୍‌ସଙ୍ଗ ହିଁ ଆଦର୍ଶ ଚରିତ୍ର ଗଠନ କରିଥାଏ'

ଯୋଡା,୧୧।୩(ଡି.ଏନ.ଏ.)



ସତସଙ୍ଗ ବିହାରର ବାର୍ଷିକ ଉତ୍ସବ।

ପରମ ପ୍ରେମମୟ ଯୁଗ ପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ମଣିଷ ସମାଜ ଓ ବିଶ୍ୱର ସୁଖ ଶାନ୍ତି, ସମୃଦ୍ଧି ପାଇଁ ଅନେକ ଦିଗଦର୍ଶନ ଦେଇ ଚାଲିଛନ୍ତି। ସତ୍‌ସଙ୍ଗ ହିଁ ସୁଖ ଶାନ୍ତି ଓ ଆଦର୍ଶ ଚରିତ୍ର ଗଠନ କରିଥାଏ। ପ୍ରତ୍ୟେକ ମଣିଷ ପାଇଁ ପ୍ରତିଦିନ ସତ୍‌ସଙ୍ଗ ଜରୁରୀ ବୋଲି ଆଜି ଯୋଡା ସତ୍‌ସଙ୍ଗ ବିହାରରେ ଆୟୋଜିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ ତମ ବାର୍ଷିକ ଉତ୍ସବ ସହିତ ଏକାଦଶ ବାର୍ଷିକ ଶ୍ରୀମନ୍ଦିର ଉଦ୍‌ବୋଧନୀ ସ୍ମୃତି ମହୋତ୍ସବରେ ସତ୍‌ସଙ୍ଗ ଦୀକ୍ଷିତ ଋତିକ ମାନେ ମତ ପ୍ରକାଶ କରିଛନ୍ତି। ସତ୍‌ସଙ୍ଗ ବିହାରରେ ଠାକୁରଙ୍କୁ ପ୍ରାତଃ ସମୟରେ ବେଦ ମାଙ୍ଗଳିକ ଓ ନହବତ୍ ପରେ ଉଷାକୀର୍ତ୍ତନ ଏବଂ ସମବେତ ବିନତୀ ପ୍ରାର୍ଥନା, ନାମ ଜପ, ଧର୍ମଗ୍ରନ୍ଥାଦି ପାଠ ଅନୁଷ୍ଠିତ ହୋଇଥିଲା। ସକାଳ ୮ ଟା ରୁ ସତ୍‌ସଙ୍ଗ ବିହାର ପରିସରରୁ ଠାକୁରଙ୍କ ଏକ ସୁସଜ୍ଜିତ ରଥ ସହ କଳସ ନୃତ୍ୟ ଓ କୀର୍ତ୍ତନ ଦଳ ସାମିଲ ହୋଇ ଶୋଭାଯାତ୍ରାରେ ବାହାରି ନଗର କୀର୍ତ୍ତନ କରି ଯୋଡା ସହର ପରିକ୍ରମା କରିଥିଲା। କେନ୍ଦୁଝର ସତ୍‌ସଙ୍ଗ ବିହାରରୁ ଆଗତ ଋତିକ ବୃନ୍ଦାବନ ସାହୁଙ୍କ ପରିଚାଳନାରେ ସତ୍‌ସଙ୍ଗ ସଭା ଅନୁଷ୍ଠିତ ହୋଇଥିବା ବେଳେ ଯୋଡା ସତ୍‌ସଙ୍ଗ ବିହାରର ଭାରାପ୍ରାପ୍ତ ଋତିକ ମଦନ ମୋହନ ବାରିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯାଜପୁର ସତ୍‌ସଙ୍ଗ ବିହାର ସହପ୍ରତି ଋତିକ ନିତ୍ୟାନନ୍ଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଯୋଡା, ବଡ଼ବିଲ, ଚମ୍ପୁଆ, କେନ୍ଦୁଝର, ଟେନ୍‌ସା, କୋଇଡା, ବାମେବାରୀ ତଥା ଅନ୍ୟାନ୍ୟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ବାର୍ଷିକ ସତ୍‌ସଙ୍ଗ ମହୋତ୍ସବକୁ ଦିଲ୍ଲୀପ ବେହେରା, ଅଶୋକ ପାଣିଗ୍ରାହୀ, ତାରାକାନ୍ତ ପାଣିଗ୍ରାହୀ, ଭଗବାନ ଗିରି, ଅନନ୍ତ ନାୟକ, ପ୍ରଫୁଲ୍ଲ ରାଉତରାୟ, ଚିନ୍ମୟ ପଟ୍ଟନାୟକ, ହୃଷିକେଶ ବେହେରା ପ୍ରମୁଖ କର୍ମୀମାନେ ପରିଚାଳନା କରିଥିଲେ।

### ଦେଶର ଏକତା ରକ୍ଷା ନେଇ ଆଲୋଚନା

ଝୁମ୍ପୁରା,୧୧।୩ (ଡି.ଏନ.ଏ.)

ଝୁମ୍ପୁରା ସାହୁ ସମାଜର ବୈଠକ ଝୁମ୍ପୁରାଠାରୁ ଅନତି ଦୂର ସିଲିସୁଆଁ ଅରଡେଇ ନଦୀକୂଳ ପାଖରେ ଥିବା ଆମ୍ବ ବଗିଚାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୟାନିଧି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାହୁ ସମାଜର ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମାଜରେ ରହିଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଅସାମାଜିକ କାର୍ଯ୍ୟକଳାପର ବିରୋଧ କରାଯାଇଥିଲା। ସାମାଜିକ ଶୃଙ୍ଖଳା ସହିତ ସମଭାବାପନ୍ନ ସାମାଜିକ ଜୀବନପ୍ରଣାଳୀ ଆପଣେଇ ନେବା ପାଇଁ ମତ ପ୍ରକାଶ ପାଇଥିଲା। ଏହାସହିତ ବର୍ତ୍ତମାନର ନିର୍ବାଚନୀ ହାଲ୍‌ଚାଲ, ଦେଶର ଏକତା, ଅଖଣ୍ଡତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ସାହୁ ସମାଜର ସମସ୍ତ ଭାଇ ବଣଭୋଜିର ଆନନ୍ଦ ଉଠାଇଥିଲେ।